# ଧରିତ୍ରୀ
DHARITRI

ବାଲେଶ୍ୱର, ମଙ୍ଗଳବାର, ମେ ୧୪/୨୦୧୯ (୧୬ ପୃଷ୍ଠା) | Balasore, Tuesday, May 14/2019 | ★★★★

୪୫ଶ ଭାଗ ୧୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**'ସୂର୍ଯ୍ୟବଂଶୀ'ର ଖଳନାୟକ ଅଭିମନ୍ୟୁ ସିଂ**
ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେଉଥିବା ଆକ୍ସନ ଫିଲ୍ମ 'ସୂର୍ଯ୍ୟବଂଶୀ'ରେ ଖଳନାୟକ ଭୂମିକା ନେବେ ଅଭିମନ୍ୟୁ ସିଂ। ୦୨

୧୫ **ସମ୍ମାନ ରଖିଲେ ହରମନପ୍ରୀତ**
ଶେଷ ମୁହୂର୍ତ୍ତରେ ଗୋଲ ଦେବାସହ ଅଷ୍ଟ୍ରେଲିଆ 'ଏ' ବିପକ୍ଷ ହକି ମ୍ୟାଚରେ ଭାରତର ସମ୍ମାନ ରଖିଛନ୍ତି ଡ୍ରାଗ୍‌ଫ୍ଲିକର ହରମନପ୍ରୀତ ସିଂ।






ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବାରୁ ଭୁବନେଶ୍ୱର ଖଣ୍ଡଗିରି ନିକଟରେ ମାଙ୍କଡଙ୍କୁ ପାଣି ଦିଆଯାଉଛି। (ଫଟୋ: ବିକାଶ ନାୟକ)

# ପକ୍କାଘର ପ୍ରହେଳିକା

**ଭୁବନେଶ୍ୱର,୧୩।୫(ବ୍ୟୁରୋ)**

'ସଭିଙ୍କ ପାଇଁ ପକ୍କାଘର: ଗରିବଙ୍କ ସ୍ୱପ୍ନ ହେବ ସାକାର'। ଏହା ଥିଲା ରାଜ୍ୟରେ ଦୀର୍ଘ ୧୯ ବର୍ଷ ଧରି କ୍ଷମତାରେ ଥିବା ବିଜୁ ଜନତା ଦଳ(ବିଜେଡି)ର ନିର୍ବାଚନ ପ୍ରତିଶ୍ରୁତି। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଦଳ ପକ୍ଷରୁ ଏହି ପ୍ରତିଶ୍ରୁତି ଦିଆଯାଇଥିଲା। ଏଥିସହିତ ସେ ସମୟରେ ଦଳୀୟ ଇସ୍ତାହାରରେ କ୍ରମାଙ୍କ ନଂ-୩ରେ ରାଜ୍ୟର ସବୁ କଚ୍ଚାଘର ପକ୍କା ହେବ ବୋଲି ଉଲ୍ଲେଖ କରାଯାଇଥିଲା। ଫଳରେ ପୂର୍ବ ନିର୍ବାଚନଠାରୁ ଅଧିକ ସଂଖ୍ୟକ ବିଧାନସଭା ଆସନରେ ବିଜେଡି ବିଜୟୀ ହୋଇ ୨୦୧୪ରେ ସରକାର ଗଢିଥିଲା। ଇତି ମଧ୍ୟରେ ସେହି ସରକାର ନିଜର କାର୍ଯ୍ୟକାଳ ପୂରଣ କରିସାରିଛି। ଏମିତି କି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ଅନୁଯାୟୀ ପକ୍କାଘର ନିର୍ମାଣ କରାଯାଇଥିବା ବିଭିନ୍ନ ସମୟରେ ଦଳ ପକ୍ଷରୁ ଉଲ୍ଲେଖ କରାଯାଇଛି। ହେଲେ ସାମୁଦ୍ରିକ ଝଡ଼ ଫନୀ ଯିବା ପରେ ରାଜ୍ୟରେ ପକ୍କାଘର ନେଇ ଚିତ୍ର ସାମ୍ନାକୁ ଆସିଛି। ସାରା ରାଜ୍ୟ କଥାକୁ ବାଦ୍ ଦିଆଯାଉ। ବାତ୍ୟା କ୍ଷତିଗ୍ରସ୍ତ ୧୪ ଜିଲାରେ ପ୍ରାଥମିକ ଭାବେ ୫ ଲକ୍ଷ ପକ୍କାଘର ନିର୍ମାଣର ଆବଶ୍ୟକତା ରହିଛି ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ତେଣୁ ସାଧାରଣ ବୁଦ୍ଧିରେ ବାକି ୧୬ ଜିଲାକୁ ଯଦି ହିସାବକୁ ନିଆଯାଏ, ରାଜ୍ୟରେ କଚ୍ଚାଘର ସଂଖ୍ୟା ଆଶାତୀତ ବୃଦ୍ଧି ପାଇବ। ତେଣୁ ୫ ବର୍ଷ ପୂର୍ବେ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ପ୍ରତିଶ୍ରୁତି ପାଳନ ହୋଇ ନ ଥିବା ସ୍ପଷ୍ଟ ହୋଇଥିବା ଆଲୋଚନା ହେଉଛି।

ମୁଖ୍ୟମନ୍ତ୍ରୀଙ୍କ ପ୍ରାଥମିକ ଆକଳନ ପରେ ବିରୋଧୀ ଦଳ ରାଜ୍ୟ ସରକାରଙ୍କୁ ଘେରିଛନ୍ତି। ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ ଦଳୀୟ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। କେ.ଭି. କହିଛନ୍ତି ଯେ, ରାଜ୍ୟରେ ନିର୍ବାଚନ ପୂର୍ବରୁ ବଡ଼ ବଡ଼ ବିଜ୍ଞାପନ ଦେଇ ରାଜ୍ୟରେ ବହୁତ ପକ୍କାଘର ନିର୍ମାଣ ହୋଇଥିବା କୁହାଯାଇଛି। ହେଲେ ଫନୀ ରାଜ୍ୟ ସରକାରଙ୍କ ମିଛ ଉପରୁ ପରଦା ହଟାଇଦେଇଛି। କେବଳ ଅବିଭକ୍ତ ପୁରୀ ଜିଲାରେ ଫନୀ ପରବର୍ତ୍ତୀ ଚିତ୍ରକୁ ଦେଖିଲା ପରେ ରାଜ୍ୟରେ ପକ୍କାଘର ସମ୍ପର୍କିତ ତଥ୍ୟ ଭ୍ରମାତ୍ମକ ବୋଲି ପ୍ରମାଣିତ ହୋଇଯାଇଛି। ଫନୀ କ୍ଷତିଗ୍ରସ୍ତ ଅଧିକାଂଶ ଅଞ୍ଚଳରେ ବିଜୁ ପକ୍କାଘର ଦେଖିବାକୁ ପାଇ ନ ଥିବା କେ.ଭି. ଉଲ୍ଲେଖ କରିଛନ୍ତି। ସେହିପରି ଓଡ଼ିଶାରେ ୨୦୧୪ରୁ ୨୦୧୯ ଯାଏ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ନିର୍ମାଣ ପାଇଁ ଯେଉଁ ଅର୍ଥ ଦେଇଥିଲେ ସେଥିରେ ପକ୍କାଘର ନିର୍ମାଣ ପାଇଁ ଅର୍ଥ ଗରିବ ଲୋକମାନଙ୍କୁ ଦିଆଯାଇଛି କି ନାହିଁ ତାହା ଏବେ ସନ୍ଦେହରେ ବୋଲି ସେ କହିଛନ୍ତି। ଏଥିସହିତ ରାଜ୍ୟ ସରକାର ଜୁନ୍ ୧ ସୁଦ୍ଧା ପକ୍କାଘର କାହାକୁ କାହାକୁ ଦେବେ,ତାହାର କାର୍ଯ୍ୟାଦେଶ ତାଲିକାକୁ ସାଧାରଣରେ ପ୍ରକାଶ କରାଯାଉ ବୋଲି ଭାଜପା ପକ୍ଷରୁ ଦାବି କରାଯାଇଛି। ଏପରିକି ଯାହାଙ୍କ ପାଖରେ ଜମିପଟ୍ଟା ନାହିଁ, ତାଙ୍କୁ ଘର କେଉଁଭଳି ଦେବେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ ବୋଲି ଭାଜପା ପକ୍ଷରୁ କୁହାଯାଇଛି। କଂଗ୍ରେସ ମଧ୍ୟ ରାଜ୍ୟ ସରକାରକୁ ସମାଲୋଚନା କରିଛି। ଏଆଇସିସି ସମ୍ପାଦକ ବିଶ୍ୱରଞ୍ଜନ ମହାନ୍ତି କହିଛନ୍ତି ଯେ, ରାଜ୍ୟରେ ଲକ୍ଷାଧିକ କଚ୍ଚାଘର ରହିଛି। ଏକଥା ନିଜେ ମୁଖ୍ୟମନ୍ତ୍ରୀ ରାଜଧାନୀ ଭୁବନେଶ୍ୱର ଏବଂ ନିକଟସ୍ଥ ସହର ଜଟଣୀ ବୁଲି ଆସିଲେ ଜାଣିପାରିବେ। ରାଜ୍ୟରେ ବହୁସଂଖ୍ୟାରେ ଥିବା ଗରିବଙ୍କ ଭୋଟକୁ ହାତେଇବା ପାଇଁ ୨୦୧୪ରେ ପକ୍କାଘର ପ୍ରତିଶ୍ରୁତି ଦିଆଯାଇଥିବା ସ୍ପଷ୍ଟ ହୋଇଛି। ତେଣୁ ଜନତାଙ୍କୁ ପ୍ରତିଶ୍ରୁତି ଦେଇ ପାଳନ କରି ନ ଥିବାରୁ ରାଜ୍ୟ ସରକାର ପ୍ରଥମେ ରାଜ୍ୟବାସୀଙ୍କୁ କ୍ଷମା ମାଗନ୍ତୁ ବୋଲି ବିଶ୍ୱରଞ୍ଜନ କହିଛନ୍ତି। ☞ପୃଷ୍ଠା-୪

## ରାଜ୍ୟ ସରକାରଙ୍କୁ ଘେରିଲେ ବିରୋଧୀ

- ସରକାରଙ୍କ ମିଛ ଉପରୁ ପରଦା ହଟାଇଲା 'ଫନୀ'
- ୨୦୧୪ରେ ସଭିଙ୍କୁ ପକ୍କାଘର ପ୍ରତିଶ୍ରୁତି ଦେଇଥିଲା ବିଜେଡି
- ୧୪ ଜିଲା ପାଇଁ ୫ ଲକ୍ଷ ପକ୍କାଘର ମୁଖ୍ୟମନ୍ତ୍ରୀଙ୍କ ଦାବି




■ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

# ୫ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ପାଇଁ ଅନୁରୋଧ

**ଭୁବନେଶ୍ୱର,୧୩।୫(ବ୍ୟୁରୋ)**

**ବାତ୍ୟା ସମୟରେ ସହାୟତା ପାଇଁ ଦେଲେ ଧନ୍ୟବାଦ**

ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା କ୍ଷତିଗ୍ରସ୍ତ ଓଡ଼ିଶାକୁ ସାହାଯ୍ୟ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଧନ୍ୟବାଦ ଜଣାଇବା ସହ ରାଜ୍ୟର କେତେକ ଦାବି ଉପସ୍ଥାପନ କରିଛନ୍ତି।

ନବୀନ କହିଛନ୍ତି ଯେ, ସାମୁଦ୍ରିକ ଝଡ଼ ଫନୀ ପ୍ରଭାବରେ ଉପକୂଳ ଓଡ଼ିଶାର ଲକ୍ଷାଧିକ ଘର ନଷ୍ଟ ହୋଇଯାଇଛି। କ୍ଷତିଗ୍ରସ୍ତ ଘରଗୁଡ଼ିକ ସମ୍ପର୍କରେ ରାଜ୍ୟ ସରକାର ପୂର୍ଣ୍ଣାଙ୍ଗ ରିପୋର୍ଟ ସଂଗ୍ରହ ଜାରି ରଖିଛନ୍ତି। ପ୍ରଶାସନ ପକ୍ଷରୁ ସର୍ଭେ ସରିବା ପରେ କ୍ଷତିଗ୍ରସ୍ତ ଘର ସଂଖ୍ୟା ଜଣାପଡ଼ିବ। ପ୍ରାଥମିକ ଭାବେ କରାଯାଇଥିବା ସର୍ଭେ ଅନୁଯାୟୀ ୧୪ ଜିଲାର ପ୍ରାୟ ୫ ଲକ୍ଷ ଘର ପୂର୍ଣ୍ଣାଙ୍ଗ ରୂପେ ନଷ୍ଟ ହୋଇଛି। ତନ୍ମଧ୍ୟରୁ ପୁରୀ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି। ରାଜ୍ୟର ଉପକୂଳ ଅଞ୍ଚଳରେ ବାତ୍ୟା ପ୍ରତିରୋଧକ ଗୃହ ନିର୍ମାଣ ସମ୍ପର୍କିତ ଏକ ପ୍ଲାନ ରାଜ୍ୟ ପ୍ରଶାସନ ଦ୍ୱାରା ପ୍ରସ୍ତୁତ ହୋଇଛି। ଗତ ୬ ତାରିଖରେ ଏହି ପ୍ଲାନ ପ୍ରଧାନମନ୍ତ୍ରୀଙ୍କ ନିକଟରେ ପ୍ରଦର୍ଶନ କରାଯାଇଥିଲା। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆକାଶମାର୍ଗରୁ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଥିଲେ। ତେଣୁ ସମସ୍ତ ପ୍ରସଙ୍ଗକୁ ବିଚାରକୁ ନେଇ କେନ୍ଦ୍ର ସରକାର ପ୍ରାଥମିକ ଭାବେ ରାଜ୍ୟ ପାଇଁ ୫ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍ଏୱାଇ)(ଜି) ମଞ୍ଜୁର କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଏଥିସହିତ ସ୍ଥାୟୀ ପ୍ରତିକ୍ଷା ତାଲିକା(ପିଡବ୍ଲ୍ୟୁଏଲ୍) ବ୍ୟବସ୍ଥାକୁ ଉଚ୍ଛେଦ କରି ଫନୀ କ୍ଷତିଗ୍ରସ୍ତ ଘରଗୁଡ଼ିକ ସ୍ୱତନ୍ତ୍ର ଏକକ ଭାବେ ଧରି କେନ୍ଦ୍ର ଓ ରାଜ୍ୟର ଆର୍ଥିକ ସହାୟତା ଅନୁପାତ ଯଥାକ୍ରମେ ୯୦:୧୦ ରଖିବାକୁ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ସେହିଭଳି ରାଜ୍ୟରେ ଜୁନ୍ ୧୦ ପାଖାପାଖି ମୌସୁମୀ ଆସିବାର ସମ୍ଭାବନା ରହିଛି। ତେଣୁ ଲୋକମାନଙ୍କୁ ତୁରନ୍ତ ପକ୍କାଘର ଯୋଗାଇ ଦେବାର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଜୁନ୍ ୧ରୁ କାର୍ଯ୍ୟାଦେଶ ଦିଆଯିବ ବୋଲି କୁହାଯାଇଛି।

ଖରାରେ ସିଝୁଛି ସାରା ଓଡ଼ିଶା

# ୧୩ ଜିଲାକୁ ସତର୍କ ସୂଚନା

**ଭୁବନେଶ୍ୱର,୧୩।୫(ବ୍ୟୁରୋ)**

ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପୂର୍ବାହ୍ନ ୧୧ଟା ପରେ ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଉଛି। ତାତି ଏତେ ଅସହ୍ୟ ହୋଇପଡୁଛି ଯେ ଲୋକେ ବାହାରକୁ ବାହାରିବାକୁ ଉଚିତ ମଣୁନାହାନ୍ତି। ସୋମବାର ୧୦ ସହରରେ ପାରଦ ୪୦ଡିଗ୍ରୀ ଉପରେ ରହିଥିଲା। ତାଳଚେର ଓ ଟିଟିଲାଗଡ଼ ୪୪ଡିଗ୍ରୀରେ ସବୁଠାରୁ ଉତ୍ତପ୍ତ ସହର ରହିଥିବା ବେଳେ ବଲାଙ୍ଗୀର ୪୨.୫, ସମ୍ବଲପୁର ୪୨.୧, ହୀରାକୁଦ ଓ ସୋନପୁର ୪୨, ଝାରସୁଗୁଡ଼ା ଓ ଭବାନୀପାଟଣା ୪୧.୮, ମାଲକାନଗିରି ୪୧.୪, ଅନୁଗୋଳ ୪୧.୧ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ଏଥିସହିତ କଟକ ୩୮.୬ ଓ ଭୁବନେଶ୍ୱର ୩୭.୨ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେପଟେ ଆସନ୍ତା ୩ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ☞ପୃଷ୍ଠା-୪

■ ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଲେ କେନ୍ଦ୍ରୀୟ ଟିମ୍

# କ୍ଷୟକ୍ଷତି ଅନୁଧ୍ୟାନ କଲେ

- କୃଷ୍ଣପ୍ରସାଦ, ବ୍ରହ୍ମଗିରି, ପୁରୀରେ ବିପନ୍ନଙ୍କୁ ଭେଟିଲେ
- ଦୁର୍ଦ୍ଦଶା, ରିଲିଫ ସମ୍ପର୍କରେ ପଚାରି ବୁଝିଲେ
- ଭଙ୍ଗାଘର, ନଷ୍ଟ ନଡ଼ିଆ ବଗିଚା, ଉଜୁଡ଼ା କ୍ଷେତ ଦେଖିଲେ

**ବ୍ରହ୍ମଗିରି,(ଡି.ଏନ୍.ଏ)/ ପୁରୀ ଅଫିସ/ ଭୁବନେଶ୍ୱର (ବ୍ୟୁରୋ),୧୩।୫**

ବାତ୍ୟା 'ଫନୀ' କ୍ଷତିଗ୍ରସ୍ତଙ୍କ ପାଇଁ ରାଜ୍ୟ ସରକାର ୧୬୦୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିବା ପରେ ୧୧ଜଣିଆ କେନ୍ଦ୍ରୀୟ ଟିମ୍ ବାତ୍ୟା ପ୍ରଭାବିତ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହ କ୍ଷୟକ୍ଷତି ଆକଳନ କରୁଛନ୍ତି। ଏହି ଟିମ୍‌ରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀମାନେ ସାମିଲ ହୋଇଛନ୍ତି। କେନ୍ଦ୍ରୀୟ ଟିମ୍ ସୋମବାର ୨ଟି ଦଳରେ ବିଭକ୍ତ ହୋଇ ପୁରୀ ଓ ଖୋର୍ଦ୍ଧା ଜିଲାର ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ☞ପୃଷ୍ଠା-୪



ପୁରୀ ସହରସ୍ଥ ବଳିଆପଣ୍ଡା ବସ୍ତି ପରିଦର୍ଶନ ଅବସରରେ ବିପନ୍ନଙ୍କୁ ସମସ୍ୟା ସମ୍ପର୍କରେ ପଚାରି ବୁଝୁଛନ୍ତି କେନ୍ଦ୍ରୀୟ ଟିମ୍‌ର ସଦସ୍ୟମାନେ।

# ବିଳମ୍ବ ହେବ ଭୋଟ ଗଣତି: ସିଇଓ

**ଭୁବନେଶ୍ୱର,୧୩।୫(ବ୍ୟୁରୋ)**

- ପ୍ରଥମ ଥର ପାଇଁ ଭୋଟରଙ୍କ ମତଦାନ ସ୍ଲିପ୍ ଗଣା ହେବ
- ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀର ୫ ବୁଥ୍‌ର ଭିଭିପିଏଟି ଗଣତି ହେବ
- ଭୋଟ ଗଣନା କେନ୍ଦ୍ରରେ ଲାଗିବ ଏସି
- ପ୍ରତ୍ୟେକ ଗଣନା କେନ୍ଦ୍ରରେ ୭ଟି ଟେବୁଲ ରହିବ

ଆସନ୍ତା ୨୩ ତାରିଖରେ ଲୋକ ସଭା ଓ ରାଜ୍ୟ ବିଧାନସଭାର ଭୋଟ ଗଣତି ହେବ। ତେବେ ଏହି ଗଣନା ଦୀର୍ଘ ସମୟ ଧରି ଚାଲିବ। ସୋମବାର ଜୟଦେବ ଭବନଠାରେ ଗଣନା କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ରିଟର୍ନିଂ ଅଫିସରମାନଙ୍କର ଦୁଇଦିନିଆ କର୍ମଶାଳାରେ ଯୋଗ ଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଲୋକ ସଭା ଓ ବିଧାନସଭା ଭୋଟ ଗଣତି ଏକା ସାଙ୍ଗରେ ଚାଲିବ। ପ୍ରଥମ ଥର ଭିଭିପିଏଟି ପେପର ସ୍ଲିପ ଗଣନା ହେଉଥିବାରୁ ଫଳାଫଳ ବାହାରିବାରେ ବିଳମ୍ବ ହେବ । ସୁପ୍ରିମକୋର୍ଟଙ୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଭାରତମୁହାଁ ଆଇଏସ୍

**ଆଜିର ମନ୍ତବ୍ୟ**

" କଂଗ୍ରେସ ପାଇଁ ପ୍ରତିରକ୍ଷା ଚୁକ୍ତିଗୁଡ଼ିକ ଏଟିଏମ୍ ଥିଲା।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

କେନ୍ଦ୍ର ସରକାର ୨୦୧୮-୧୯ରେ ପୁଞ୍ଜିପ୍ରତ୍ୟାହାର ଜରିଆରେ ୮୪,୯୭୨ କୋଟି ଟଙ୍କା ହାସଲ କରିଛନ୍ତି।
– କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 13.05.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 109 | 170 | 180 |
| CTC | 109 | 170 | 180 |
| DKL | 104 | 163 | 173 |
| BDK | 110 | 171 | 181 |
| BLS | 112 | 174 | 184 |
| ANG | 104 | 163 | 173 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers


■ ଶାହଙ୍କୁ ମିଳିଲାନି ହେଲିକପ୍ଟର ଅବତରଣ ଅନୁମତି

# ଜୟ ଶ୍ରୀରାମ କହୁଛି, ମୋତେ ବାନ୍ଧ

**କୋଲ୍‌କାତା,୧୩।୫ (ପି.ଟି.)**

ପଶ୍ଚିମବଙ୍ଗର ଯାଦବପୁରରେ ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କ ରାଲିକୁ ସୋମବାର ବାତିଲ୍ କରାଯାଇଛି। ଶାହଙ୍କ ହେଲିକପ୍ଟର ଅବତରଣ ଲାଗି ପଶ୍ଚିମବଙ୍ଗ ସରକାର ଅନୁମତି ନ ଦେବାରୁ ଏହାକୁ ବାତିଲ କରାଯାଇଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଟିଏମ୍‌ସି ସରକାର ଗଣତନ୍ତ୍ରକୁ ବଳିଦେଇ ରାଜ୍ୟରେ ଏକଚ୍ଛତ୍ରବାଦ ଚଳାଇଛି ଓ ନିର୍ବାଚନ କମିଶନ ଚୁପହୋଇ ବସି ରହିଛନ୍ତି ବୋଲି ଭାଜପା କହିଛି। ତେବେ ଏଭଳି ଅଭିଯୋଗରେ କୌଣସି ସତ୍ୟତା ନାହିଁ କି ରାଲି ବାତିଲ ହେବା ପଛରେ ଟିଏମ୍‌ସିର କୌଣସି ଭୂମିକା ନାହିଁ ବୋଲି ଦଳର ସାଧାରଣ ସମ୍ପାଦକ ପାର୍ଥ ଚାଟାର୍ଜୀ ପ୍ରକାଶ କରିଛନ୍ତି। ଏନେଇ ଟିଏମ୍‌ସି ଓ ଭାଜପା ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଛି। ପଶ୍ଚିମବଙ୍ଗରେ ମୋ



କାନିଂ ନିର୍ବାଚନ ରାଲିରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଉଦ୍‌ବୋଧନ ଦେଉଛନ୍ତି।

## ମମତାଙ୍କୁ ଚ୍ୟାଲେଞ୍ଜ

ରାଲିକୁ ରୋକାଯାଇଛି କିନ୍ତୁ ଭାଜପାର ବିଜୟ ରଥକୁ ଟିଏମ୍‌ସି ଅଟକାଇପାରିବ ନାହିଁ ବୋଲି ଦଳୀୟ ସଭାପତି ଅମିତ ଶାହ କହିଛନ୍ତି। ସେହିପରି କୋଲ୍‌କାତା ରାଲିର ଗୋଟିଏ ଦିନ ପୂର୍ବରୁ ସୋମବାର କାନିଂ ନିର୍ବାଚନ ରାଲିରେ ରାଜ୍ୟ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଚ୍ୟାଲେଞ୍ଜ କରି 'ମୁଁ ଜୟ ଶ୍ରୀ ରାମ କହୁଛି, ମୋତେ ବାନ୍ଧି ଦେଖ' ବୋଲି ଶାହ କହିଛନ୍ତି।

ଯାଦବପୁର ରାଲି ବାତିଲ ନେଇ ଭାଜପା ନିର୍ବାଚନ କମିଶନଙ୍କ ଦୃଷ୍ଟିଆକର୍ଷଣ କରିବ ବୋଲି କହିଛି। ସେପଟେ ରାଲି ବାତିଲ୍ ପରେ ବରୁଇପୁରଠାରେ ଭାଜପା ଓ ଟିଏମ୍‌ସି କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇଛି। ପ୍ରକାଶଥାଉ କି, ମେ ୧୯ ଶେଷ ପର୍ଯ୍ୟାୟରେ ପଶ୍ଚିମବଙ୍ଗର ୯ଟି ଆସନ ଲାଗି ଭୋଟଗ୍ରହଣ କରାଯିବ।

# 'ଅଭ୍ୟାସ' ଡ୍ରୋନ୍‌ର ସଫଳ ପରୀକ୍ଷଣ



**ବାଲେଶ୍ୱର ଅଫିସ,୧୩।୫**

ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂସ୍ଥା (ଡିଆର୍‌ଡିଓ) ଦ୍ୱାରା ଚାନ୍ଦିପୁରସ୍ଥିତ ଆଇଟିଆର(ଇଣ୍ଟେରିମ୍ ଟେଷ୍ଟ ରେଞ୍ଜ)ରୁ ସୋମବାର 'ଅଭ୍ୟାସ' ଡ୍ରୋନ୍‌ର ସଫଳ ପରୀକ୍ଷଣ କରାଯାଇଛି। ହାଇ-ସ୍ପିଡ ଏକ୍ସପେଣ୍ଡେବଲ୍ ଏରିୟଲ୍ ଟାର୍ଗେଟ (ହିଟ୍) ନାମରେ ପରିଚିତ ଏହି ଡ୍ରୋନ୍‌ରେ ଏକ ଛୋଟ ଗ୍ୟାସ ଟର୍ବାଇନ୍ ଇଞ୍ଜିନ ସଂଯୁକ୍ତ ରହିଛି। ଏହାର ଉଡାଣକୁ ବିଭିନ୍ନ ରାଡାର ଏବଂ ☞ପୃଷ୍ଠା-୪



"କେତେକ ଆଞ୍ଚଳିକ ଦଳ ଭାଜପା ଅପେକ୍ଷା କଂଗ୍ରେସ ସହ ଲଢ଼େଇ କରିବାକୁ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି। ନିର୍ବାଚନ ପରେ ସେହି ଦଳଗୁଡ଼ିକ ତୃତୀୟ ସାଜ୍ଜୁଖ୍ୟ ଗଠନ ପାଇଁ ଆମଠାରୁ ସମର୍ଥନ ଆଶା କରିବା ଅନୁଚିତ।
- ସଲମାନ ଖୁର୍ସିଦ, ବରିଷ୍ଠ କଂଗ୍ରେସ ନେତା



# ଡିଜିଟାଲ କ୍ୟାମେରା, ଇମେଲ୍ ଉପାଖ୍ୟାନ

**ନୂଆଦିଲ୍ଲୀ, ୧୩।୫**



## ସୋସିଆଲ ମିଡିଆରେ ମୋଦି ହଟହଟା

- ୧୯୮୭ରେ ପ୍ରଥମ ଡିଜିଟାଲ କ୍ୟାମେରା(ନିକନ୍) ବିକ୍ରି ହୋଇଥିଲା
- ୧୯୯୫ରେ ଭାରତରେ ଇ-ମେଲ୍ ସୁବିଧା ଉପଲବ୍ଧ ହୋଇଥିଲା
- ୧୯୮୭-୮୮ରେ ମୋଦି ଡିଜିଟାଲ କ୍ୟାମେରାରେ ଆଡ୍‌ଭାନୀଙ୍କ ଫଟୋ ଉଠାଇ ଦିଲ୍ଲୀକୁ ମେଲ୍ କରିଥିବା ଏକ ସାକ୍ଷାତ୍‌କାରରେ କହିଛନ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୯୮୭-୮୮ରେ ଡିଜିଟାଲ କ୍ୟାମେରା ବ୍ୟବହାର କରୁଥିଲେ। ସେ ଉକ୍ତ କ୍ୟାମେରାରେ ବରିଷ୍ଠ ଭାଜପା ନେତା ଲାଲକୃଷ୍ଣ ଆଡ୍‌ଭାନୀଙ୍କ ରଙ୍ଗିନ ଫଟୋ ଉଠାଇ ନୂଆଦିଲ୍ଲୀକୁ ପଠାଇଥିଲେ। ଏକ ଟିଭି ଚ୍ୟାନେଲକୁ ସାକ୍ଷାତ୍‌କାର ଦେବାବେଳେ ମୋଦି ଏହା କହିଥିବା ସାମ୍ନାକୁ ଆସିଛି। ସାକ୍ଷାତ୍‌କାରର କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭାରତକୁ ଇ-ମେଲ୍ ସୁବିଧା ୧୯୯୫ରେ ଆସିଥିବାବେଳେ ତା'ର ଯଥେଷ୍ଟ ପୂର୍ବରୁ ମୋଦି କିପରି ମେଲ୍ କରି ଫଟୋ ପଠାଉଥିଲେ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ତାଙ୍କର ଏହି ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି।

ପ୍ରଧାନମନ୍ତ୍ରୀ ମୋଦି ଶନିବାର ଏକ ଘରୋଇ ଟେଲିଭିଜନ୍ ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ କହିଛନ୍ତି, ସେ ପ୍ରଥମଥର ପାଇଁ ଡିଜିଟାଲ କ୍ୟାମେରା ୧୯୮୭ କିମ୍ବା ୧୯୮୮ରେ ବ୍ୟବହାର କରିଥିଲେ। ସେତେବେଳେ ଅଳ୍ପ କେତେଜଣ ଲୋକ ଇ-ମେଲ କରୁଥିଲେ। ଗୁଜରାଟର ବିରାମଗାମରେ ଆଡ୍‌ଭାନୀଙ୍କ ଏକ ସାଧାରଣ ସଭା ଚାଲିଥାଏ। ସେ ଆଡ୍‌ଭାନୀଙ୍କ ଫଟୋ ଉଠାଇ ଦିଲ୍ଲୀକୁ ଇ-ମେଲ କରିଥିଲେ। ପରଦିନ କଲର ଫଟୋ ଛପାଯାଇଥିଲା। ଆଡ୍‌ଭାନୀ ଏଥିରେ ଆର୍ଶ୍ଚଯ୍ୟ ହୋଇ ପଚାରିଥିଲେ ମୋ ରଙ୍ଗିନ ଫଟୋ କିପରି ଆସିଲା। ମୋଦି ଏପରି କହୁଥିବା ଭିଡିଓ ଭାଇରାଲ ହୋଇଛି। ପ୍ରଥମ ଡିଜିଟାଲ କ୍ୟାମେରା (ନିକନ୍)୧୯୮୭ରେ ବିକ୍ରି ହୋଇଥିଲା। ସେହିପରି ଭାରତରେ ବ୍ୟବସାୟିକ ଇ-ମେଲ ୧୯୯୦-୯୫ରେ ଆରମ୍ଭ ହୋଇଥିଲା। ଇ-ମେଲ ସୁବିଧା ୧୯୯୫ ସୁଦ୍ଧା ଉପଲବ୍ଧ ହୋଇ ନ ଥିଲା। ଏହି ମନ୍ତବ୍ୟକୁ ନେଇ ମୋଦିଙ୍କୁ ଟୁଇଟରରେ ହଟହଟା ହେବାକୁ ପଡ଼ିଛି। କଂଗ୍ରେସ ନେତା ତେହସିନ୍ ପୁନାୱାଲା ଟୁଇଟ୍ କରିଛନ୍ତି, ଡିଜିଟାଲ କ୍ୟାମେରା କିମ୍ବା ଇ-ମେଲକୁ ନେଇ ମୋଦିଙ୍କୁ ତାଚ୍ଛଲ୍ୟ କରିବି ନାହିଁ। ଯଦି ୮୮/୮୯ରେ ଜଣେ ଗରିବ ଚା ବାଲା ନିଜ ବିଳାସ ପାଇଁ ଏହାକୁ କିଣିପାରୁଛି, ତେବେ ରାଜୀବ ଗାନ୍ଧୀ କିଭଳି ବିକାଶର ପରିବର୍ତ୍ତନ ଆଣିଥିଲେ ତାହା ଏଥିରୁ ଚିନ୍ତା କରାଯାଉ। ସେହିପରି ମୋଦିଙ୍କ ଏହି ମିଛକୁ ଗମ୍ଭୀରତା ସହ ନିଆ ନ ଗଲେ ଏହା ଏକ ବଡ଼ ବ୍ୟଙ୍ଗ ହୋଇପାରେ ବୋଲି ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଟୁଇଟ୍ କରିଛନ୍ତି।

■ ରମଜାନ୍ ପାଇଁ ମତଦାନ ସମୟରେ ପରିବର୍ତ୍ତନ ପ୍ରସଙ୍ଗ

# ସୁପ୍ରିମକୋର୍ଟରେ ଆବେଦନ ଖାରଜ

**ନୂଆଦିଲ୍ଲୀ, ୧୩।୫(ପି.ଟି.)**



ସପ୍ତମ ତଥା ଶେଷ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ମେ ୧୯ ତାରିଖରେ ପଡୁଥିବାବେଳେ ପ୍ରବଳ ଖରା ଓ ରମ୍‌ଜାନ୍‌ରେ ମୁସଲ୍‌ମାନ୍‌ଙ୍କ ଉପବାସ ଯୋଗୁ ଉକ୍ତଦିନ ସକାଳ ୭ଟା ପରିବର୍ତ୍ତେ ୫ଟା ୩୦ରୁ ଭୋଟଗ୍ରହଣ କରାଯିବା ଲାଗି ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେବାନେଇ କରାଯାଇଥିବା ଆବେଦନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି।

ବିଚାରପତି ଇନ୍ଦିରା ବାନାର୍ଜୀ ଓ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ଲୋକ ସଭା ନିର୍ବାଚନର ଅଧିକାଂଶ ପର୍ଯ୍ୟାୟ ଶେଷ ହୋଇଗଲାଣି। ନିର୍ବାଚନ ସମୟ ସମ୍ପର୍କିତ ପ୍ରସଙ୍ଗକୁ ଅଦାଲତ ବୁଝିବା ଠିକ୍ ହେବନି। ନିର୍ବାଚନ କମିଶନ ଏନେଇ ଉଚିତ ପଦକ୍ଷେପ ନେଇଥିବେ ବୋଲି ଆବେଦନକାରୀ ଓକିଲ ନିଜାମୁଦ୍ଦିନ ପାଶାଙ୍କୁ ଖଣ୍ଡପୀଠ କହିଛନ୍ତି। ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରବଳ ଖରାରେ ଭୋଟଦେବାନେଇ ଆବେଦନକାରୀ ଉଠାଇଥିବା ପ୍ରସଙ୍ଗରେ ଖଣ୍ଡପୀଠ କହିଛନ୍ତି ଯେ, ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଦେବାଲାଗି ସମୟ ରହିଛି। ଭୋଟର ଚାହିଁଲେ ସକାଳୁ ଆସି ମତଦାନ କରିପାରିବେ ବୋଲି ଖଣ୍ଡପୀଠ ଦର୍ଶାଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମେ ୨ରେ ପାଶାଙ୍କ ଆବେଦନ ଉପରେ ସର୍ବୋଚ୍ଚ ଅଦାଲତ ନିର୍ବାଚନ କମିଶନଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲାବେଳେ ଏହାକୁ ମେ ୫ ତାରିଖରେ କମିଶନ ଖାରଜ କରିଥିଲେ।

## ସଂକ୍ଷେପରେ

### କୋଟିଏ ଟଙ୍କା ଜବତ

**ପଶ୍ଚିମବଙ୍ଗ ଭାଜପା ମୁଖ୍ୟଙ୍କ ସହଯୋଗୀ ଗିରଫ**

**କୋଲ୍‌କାତା, ୧୩।୫**-ପଶ୍ଚିମବଙ୍ଗର ଆସାନ୍‌ସୋଲ ରେଲୱେ ଷ୍ଟେଶନ ନିକଟରୁ ପୋଲିସ ଦୁଇଜଣଙ୍କୁ ଗିରଫ କରିବା ସହ



ସେମାନଙ୍କଠାରୁ ୧ କୋଟି ଟଙ୍କା ଜବତ କରିଛି। ଗିରଫ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ପଶ୍ଚିମବଙ୍ଗ ଭାଜପା ମୁଖ୍ୟ ଦିଲ୍ଲୀପ ଘୋଷଙ୍କ ବ୍ୟକ୍ତିଗତ ସହାୟକ ବୋଲି ଜଣାପଡ଼ିଛି। ଗିରଫ ହୋଇଥିବା ଗୌତମ ଚଟ୍ଟୋପାଧ୍ୟାୟ ଓ ଲକ୍ଷ୍ମୀକାନ୍ତ ଶଙ୍କୁ ପୋଲିସ ଜେରା କରୁଥିବା ଜଣାପଡ଼ିଛି। ପୋଲିସ ଆଗରେ ସେମାନେ ସବୁ ସତ ମାନିଥିବାବେଳେ କୋଲ୍‌କାତାକୁ ସେମାନେ ଏହି ଟଙ୍କା ଭର୍ତ୍ତି ବ୍ୟାଗ୍ ନେଇ ଯିବାକୁ ଷ୍ଟେଶନ୍‌ରେ ଅପେକ୍ଷା କରିଥିବା କହିଥିଲେ। ନିକଟରେ ଭାଜପାର ଭାରତୀ ଘୋଷଙ୍କଠାରୁ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ ହୋଇଥିଲା।


### ଅଳ୍ପକେ ବର୍ତ୍ତିଲେ ସନ୍ନି ଦେଓଲ୍



**ଗୁର୍‌ଦାସପୁର୍, ୧୩।୫**-ଅଭିନେତାରୁ ରାଜନେତା ସାଜିଥିବା ସନ୍ନି ଦେଓଲ୍ ଗୁରୁଦ୍ୱାରର ସୋହାଲ୍ ଗ୍ରାମ ନିକଟରେ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୋମବାର ପ୍ରଚାର ଲାଗି ଫତେଗଡ଼ ଯାଉଥିବାବେଳେ ତାଙ୍କ ଏସ୍‌ୟୁଭିର ଗୋଟିଏ ଚକ ଫାଟିଯିବାରୁ ତିନୋଟି କାର୍ ସହ ପିଟିହୋଇ ଯାଇଥିଲା ବୋଲି ଡିଏସ୍‌ପି ମନଜିତ୍ ସିଂ କହିଛନ୍ତି। ୪ଟି ଗାଡ଼ି ଏକାବେଳକେ ଧକ୍କା ଖାଇଥିଲେ ବି କେହି ଆହତ ହୋଇନଥିବା ସେ ପ୍ରକାଶ କରିଛନ୍ତି। ଦୁର୍ଘଟଣା ପରେ ଦେଓଲ ନିଜ ନିର୍ବାଚନୀ କାର୍ଯ୍ୟରେ ଫତେପୁର ଗସ୍ତ କରିଥିଲେ। ପ୍ରକାଶଥାଉ କି, ଗୁରଦାସପୁର ଆସନରେ ଭାଜପା ଟିକେଟ୍‌ରେ ଲଢୁଥିବା ଦେଓଲ୍‌ଙ୍କ ସହ କଂଗ୍ରେସ ପ୍ରାର୍ଥୀ ସୁନୀଲ ଜାଖରଙ୍କ କଡ଼ା ମୁକାବିଲା ହେଉଛି।

# 'ରାଜନୈତିକ ସ୍ୱାର୍ଥ ପାଇଁ ସ୍ତ୍ରୀଙ୍କୁ ଛାଡ଼ି ଦେଇଛନ୍ତି ମୋଦି'

**ଲକ୍ଷ୍ନୌ/ନୂଆଦିଲ୍ଲୀ, ୧୩।୫(ପି.ଟି.)**



ମାୟାବତୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜନୈତିକ ସ୍ୱାର୍ଥ ପାଇଁ ନିଜ ସ୍ତ୍ରୀଙ୍କୁ ଛାଡ଼ିଦେଇଛନ୍ତି। ଏଥିଲାଗି ଭାଜପାର ମହିଳାମାନେ ସେମାନଙ୍କ ସ୍ୱାମୀ ମୋଦିଙ୍କୁ ଭେଟନ୍ତୁ ବୋଲି ଚାହୁଁନାହାନ୍ତି। କାରଣ ସେମାନେ ମଧ୍ୟ ସ୍ୱାମୀ ପରିତ୍ୟକ୍ତ ହୋଇପାରନ୍ତି ବୋଲି ଆଶଙ୍କା କରୁଛନ୍ତି। ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀ ଏକ ବିବୃତିରେ ଏଭଳି ବିଚିତ୍ର ମନ୍ତବ୍ୟ ଦେଇଛନ୍ତି। ମାୟାବତୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ପାଖକୁ ସ୍ୱାମୀ ଯିବା ଦେଖି ଭାଜପାର ମହିଳା ନେତା ଓ କର୍ମୀ ଭୟଭୀତ। ଏଭଳି ସ୍ଥିତିରେ ଦେଶର ସମସ୍ତ ମହିଳା ଏଭଳି ଜଣେ ବ୍ୟକ୍ତିଙ୍କୁ ଭୋଟ ଦିଅନ୍ତୁ ନାହିଁ। ଏହା ମୋଦିଙ୍କ ପରିତ୍ୟକ୍ତ ସ୍ତ୍ରୀଙ୍କ ପ୍ରତି ଉପଯୁକ୍ତ ସମ୍ମାନ ହେବ ବୋଲି ମାୟାବତୀ କହିଛନ୍ତି। ଅନ୍ୟପକ୍ଷରେ ବରିଷ୍ଠ ଭାଜପା ନେତା ଅରୁଣ ଜେଟ୍‌ଲୀ ଏହାର ଜବାବରେ କହିଛନ୍ତି, ମାୟାବତୀ ସାଧାରଣ ଜୀବନ ପାଇଁ ଯୋଗ୍ୟ ନୁହନ୍ତି। ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ସେ ଦେଇଥିବା ବ୍ୟକ୍ତିଗତ ଅରୁଚିକର ମନ୍ତବ୍ୟରୁ ଏହା ସ୍ପଷ୍ଟ ହେଉଛି ବୋଲି ଜେଟ୍‌ଲୀ ଟୁଇଟ୍ କରିଛନ୍ତି।

# ଷ୍ଟାଲିନ୍‌ଙ୍କୁ ଭେଟିଲେ କେସିଆର୍

**ଚେନ୍ନାଇ, ୧୩।୫(ପି.ଟି.)**



## ତୃତୀୟ ସାଜ୍ଜୁଖ୍ୟ ନେଇ ଚର୍ଚ୍ଚା

ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ମୁଖ୍ୟ କେ. ଚନ୍ଦ୍ରଶେଖର ରାଓ ସୋମବାର ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍‌ଙ୍କୁ ସାକ୍ଷାତ କରିଛନ୍ତି। କେନ୍ଦ୍ରରେ ତୃତୀୟ ସାଜ୍ଜୁଖ୍ୟ ଗଠନ ନେଇ ଦୁଇନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି।

ଅଣଭାଜପା ଏବଂ ଅଣକଂଗ୍ରେସ ଦଳଗୁଡ଼ିକୁ ନେଇ କେନ୍ଦ୍ରରେ ଏକ ତୃତୀୟ ସାଜ୍ଜୁଖ୍ୟ ଗଠନ ପାଇଁ କେସିଆର୍ ଉଦ୍ୟମ ଚଳାଇଛନ୍ତି। ଏହିକ୍ରମରେ ସେ ଷ୍ଟାଲିନ୍‌ଙ୍କୁ ଚେନ୍ନାଇସ୍ଥିତ ବାସଭବନରେ ଭେଟିବା ପରେ ଘଣ୍ଟାଏ ଧରି ଆଲୋଚନା କରିଥିଲେ। ସଂଘୀୟ ସାଜ୍ଜୁଖ୍ୟ ଗଠନ ପାଇଁ କେସିଆର୍ ଷ୍ଟାଲିନ୍ ସହଯୋଗ ଲୋଡ଼ିଥିଲେ। ହେଲେ ତାଙ୍କୁ ନିରାଶ ହେବାକୁ ପଡ଼ିଛି। କଂଗ୍ରେସ ସହ ଡିଏମ୍‌କେ ପ୍ରାକ୍ ନିର୍ବାଚନୀ ମେଣ୍ଟ କରି ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ସମର୍ଥନ ଘୋଷଣା କରିଛି। ତେଣୁ କେନ୍ଦ୍ରରେ କଂଗ୍ରେସ ନେତୃତ୍ୱରେ ସରକାରକୁ ଟିଆର୍‌ଏସ୍ ସମର୍ଥନ ଦେବାକୁ ଷ୍ଟାଲିନ୍ କେସିଆର୍‌ଙ୍କୁ ଅନୁରୋଧ କରିଥିଲେ। ଷ୍ଟାଲିନ୍ ଏହାକୁ ଏକ ସୌଜନ୍ୟମୂଳକ ସାକ୍ଷାତ ବୋଲି ଅଭିହିତ କରିଛନ୍ତି।

# ନାବାଳିକାକୁ ବଳାତ୍କାର





ବଳାତ୍କାର ପ୍ରତିବାଦରେ ବନ୍ଦିପୋରାରେ ମହିଳାମାନେ ବିକ୍ଷୋଭ କରୁଛନ୍ତି।

**ଶ୍ରୀନଗର, ୧୩।୫(ଆଇଏଏନ୍‌ଏସ୍)**

## ବିକ୍ଷୋଭ ବେଳେ ସଂଘର୍ଷ: ୭୪ ଆହତ

ଜମ୍ମୁ-କଶ୍ମୀର ବନ୍ଦିପୋରାରେ ଜଣେ ୩ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ଏହାର ପ୍ରତିବାଦରେ ବିକ୍ଷୋଭ ବେଳେ ସ୍ଥାନୀୟ ଲୋକ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ୪୦ ଯବାନଙ୍କ ସମେତ ୭୪ ଆହତ ହୋଇଛନ୍ତି।

ବନ୍ଦିପୋରା ଜିଲା ସୁମ୍ବଲରେ ଗତ ୯ ତାରିଖରେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା। ଅଭିଯୁକ୍ତ ତାହିର ଅହମ୍ମଦଙ୍କୁ ପୋଲିସ ଗିରଫ କରିବା ସହ ଏକ ଏସ୍‌ଆଇଟି ଗଠନ କରି ଏହାର ତଦନ୍ତ କରୁଛି। ତାହିରଙ୍କୁ ମୃତ୍ୟୁଦଣ୍ଡ ଦେବା ଦାବିରେ ଉପତ୍ୟକାର ୧୦ ଜିଲା ଅଶାନ୍ତ ହୋଇପଡ଼ିଛି। ସ୍ଥାନୀୟ ଲୋକେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରୁଥିବାବେଳେ ବିଭିନ୍ନ ସ୍ଥାନରେ ଯାନବାହନ ଚଳାଚଳ ଓ ଦୋକାନବଜାର ବନ୍ଦ ରହିଛି। ବିକ୍ଷୋଭକାରୀଙ୍କ ଟେକାମାଡ଼ରେ ସୀମା ସଶସ୍ତ୍ର ବଳର ଜଣେ ଆସିଷ୍ଟାଣ୍ଟ କମାଣ୍ଡରଙ୍କ ସମେତ ୪୦ ଯବାନ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ଭିଡକୁ ଘଉଡ଼ାଇବାକୁ ଯାଇ ସୁରକ୍ଷା ବଳ ନେଇଥିବା କାର୍ଯ୍ୟାନୁଷ୍ଠାନରେ ଅନେକ ସାଧାରଣ ନାଗରିକ ଆହତ ହୋଇଛନ୍ତି।

# ନାଥୁରାମ ଭାରତର ପ୍ରଥମ ହିନ୍ଦୁ କଠୋରପନ୍ଥୀ: କମଲ ହାସନ

**ଆରାଭଗୁରିଚି, ୧୩।୫(ପି.ଟି.)**

ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେ ସ୍ୱାଧୀନ ଭାରତର ପ୍ରଥମ ଆତଙ୍କବାଦୀ, ଯିଏ କି ଜଣେ ହିନ୍ଦୁ ଥିଲେ ବୋଲି ମନ୍ତବ୍ୟ ଦେଇ ମକ୍କଲ ନିଧି ମୈୟମ୍ (ଏମ୍‌ଏନ୍‌ଏମ୍) ମୁଖ୍ୟ କମଲ ହାସନ ବିବାଦରେ ଫସିଛନ୍ତି। ତାମିଲନାଡୁସ୍ଥିତ ଆରାଭଗୁରିଚିର ଏକ ସଭାରେ ସେ ଦେଇଥିବା ଏହି ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି। କମଲ ହାସନ ବିଭାଜନବାଦୀ ରାଜନୀତି କରୁଥିବା ଅଭିଯୋଗ ଆଣି ତାଙ୍କ ପ୍ରଚାର ଉପରେ ୫ ଦିନ ପାଇଁ କଟକଣା ଜାରି କରିବା ଲାଗି ଭାଜପା ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଛି।

# ପାନାମାରେ ଭୂକମ୍ପ

**ପାନାମାନଗରୀ, ୧୩।୫(ଏଏଫ୍‌ପି)**- କେନ୍ଦ୍ରୀୟ ଆମେରିକାର ପାନାମାରେ ଭୂକମ୍ପ ଯୋଗୁ ୫ ଆହତ ହୋଇଥିବା ବେଳେ ବ୍ୟବସାୟିକ ଅଟ୍ଟାଳିକା ଓ ବାସଭବନ କ୍ଷତିଗ୍ରସ୍ତ ହୋଇଛି। କୋଷ୍ଟାରିକା ସୀମାନ୍ତ ତଥା ଦେଶର ପଶ୍ଚିମଭାଗରେ ଭୂପୃଷ୍ଠରୁ ୩୭ କି.ମି. ଗଭୀରତାରେ ଭୂମିକମ୍ପର କେନ୍ଦ୍ରସ୍ଥଳ ଚିହ୍ନଟ କରାଯାଇଥିବା ଆମେରିକାର ଜିଓଲୋଜିକାଲ ସର୍ଭେ ପକ୍ଷରୁ ସୂଚନା ମିଳିଛି। ପୁଏର୍ଟୋ ଆର୍ମୁଏଲ୍‌ସ ସହରଠାରୁ ୨୨ କି.ମି. ଦୂରରେ ଭୂକମ୍ପର ଝଟ୍‌କା ଲାଗିଥିଲା।

# ଶ୍ରୀଲଙ୍କାରେ ଦଙ୍ଗା: କର୍ଫ୍ୟୁ ଜାରି



**କଲମ୍ବୋ, ୧୩।୫**

ଶ୍ରୀଲଙ୍କାରେ ସାମ୍ପ୍ରଦାୟିକ ଦଙ୍ଗା ବ୍ୟାପିବାରେ ଲାଗିଥିବାବେଳେ ସୋମବାର ଦେଶବ୍ୟାପୀ ୬ ଘଣ୍ଟିଆ କର୍ଫ୍ୟୁ ଜାରି କରାଯାଇଛି। ରାତି ୯ଟାରୁ ସକାଳ ୪ଟା ପର୍ଯ୍ୟନ୍ତ କର୍ଫ୍ୟୁ ଲଗାଯାଇଛି ବୋଲି ପୋଲିସ ମୁଖପାତ୍ର ପ୍ରକାଶ କରିଛନ୍ତି। ଇଷ୍ଟର ସଣ୍ଡେ ବିସ୍ଫୋରଣ ପରେ ସଂଖ୍ୟାଲଘୁ ମୁସଲ୍‌ମାନ୍‌ଙ୍କୁ ଟାର୍ଗେଟ କରାଯାଇ ଆକ୍ରମଣ କରାଯାଉଥିବାରୁ ପ୍ରଧାନମନ୍ତ୍ରୀ ରାନିଲ ବିକ୍ରମସିଂଘେ ଶାନ୍ତିରକ୍ଷା ଲାଗି ଲୋକଙ୍କୁ ଅନୁରୋଧ କରିଛନ୍ତି। ଏଥିସହ ଶ୍ରୀଲଙ୍କା ସରକାର ହିଂସାକୁ ଦେଖି ସୋସିଆଲ ମିଡିଆ ଉପରେ କଟକଣା ଲଗାଇଛନ୍ତି।

# କେମୋଥେରାପି ଆବଶ୍ୟକ କରିବେ ୧.୫ କୋଟି

**ମେଲବୋର୍ନ, ୧୩।୫(ପି.ଟି)**



୨୦୪୦ ସୁଦ୍ଧା ବିଶ୍ୱରେ ୧.୫ କୋଟି ରୋଗୀ କେମୋଥେରାପି ଆବଶ୍ୟକ କରିବେ ବୋଲି ଏକ ଅଧ୍ୟୟନରୁ ଜାଣିବାକୁ ମିଳିଛି। ବିଶେଷକରି ନିମ୍ନ ଓ ମଧ୍ୟମ-ଆୟକାରୀ ଦେଶଗୁଡିକରେ କ୍ରମବର୍ଦ୍ଧିଷ୍ଣୁ କ୍ୟାନ୍‌ସର ରୋଗୀଙ୍କ ଚିକିତ୍ସା ନିମନ୍ତେ ପାଖାପାଖି ୧ଲକ୍ଷ ଚିକିତ୍ସକ ଆବଶ୍ୟକ ପଡିବେ ବୋଲି ଏଥିରେ କୁହାଯାଇଛି।

ନିକଟରେ ଦି ଲାନ୍‌ସେଟ୍ ଅନ୍‌କୋଲୋଜି ଜର୍ନାଲରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ୨୦୧୮ରୁ ୨୦୪୦ ମଧ୍ୟରେ କେମୋଥେରାପି ଆବଶ୍ୟକ କରୁଥିବା ରୋଗୀଙ୍କ ସଂଖ୍ୟା ୫୩ ପ୍ରତିଶତ ବୃଦ୍ଧି ପାଇବ। ବର୍ତ୍ତମାନ ବିଶ୍ୱରେ ୯.୮ ନିୟୁତ କ୍ୟାନ୍‌ସର ରୋଗୀ ଥିବାବେଳେ ୨୦୪୦ ବେଳକୁ ଏହା ୧୫ ନିୟୁତ (୧.୫ କୋଟି)ରେ ପହଞ୍ଚିବ ବୋଲି କୁହାଯାଇଛି।


ଜାତୀୟ, ଆଞ୍ଚଳିକ ଏବଂ ବିଶ୍ୱ ସ୍ତରରେ କ୍ୟାନ୍‌ସର ଚିକିତ୍ସା ନିମନ୍ତେ ଆବଶ୍ୟକ କେମୋଥେରାପି ମାତ୍ରାର ଆକଳନ ପାଇଁ ପ୍ରଥମକରି ଏକ ମିଳିତ ଅଧ୍ୟୟନ କରାଯାଇଛି। ଏଥିରେ ସିଡ୍‌ନୀସ୍ଥିତ ୟୁନିଭର୍ସିଟି ଅଫ୍ ନ୍ୟୁ ସାଉଥ୍ ୱେଲ୍‌ସ (ୟୁଏନ୍‌ଏସ୍‌ଡବ୍ଲ୍ୟୁ), ଇନ୍‌ଘାମ୍ ଇନ୍‌ଷ୍ଟିଚ୍ୟୁଟ୍ ଫର ଆପ୍ଲାଏଡ ମେଡିକାଲ ରିସର୍ଚ୍ଚ, କିଙ୍ଗହର୍ନ କ୍ୟାନ୍‌ସର ସେଣ୍ଟର, ଅଷ୍ଟ୍ରେଲିଆର ଲିଭରପୁଲ କ୍ୟାନ୍‌ସର ଥେରାପି ସେଣ୍ଟର ଏବଂ ଲିଓନ୍‌ସ୍ଥିତ ଇଣ୍ଟରନ୍ୟାଶନାଲ ଏଜେନ୍ସି ଫର ରିସର୍ଚ୍ଚ ଅନ୍ କ୍ୟାନ୍‌ସର୍‌ର ଗବେଷକମାନେ ଏ ସମ୍ପର୍କରେ ଏକ ମିଳିତ ଅଧ୍ୟୟନ କରିଥିଲେ। ୟୁଏନ୍‌ଏସ୍‌ଡବ୍ଲ୍ୟୁର ଗବେଷକ ବ୍ରୁକ୍ ୱିଲସନ୍‌ଙ୍କ କହିବାନୁଯାୟୀ, ବର୍ତ୍ତମାନ କ୍ୟାନ୍‌ସର ରୋଗୀଙ୍କ ସଂଖ୍ୟା ବୃଦ୍ଧିପାଇ ଚାଲିଥିବାରୁ ବିଶ୍ୱରେ ଏହା ବୃହତ୍ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଛି।

## ଇତିହାସର ଆଇନାରେ

### ମେ ୧୪ର ପ୍ରମୁଖ ଘଟଣା

୧୯୩୯ ମେ ୧୪ରେ ଲିନା ମେଡିନା ୫ବର୍ଷ ବୟସରେ ହେଲେ ସର୍ବକନିଷ୍ଠ ମା'। ଏହା ମେଡିକାଲ୍ ଇତିହାସର ପ୍ରଥମ ଘଟଣା। ୧୯୩୩ ସେପ୍ଟେମ୍ବର ୨୩ରେ ଜନ୍ମ ହୋଇଥିବା ଲିନା ମାର୍ସିଲା ମେଡିନା ଡି ଜୁରାଡୋ (ସ୍ପେନୀୟ ଉଚ୍ଚାରଣ) ଜଣେ ପେରୁଭିଆନ୍ ବାଳିକା। ସେ ୫ବର୍ଷ ୭ ମାସ ୨୧ ଦିନରେ ସର୍ବକନିଷ୍ଠ ମା' ହୋଇଥିଲେ। ଲିନା ମେଡିନାଙ୍କର ତଳିପେଟରେ ଯନ୍ତ୍ରଣା ହେବାରୁ ତାଙ୍କ ମାତାପିତା ହସ୍ପିଟାଲ୍ ନେଇଥିଲେ। ତେବେ ଡାକ୍ତର ପରୀକ୍ଷା କରିବାରୁ ସେ ଗର୍ଭଧାରଣ କରିଥିବା ଜଣାପଡିଥିଲା।

୧୯୪୩ ମେ ୧୪ରେ ଜାପାନର ଏକ ବୁଡାଜାହାଜରୁ ଆକ୍ରମଣ କରାଯିବା ଫଳରେ ଏଏଚ୍‌ଏସ୍ (ଅଷ୍ଟ୍ରେଲିଆନ୍ ହସ୍ପିଟାଲ୍ ଶିପ୍) ସେଣ୍ଟାଉର୍ କୁଇନ୍ସଲାଣ୍ଡ ଉପକୂଳରେ ବୁଡିଯାଇଥିଲା। ଏଥିରେ ୩୩୨ ମେଡିକାଲ କର୍ମଚାରୀ ଏବଂ କ୍ରିଉ ସଦସ୍ୟ ଥିବାବେଳେ ୨୬୮ ଜଣଙ୍କ ମୃତ୍ୟୁ ଘଟିଥିଲା।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୦ | ୨୬.୧ |
| ଚାନ୍ଦବାଲି | ୩୯.୨ | ୨୮.୩ |
| କଟକ | ୩୮.୬ | ୨୪.୬ |
| ପାରାଦ୍ୱୀପ | ୩୨.୭ | ୨୮.୧ |
| ଭୁବନେଶ୍ୱର | ୩୬.୨ | ୨୬.୦ |
| ଗୋପାଳପୁର | ୩୨.୬ | ୨୬.୧ |
| ପୁରୀ | ୩୪.୦ | ୨୭.୪ |
| ଅନୁଗୋଳ | ୪୧.୧ | ୨୨.୬ |
| ବାରିପଦା | ୩୭.୬ | ୨୭.୬ |
| ଝାରସୁଗୁଡ଼ା | ୪୧.୮ | ୨୬.୬ |
| କେନ୍ଦୁଝର | ୩୮.୪ | ୨୩.୦ |
| ସମ୍ବଲପୁର | ୪୨.୧ | ୨୬.୦ |
| ସୁନ୍ଦରଗଡ଼ | ୩୯.୦ | ୨୪.୦ |
| ହୀରାକୁଦ | ୪୨.୦ | ୨୫.୬ |
| ତାଳଚେର | ୪୪.୦ | ୨୬.୩ |
| ଭବାନୀପାଟଣା | ୪୧.୮ | ୨୫.୫ |
| ବଲାଙ୍ଗୀର | ୪୨.୫ | ୨୩.୫ |
| କୋରାପୁଟ | ୩୪.୮ | ୧୯.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୪.୦ | ୨୪.୪ |
| ମାଲକାନଗିରି | ୪୧.୪ | ୨୩.୦ |
| ସୋନପୁର | ୪୨.୦ | ୨୧.୫ |
| ଦାରିଙ୍ଗିବାଡ଼ି | ୩୫.୦ | ୨୧.୦ |

ଡିଗ୍ରୀ ସେଲ୍‌ସିୟସ୍

# 'ସୂର୍ଯ୍ୟବଂଶୀ'ରେ ଖଳନାୟକ ଅଭିମନ୍ୟୁ

**ମୁମ୍ବାଇ:**



ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେଉଥିବା ଆକ୍ସନ ଫିଲ୍ମ 'ସୂର୍ଯ୍ୟବଂଶୀ'ରେ ଖଳନାୟକ ଚରିତ୍ରରେ ଅଭିନୟ କରିବେ ଅଭିମନ୍ୟୁ ସିଂ। ଏଥିରେ ମୁଖ୍ୟ ଭୂମିକା ନେବେ ଅକ୍ଷୟ କୁମାର। ତେବେ ଏହି ଫିଲ୍ମ ପାଇଁ ଶୁଟିଂ ଆରମ୍ଭ ହୋଇଥିବାବେଳେ, ଏଥିରେ ଖଳନାୟକ ଚରିତ୍ର ସମ୍ପର୍କରେ ଆଗରୁ କିଛି କହିବା ସହଜ ନୁହେଁ ବୋଲି ଅଭିମନ୍ୟୁ ପ୍ରକାଶ କରିଛନ୍ତି।

ଅକ୍ଷୟ ସାର୍‌ଙ୍କ ସହ ତାଙ୍କର ପରିଚିତି କିଛିଦିନରୁ। ପ୍ରଥମ ଦିନର ଶୁଟିଂ ଥିଲା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ସେ ଖୁବ୍ ଖୁସି ପ୍ରକାଶ କରିଛନ୍ତି। ଅକ୍ଷୟ ଏବଂ ରୋହିତ ସାରଙ୍କ ସହ ଶୁଟିଂ ଥିଲା ଖୁବ୍ ମଜାଦାର। ଏପରି ଅନୁଭବ ହେଲା ଯେ, ଦୀର୍ଘ ଦିନରୁ ସେ ଦୁହିଁଙ୍କ ସହ ଯେମିତି ପରିଚିତ ଭଳି ଲାଗିଲା ବୋଲି ଅଭିମନ୍ୟୁ କହିଛନ୍ତି।

ରାକେଶ ଓମ୍‌ପ୍ରକାଶ ମେହରାଙ୍କ ନିର୍ଦ୍ଦେଶିତ ୨୦୦୧ ସୁପରନ୍ୟାଚୁରାଲ-ଥ୍ରିଲର 'ଏକେଏସ୍'ରେ ପ୍ରଥମକରି ଅଭିମନ୍ୟୁ ଅଭିନୟ ଜୀବନ ଆରମ୍ଭ କରିଥିଲେ। ଶ୍ରୀଦେବୀଙ୍କ ଅଭିନୀତ 'ମମ୍'ରେ ମଧ୍ୟ ତାଙ୍କୁ ନିକଟରେ ଦେଖିବାକୁ ମିଳିଛି। ଅଜୟ ଦେବଗନ୍‌ଙ୍କ ଅଭିନୀତ 'ସିଂଘମ୍' ଏବଂ ରଣବୀର ସିଂଙ୍କ 'ସିମ୍ବା' ପରେ 'ସୂର୍ଯ୍ୟବଂଶୀ' ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା ତୃତୀୟ ଫିଲ୍ମ।




## ସଂକ୍ଷେପରେ

### ୧୯ରେ ଓୟୁଏଟି ପ୍ରବେଶିକା ପରୀକ୍ଷା

**ଭୁବନେଶ୍ୱର, ୧୩।୫(ବ୍ୟୁରୋ):** ଚଳିତ ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ବିଭିନ୍ନ ମହାବିଦ୍ୟାଳୟରେ ନାମଲେଖା ନିମନ୍ତେ ପ୍ରବେଶିକା ପରୀକ୍ଷା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଆସନ୍ତା ୧୯ ତାରିଖରେ ଅନୁଷ୍ଠିତ ହେବ। ଛାତ୍ରୀଛାତ୍ରମାନେ ରାଜ୍ୟର ୨୪ ସହରର ୬୯ଟି ପରୀକ୍ଷା କେନ୍ଦ୍ରରେ ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ ପରୀକ୍ଷା ଦେବେ। ପରୀକ୍ଷାର୍ଥୀମାନେ ଅନୁରୋଧ କରିଥିବା ପ୍ରଥମ ପସନ୍ଦ କେନ୍ଦ୍ରରେ ପରୀକ୍ଷା ଦେଇପାରିବେ। ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ ଉଦ୍ଦିଷ୍ଟ ଆଡ଼ମିଟ୍ କାର୍ଡ ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍ www.ouat.nic.in କିମ୍ବା www.csc.lokaseba-odisha.inରୁ ଡାଉନ୍‌ଲୋଡ଼ କରିପାରିବେ ବୋଲି ବିଶ୍ୱବିଦ୍ୟାଳୟର କୁଳସଚିବ ସୁଷମାରାଣୀ ଦେବୀ ଜଣାଇଛନ୍ତି।

### ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ଆଂଶିକ ପରିବର୍ତ୍ତନ

**ଭୁବନେଶ୍ୱର, ୧୩।୫(ବ୍ୟୁରୋ):** ନିଟ୍ ପରୀକ୍ଷାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସ୍ନାତକ ପରୀକ୍ଷା ସୂଚୀରେ ଆଂଶିକ ପରିବର୍ତ୍ତନ କରାଯାଇଛି। ଆସନ୍ତା ୨୦ ତାରିଖରେ ହେବାକୁ ଥିବା ସମସ୍ତ ସ୍ନାତକ ପରୀକ୍ଷା ୨୪ ତାରିଖରେ ଅନୁଷ୍ଠିତ ହେବ। କିନ୍ତୁ ଅନ୍ୟ ଦିନର ଥିଓରୀ ପରୀକ୍ଷାର ତାରିଖ ଓ ସମୟ ଅପରିବର୍ତ୍ତିତ ରଖାଯାଇଛି। ସେହିଭଳି ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବାକୁ ଥିବା ସ୍ନାତକ ରେଗୁଲାର ଚତୁର୍ଥ ଓ ଦ୍ୱିତୀୟ ସେମିଷ୍ଟରର ସମସ୍ତ ପ୍ରାକ୍ଟିକାଲ ପରୀକ୍ଷା ଜୁନ୍ ୨୬ ତାରିଖରୁ କରିବାକୁ ସ୍ଥିର ହୋଇଥିବା ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି।

### କୁନ୍ଦୁଲି ମାମଲା: ସମୟ ନେଲେ ଆବେଦନକାରୀ

**କଟକ ଅଫିସ, ୧୩।୫:** କୁନ୍ଦୁଲି ଗଣବଳାତ୍କାର ଓ ଆତ୍ମହତ୍ୟା ଘଟଣାର ଶୁଣାଣି ହାଇକୋର୍ଟରେ ଜାରି ରହିଛି। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରୁଛନ୍ତି। ସୋମବାର ଆବେଦନକାରୀଙ୍କ ପକ୍ଷରୁ କୋର୍ଟରେ ଜବାବ ଦାଖଲ ନିମନ୍ତେ ସମୟ ଲୋଡାଯାଇଛି। ଆବେଦନକାରୀଙ୍କ ଆବେଦନକୁ ଖଣ୍ଡପୀଠ ଗ୍ରହଣ କରିଛନ୍ତି। ଆସନ୍ତା ଜୁଲାଇ ୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନଧାର୍ଯ୍ୟ କରିଛନ୍ତି। ସୂଚନାଥାଉ କି, କୋରାପୁଟ ଜିଲା ପଟାଙ୍ଗୀ ଥାନା ଅଧୀନ କୁନ୍ଦୁଲି ଗ୍ରାମ ସୋରିଷପଦର ଜଙ୍ଗଲରେ ୨୦୧୭ ନଭେମ୍ବରରେ କୁନ୍ଦୁଲି ଗ୍ରାମର ଜଣେ ନାବାଳିକା ଗଣବଳାତ୍କାରର ଶିକାର ହୋଇଥିଲେ। ନ୍ୟାୟ ନ ପାଇ ସେ ଆତ୍ମହତ୍ୟା କରିଥିବା ନେଇ ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଥିଲା। ସମସ୍ତ ମାମଲାର ଏକତ୍ର ଶୁଣାଣି ହାଇକୋର୍ଟରେ ଜାରି ରହିଛି। ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ୍ ଜନ୍ମେଜୟ କଟିକିଆ ମାମଲା ପରିଚାଳନା କରୁଛନ୍ତି।




ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲା

## ଭୃଗୁ, ଗୋଲକଙ୍କ ଅନ୍ତରୀଣ ସୁରକ୍ଷା ଅବଧି ବୃଦ୍ଧି

**କଟକ ଅଫିସ, ୧୩।୫**

ଛତ୍ରପୁର କାଉନସିଲର ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲାରେ ଭାଜପା ନେତା ଭୃଗୁ ବକ୍ସିପାତ୍ର ଓ ଗୋଲକ ମହାପାତ୍ରଙ୍କ ଅନ୍ତରୀଣ ସୁରକ୍ଷା ଅବଧିକୁ ହାଇକୋର୍ଟ ବୃଦ୍ଧି କରିଛନ୍ତି। ହାଇକୋର୍ଟର ଗ୍ରୀଷ୍ମ ଅବକାଶ ପରେ ଉକ୍ତ ମାମଲାର ଶୁଣାଣି କରାଯିବ। ସୂଚନାଥାଉ କି, ଗଞ୍ଜାମ ଜିଲା ଛତ୍ରପୁର ଏନ୍ଏସିର କାଉନସିଲର ଲକ୍ଷ୍ମୀଦତ୍ତ ପ୍ରଧାନଙ୍କୁ ୨୦୧୭ ସେପ୍ଟେମ୍ବର ୧୬ ତାରିଖରେ ହତ୍ୟା କରାଯାଇଥିଲା। ଲକ୍ଷ୍ମୀଦତ୍ତଙ୍କ ଭାଇ ଦେବୀଦତ୍ତଙ୍କ ଅଭିଯୋଗକୁ ଆଧାର କରି ଛତ୍ରପୁର ପୋଲିସ ଭାଜପା ନେତା କୃଷ୍ଣ ନାୟକ ଓ ଏନ୍. ଦୁର୍ଯ୍ୟୋଧନ ରେଡ୍ଡୀଙ୍କୁ ମାମଲାରେ ପକ୍ଷଭୁକ୍ତ କରିଥିଲା। ଉଭୟଙ୍କୁ ଉତ୍ତରାଖଣ୍ଡ ରାଜ୍ୟର ଡେରାଡୁନ ଗେଷ୍ଟ ହାଉସରୁ ଗିରଫ କରାଯାଇଥିଲା। ଉକ୍ତ ମାମଲାରେ ପୋଲିସ ପୂର୍ବରୁ ଗୋଲକଙ୍କୁ ନୋଟିସ ଜାରି କରିଥିବାବେଳେ ପରବର୍ତ୍ତୀ ସମୟରେ ଭୃଗୁଙ୍କୁ ନୋଟିସ ଜାରି କରିଥିଲା। ଆଗୁଆ ଜାମିନ ପାଇଁ ଉଭୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ୫ ଜିଲାରେ ଘରୋଇ ସ୍କୁଲ ଫି’ ଛାଡ଼ ପାଇଁ ଏସ୍‌ଆର୍‌ସିଙ୍କ ଅପିଲ

**ଭୁବନେଶ୍ୱର, ୧୩।୫(ବ୍ୟୁରୋ)**

ବାତ୍ୟା ପ୍ରଭାବରେ ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାରେ ଅଧିକ କ୍ଷୟକ୍ଷତି ଘଟିଛି। ଏହି ୫ ଜିଲାର ଲୋକେ କିପରି ଯଥାଶୀଘ୍ର ସମସ୍ତ ପ୍ରକାର ସୁବିଧା ପାଇପାରିବେ, ସେଥିପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଠାରେ ଛାତ୍ରୀଛାତ୍ରଙ୍କ ବହି ସମେତ ବିଭିନ୍ନ ପାଠପଢ଼ା ସାମଗ୍ରୀ ଓ ୟୁନିଫର୍ମ ନଷ୍ଟ ହୋଇଯାଇଛି। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ଜିଲାଗୁଡ଼ିକରେ ଥିବା ସମସ୍ତ ଘରୋଇ ବିଦ୍ୟାଳୟରେ ସ୍କୁଲ ଫି’ ଛାଡ଼ କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ସ୍ୱତନ୍ତ୍ର ରିଲିଫ୍ କମିଶନର ବିଷ୍ଣୁପଦ ସେଠୀ ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ସୋମବାର ଅପିଲ କରିଛନ୍ତି। ଓଡ଼ିଶା ଅଭିଭାବକ ମହାସଂଘର ଅନୁରୋଧ କ୍ରମେ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ମହାସଂଘ ପକ୍ଷରୁ ସରକାରଙ୍କୁ ଧନ୍ୟବାଦ ଜଣାଯାଇଛି।

ସୂଚନାଯୋଗ୍ୟ, ଗତ ୧୧ତାରିଖରେ ମହାସଂଘ ପକ୍ଷରୁ ଏହି ୫ ଜିଲାର ସମସ୍ତ ସରକାରୀ ଓ ଘରୋଇ ବିଦ୍ୟାଳୟରେ ସ୍କୁଲ ଫି’ ଛାଡ଼ କରିବା ପାଇଁ ଏସ୍‌ଆର୍‌ସିଙ୍କ ନିକଟରେ ଦାବି ଉପସ୍ଥାପନା କରାଯାଇଥିଲା। ଏହାପରେ ସରକାରୀ ସ୍କୁଲ ଫି’ ଓ ପରୀକ୍ଷା ଫି’ ଛାଡ଼ ପାଇଁ ଘୋଷଣା କରାଯାଇଥିଲା। ଏଥିସହିତ ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳରେ ଦୁଇଟି ଓ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳରେ ପ୍ରାଥମିକ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଅତିରିକ୍ତ ଗୋଟିଏ ହଳ ୟୁନିଫର୍ମ ଦେବା ପାଇଁ ଯୋଜନା ହୋଇଛି। ତେବେ ବର୍ତ୍ତମାନ ଘରୋଇ ବିଦ୍ୟାଳୟରେ ଫି’ ଛାଡ଼ ପାଇଁ ରାଜ୍ୟ ସରକାର ସ୍କୁଲ କର୍ତ୍ତୃପକ୍ଷଙ୍କ ନିକଟରେ ଅପିଲ କରିଛନ୍ତି। ଘରୋଇ ବିଦ୍ୟାଳୟଗୁଡ଼ିକ ରାଜ୍ୟ ସରକାରଙ୍କ ଅପିଲକୁ ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଏଭଳି ହେଲେ କ୍ଷତିଗ୍ରସ୍ତ ୫ ଜିଲାରେ ଥିବା ସମସ୍ତ ଓଡ଼ିଆ ଓ ଇଂଲିଶ ମିଡିୟମ୍ ଘରୋଇ ବିଦ୍ୟାଳୟ ଛାତ୍ରୀଛାତ୍ର ଉପକୃତ ହେବେ।

# ଓଡ଼ିଶାକୁ ମିଳିଲା ୧୦୦୦ କିଲୋଲିଟର ମାଗଣା କିରୋସିନ

**ଭୁବନେଶ୍ୱର, ୧୩।୫(ବ୍ୟୁରୋ)**

ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ପ୍ରଭାବିତ ଜନସାଧାରଣଙ୍କ ପାଇଁ କେନ୍ଦ୍ର ସରକାର ମାଗଣାରେ ୧୦୦୦ କିଲୋଲିଟର(୧୦ ଲକ୍ଷ ଲିଟର) କିରୋସିନ ଯୋଗାଇ ଦେଇଛନ୍ତି। ଏ ବାବଦ ୩ କୋଟି ୨୦ ଲକ୍ଷ ଟଙ୍କା ବହନ କରିଛି ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଅଧୀନ ତୈଳ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ‘ଓଆଇଏଲ୍’। ଏନେଇ ଗତ ୧୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ। ସେହି ଅନୁରୋଧକୁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗ୍ରହଣ କରିବା ସହ ତାଙ୍କ ପରାମର୍ଶ ଅନୁଯାୟୀ ଓଆଇଏଲ ପକ୍ଷରୁ ସୋସିଆଲ ରେସପନ୍ସିବିଲିଟି (ସିଏସ୍‌ଆର) ଫଣ୍ଡରୁ ଉକ୍ତ ଅର୍ଥ ବ୍ୟୟ କରାଯାଇଛି। ଏ ବାବଦରେ ଓଆଇଏଲର ଜେନେରାଲ ମ୍ୟାନେଜର ରାଜୀବ ସିଂଘଲଙ୍କ ନେତୃତ୍ୱରେ ଏକପ୍ରତିନିଧି ମଣ୍ଡଳୀ ସୋମବାର ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି) ବିଷ୍ଣୁପଦ ସେଠୀଙ୍କୁ ୩.୨ କୋଟି ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଗତ ୧୧ ତାରିଖରେ ଏକ ଚିଠିରେ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ଗ୍ରହଣ କରାଯାଇଥିବା ଜଣାଇଥିଲେ। ଏହାବ୍ୟତୀତ ଅତିରିକ୍ତ ଭାବେ ୧୦୦୦ କିଲୋଲିଟର କିରୋସିନ ସରକାରୀ ବ୍ୟବସ୍ଥାରେ ନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏଥିପାଇଁ ଆବଶ୍ୟକ ଅନୁମତି ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିବା ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି। ସେହିପରି ବାତ୍ୟା ପରେ ରାଜ୍ୟକୁ ଆବଶ୍ୟକ ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜି ଯୋଗାଇ ଦିଆଯାଇଛି। ଓଡ଼ିଶାର କ୍ଷତିଗ୍ରସ୍ତ ଜିଲାଗୁଡ଼ିକୁ ପେଟ୍ରୋଲିୟମ ମନ୍ତ୍ରଣାଳୟ ଏବଂ ଏହା ଅଧୀନ ପିଏସ୍‌ୟୁଗୁଡ଼ିକ ପକ୍ଷରୁ ରିଲିଫ୍ କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରାଯିବ ବୋଲି ଧର୍ମେନ୍ଦ୍ର ଦର୍ଶାଇଥିଲେ।



ଓଆଇଏଲ୍‌ର ଅଧିକାରୀ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

- **ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ରକ୍ଷା କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର**
- **ସହଯୋଗ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ସିଏମ୍‌ଓର ଧନ୍ୟବାଦ**
- **ମାଗଣା କିରୋସିନ ବାବଦରେ ୩.୨କୋଟି ଟଙ୍କା ଦେଲା ଓଆଇଏଲ୍**

ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ବହୁଳ ଭାବେ କ୍ଷତିଗ୍ରସ୍ତ ପୁରୀ ଜିଲାରେ ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ ବଣ୍ଟନ ଏବଂ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ଜିଲାର ଶକ୍ତି ଭିତ୍ତିଭୂମି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ସବୁ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ତୁରନ୍ତ ସମ୍ଭବ ନୁହେଁ ବୋଲି ରାଜ୍ୟ ପ୍ରଶାସନ ଏବଂ କେନ୍ଦ୍ର ଶକ୍ତି ସଚିବ ସ୍ୱୀକାର କରିଛନ୍ତି। ତେଣୁ ଜିଲାବାସୀଙ୍କ ପାଇଁ କିରୋସିନର ଆବଶ୍ୟକତା ରହିଛି। ଏହି ମର୍ମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖିଥିଲେ। ରାଜ୍ୟର ପୂର୍ବ କୋଟା ସହ ଅତିରିକ୍ତ ୧୦୦୦ କିଲୋଲିଟର କିରୋସିନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ଅନୁରୋଧ କରିଥିଲେ। ପୁରୀ ଜିଲା ପାଇଁ ଏହା ଏକ ଜରୁରିକାଳୀନ ପରିସ୍ଥିତି ହୋଇଥିବାରୁ ତୈଳ କମ୍ପାନୀମାନେ ମାଗଣାରେ ଡିଲରମାନଙ୍କୁ କିରୋସିନ ଯୋଗାଇବା ପାଇଁ କୁହାଯାଇଥିଲା। ଏହା ଦ୍ୱାରା ଜନସାଧାରଣଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ କିରୋସିନ ବଣ୍ଟନ କରାଯାଇପାରିବ। ମେ’ ମାସରେ ପୂର୍ବ କୋଟା ସହ ଏହି ଅତିରିକ୍ତ କିରୋସିନ ବଣ୍ଟାଯିବ ବୋଲି ମୁଖ୍ୟମନ୍ତ୍ରୀ ପୂର୍ବରୁ କହିସାରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ରକ୍ଷା କରାଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଦିଆଯାଇଛି।

## ‘୭ ଦିନ ମଧ୍ୟରେ ସ୍ୱାଭାବିକ ହେବ ଭଏସ୍ କଲ୍ ସେବା’

**ଭୁବନେଶ୍ୱର, ୧୩।୫(ବ୍ୟୁରୋ)**

ଆସନ୍ତା ୭ ଦିନ ମଧ୍ୟରେ ଫନୀ ପ୍ରଭାବିତ ଅଞ୍ଚଳରେ ଭଏସ୍ କଲ୍ ସେବା ସ୍ୱାଭାବିକ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ର ଟେଲିକମ୍ ବିଭାଗର ବୈଠକ ପରେ ବିଭାଗୀୟ ଅତିରିକ୍ତ ସଚିବ ଏହି ସୂଚନା ଦେଇଛନ୍ତି। ସେହିଭଳି ବାତ୍ୟା ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ ସେବା ପୁନରୁଦ୍ଧାର ନେଇ ମଧ ଆଲୋଚନା କରାଯାଇଛି। କ୍ଷତିଗ୍ରସ୍ତ ଅଞ୍ଚଳରେ ଟେଲିକମ୍, ବିଦ୍ୟୁତ ଏବଂ ବ୍ୟାଙ୍କ୍ ସେବା ପୁନଃ ସଂସ୍ଥାପନା ନେଇ ସହଯୋଗ କରୁଥିବାରୁ ମୁଖ୍ୟମନ୍ତ୍ରୀ କେନ୍ଦ୍ରୀୟ ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି। ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଓଡ଼ିଶା ଉପକୂଳ ଅଞ୍ଚଳରେ ବିଦ୍ୟୁତ ଓ ଟେଲି ଯୋଗାଯୋଗ ଭିତ୍ତିଭୂମିକୁ ବିପର୍ଯ୍ୟୟ ପ୍ରତିରୋଧକ କରିବା ପାଇଁ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ସେହିପରି ଖୋର୍ଦ୍ଧା ଜିଲା ବାଘମାରୀ ନିକଟସ୍ଥ ଅଟ୍ରିଠାରୁ ପୁରୀ ପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ୨୨୦ କେ.ଭି. ଲାଇନର ପୁନରୁଦ୍ଧାର ପାୱର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିଃ ନେବ ବୋଲି ବୈଠକରୁ ଜଣାପଡ଼ିଛି। ଚଳିତ ମାସ ୩୧ ପର୍ଯ୍ୟନ୍ତ ଭାରତ ସରକାରଙ୍କ ସରକାରୀ ଉଦ୍ୟୋଗର କର୍ମଚାରୀମାନେ କ୍ଷତିଗ୍ରସ୍ତ ଟ୍ରାନ୍ସମିଶନ୍ ଏଣ୍ଡ ଡିଷ୍ଟ୍ରିବ୍ୟୁଶନ୍ ଲାଇନ୍ ପୁନଃ ସଂସ୍ଥାପନ ନିମନ୍ତେ ସହଯୋଗ ଜାରି ରଖିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବ୍ୟାଙ୍କ୍ ସେବା ସ୍ୱାଭାବିକ କରିବା ପାଇଁ ଟେଲିକମ୍ ବିଭାଗପକ୍ଷରୁ ମଧ ତ୍ୱରିତ ପଦକ୍ଷେପ ନିଆଯାଉଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ, କେନ୍ଦ୍ର ଶକ୍ତି ସଚିବ, ଉନ୍ନୟନ କମିଶନର, ଟେଲିକମ୍ ବିଭାଗର ଅତିରିକ୍ତ ସଚିବ, ଏନ୍‌ଟିପିସି ଅଧ୍ୟକ୍ଷ ଏବଂ ପିଜିସିଆଇଏଲ୍‌ର ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।

## ଦାୟିତ୍ୱରେ ଅବହେଳା: ୨ ଅଧିକାରୀ ନିଲମ୍ବିତ

**ପୁରୀ ଅଫିସ, ୧୩।୫**

ଦାୟିତ୍ୱରେ ଅବହେଳା କରିବା ଅଭିଯୋଗରେ ପୁରୀ ଜିଲାର ୨ଜଣ ଅଧିକାରୀଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ କଣାସ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ବୀରବର ସେଠୀ ଏବଂ କୃଷ୍ଣପ୍ରସାଦର ଏଏଫ୍‌ଓ ମଧୁସୂଦନ ଗିରି। ଦାୟିତ୍ୱ ସମ୍ପାଦନ କରିବାରେ ଅବହେଳା, ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶ ନ ମାନିବା ଏବଂ ବାତ୍ୟା ସମୟରେ କାର୍ଯ୍ୟରେ ଅନୁପସ୍ଥିତ ଯୋଗୁ ସମ୍ପୃକ୍ତ ଅଧିକାରୀ ଦ୍ୱୟଙ୍କୁ ନିଲମ୍ବିତ କରାଯାଇଥିବା ସୋମବାର ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବାତ୍ୟାକୁ ନେଇ ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ କର୍ମଚାରୀଙ୍କ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଛୁଟି ବାତିଲ ଘୋଷଣା କରାଯାଇଛି। ଏପରି କି ସବୁ ସରକାରୀ ଅଫିସ ଶନିବାର, ରବିବାର ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ରିଲିଫ ଓ ପୁନରୁଦ୍ଧାର କାମରେ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଏପରି ସ୍ଥଳେ ଉପରୋକ୍ତ ଦୁଇ ଅଧିକାରୀ ବାତ୍ୟାବେଳେ କାର୍ଯ୍ୟରେ ଅନୁପସ୍ଥିତ ରହିଥିଲେ। ସେହିପରି ଜିଲା ସମାଜ ମଙ୍ଗଳ ଅଧିକାରୀ (ଡିଏସ୍‌ଡବ୍ଲ୍ୟୁଓ) କଲ୍ୟାଣୀ ଦେବୀଙ୍କୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ନୂଆ ଡିଏସ୍‌ଡବ୍ଲ୍ୟୁଓ ଭାବେ ପୁଷ୍ପାଞ୍ଜଳି ବେହେରା କାର୍ଯ୍ୟରେ ଯୋଗଦେଇଛନ୍ତି।

## ୨ ଭଉଣୀଙ୍କ ସଲିଳସମାଧି

**ରସାଳପୁର, ୧୩।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସଦର ଥାନା ରସାଳପୁର ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ପୋଖରୀରେ ବୁଡିଦୁଇସମ୍ପର୍କୀୟଭଉଣୀଙ୍କସଲିଳସମାଧି ଘଟିଛି। ମୃତକ ହେଲେ ମନୋରଞ୍ଜନ ଦାସଙ୍କ ଝିଅ ଉର୍ମିଳା (୧୫) ଓ ଭୁଜି ଦାସଙ୍କ ଝିଅ ପୂର୍ଣ୍ଣିମା (୧୪)।

ପୂର୍ବାହ୍ନ ପ୍ରାୟ ୧୦ଟାରେ ଦୁଇ ଭଉଣୀ ଘରଠାରୁ କିଛି ଦୂରରେ ଥିବା ଏକ ପୋଖରୀକୁ ବୁଢ଼ୀମା’ଙ୍କ ସହିତ ଗାଧୋଇବାକୁ ଯାଇଥିଲେ। ବୁଢ଼ୀମା’ ଗାଧୋଇ ଘରକୁ ଫେରି ଆସିଥିବା ବେଳେ ଦୁଇ ଭଉଣୀ ଗାଧୋଉଥିଲେ। ସେମାନଙ୍କ ଆସିବାରେ ବିଳମ୍ବ ହେବାରୁ ବୁଢ଼ୀମା’ ପୋଖରୀ ପାଖକୁ ଯାଇ ସେମାନଙ୍କୁ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଏ ବିଷୟରେ ସେ ବିଲରେ କାମ କରୁଥିବା ପିଲାଙ୍କ ମା’ବାପାଙ୍କୁ ଜଣାଇଥିଲେ। ବହୁ ଖୋଜାଖୋଜି କରି ନ ପାଇବାରୁ କିଛି ସମୟ ପରେ ଉକ୍ତ ପୋଖରୀରୁ ୨ଜଣଙ୍କୁ ଅଚେତ ଅବସ୍ଥାରେ ପାଇଥିଲେ। ଉଭୟଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସଦର ଥାନା ପକ୍ଷରୁ ୨ଟି ଅପମୃତ୍ୟୁ ମାମଲା (ନଂ. ୨୮/୧୯ ଓ ୨୯/୧୯) ରୁଜୁ ହୋଇଛି।

**ପୁରୀ ଜିଲାରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ**

# ସ୍ୱାସ୍ଥ୍ୟସେବା ପରଖିଲେ ସଚିବ

**ଭୁବନେଶ୍ୱର, ୧୩।୫(ବ୍ୟୁରୋ):** ବାତ୍ୟା କ୍ଷତିଗ୍ରସ୍ତ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଗାଁରେ ସୋମବାର ସ୍ୱାସ୍ଥ୍ୟସେବାର ସ୍ଥିତି ପରଖିଛନ୍ତି ବିଭାଗୀୟ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା। ଗାଁରେ ଥିବା ଆଶାକର୍ମୀଙ୍କ ସହିତ ଆଲୋଚନା କରି ଔଷଧ ବିତରଣ ଓ ପରିମଳ ସଂକ୍ରାନ୍ତରେ ଅନୁଧ୍ୟାନ କରିବା ସହ ଘର ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ଉପରେ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଯେଭଳି କୌଣସି ସ୍ଥାନରେ ମହାମାରୀ ନ ବ୍ୟାପିବ, ସେଥିପାଇଁ ଯଥେଷ୍ଟ ଧ୍ୟାନ ଦିଆଯାଉଛି। ଲୋକଙ୍କୁ ବିଶୁଦ୍ଧ ଜଳ ଯୋଗାଣ ସହିତ ଗାଁ ପରିମଳ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଗାଁ କଲ୍ୟାଣ ସମିତିଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ବିଭାଗର କ୍ଷେତ୍ରସ୍ତରୀୟ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଳ ସ୍ତରରେ କିଭଳି କାର୍ଯ୍ୟ ଚାଲିଛି, ତାହାର ତଦାରଖ ଲାଗି ସୋମବାର ଶାସନ ସଚିବଙ୍କ ସହିତ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ମଧ କୃଷ୍ଣପ୍ରସାଦ ବ୍ଲକ ଗସ୍ତ କରିଛନ୍ତି। ଶାଳିନୀ ପଣ୍ଡିତ ଘର ଘର ବୁଲି ଲୋକଙ୍କୁ ହାଲୋଜିନ୍ ବଟିକା, ଓଆର୍‌ଏସ୍ ପ୍ୟାକେଟ୍ ସହ ଜିଙ୍କ୍ ଓ କ୍ଲୋରିନ୍ ବଟିକା ଆଦି ବଣ୍ଟନ କରିଛନ୍ତି।

ସେହିପରି ବ୍ରହ୍ମଗିରି ବ୍ଲକକୁ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ସଚିବ ମାନସ ପାଢ଼ୀ ଓ ଉପସଚିବ ରାଜେଶ ଅଗ୍ରୱାଲ ଯାଇଥିବା ବେଳେ ସତ୍ୟବାଦୀକୁ ବିଭାଗୀୟ ଯୁଗ୍ମ ସଚିବ ଯାମିନୀ ଷଡ଼ଙ୍ଗୀ ଓ ଉପସଚିବ ଦୁର୍ଗେଶ ନନ୍ଦିନୀ ସାହୁ, କଣାସକୁ ଉପସଚିବ ଜସ୍ମିନ ପଟ୍ଟନାୟକ ଓ ସ୍ୱତନ୍ତ୍ର ସଚିବ ଶରତ ମିଶ୍ର ଏବଂ ଗୋପ ବ୍ଲକକୁ ଯୁଗ୍ମ ସଚିବ ସ୍ମିତା ବିଶ୍ୱାଳ ଓ ଉପସଚିବ ମମତା ବାରିକ ଯାଇଛନ୍ତି। ବିଭିନ୍ନ ବ୍ଲକରେ ସ୍ୱାସ୍ଥ୍ୟସେବା ଅନୁଧ୍ୟାନ ପାଇଁ ଡାକ୍ତରୀଦଳ ମଧ ଯାଇଛନ୍ତି। ଏହି ଟିମ୍ କ୍ଷେତ୍ର ସ୍ଥଳକୁ ଯାଇ ବାତ୍ୟା ପରବର୍ତ୍ତୀ ସ୍ଥିତିରେ ଲୋକେ କିଭଳି ସ୍ୱାସ୍ଥ୍ୟସେବା ପାଉଛନ୍ତି, ତାହା ଅନୁଧ୍ୟାନ କରିଛନ୍ତି। ବାତ୍ୟାଞ୍ଚଳରେ ବଣ୍ଟନ ଲାଗି ୨୯ଲକ୍ଷ ଓଆର୍‌ଏସ୍ ପ୍ୟାକେଟ୍ ଓ ୨୪ଲକ୍ଷ ହାଲୋଜିନ୍ ବଟିକା ଯୋଗାଇ ଦିଆଯାଇଛି। ସେଗୁଡ଼ିକ ଲୋକଙ୍କ ପାଖରେ କିଭଳି ଭାବେ ପହଞ୍ଚିଛି, ସଚିବ ଓ ବରିଷ୍ଠ ଅଧିକାରୀମାନେ ତାହା ଦେଖିଥିଲେ। ସେହିଭଳି ବାତ୍ୟାରେ ୧୦୩୨ ସ୍ୱାସ୍ଥ୍ୟ ଅନୁଷ୍ଠାନ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସେଥିରୁ ୩୦୦ରୁ ଅଧିକ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ବ୍ୟବହାର ଉପଯୋଗୀ କରାଯାଇପାରିଛି। ବାତ୍ୟା ପ୍ରପୀଡ଼ିତଙ୍କ ପାଇଁ ୭୦୩ ମେଡିକାଲ ରିଲିଫ୍ ସେଣ୍ଟର(ଏମ୍‌ଆର୍‌ସି) ଖୋଲାଯାଇ ୧୦ହଜାରରୁ ଅଧିକ ଆହତଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଛି। ଏହାବ୍ୟତୀତ ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ୧୮୪ ମେଡିକାଲ ଟିମ୍ ମୁତୟନ ହୋଇଥିବା ବେଳେ ପୁରୀ ଓ ଖୋର୍ଦ୍ଧା ଜିଲାର ବିଭିନ୍ନ ବ୍ଲକରେ ଆଉ ୨୦ଜଣ ଡାକ୍ତର ଓ ୨୦୦ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କୁ ମୁତୟନ କରାଯାଇଛି। ଏଥିପାଇଁ ବିଭିନ୍ନ ଜିଲାରୁ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଅଣାଯାଇଛି।

SIHM
JOINTLY DEVELOPED BY
GOVT. OF INDIA & GOVT. OF ODISHA
NCHMCT
STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
Ph. No. 06652 - 230730/31, 9437030720, 9437140772, 6370180040
website - www.sihmbalangir.org, e-mail: principal@sihmbalangir.org
ADMISSIONS OPEN

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. Diploma In Front Office Operation | 1½ Year | 10+2 pass or equivalent | 25 Years as on 1st July 2019 for General/ OBC candidates & 28 Years for SC/ST candidates |
| 2. Diploma In Food & Beverage Service | 1½ Year | 10+2 pass or equivalent | |
| 3. Diploma In Food Production | 1½ Year | 10+2 pass or equivalent | |
| 4. Diploma In Housekeeping Operation | 1½ Year | 10+2 pass or equivalent | |
| 5. Craftsmanship Certificate Course In Food & Beverage Service | 06 Months | 10th pass | |
| 6. Craftsmanship Certificate Course In Food Production | 1½ Year | 10th pass | |

FOR ADMISSIONS INTO 3Yrs DEGREE PROGRAMME (B.Sc In HHA) CONTACT AFTER 5th JULY 2019.

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ରୋହନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ଜୁନିୟର ମଡେଲ ଇଣ୍ଟରନ୍ୟାଶନାଲ ୨୦୧୯

# ଭାରତରୁ ପ୍ରତିନିଧିତ୍ୱ କରିବେ ଶ୍ରୀବାଲି ଦାସ

ଭୁବନେଶ୍ୱର,୧୩।୫(ବ୍ୟୁରୋ)

ଜୁନିୟର ମଡେଲ ଇଣ୍ଟରନ୍ୟାଶନାଲ ୨୦୧୯ରେ ବିଶ୍ୱସ୍ତରରେ ଭାରତରୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି ଓଡ଼ିଆ ଝିଅ ଶ୍ରୀବାଲି ଦାସ। ଏହାସହ ସେ କେରଳ କାଲିକଟ୍‌ଠାରେ ଆୟୋଜିତ ଅନ୍ତର୍ଜାତୀୟ ଜୁନିୟର ସୁନ୍ଦରୀ ପ୍ରତିଯୋଗିତାର ବିଜେତା ହୋଇଛନ୍ତି। ୯ ବର୍ଷୀୟା ଶ୍ରୀବାଲି ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସମସ୍ତଙ୍କୁ ପଛରେ ପକାଇ ବେଷ୍ଟ ଟ୍ୟାଲେଣ୍ଟ ଓ ବେଷ୍ଟ ନ୍ୟାଶନାଲ କଷ୍ଟ୍ୟୁମ୍ ଟାଇଟଲ୍ ମଧ୍ୟ ଜିତିଛନ୍ତି। ପ୍ରତିଯୋଗିତାରେ ନ୍ୟାଶନାଲ ଟାଇଟଲ ଜିତିବା ପରେ ଦୁବାଇରେ ଅନୁଷ୍ଠିତ ହେବାକୁ ଥିବା ଜୁନିୟର ମଡେଲ ଇଣ୍ଟରନ୍ୟାଶନାଲ ୱାର୍ଲଡ ଫାଇନାଲରେ ଭାଗନେବାକୁ ସେ ମନୋନୀତ ହୋଇଛନ୍ତି।

ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲରେ ଷ୍ଟାଣ୍ଡାର୍ଡ ୪ରେ ପଢୁଥିବା ଶ୍ରୀବାଲି ପିଲାବେଳୁ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତରେ ପାରଙ୍ଗମ। ଏହାସହ ଫ୍ୟାଶନ ଓ ମଡେଲିଂ ପ୍ରତି ତାଙ୍କର ଦୁର୍ବଳତା ରହିଛି। କେବଳ ଏତିକି ନୁହେଁ, ପିଆନୋ ବାଦନ ସହ ଅଭିନୟ ଓ ମଞ୍ଚ ଉପସ୍ଥାପନା କରିବାରେ ମଧ୍ୟ ସେ ଉତ୍କର୍ଷ ପ୍ରତିପାଦନ କରିପାରିଛନ୍ତି। ପୂର୍ବରୁ ଶ୍ରୀବାଲି ବହୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଛନ୍ତି। ନିଜର ଏହି ସଫଳତା ପାଇଁ ସେ ମା', ବାପା, ଗୁରୁଜନଙ୍କ ସହ ଶିକ୍ଷୟିତ୍ରୀ, ଶିକ୍ଷକ ଓ ସଙ୍ଗୀତ ଗୁରୁଙ୍କୁ ଶ୍ରେୟ ଦେଇଛନ୍ତି।

# କାର-ବାଇକ ଧକ୍କା, ୩ ମୃତ

- ନବଜାତ ଶିଶୁ ସମେତ ୨ଗୁରୁତର
- ଦୁର୍ଘଟଣାଗ୍ରସ୍ତ କାର, ୱିଙ୍ଗର ଗାଡିକୁ ଲୋକେ ଜାଳିଦେଲେ

ଉଲୁଣ୍ଡା, ୧୩।୫(ଡି.ଏନ.ଏ.)

ସୋନପୁର-ସମ୍ବଲପୁର ମୁଖ୍ୟରାସ୍ତାର ଏସ୍.ପତ୍ରାପାଲି ଛକ ନିକଟରେ ସୋମବାର ସନ୍ଧ୍ୟା ପ୍ରାୟ ୬ଟାରେ ଏକ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ନବଜାତ ଶିଶୁ ସମେତ ଅନ୍ୟ ୨ଜଣ ଗୁରୁତର ଅଛନ୍ତି। ମୃତକମାନେ ହେଲେ ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଭତ୍ରା ଗ୍ରାମର ପବନ ବାଘ(୨୮), ନରେଶ ବିଶି(୩୦) ଏବଂ ନନ୍ଦନମାଲ ଗ୍ରାମର ହରିପ୍ରିୟା ସା। ହରିପ୍ରିୟାଙ୍କ ନବଜାତ ଶିଶୁ ସମେତ ମଧୁସୂଦନ ସେଠ ଗୁରୁତର ଅବସ୍ଥାରେ ବୁର୍ଲା ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ୩ ଦିନ ତଳେ ହରିପ୍ରିୟାଙ୍କ ସମ୍ବଲପୁରସ୍ଥିତ ଘରୋଇ ନର୍ସିଂହୋମରେ ଏକ ଶିଶୁ ଜନ୍ମ ହୋଇଥିଲା। ସୋମବାର ତାଙ୍କୁ ଡିସ୍‌ଚାର୍ଜ କଲାପରେ କାର ଯୋଗେ ସେ ନିଜ ସମ୍ପର୍କୀୟଙ୍କ ସହ ନିଜ ଶଶୁର ଘର ସୁବର୍ଣ୍ଣପୁର ଜିଲା କୁଶାଦାଦରକୁ ଫେରୁଥିଲେ। ଏହି ସମୟରେ ଭତ୍ରା ଗ୍ରାମରୁ ଏକ ବରଯାତ୍ରୀ ଦଳ କେଉଟିପାଲିକୁ ଆସିଥିଲେ । ସେହି ବରଯାତ୍ରୀ ଦଳରେ ଭତ୍ରା ଗ୍ରାମର ପବନ, ନରେଶ ଏବଂ ମଧୁସୂଦନ ଏକ ନମ୍ବର ବିହୀନ ବାଇକରେ ଆସି ଫେରୁଥିବା ବେଳେ ଉକ୍ତ କାର ସହିତ ତାଙ୍କ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ଉଦ୍ଧାର କରାଯାଇ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ବାଇକ ଆରୋହୀ ପବନ, ନରେଶ ଏବଂ କାରରେ ଥିବା ହରିପ୍ରିୟାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ହରିପ୍ରିୟାଙ୍କ ନବଜାତ ଶିଶୁ, ବାଇକ ଆରୋହୀ ମଧୁସୂଦନଙ୍କ ସମେତ କାରରେ ଥିବା ଅନ୍ୟ ଯାତ୍ରୀ ଗୁରୁତର ହୋଇଥିଲେ। ଏହି ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ବରଯାତ୍ରୀ ଦୁର୍ଘଟଣା ଘଟାଇଥିବା କାରକୁ ଜାଳି ଦେଇଥିଲେ। ପରେ ଘଟଣାସ୍ଥଳରେ ବୀରମହାରାଜପୁର ଚମ୍ପାମାଲ ଗ୍ରାମର ଗୌରହରି ହୋତା ନାମକ ଜଣେ ବ୍ୟକ୍ତି ପହଞ୍ଚି ଫଟୋ ଉତ୍ତୋଳନ କରୁଥିବା ବେଳେ ତାଙ୍କୁ ମଧ୍ୟ ଉତ୍ତ୍ୟକ୍ତ ଲୋକେ ନିସ୍ତୁକ ମାଡ ମାରିବା ସହ ତାଙ୍କ ୱିଙ୍ଗର ଗାଡିକୁ ପୋଡ଼ିଦେଇଥିଲେ। ଏପରି କି ତାଙ୍କ ପାଖରେ ଥିବା ମୋବାଇଲ ଏବଂ ୧୦ ହଜାର ଟଙ୍କା ଲୁଟିନେଇଥିବା ଗୌରହରି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଖବର ପାଇ ବିନିକା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଜଳୁଥିବା କାର ଏବଂ ୱିଙ୍ଗର ଗାଡିର ନିଆଁକୁ ଆୟତ୍ତ କରିଥିଲେ। ଉଲୁଣ୍ଡା ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ବରଯାତ୍ରୀ ଦଳର ଜଣକୁ ଥାନାରେ ଅଟକ ରଖିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବନ୍ଧୁଙ୍କ ଭୁଲ୍ ବୁଝାମଣା କାରଣରୁ ମାନସିକ ଅଶାନ୍ତିର ସମ୍ମୁଖୀନ ହୋଇପାରନ୍ତି। ତଥାପି ଅର୍ଥ ଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ କେତେକାଂଶରେ ମନକୁ ବୁଝାଇବାରେ ସମର୍ଥ ହେବେ। ଅଫିସ୍ କାମରେ ଏପରିକି ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରିନେବେ।

**ବୃଷ** ସାମାଜିକ ସ୍ତରରେ ଭଲ କଥା କହିଲେ ମଧ୍ୟ ଅନ୍ୟମାନେ ଭୁଲ୍ ବୁଝିବେ। ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ। ଭ୍ରମଣହେତୁକ କ୍ଳାନ୍ତି ଅନୁଭବ କରିପାରନ୍ତି । ବିଭିନ୍ନ ସମସ୍ୟା ମଧ୍ୟରେ ମନରେ ସବୁବେଳେ ଟେନ୍‌ସନ ଲାଗି ରହିବ। ଆକସ୍ମିକ ଆବଶ୍ୟକତା କାରଣରୁ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢ଼ାଇଦେବ।

**ମିଥୁନ** ଆପଣଙ୍କୁ ଋଣ ପରିଶୋଧ କରିବା ସକାଶେ ମାନସିକ ସ୍ତରରେ ବ୍ୟଗ୍ରତା ପ୍ରକାଶ ପାଇବ। କର୍ମକ୍ଷେତ୍ରରେ,ବ୍ୟବସାୟରେ,ପାରିବାରିକ ସମସ୍ୟା ସମାଧାନରେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣକଲେ ମନ୍ଦ ହେବନି। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ, କିନ୍ତୁ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ** ଘର କଥା ଓ ଆର୍ଥିକ ସମସ୍ୟା ନେଇ ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ଼ କରି ସହକର୍ମୀମାନେ କଳହର ମାତ୍ରାକୁ ବଢ଼ାଇବେ। ଅବଶ୍ୟ ପରକ୍ଷଣରେ ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ । ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ କ୍ଷତିରେ ପଡ଼ିବେ।

**ସିଂହ** ସମସ୍ୟା ଲାଗି ରହିଥିଲେ ମଧ୍ୟ ମନରେ ସାହସ ବାନ୍ଧି କୌଣସି କାମ ଆରମ୍ଭକରି ଅବଶ୍ୟ ସଫଳତା ପାଇବେ। ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟିକଲେ ମଧ୍ୟ ଅନ୍ୟମାନେ ସନ୍ତୁଷ୍ଟ ହେବେ ନାହିଁ ବରଂ ଓଲଟି ନିନ୍ଦାଗାନ କରିବେ। କିନ୍ତୁ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଅର୍ଥ ଲାଭ ସାଙ୍ଗକୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**କନ୍ୟା** ବହୁଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନକୁ ଭାରାକ୍ରାନ୍ତ କରିବ। ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବା ସମ୍ଭାବନା ରହିଛି। ଗୃହସଜ୍ଜା,ଗାଡ଼ି ମରାମତି କରିବାରେ ମନୋନିବେଶ କରିବେ। ଅନ୍ୟମାନଙ୍କ ସହ ସମ୍ପର୍କକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ଅଶାନ୍ତି ସୃଷ୍ଟି ହୋଇପାରେ।

**ତୁଳା** ମନ ଅସ୍ଥିର ରହିବା କାରଣରୁ ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ଝଡ଼ ଉଠିପାରେ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଘରର ବରାଦ ଅନୁସାରେ ଫେରିବା ବାଟରୁ ମୂଲ୍ୟବାନ୍ ଦ୍ରବ୍ୟ ଆଣିପାରନ୍ତି। ମହିଳାମାନେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ବିଛା** ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ଅଭାବ ଦୂରେଇବାର ପ୍ରୟାସ କଲେ ମଧ୍ୟ ଧାରକରଜ କରି ଆବଶ୍ୟକତା ଚଳାଇନେବେ। କ୍ରୀଡ଼ା, କଳା ,ସାହିତ୍ୟ , ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ, କିନ୍ତୁ କିଛି ଅସୁବିଧା ହେବନି । କିନ୍ତୁ ପରିବହନ ଓ ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ମନ ଭଲ ନ ଥିବା କାରଣରୁ କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ପରିବାରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ। ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ନିଜ ନିଜର ସ୍ଥାନରେ ବେଶ୍ ଖୁସି ରହିବେ। ରାଜନୀତିରେ ଓ ସାଙ୍ଗଠନିକ କ୍ଷେତ୍ରରେ ବହୁତ ଜନକଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହେବେ।

**ମକର** କର୍ମକ୍ଷେତ୍ରରେ ମଧ୍ୟ ସମସ୍ୟାରୁ ମୁକୁଳିଯାଇପାରନ୍ତି। ସାୟାହ୍ନରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ୍ ହେବେ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିପାରନ୍ତି, ଏଣୁ ସତର୍କ ରହିବା ଭଲ। ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ।

**କୁମ୍ଭ** ସବୁ କାମ ଘାତପ୍ରତିଘାତ ମଧ୍ୟ ଦେଇ ସମ୍ପନ୍ନ ହେବା ସମ୍ଭାବନା ରହିଛି। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଭ୍ରମଣଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି। ପରିବହନ ଓ ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ ।

**ମୀନ** ଆଜିର କର୍ମକ୍ଷେତ୍ରରେ ସହକର୍ମୀଟି ସହ ବିବାଦ ବୃଦ୍ଧି ହୋଇପାରେ। ସ୍ୱାସ୍ଥ୍ୟ ମଧ୍ୟ ବିଶେଷ ଭଲ ରହି ନ ପାରେ। ଆତ୍ମୀୟମାନେ ବିଶ୍ୱାସଘାତକତା କରିପାରନ୍ତି। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଯାତ୍ରା, ବ୍ୟବସାୟ, ମାଲି ମକଦ୍ଦମା, ସଙ୍ଗଠନ, ଲେଖାପଢ଼ା ଓ ଜମିଜମା କାରବାରରେ କିଛିଟା ସାମୟିକ ସମସ୍ୟା ଲାଗି ରହିବ।

ଆଜି ବୈଶାଖ ଶୁକ୍ଳପକ୍ଷ ଦଶମୀଯୁକ୍ତ ଏକାଦଶୀ ମଙ୍ଗଳବାର, ମାସାନ୍ତ, ମେ ୧୪ ତାରିଖ, ଅଦ୍ୟ ମୁକ୍ତିମଣ୍ଡପ ଆନୁକୂଲ୍ୟରେ ସିଂହଦ୍ୱାରେ ମହାବିଷ୍ଣୁ ଯଜ୍ଞ ଆରମ୍ଭ, ଯଶୋବନ୍ତ ଦାସଙ୍କ ଆବିର୍ଭାବ, ବିଶ୍ୱ ଶ୍ୱାସ ଦିବସ (ମେ ଦ୍ୱିତୀୟ ମଙ୍ଗଳବାର), ରାଶି ନକ୍ଷତ୍ର-ଦିବା ଘ୯ ।୧୮ମି., ଉତ୍ତରାଫାଲ୍‌ଗୁନୀ/ସିଂହ, ଦଶମୀର ଏକୋଦ୍ଦିଷ୍ଟ ଓ ଏକାଦଶୀର ପାର୍ବଣ ଶ୍ରାଦ୍ଧ, ମକର ରାଶିର ଘାତବାର। ଦିବା ଘ୮ ।୨୫ମି. ଗତେ ଘ୧୦ ।୦୦ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୦୦ମି. ଗତେ ଘ୧୧ ।୩୫ମି. ମଧ୍ୟେ ମାହେନ୍ଦ୍ର ବେଳା।

## କ୍ଷୟକ୍ଷତି...

ପରିଦର୍ଶନ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ବିବେକ ଭରଦ୍ୱାଜଙ୍କ ନେତୃତ୍ୱରେ ଏକ ଟିମ୍ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଅରଖକୁଦ ଓ ବ୍ରହ୍ମଗିରି ବ୍ଲକର ହାସିନୀପୁର ଗ୍ରାମ ପରିଦର୍ଶନ କରିଛନ୍ତି। ଟିମ୍ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିବା ସହ ବିପନ୍ନଙ୍କୁ ଭେଟି ସେମାନଙ୍କ ଦୁର୍ଦ୍ଦଶା ସମ୍ପର୍କରେ ପଚାରିଥିଲେ। ସେମାନଙ୍କୁ ରିଲିଫ ମିଳିଛି କି ନାହିଁ, ବାତ୍ୟା ପରେ କି ଅସୁବିଧା ହେଉଛି, ଥଇଥାନ ବ୍ୟବସ୍ଥା ଆଦି ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଅଧିନରେ ଥିବା ପାନୀୟ ଓ ପରିମଳ ବିଭାଗ ନିର୍ଦ୍ଦେଶକ ଅଜୟ କୁମାରଙ୍କ ନେତୃତ୍ୱରେ ଅନ୍ୟ ଏକ ଟିମ୍ ଖୋର୍ଦ୍ଧା ଜିଲାର ଜଟଣୀ ପୌରାଞ୍ଚଳ ପରିଦର୍ଶନ କରିଥିଲେ। ହରିପୁର, ବେଣାପଞ୍ଜାରୀ, ଅରୁଗୁଳ ଏବଂ ଜଟଣୀ ଅଞ୍ଚଳ ବୁଲି କ୍ଷୟକ୍ଷତିର ଆକଳନ କରିଛନ୍ତି। ଏଥିସହ ନିମାପଡା ଓ ଭୁବନେଶ୍ୱର ବ୍ଲକର କିଛି ଅଞ୍ଚଳ ମଧ୍ୟ ପରିଦର୍ଶନ କରିଛନ୍ତି।

ପୂର୍ବାହ୍ନରେ ୫ଜଣିଆ ଟିମ୍ ଭୁବନେଶ୍ୱରରୁ ସିଧା କୃଷ୍ଣପ୍ରସାଦ ବ୍ଲକରେ ପହଞ୍ଚିଥିଲେ। ବ୍ଲକର ଅରଖକୁଦା ଗାଁକୁ ଯାଇ କ୍ଷତିଗ୍ରସ୍ତ ଲୋକଙ୍କ ସହ କଥା ହୋଇଥିଲେ। ବର୍ତ୍ତମାନ ସ୍ଥିତି କ'ଣ ରହିଛି, ସେମାନେ କ'ଣ ଖାଉଛନ୍ତି, ପ୍ରଶାସନ ପକ୍ଷରୁ କି ପ୍ରକାର ସହାୟତା ମିଳିଛି ଆଦି ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ଏଥିସହ ଲୋକଙ୍କ ଭଙ୍ଗାଘର ଭିତରେ ପଶି ବୁଲି ଦେଖିଥିଲେ। ଅନେକ ଘର ମାଟିରେ ମିଶିଯାଇଥିବାବେଳେ ବହୁ ଘର ଭାଙ୍ଗିପଡ଼ିଛି। ଲୋକେ ଘେର ହୋଇ ବାତ୍ୟା ଆଶ୍ରୟସ୍ଥଳରେ ରହୁଥିବା କହିଥିଲେ। ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ରିଲିଫ ହିଁ ଏକମାତ୍ର ଭରସା ପାଲଟିଛି। ୫୦ କେଜି ଚାଉଳ ଓ ୨ହଜାର ଲେଖାଏ ଟଙ୍କା ବଣ୍ଟାଯାଇଥିବା ଲୋକେ ଟିମ୍ ସଦସ୍ୟମାନଙ୍କୁ ଜଣାଇଥିଲେ। ବିଶେଷକରି ଅରଖକୁଦା ଗ୍ରାମବାସୀ ଚିଲିକାରେ ମାଛ ମାରି ପରିବାର ପ୍ରତିପୋଷଣ କରିଥାନ୍ତି। କିନ୍ତୁ ପ୍ରାୟ ୧୫ଦିନ ହେବ ସେମାନେ ମାଛ ମାରିବାକୁ ଯାଇପାରୁ ନାହାନ୍ତି। ଅନେକ ଲୋକଙ୍କ ଡଙ୍ଗା, ଜାଲ ସବୁକିଛି ନଷ୍ଟ ହୋଇଯାଇଛି। ଏଥିସହ କାଜୁ, ଝାଉଁ, ୟୁକାଲିପଟାସ ଭଳି ବହୁ ମୂଲ୍ୟବାନ ଗଛ ନଷ୍ଟ ହୋଇଯାଇଛି। ଏପର୍ଯ୍ୟନ୍ତ ଲୋକେ ଅଣ୍ଟା ସଳଖି ପାରିନାହାନ୍ତି ବୋଲି କେନ୍ଦ୍ରୀୟ ଟିମ୍‌କୁ ଜଣାଇଥିଲେ। ଏହାପରେ ଏହି ଟିମ୍ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିଥିଲେ। ସେଠାରେ ଥିବା ଲୋକଙ୍କ ଖାଦ୍ୟପେୟ ଓ ରହିବା ବ୍ୟବସ୍ଥା କଥା ପଚାରି ବୁଝିଥିଲେ। ଅରଖକୁଦାରୁ ଏହି ଟିମ୍ ବ୍ରହ୍ମଗିରି ବ୍ଲକ ଗସ୍ତ କରିଥିଲେ। ଭୁବନପୁର ପଞ୍ଚାୟତର ହାସିନୀପୁର ଗାଁରେ ପହଞ୍ଚି ଗ୍ରାମବାସୀ ବସନ୍ତ କୁମାର ଭୋଳ, ବୀରକିଶୋର ଭୋଳ ପ୍ରମୁଖଙ୍କ ସହ କଥା ହୋଇଥିଲେ। ବାତ୍ୟାରେ କ'ଣ ସବୁ କ୍ଷତି ହୋଇଛି, ବର୍ତ୍ତମାନର ସ୍ଥିତି ଓ ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ କାଜୁ, ନଡ଼ିଆ, ଧାନଚାଷ କ୍ଷୟକ୍ଷତି ସଂକ୍ରାନ୍ତରେ ମଧ୍ୟ ଗ୍ରାମବାସୀଙ୍କୁ ପଚାରିଥିଲେ। କ୍ଷୟକ୍ଷତି ଏତେ ବ୍ୟାପକ ମାତ୍ରାରେ ହୋଇଛି ଯେ, ସେମାନଙ୍କ ଗାଁ ୩୦ବର୍ଷ ତଳକୁ ଚାଲିଯାଇଛି ବୋଲି ଗ୍ରାମବାସୀ କହିଥିଲେ। ଗାଁରେ ଏକ ବାତ୍ୟା ଆଶ୍ରୟସ୍ଥଳୀର ଆବଶ୍ୟକତା ଥିବା ମଧ୍ୟ ଜଣାଇଥିଲେ। ସେହିପରି ଭୁବନପୁର ପଞ୍ଚାୟତର ଶାହାଜାନପୁର ଗାଁ ବୁଲି ଦେଖିବା ସହ ବିପନ୍ନଙ୍କୁ ସେମାନଙ୍କ ସମସ୍ୟା, ବିଦ୍ୟୁତ ସେବା, କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ। ତୁରନ୍ତ ଥଇଥାନ ନିମନ୍ତେ ଗ୍ରାମବାସୀ ଗୁହାରି ଜଣାଇଥିଲେ। ଶାହାଜାନପୁରର ରଶ୍ମିରଞ୍ଜନ ସାମନ୍ତ ସିଂହାର କହିଛନ୍ତି, କେନ୍ଦ୍ରୀୟ ଟିମ୍ ଆମ ଗାଁର ସ୍ଥିତି ଅନୁଧ୍ୟାନ କରିଯାଇଛନ୍ତି। 'ଫନୀ'କୁ ଜାତୀୟ ବିପତ୍ତି ଭାବେ ଘୋଷଣା କଲେ ଆମେ ବେଶ୍ ଉପକୃତ ହେବୁ। ପରେ ଉକ୍ତ ଟିମ୍ ବୀରକର୍ଣ୍ଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ। ବିଦ୍ୟାଳୟ ଗୃହ ଭାଙ୍ଗିରୁଜିଯାଇଥିବା ଦେଖି ପୁରୀରେ ପହଞ୍ଚିଥିଲେ। ଅପରାହ୍ନରେ ବଳିଆପଣ୍ଡା ବସ୍ତିକୁ ଯାଇ ବାତ୍ୟାରେ ହୋଇଥିବା କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଭରଦ୍ୱାଜଙ୍କ ସମେତ ଏହି ଟିମ୍‌ରେ ଶକ୍ତି ମନ୍ତ୍ରଣାଳୟର ମୁଖ୍ୟଯନ୍ତ୍ରୀ ବିବେକ ଗୋଏଲ, ମୁଖ୍ୟ ନାରିକେଳ ଉନ୍ନୟନ ଅଧିକାରୀ ସରଦିନ୍ଦୁ ଦାସ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରଣାଳୟର ମୁଖ୍ୟଯନ୍ତ୍ରୀ ରାକେଶ କୁମାର ସାମି, ବିତ୍ତ ମନ୍ତ୍ରଣାଳୟର ଯୁଗ୍ମ ନିର୍ଦ୍ଦେଶକ ସୁରଜ କୁମାର ପ୍ରଧାନ ପ୍ରମୁଖ ସାମିଲ ଥିଲେ। କେନ୍ଦ୍ରୀୟ ଟିମ୍‌ର ପରିଦର୍ଶନ ଅବସରରେ ଶିଳ୍ପ ସଚିବ ସଞ୍ଜିବ ଚୋପ୍ରା, ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ, ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ବିଡିଓ ଏବଂ ତହସିଲଦାର ଉପସ୍ଥିତ ଥିଲେ।

କେନ୍ଦ୍ରୀୟ ଟିମ୍ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଯିବା ପୂର୍ବରୁ ସୋମବାର ସକାଳେ ସ୍ୱତନ୍ତ୍ର ରିଲିଫ କମିଶନର (ଏସଆରସି) ବିଷ୍ଣୁପଦ ସେଠୀ ଏବଂ ଅନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏସଆରସି କେନ୍ଦ୍ରୀୟ ଟିମକୁ ପ୍ରାଥମିକ ଆକଳନରେ ହୋଇଥିବା କ୍ଷୟକ୍ଷତି ଓ କେଉଁ ଜିଲା ଅଧିକ ପ୍ରଭାବିତ ହୋଇଛି ସେ ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ ରଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ମଧ୍ୟ ସୂଚନା ଦେଇଥିଲେ। ଅତ୍ୟଧିକ କ୍ଷତିଗ୍ରସ୍ତ ପୁରୀ ଓ ଖୋର୍ଦ୍ଧା ଜିଲା ବୁଲିବା ପରେ ମଙ୍ଗଳବାର ଏହି ଟିମ ପୁରୀ ଜିଲାର ଅବଶିଷ୍ଟ ଏବଂ କଟକ ଜିଲାର କେତେକ ଅଞ୍ଚଳ ବୁଲି ଦେଖିବେ। ୧୫ତାରିଖରେ କେନ୍ଦ୍ରୀୟ ଟିମ୍ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବେ । ଏହାପରେ କେନ୍ଦ୍ରୀୟ ଟିମ୍ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ଅନ୍ୟ ବିଭାଗର ସଚିବମାନଙ୍କ ସହ ସଚିବାଳୟରେରେ ଆଲୋଚନା କରିବେ। ଏଠାରୁ ଫେରିଯାଇ କେନ୍ଦ୍ର ସରକାରଙ୍କୁ ବାତ୍ୟା କ୍ଷୟକ୍ଷତି ସମ୍ପର୍କରେ ଏକ ରିପୋର୍ଟ ଦେବେ।

ସୂଚନାଯୋଗ୍ୟ, ବାତ୍ୟାରେ ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡା ଜିଲାରେ ପ୍ରଭୂତ କ୍ଷୟକ୍ଷତି ହୋଇଛି। ଏ ପର୍ଯ୍ୟନ୍ତ ସରକାରୀ ଭାବେ ୬୪ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୫ଲକ୍ଷ ଘର ନଷ୍ଟ ହୋଇଛି। ୧ଲକ୍ଷ ୫୨ହଜାର ହେକ୍ଟର ଚାଷ ଜମି ଉଜୁଡି ଯାଇଥିବାବେଳେ ୧୪ଲକ୍ଷ ଗଛ ଭାଙ୍ଗିଛି। ଏ ସବୁର କ୍ଷତି ଭରଣା ପାଇଁ କେନ୍ଦ୍ର ସରକାରଙ୍କୁ ୧୭ ହଜାର କୋଟି ଟଙ୍କାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମେ ୬ତାରିଖରେ ପ୍ରଧାନମନ୍ତ୍ରୀ ଓଡିଶା ଗସ୍ତ କରି ବାତ୍ୟା ଅଞ୍ଚଳ ପରିଦର୍ଶନ କରିବା ସହ ୧ ହଜାର କୋଟି ଟଙ୍କାର ତତ୍କାଳ ସହାୟତା ଘୋଷଣା କରିଥିଲେ। ଏହି ପ୍ରାକୃତିକ ବିପତ୍ତିରୁ ଲୋକଙ୍କୁ ଉଦ୍ଧାର କରିବା ସକାଶେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଥିଲେ। କେନ୍ଦ୍ର ସରକାର ମଧ୍ୟ ରାଜ୍ୟକୁ ସମସ୍ତ ପ୍ରକାର ସହାୟତାର ହାତ ବଢ଼ାଇଛନ୍ତି।

## ପକ୍କାଘର....

ଅପରପକ୍ଷରେ ବିଜେଡି ନେତା ପ୍ରଶାନ୍ତ ନନ୍ଦ ଏହାକୁ ସ୍ୱୀକାର କରିନାହାନ୍ତି। ପ୍ରଶାନ୍ତ କହିଛନ୍ତି ଯେ, ଘର ତିଆରି କରାଯିବା ଏକ ଧାରାବାହିକ ପ୍ରକ୍ରିୟା। ରାଜ୍ୟ ସରକାର ବିଗତ ୫ ବର୍ଷରେ ୧୫ ଲକ୍ଷରୁ ଅଧିକ ପକ୍କାଘର ନିର୍ମାଣ କରିଛନ୍ତି। ଏଥିସହିତ କେତେକ ଗୃହ ନିର୍ମାଣ ବିଭିନ୍ନ ପର୍ଯ୍ୟାୟରେ ରହିଛି। ସରକାର ନିଜର ପ୍ରତିଶ୍ରୁତିକୁ ପର୍ଯ୍ୟାୟକ୍ରମେ ପାଳନ କରିଆସୁଛନ୍ତି। ତେଣୁ ବିରୋଧୀ ସାମୁଦ୍ରିକ ଝଡ଼ ଫନୀ ସମୟରେ ରାଜନୀତିର ରୁଟି ସେକୁଥିବା ସେ କହିଛନ୍ତି।

## ୧୩ ଜିଲାକୁ...

ହେବ। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ରହିବ। ମଙ୍ଗଳବାର ୧୩ ଜିଲାକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସେଗୁଡ଼ିକ ହେଲା କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର, କନ୍ଧମାଳ, ଗଜପତି, ଗଞ୍ଜାମ, ପୁରୀ, ନୟାଗଡ଼, ଖୋର୍ଦ୍ଧା, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର। ଏହି ସବୁ ଜିଲାରେ ବଜ୍ରପାତ ସମ୍ଭାବନା ରହିଛି। ତେଣୁ କାଳବୈଶାଖୀ ସମୟରେ ବାହାରକୁ ବାହାରିବାକୁ ଲୋକଙ୍କୁ ବାରଣ କରାଯାଇଛି। ତେବେ ମଙ୍ଗଳବାର କୋରାପୁଟ, କନ୍ଧମାଳ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ଗଜପତି, ଗଞ୍ଜାମ, ପୁରୀ, ନୟାଗଡ଼, ଖୋର୍ଦ୍ଧା, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ବୌଦ୍ଧ, ବଲାଙ୍ଗୀର, ଢେଙ୍କାନାଳ, କେନ୍ଦୁଝର, ମାଲକାନଗିରିର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ସମ୍ଭାବନା ରହିଛି। ବାକି ଜିଲାଗୁଡ଼ିକରେ ପାଗ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି। ମଙ୍ଗଳବାର ଭୁବନେଶ୍ୱର ତାପମାତ୍ରା ସର୍ବାଧିକ ୩୮ଡିଗ୍ରୀ ଓ ସର୍ବନିମ୍ନ ୨୬ଡିଗ୍ରୀ ରହିବ। ଏଥିସହିତ ବିଜୁଳି କିମ୍ବା କାଳବୈଶାଖୀର ମଧ୍ୟ ସମ୍ଭାବନା ରହିଛି। ଆସନ୍ତା ୩ରୁ ୪ଦିନ ଆଭ୍ୟନ୍ତରୀଣ ଓଡ଼ିଶାରେ ପାରଦ ୨ରୁ ୩ଡିଗ୍ରୀ ବଢ଼ିପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

## ଅଭ୍ୟାସ ଡ୍ରୋନ୍‌ର...

ଇଲେକ୍‌ଟ୍ରୋ ଅପ୍ଟିକ୍ ସିଷ୍ଟମ ଦ୍ୱାରା ତଦାରଖ କରାଯାଇ ଏହାର ସମ୍ପୂର୍ଣ୍ଣ ସ୍ୱୟଂଚାଳିତ କ୍ଷମତା ରହିଥିବା ପ୍ରମାଣିତ ହୋଇଛି। ଅଭ୍ୟାସ ଡ୍ରୋନ୍ ଏକ ଅଟୋପାଇଲଟ୍ ଦ୍ୱାରା ସ୍ୱୟଂକ୍ରିୟ ଭାବରେ ଉଡାଣ କରିପାରିବ। ୨୦୧୨ରେ ଇଞ୍ଜିନ ବିହୀନ ଏଭଳି ଡ୍ରୋନ୍‌ର ପରୀକ୍ଷାମୂଳକ ଉଡାଣ କରାଯାଇଥିଲା। ଉକ୍ତ ପ୍ରକଳ୍ପ ପାଇଁ ପ୍ରାଥମିକ ଭାବେ ୧୫ କୋଟି ଟଙ୍କାର ପାଣ୍ଠି ଯୋଗାଇ ଦିଆଯାଇଥିଲା। ଡିଆରଡିଓର ଏରୋନଟିକାଲ୍ ଡେଭଲପମେଣ୍ଟ ଏଷ୍ଟାବ୍ଲିଶମେଣ୍ଟ (ଏଡିଇ) ଦ୍ୱାରା ବିକଶିତ ଲକ୍ଷ୍ୟସ୍ଥଳ ଅଭିମୁଖୀ ଦ୍ରୁତଗାମୀ ଡ୍ରୋନ୍ 'ଲକ୍ଷ୍ୟ'ର ଡିଜାଇନ୍ ଭିତ୍ତିରେ ଏହାକୁ ନିର୍ମାଣ କରାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ବିଳମ୍ବ ହେବ...


ସୂଚନା ଭବନ ପରିସରରେ ଥିବା ଗୀତଗୋବିନ୍ଦ ସଦନରେ ରିଟର୍ନିଂ ଅଫିସରମାନେ ଭୋଟଗଣତି ତାଲିମ ନେଉଛନ୍ତି।

ନିର୍ଦ୍ଦେଶ ମୁତାବକ ନିର୍ବାଚନ କମିଶନଙ୍କ ପରାମର୍ଶ ଅନୁଯାୟୀ ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀର ସର୍ବନିମ୍ନ ୫ଟି ବୁଥ୍‌ରେ ଇଭିଏମ୍ ସହିତ ଭିଭିପିଏଟି (ଭୋଟର ଭେରିଫାଏବ୍‌ଲ ପେପର ଅଡିଟ୍ ଟ୍ରେଲ) ସ୍ଲିପ୍‌କୁ ମଧ୍ୟ ଗଣନା କରାଯିବ। ଉଭୟ ଲୋକ ସଭା ଓ ବିଧାନସଭା ସକାଶେ ଭୋଟ ଗଣନା ପାଇଁ ୭ଟି ଟେବୁଲ କରାଯିବ। କେଉଁ ବୁଥ୍‌ର ଭିଭିପିଏଟି ସ୍ଲିପ୍ ଗଣନା କରାଯିବ ତାହାର ଲଟେରି କରାଯିବ। ଗୋଟିଏ ଭିଭିପିଏଟି ସ୍ଲିପ ଗଣନା ପାଇଁ ପ୍ରାୟ ୧ ଘଣ୍ଟା ସମୟ ଲାଗି ପାରେ। ଇଭିଏମ୍ ଗଣନା ପରେ ସେହି ମେଶିନକୁ ଷ୍ଟ୍ରଙ୍ଗରୁମକୁ ନିଆଯିବ। ପୁଣି ଭିଭିପିଏଟି ସ୍ଲିପ ଗଣନା କରାଯିବ। ଇଭିଏମ୍ ଏବଂ ଭିଭିପିଏଟିକୁ ଏକା ସାଙ୍ଗରେ ଗଣନା କରାଯିବ ନାହିଁ। ଗୋଟିଏ ପରେ ଗୋଟିଏ ଗଣନା ହେବ। ଫଳରେ ୪ଟି ଭିଭିପିଏଟି ଗଣନା ପାଇଁ ୪ ଘଣ୍ଟା ସମୟ ଲାଗି ପାରେ । ସରକାରୀ ଭାବେ ପ୍ରଥମ ପର୍ଯ୍ୟାୟ ଫଳାଫଳ ଘୋଷଣା ୪ ଘଣ୍ଟା ଲାଗି ପାରେ ବୋଲି ସିଇଓ କହିଛନ୍ତି। ଅସହ୍ୟ ଗରମ ହେଉଥିବାରୁ ପ୍ରତ୍ୟେକ ଗଣନା କେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କରାଯିବ। ଭୋଟ ଗଣା କାର୍ଯ୍ୟରେ ନିୟୋଜିତ ହେବା ଲାଗି ୧୧ଟି ଜିଲାର ୭୯ ଜଣ ରିଟର୍ନିଂ ଅଫିସରଙ୍କୁ ତାଲିମ ପ୍ରଦାନ କରାଯାଉଛି। ସେହି ଜିଲାଗୁଡିକ ହେଲା କଟକ, ଖୋର୍ଦ୍ଧା, ଗଞ୍ଜାମ, କୋରାପୁଟ, ମୟୂରଭଞ୍ଜ, ବଲାଙ୍ଗୀର, କଳାହାଣ୍ଡି, ସୁନ୍ଦରଗଡ, କେନ୍ଦୁଝର, ବାଲେଶ୍ୱର ଏବଂ ଜଗତ୍‌ସିଂହପୁର ।

ସେହିପରି ଜିଲାସ୍ତରରେ ରିଟର୍ନିଂ ଅଫିସରମାନଙ୍କୁ ମେ ୧୫ରୁ ୧୮ ତାରିଖ ମଧ୍ୟରେ ତାଲିମ ପ୍ରଦାନ କରାଯିବ ବୋଲି ସୁରେନ୍ଦ୍ର କୁମାର କହିଛନ୍ତି। ଇଭିଏମ୍‌ରେ ଜାଲିଆତି ହେଉଥିବା ନେଇ ବିଭିନ୍ନ ରାଜନୈତିକ ଦଳ ଅଭିଯୋଗ ଉଠାଇବା ପରେ ଭାରତର ନିର୍ବାଚନ କମିଶନ ନିର୍ବାଚନକୁ ଅଧିକ ସ୍ୱଚ୍ଛ ଓ ନିରପେକ୍ଷ କରିବାକୁ ଇଭିଏମ୍ ସହ ସମଗ୍ର ଦେଶରେ ଭିଭିପିଏଟି ପ୍ରଚଳନ କରିଛନ୍ତି। ଏହାଦ୍ୱାରା ମତଦାତାମାନେ କାହାକୁ ଭୋଟ ଦେଲେ ତାହା ଭିଭିପିଏଟିରେ ବାହାରୁଥିବା ସ୍ଲିପ୍‌ରୁ ଜାଣିପାରିବେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀର ୫ଟି ବୁଥ୍‌ର ଭିଭିପିଏଟି ଗଣନାକୁ ବାଧ୍ୟତାମୂଳକ କରାଯାଇଛି। ଭିଭିପିଏଟି ଗଣନା ଯୋଗୁ ଫଳାଫଳ ବାହାରିବା ସମୟ ସାପେକ୍ଷ ହେବ ବୋଲି ସିଇଓ ସୁରେନ୍ଦ୍ର କୁମାର କହିଛନ୍ତି।

classifieds Everyday
0674-2580101, 2549302

real estate
SALE

30' road, electricity, boundary ଥାଇ BDA plot Bhubaneswar Pitapalli chhakରେ ମିଳୁଅଛି। 9090963952. D-66343

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Jupiter Science back side, Per sqft. 300/- possession plot. 9777544478. D-56642

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8594954102. D- 66367

**Bhubaneswar Infocity-II** ମଦନପୁର ନିକଟରେ **sqft. 399/-**ରେ **Boundary plot** କିଣନ୍ତୁ। **9337285332.** D-66366

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

healthcare

Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Experience full body massage with us (expert). Call: 7377048581, 0674- 2597822. D-66518

Full body massage with refreshment, expert therapist. 7381239385, 0674-2540855. D-66517

Herbal full body massage by smart/expert therapist. Contact: 8338067247. D-66519

Newly opening ayurvedic body massage smart therapist, Shree herbal. 7750020754. D-66520

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ମଙ୍ଗଳବାର, ୧୪ ମେ, ୨୦୧୯



## ସଂକ୍ଷେପରେ

### ଏଏସ୍ଆଇଙ୍କୁ ମରଣାନ୍ତକ ଆକ୍ରମଣ

କପ୍ତିପଦା,୧୩ା୫(ଡି.ଏନ୍.ଏ.): ଏକ ପୁରୁଣା ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯାଇ ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଏଏସ୍ଆଇ ଶୁଭେନ୍ଦୁ ବେହେରା ରବିବାର ବିଳମ୍ବିତ ରାତିରେ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। ଏ ସଂକ୍ରାନ୍ତରେ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୬୬/୧୯) ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କପ୍ତିପଦା ଗଡ଼ସାହିର ହେମନ୍ତ ବେହେରା, ସ୍ତ୍ରୀ ଜୟନ୍ତୀ ବେହେରା ଓ ତାଙ୍କ ଭାଇବୋହୂ ଲକି ବେହେରା। ହେମନ୍ତଙ୍କ ଭାଇ ବସନ୍ତ ଓ ବାପା କିଶୋର ଫେରାର ଥିବା ଜଣାଯାଇଛି । ଏଏସଆଇ ବେହେରା ରବିବାର ବିଳମ୍ବିତ ରାତିରେ ହେମନ୍ତଙ୍କୁ ଗିରଫ କରିବା ପାଇଁ ଯାଇଥିବା ବେଳେ ହେମନ୍ତ ଓ ତାଙ୍କ ପରିବାର ଲୋକେ ହଠାତ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଅନ୍ୟ ପୋଲିସ କର୍ମଚାରୀ ମାନେ ତାଙ୍କୁ ସେଠାରୁ ଉଦ୍ଧାର କରି ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦାସ୍ଥିତ ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି।

# ବନ୍ଦ ହୋଇପାରେ ଲୋୟର ସୁକ୍ତେଲ ପ୍ରକଳ୍ପ

ବଲାଙ୍ଗୀର ଅଫିସ, ୧୩ା୫


ଅର୍ଦ୍ଧନିର୍ମିତ ଲୋୟର ସୁକ୍ତେଲ ଜଳସେଚନ ପ୍ରକଳ୍ପର ସ୍ପିଲୱେ।

- ୨୦୧୩ ଭୂମି ଅଧିଗ୍ରହଣ ଆଇନ କାର୍ଯ୍ୟକାରୀ ମୁଖ୍ୟ ଦାବି
- ଏଯାଏ ଉଚିତ କ୍ଷତିପୂରଣ ମିଳିନି
- ଥଇଥାନ ହୋଇ ନାହାନ୍ତି ବିସ୍ଥାପିତ
- ଏକ୍ସଗ୍ରାସିଆ ଥିଲା ଅନ୍ୟତମ ଲଲିପପ୍

ବଲାଙ୍ଗୀର ଜିଲାର ଲୋୟର ସୁକ୍ତେଲ ଜଳସେଚନ ପ୍ରକଳ୍ପର ଡ୍ୟାମ୍ ନିର୍ମାଣ କାର୍ଯ୍ୟ ୮ ମାସ ହେଲା ବନ୍ଦ ପଡ଼ିଛି । ଏହି ଡ୍ୟାମର ନିର୍ମାଣ କାମ ପୁଣି କେବେ ଆରମ୍ଭ ହେବ ସେନେଇ କାହାରି ପାଖରେ ଉତ୍ତର ନାହିଁ। ଏବେ ପରିସ୍ଥିତି ଏପରି ଜଟିଳ ହୋଇଛି ଯେ ବହୁ ପ୍ରତୀକ୍ଷିତ ଏହି ପ୍ରକଳ୍ପ ବନ୍ଦ ହେବାର ଆଶଙ୍କା ସୃଷ୍ଟି ହୋଇଛି ।

୨୧୭.୧୩ କୋଟି ଟଙ୍କା ବ୍ୟୟ ବରାଦରେ ଆରମ୍ଭ ହୋଇଥିବା ଏହି ମୂଳ ପ୍ରକଳ୍ପକୁ ୨୦୦୧ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। ହେଲେ ବିଭିନ୍ନ କାରଣରୁ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବିଳମ୍ବ ହୋଇଛି। ଦୀର୍ଘ ୧୮ ବର୍ଷ ପରେ ବି ଉକ୍ତ ପ୍ରକଳ୍ପ ଝୁଲା ଅବସ୍ଥାରେ ରହିଛି। ବ୍ୟୟ ଅଟକଳ ବି ଏବେ ଆଶାତୀତ ଭାବେ ବୃଦ୍ଧି ପାଇଛି। ୨୦୦୯ ମସିହାରେ ଏହି ପ୍ରକଳ୍ପର ସଂଶୋଧିତ ବ୍ୟୟ ଅଟକଳ ୧୦୪୧.୮୧ କୋଟି ଟଙ୍କାକୁ ମଞ୍ଜୁରୀ ମିଳିଥିଲା। ତେବେ ସଂଶୋଧିତ ବ୍ୟୟ ଅଟକଳ ପରେ ବି ଏହି ପ୍ରକଳ୍ପର ଆଶାନୁରୂପ ଅଗ୍ରଗତି ହୋଇପାରି ନ ଥିଲା। ଏହାପରେ ୨୦୧୫ରେ ଏହି ପ୍ରକଳ୍ପର ବ୍ୟୟ ଅଟକଳକୁ ଦ୍ୱିତୀୟ ଥର ପାଇଁ ପରିବର୍ଦ୍ଧିତ କରାଗଲା। ବ୍ୟୟ ଅଟକଳ ୨୪୪୮.୦୯ କୋଟି ଟଙ୍କାରେ ପହଞ୍ଚିଥିଲା। ଏହା ସତ୍ତ୍ୱେ ମଧ୍ୟ ପ୍ରକଳ୍ପ କାମ ଆଶାନୁରୂପ ଆଗଉ ନାହିଁ। ଏହି ପ୍ରକଳ୍ପ କାମ ଆଗକୁ ବଢ଼ାଇବାକୁ ହେଲେ ତୃତୀୟ ଥର ପାଇଁ ପରିବର୍ଦ୍ଧିତ ବ୍ୟୟ ଅଟକଳର ମଞ୍ଜୁରୀ ଆବଶ୍ୟକ ହେଲାଣି। ଏହି ବ୍ୟୟ ଅଟକଳ ସାଢ଼େ ୩ ହଜାର କୋଟି ଟଙ୍କାକୁ ଟପିଯିବ ବୋଲି କୁହାଯାଉଛି। ଏଭଳି ପରିସ୍ଥିତିରେ ଏହି ପ୍ରକଳ୍ପ ଏକ ବ୍ୟୟବହୁଳ ହୋଇପଡିଛି। ଏତେ ଟଙ୍କା ଯଦି ସରକାର ନ ଦିଅନ୍ତି ତେବେ ଉକ୍ତ ପ୍ରକଳ୍ପ ବନ୍ଦ ହେବାର ଆଶଙ୍କାକୁ ଦୃଢ଼ୀଭୂତ କରୁଛି।

ରବିବାର ଏକ ଖବରଦାତା ସମ୍ମିଳନୀରେ ବିରୋଧୀଦଳ ନେତା ତଥା ବିଧାୟକ ନରସିଂହ ମିଶ୍ର ଲୋୟର ସୁକ୍ତେଲ ପ୍ରକଳ୍ପ ବନ୍ଦ ହୋଇଯିବା ଆଶଙ୍କା ପ୍ରକାଶ କରିଥିଲେ। ଏହା ରାଜ୍ୟ ସରକାରଙ୍କ ଚକ୍ରାନ୍ତ ବୋଲି ସେ କହିଛନ୍ତି। ଉକ୍ତ ପ୍ରକଳ୍ପରେ ୨୦୧୩ ଭୂମି ଅଧିଗ୍ରହଣ ଆଇନ ଲାଗୁ ହୋଇନାହିଁ। ପ୍ରକଳ୍ପ ପ୍ରଭାବିତ ତଥା ଡ୍ୟାମ ସପକ୍ଷବାଦୀମାନେ ଏହି ପ୍ରକଳ୍ପରେ ୨୦୧୩ ଭୂମି ଅଧିଗ୍ରହଣ ଆଇନ୍ ଲାଗୁ କରାଯାଇ ସେହି ଅନୁସାରେ କ୍ଷତିପୂରଣ ଓ ଥଇଥାନ କରାଯିବାକୁ ଦାବି କରୁଛନ୍ତି। ଏହା ନ ହେଲେ ସେମାନେ ଡ୍ୟାମ ନିର୍ମାଣ କାମ କରାଇ ଦେବେ ନାହିଁ ବୋଲି କହୁଛନ୍ତି। ଫଳରେ ଡ୍ୟାମ କାମ ବନ୍ଦ ପଡ଼ିଛି। ବିସ୍ଥାପିତ ହେବାକୁ ଥିବା ଡ୍ୟାମ ସପକ୍ଷବାଦୀଙ୍କ ଦାବି ହେଲା ଯେ, ନିୟମତଃ ଏହି ପ୍ରକଳ୍ପରେ ୨୦୧୩ ଭୂମି ଅଧିଗ୍ରହଣ ଆଇନ ଲାଗୁ ହେବାର ସମସ୍ତ ଯଥାର୍ଥତା ରହିଛି । ସରକାର ଓ ପ୍ରଶାସନର ଭୁଲ୍ ପାଇଁ ଏହି ପ୍ରକଳ୍ପ ବିଳମ୍ବ ହୋଇଚାଲିଛି। ଏଭଳି ପରିସ୍ଥିତିରେ ଲୋକେ ନୂଆ ଆଇନରେ କ୍ଷତିପୂରଣ ଓ ଥଇଥାନ ଟଙ୍କା ନ ନେଇ ପୁରୁଣା ଆଇନ୍‌ରେ କାହିଁକି କ୍ଷତିପୂରଣ ଓ ଥଇଥାନ ଟଙ୍କା ଗ୍ରହଣ କରିବେ ବୋଲି ପ୍ରଶ୍ନ କରିଛନ୍ତି। ଏଭଳି ଦ୍ୱନ୍ଦ୍ୱକୁ ସମାଧାନ କରିବାକୁ ଯାଇ ସରକାର ଜମି ଅଧିଗ୍ରହଣ ପ୍ରକ୍ରିୟାରେ ସାମିଲ ହୋଇଥିବା ପ୍ରକଳ୍ପ ପ୍ରଭାବିତ ଲୋକଙ୍କୁ ଏକ୍ସଗ୍ରାସିଆ ଦେଇ କ୍ଷତିପୂରଣ ଓ ଥଇଥାନ ଭରଣା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଏହା ମଧ୍ୟ ଦେଇପାରି ନାହାନ୍ତି। ଫଳରେ ଏହି ଏକ୍ସଗ୍ରାସିଆ ମଧ୍ୟ ସରକାରଙ୍କ ଅନ୍ୟତମ ଲଲିପପ୍ ବୋଲି ଲୋକେ ସନ୍ଦେହ କରି ଏହାକୁ ଏବେ ପ୍ରତ୍ୟାଖ୍ୟାନ କରୁଛନ୍ତି। ୨୦୧୩ ଭୂମି ଅଧିଗ୍ରହଣ ଆଇନ ଜରିଆରେ ସିଧା କ୍ଷତିପୂରଣ ଓ ଥଇଥାନ କରିବାକୁ ଏବେ ସେମାନେ ଦାବି କରୁଛନ୍ତି। ଏହି ପ୍ରକଳ୍ପ ପ୍ରଭାବିତ ୨୯ଟି ଗାଁରୁ ୧୫ଟି ଗାଁରେ ଜମି ଅଧିଗ୍ରହଣ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ତେବେ ସେହି ଗାଁ ଭିତରୁ କୌଣସି ଗୋଟିଏ ଗାଁର ଲୋକଙ୍କୁ ମଧ୍ୟ ଏ ଯାବତ୍ ବିସ୍ଥାପିତ କରାଯାଇନାହିଁ। ୨୦୧୩ ଭୂମି ଅଧିଗ୍ରହଣ ଆଇନ ଆସିବା ପରେ ପୂର୍ବର ଭୂମି ଅଧିଗ୍ରହଣ ଆଇନ ସ୍ୱତଃ ଖାରଜ ହୋଇଯାଇଥିବା କୁହାଯାଉଛି। ଏପରିସ୍ଥଳେ ଏହି ପ୍ରକଳ୍ପକୁ ପୁଣି ଥରେ ମୂଳରୁ ୨୦୧୩ ଭୂମି ଅଧିଗ୍ରହଣ ଆଇନ ଜରିଆରେ ଆରମ୍ଭ କରି ନୂଆ ଆଇନ ଅନୁସାରେ କ୍ଷତିପୂରଣ ଓ ଥଇଥାନ କରିବାକୁ ପ୍ରକଳ୍ପ ପ୍ରଭାବିତ ଡ୍ୟାମ ସପକ୍ଷବାଦୀମାନେ ଦାବି କରୁଛନ୍ତି। ଅନ୍ୟପକ୍ଷେ ସୁକ୍ତେଲ ଡ୍ୟାମକୁ ବିରୋଧ କରୁଥିବା ଅନ୍ୟ ୧୪ଟି ଗାଁରେ ଜମି ଅଧିଗ୍ରହଣ ହୋଇନାହିଁ। ଫଳରେ ଏହି ପ୍ରକଳ୍ପ ଦିନକୁ ଦିନ ଅଧିକ ଜଟିଳ ଓ ହେବାରେ ଲାଗିଛି। ଏସବୁ କାରଣରୁ ଏହି ପ୍ରକଳ୍ପ ଆଉ କାର୍ଯ୍ୟକାରୀ ହେବ କି ନାହିଁ ସେନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ବର୍ତ୍ତମାନ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ଲୋୟର ସୁକତେଲ ପ୍ରକଳ୍ପର ଭବିଷ୍ୟତ ନେଇ ଜିଲାପାଳ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ବା ଅନ୍ୟ କେହି କିଛି କହିବା ମୁଡରେ ନାହାନ୍ତି। ଏଭଳି ପରିସ୍ଥିତିରେ ନୂଆ ସରକାର ଗଠନ ହେଲା ପରେ ଯାଇ ଏହି ପ୍ରକଳ୍ପର ଭବିଷ୍ୟତ ନିର୍ଦ୍ଧାରଣ ହେବା ସ୍ପଷ୍ଟ।

# ବର ଶୋଭାଯାତ୍ରା ବେଳେ ଗୋଷ୍ଠୀ ସଂଘର୍ଷ, ୩ ଆହତ

ବ୍ରହ୍ମପୁର ଅଫିସ,୧୩ା୫


ଗୋଷ୍ଠୀ ସଂଘର୍ଷ ବେଳେ ଭଙ୍ଗାରୁଜା ହୋଇ ପଡ଼ିଥିବା ଗାଡ଼ି ।

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ଗ୍ରାମରେ ରବିବାର ରାତିରେ ଏକ ବର ଶୋଭାଯାତ୍ରା ବେଳେ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଫଳରେ ସେଠାରେ ଗୋଷ୍ଠୀ ସଂଘର୍ଷ ଘଟିଛି। କମେଣ୍ଟ ମରାକୁ କେନ୍ଦ୍ରକରି ଗୋଟିଏ ଗୋଷ୍ଠୀର ୧୨ ରୁ ୧୫ ଜଣ ଯୁବକ ଅଞ୍ଚଳରେ ଆତଙ୍କ ଖେଳାଇଛନ୍ତି। ଏଥିରେ ୩ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ସୁଦେଷ୍ଣା ନାଇକ ଓ ତାଙ୍କ ସ୍ୱାମୀ ଅଜୟ ନାଇକ ଏବଂ ଅନ୍ୟ ଜଣେ ରଞ୍ଜନ ନାଇକ ବୋଲି ପୋଲିସ କହିଛି । ଏପରିକି ଯୁବକମାନେ ୨ଟି ବାଇକ୍ ଭାଙ୍ଗିବା ସହ ପଥର ଫିଙ୍ଗି ଲୋକଙ୍କ ଘର ମଧ୍ୟ ଭାଙ୍ଗି ଦେଇଛନ୍ତି। ପୋଲିସ ନଂ.୯୨/୧୯ରେ ଏକ ମାମଲା ରୁଜୁ କରିଛି। ବରଯାତ୍ରୀ ଯାଉଥିବା କେତେକ ଯୁବକଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରା ଉଚୁରା ଚଳାଇଛି।

ପ୍ରକାଶ ଯେ, ରବିବାର ରାତିରେ ଆଙ୍କୁଲି ଦଳିତ ସାହିର ଏକ ବରଯାତ୍ରୀ ଦଳ ଶୋଭାଯାତ୍ରାରେ ଅନ୍ୟ ଏକ ଦଳିତ ସାହି ଦେଇ ଯାଉଥିବା ବେଳେ ସେଠାରେ ୨ ଗୋଷ୍ଠୀ ମଧ୍ୟରେ ମଦ ପିଇବା ଓ ଝିଅମାନଙ୍କୁ କମେଣ୍ଟ ମରାକୁ କେନ୍ଦ୍ର କରି ଝଗଡା ହୋଇଥିଲା। ବରଯାତ୍ରୀରେ ଯାଉଥିବା ୧୨ ରୁ ୧୫ ଜଣ ଯୁବକ ହଠାତ ଉତ୍କ୍ଷିପ୍ତ ହୋଇ ରାସ୍ତା କଡରେ ପଡିଥିବା ବଡ ପଥର ଗୁଡିକ ବିପକ୍ଷ ଦଳିତ ଗୋଷ୍ଠୀ ଲୋକଙ୍କ ଘର ଉପରକୁ ଫିଙ୍ଗିଥିଲେ। ଏପରିକି ଠେଙ୍ଗା ଓ ବାଡ଼ି ଧରି ଲୋକମାନଙ୍କୁ ଆକ୍ରମଣ କରିଥିଲେ। ଘର ସମ୍ମୁଖରେ ଥିବା ୨ଟି ବାଇକ୍‌କୁ ପଥରରେ ଛେଚି ଭାଙ୍ଗି ଦେଇଛନ୍ତି। ଏଭଳି ଆତଙ୍କରାଜ ଚାଲିଥିବା ଖବର ପାଇ ପୋଲିସ ପହଞ୍ଚି ଆହତଙ୍କୁ ବ୍ରହ୍ମପୁର ବଡ ମେଡିକାଲ ପଠାଇଥିଲା। ଲାଗି ରହିଥିବା ଚାପା ଉତ୍ତେଜନାକୁ ହ୍ରାସ ପାଇଁ ଏକ ପ୍ଲାଟୁନ ପୋଲିସ ସେଠାରେ ମୁତୟନ ହୋଇଥିବା ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି ସୂଚନା ଦେଇଛନ୍ତି।

# ସ୍ୱାମୀ ପଥର ମାଡ଼ରେ ସ୍ତ୍ରୀ ମୃତ

କୁଳିଅଣା,୧୩ା୫(ଡ଼ି.ଏନ୍.ଏ.)


ଅଭିଯୁକ୍ତ ସ୍ୱାମୀ ହୃନ୍ଦର ଦେହୁରୀ

ହାଣ୍ଡିଆ ନିଶାରେ ଚୁର୍ ସ୍ୱାମୀଙ୍କ ପଥର ମାଡ଼ରେ ସ୍ତ୍ରୀର ମୃତ୍ୟୁ ଘଟିଛି। ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅନ୍ତର୍ଗତ କୁଚିଲାଘାଟି ଗ୍ରାମରେ ରବିବାର ଏହି ଅଭାବନୀୟ ଘଟଣା ଘଟିଛି। ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି।

କୁଚିଲାଘାଟି ଗ୍ରାମର ହୃନ୍ଦର ଦେହୁରୀ (୨୧) ୪ ବର୍ଷ ପୂର୍ବେ ସେହି ଗ୍ରାମର ଅଷ୍ଟମୀ ଦେହୁରୀ (୨୦)ଙ୍କୁ ବିବାହ କରିଥିଲେ। ତାଙ୍କର ୩ ବର୍ଷର ଗୋଟିଏ ଝିଅ ଓ ଦେଢ ବର୍ଷର ଏକ ପୁଅ ଅଛନ୍ତି। ରବିବାର ରାତି ୯ ଟାରେ ଗ୍ରାମର ଏକ ବିବାହ ଭୋଜିକୁ ଯିବା ପାଇଁ ସ୍ୱାମୀ ସ୍ତ୍ରୀ ହାଣ୍ଡିଆ ପିଇ ନିଶାଗ୍ରସ୍ତ ଥିଲେ। ହୃନ୍ଦର ବିବାହ ଭୋଜିକୁ ଯାଉଥିବା ସମୟରେ ଅଷ୍ଟମୀ ପ୍ରଥମେ ତାଙ୍କ ଉପରକୁ ଏକ ପଥର ଫିଙ୍ଗିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ହୃନ୍ଦର ପାଖରେ ପଡିଥିବା ଏକ ପଥର ଅଷ୍ଟମୀଙ୍କ ଉପରକୁ ଫୋପାଡିଥିଲେ। ପଥରଟି ଅଷ୍ଟମୀଙ୍କ ମୁଣ୍ଡରେ ବାଜିବାରୁ ସେ ତଳେ ପଡିଯାଇଥିଲେ। ହୃନ୍ଦର ତାଙ୍କୁ ଘରକୁ ନେଇ ଆସିଥିଲେ। ପରେ ଦୁହେଁ ଭାତ ଖାଇ ଶୋଇ ପଡିଥିଲେ। ସୋମବାର ସକାଳୁ ଅଷ୍ଟମୀ ନିଦରୁ ନ ଉଠିବାରୁ ତାଙ୍କର ମୃତ୍ୟୁ ଘଟିଥିବା ହୃନ୍ଦର ଜାଣିବାକୁ ପାଇଥିଲେ। ଖବରପାଇ ଏସଡିପିଓ କେ.ସି. ପଟ୍ଟନାୟକ ଏବଂ କୁଳିଅଣା ଥାନା ଅଧିକାରୀ କମଳାକାନ୍ତ ଦାସ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ଥାନାରେ ଏକ ମାମଲା(ନଂ୪୩/୧୯) ରୁଜୁ ହୋଇଛି।

## ରାଜ୍ୟରେ ଗୋ' ସମ୍ପଦ ଅସୁରକ୍ଷିତ

# ସତ୍ୟପାଠ ଦାଖଲ କଲେ ସରକାର

କଟକ ଅଫିସ,୧୩ା୫

ରାଜ୍ୟରେ ଗୋ' ସମ୍ପଦ ଅସୁରକ୍ଷିତ। ଏହାର ସୁରକ୍ଷା ନିମନ୍ତେ ପ୍ରଣୀତ ଆଇନରେ ସଂଶୋଧନ ଆଣିବା ପାଇଁ ଆଗତ ଏକ ମାମଲାରେ ସରକାର ସୋମବାର ହାଇକୋର୍ଟରେ ଜବାବ ଦାଖଲ କରିଛନ୍ତି। ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଉପସଚିବ କମଲ କୁମାର ମହାନ୍ତି ହାଇକୋର୍ଟରେ ଦାଖଲ କରିଥିବା ସତ୍ୟପାଠରେ ରାଜ୍ୟରେ ଗୋ' ମାତାଙ୍କ ସୁରକ୍ଷା ଓ ପ୍ରୋହିବିସନ୍ ଅଫ କାଓ ସ୍ଲାଟର ଆଣ୍ଡ ଆନିମଲ ପ୍ରିଜରଭେସନ୍ ଆକ୍ଟରେ ସଂଶୋଧନ ଆଣିବା ଉପରେ ସବିଶେଷ ତଥ୍ୟ ଦାଖଲ କରିଛନ୍ତି। ତେବେ ଆଇନରେ ସଂଶୋଧନ ଆଣିବା ପାଇଁ ୪ ମାସ ସମୟ ଦେବାକୁ ଉପସଚିବ ମହାନ୍ତି ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଉପସଚିବଙ୍କ ଆବେଦନକୁ ଗ୍ରହଣ କରି ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ୪ ମାସ ମଧ୍ୟରେ ଗୋ ସମ୍ପଦ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଆଦେଶ ଦେଇଛନ୍ତି। ସୂଚନାଥାଉ କି, ରାଜ୍ୟରେ ବେଆଇନ ଗୋଚାଲାଣ ଓ ଗୋହତ୍ୟାକୁ ରୋକିବା ପାଇଁ ସାମାଜିକ କର୍ମୀ ଜୟନ୍ତୀ ଦାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ଦାସ ନିଜ ପିଟିଶନରେ ଉଲ୍ଲେଖ କରିଥିଲେ, ଓଡ଼ିଶାରୁ ବହୁ ପରିମାଣର ଗୋସମ୍ପଦ ବାହାର ରାଜ୍ୟକୁ ଚାଲାଣ କରାଯାଉଛି। ଏହାକୁ ରୋକିବା ପାଇଁ ଓଡ଼ିଶାରେ ଯେଉଁ ଆଇନ ରହିଛି ଏହାର ଏକ ଧାରାରେ ୧୪ ବର୍ଷରୁ ଊର୍ଦ୍ଧ୍ୱ ବୟସର ଗୋରୁଙ୍କୁ ହତ୍ୟା କରିବା ପାଇଁ ଅନୁମତି ପ୍ରଦାନ କରାଯାଇଛି। ଏହି ଆଇନ ଅନୁଯାୟୀ ରାଜ୍ୟରେ ବୟସାଧିକ ଗୋରୁଙ୍କୁ କଂସେଇଖାନାରେ ହତ୍ୟା କରାଯାଉଛି। କିନ୍ତୁ ଏହିକ୍ରମରେ ଦେଖିଲେ ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଗୁଜରାଟ ଭଳି ରାଜ୍ୟରେ ଏହି ଆଇନକୁ ଉଲ୍ଲେଖ କରାଯାଇଛି। ତେଣୁ ଓଡ଼ିଶାରୁ ଏହି ଧାରାକୁ ଉଚ୍ଛେଦ କରିବା ପାଇଁ କୋର୍ଟଙ୍କୁ ନିବେଦନ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ବିଜୟ କୁମାର ରଗଡ଼ ମାମଲା ପରିଚାଳନା କରୁଛନ୍ତି।

## ଗୋଚାଲାଣବେଳେ ଦୁର୍ଘଟଣା, ୫ ଗୋରୁ ମୃତ

ଢେଙ୍କାନାଳ ଅଫିସ, ୧୩ା୫

ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଅଞ୍ଚଳରେ ସୋମବାର ଭୋର୍‌ରେ ଏକ ଗୋରୁଭର୍ତ୍ତି ୧୦ ଚକିଆ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଘଟଣାସ୍ଥଳରେ ୫ ଗୋରୁଙ୍କ ମୃତ୍ୟୁ ଘଟିଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୧୦୦ରୁ ଊର୍ଦ୍ଧ୍ୱ ଗୋରୁ ଭର୍ତ୍ତି କରି ଉକ୍ତ ଟ୍ରକ୍ ଭଦ୍ରକ ଅଭିମୁଖେ ଯାଉଥିଲା। ଧନିଆନାଳି-ପିଙ୍ଗୁଆ ରାସ୍ତାରେ ଭାରସାମ୍ୟ ହରାଇ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗାଡ଼ିମଧ୍ୟରେ ଚାପିହୋଇ ୫ ଗୋରୁ ପ୍ରାଣ ହରାଇଥିଲେ। ଅନ୍ୟ ଗୋରୁମାନେ ପଘା ଛିଣ୍ଡାଇ ପଳାଇଥିଲେ। ଅଞ୍ଚଳବାସୀ ସୂଚନା ଦେବା ସତ୍ତ୍ୱେ ଦୀର୍ଘ ସମୟ ଧରି ପୋଲିସ ପହଞ୍ଚି ନ ଥିଲା। ଏହାକୁ ନେଇ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା। ସଦର ଏସ୍‌ଡିପିଓଙ୍କ ନିର୍ଦ୍ଦେଶରେ ଗଁଦିଆ ଥାନାଧିକାରୀ ନିରୁପମା ଜେନା ସଦଳବଳ ପହଞ୍ଚି ଟ୍ରକ୍ ଜବତ କରିଥିବାବେଳେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଏ ସଂକ୍ରାନ୍ତରେ ନଂ. ୩୩/୧୯ରେ ମାମଲା ରୁଜୁ କରାଯାଇଛି।






# 'ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ମିଳୁ'

ଭୁବନେଶ୍ୱର,୧୩ା୫(ବ୍ୟୁରୋ)

**ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୋହରାଇଲେ ଦାବି**

ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ମିଳୁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣିଥରେ ଦାବି କରିଛନ୍ତି। ସାମୁଦ୍ରିକ ଝଡ଼ ଫନୀ ପରେ ମୁଖ୍ୟମନ୍ତ୍ରୀ ଏକ ଖବର ସରବରାହ ସଂସ୍ଥାକୁ ସାକ୍ଷାତକାର ଦେଇ ଏହା କହିଛନ୍ତି। ନବୀନ କହିଛନ୍ତି ଯେ, ଓଡ଼ିଶା ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଛି। ବିପର୍ଯ୍ୟୟ କ୍ଷତିର ପୁନରୁଦ୍ଧାର ପାଇଁ କେନ୍ଦ୍ର ଦେଉଥିବା ସହାୟତା ପର୍ଯ୍ୟାପ୍ତ ନୁହେଁ। ଏହା ଦ୍ୱାରା ବିଭିନ୍ନ ଭିତ୍ତିଭୂମିର ସ୍ଥାୟୀ ବିକାଶ ହୋଇପାରୁ ନାହିଁ। ରାଜ୍ୟକୁ ନିଜସ୍ୱ ପାଣ୍ଠିରୁ ବହୁତ ବ୍ୟୟ କରିବାକୁ ପଡୁଛି। ତେଣୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନ ଦ୍ୱାରା ରାଜ୍ୟ ଉପକୃତ ହୋଇପାରିବ। ଗତ ୫ ବର୍ଷ ମଧ୍ୟରେ ଫାଇଲିନ୍, ହୁଡ୍‌ହୁଡ୍, ତିତ୍‌ଲି , ଫନୀ ପରି ବାତ୍ୟା ଏବଂ ବନ୍ୟା ରାଜ୍ୟ ପାଇଁ ବିପତ୍ତି ଆଣିଥିବା ନବୀନ କହିଛନ୍ତି।

ସେହିପରି ଓଡ଼ିଶା ଜାତୀୟ ହାରଠାରୁ ଅଧିକ ଅଭିବୃଦ୍ଧି ହାର ହାସଲ କରିଛି। ସ୍ୱତନ୍ତ୍ର ପାହ୍ୟା ଦ୍ୱାରା ଏହି ଅଭିବୃଦ୍ଧି ଆହୁରି ଉନ୍ନତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ସାମୁଦ୍ରିକ ଝଡ଼ ଫନୀକୁ ଜାତୀୟ ବିପର୍ଯ୍ୟୟ ଘୋଷଣା ପ୍ରଶ୍ନର ଉତ୍ତର ଦେଇ ନବୀନ କହିଛନ୍ତି ଯେ, ସ୍ୱତନ୍ତ୍ର ପାହ୍ୟା ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରିବ। କେନ୍ଦ୍ର ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ଦେଲେ ବହୁ ସମସ୍ୟାର ସମାଧାନ ହୋଇପାରିବ। ଫନୀ ପୂର୍ବରୁ ୧୨ ଲକ୍ଷ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବାରେ ସହଯୋଗ କରିଥିବାରୁ ପ୍ରଶାସନ ଓ ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଗ୍ରୀଷ୍ମଦିନରେ ସାମୁଦ୍ରିକ ଝଡ଼ ଆସିବା ଏବଂ ସାଧାରଣ ନିର୍ବାଚନ ସମୟରେ ବିପତ୍ତି ଆସିବା ରାଜ୍ୟ ପାଇଁ ଦୁର୍ଭାଗ୍ୟଜନକ ଥିଲା। ରିଲିଫ ବଣ୍ଟନ ଓ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ପୂର୍ବାବସ୍ଥା ଫେରାଇ ଆଣିବା ପାଇଁ ସମସ୍ତ ଚେଷ୍ଟା କରାଯାଉଛି। ରାଜ୍ୟର ଶକ୍ତି ଭିତ୍ତିଭୂମି ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛି। ପୁରୀ ଏବଂ ଖୋର୍ଦ୍ଧା ଜିଲାରେ ପୁନର୍ବାର ଭିତ୍ତିଭୂମିକୁ ଛିଡା କରିବାକୁ ପଡିବ। ଆଗାମୀ ୪୮ ଘଣ୍ଟା ମଧ୍ୟରେ ପୁରୀ ଟାଉନ ଏବଂ ୭୨ ଘଣ୍ଟାରେ ଭୁବନେଶ୍ୱରକୁ ପିଇବା ପାଣି ଯୋଗାଇ ଦିଆଯିବ। ବାତ୍ୟା ପ୍ରତିରୋଧ ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦିଆଯିବ। ଆଗାମୀ ଦିନରେ ବ୍ୟାପକ ବୃକ୍ଷ ରୋପଣ ଉପରେ ଗୁରୁତ୍ୱ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପ୍ରତ୍ୟେକ ଧର୍ମର ସେହି ଗୋଟିଏ ସତ୍ୟ। ପୃଥିବୀରେ କେବେ କେବେ ଜଣେ ମହାନ୍ ଶିକ୍ଷାଦାତା ବା ଗୁରୁଙ୍କର ଆବିର୍ଭାବ ହୁଏ। ସେ ଏକ ଦିବ୍ୟସତ୍ୟକୁ ଏ ପୃଥିବୀ ଉପରକୁ ଓହ୍ଲାଇ ଆଣନ୍ତି। କିନ୍ତୁ ପରେ ପରେ ସାଧାରଣ ଲୋକେ ଏହାକୁ ଅଧିକାର କରିବସନ୍ତି- ଏଥିରେ ବ୍ୟବସାୟ କରନ୍ତି ଏବଂ ଏହାକୁ ନେଇ ଏକ ରାଜନୈତିକ ସଂସ୍ଥା ସୃଷ୍ଟି କରନ୍ତି। -ଶ୍ରୀମା

# ଭାରତମୁହାଁ ଆଇଏସ୍

ନିକଟରେ ଶ୍ରୀଲଙ୍କାରେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ବଡ଼ ଧରଣର ଆକ୍ରମଣ କରିଥିବା ଦାବି କରିଥିଲା। ଏବେ ଏହି ଆତଙ୍କବାଦୀ ସଙ୍ଗଠନ ଭାରତରେ ଏକ ପ୍ରୋଭିନ୍ସ ବା ପ୍ରଦେଶ ଗଠନ କରିଥିବା କହିଛି। ଇସ୍‌ଲାମିକ୍ ଷ୍ଟେଟ୍ ଜମ୍ମୁ ଓ କଶ୍ମୀର (ଜେକେଆଇଏସ୍)ର ଇଶ୍‌ଫାକ୍ ସୋଫି ଓରଫ ଅବଦୁଲ୍ଲା ଭାଇଙ୍କୁ ନିପାତ କରାଯାଇଥିବା ନେଇ ଭାରତୀୟ ସେନା ପକ୍ଷରୁ କୁହାଯିବାର ଦିନକ ପରେ ଆଇଏସ୍ ଏଭଳି ଦାବି କରିଛି। ସୂଚନାଯୋଗ୍ୟ, ଜମ୍ମୁ-କଶ୍ମୀରର ଶୋପିଆନ୍ ଜିଲା ଆମ୍‌ସିପୋରା ଗ୍ରାମରେ ୧୦ ମେ’ରେ ଭାରତୀୟ ସେନା ପକ୍ଷରୁ ଏନ୍‌କାଉଣ୍ଟର କରାଯାଇଥିଲା। ଏଥିରେ ହିଜ୍‌ବୁଲ ମୁଜାହିଦ୍ଦିନ୍‌ର ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ଜାକିର ମୁସାଙ୍କ ଘନିଷ୍ଠ ସହଯୋଗୀ ଇଶ୍‌ଫାକ୍ ସୋଫି ନିହତ ହୋଇଥିଲେ। ଆତଙ୍କବାଦୀଙ୍କୁ ହତ୍ୟା କରି ବାହାବା ନେବାକୁ ସେନା ଚେଷ୍ଟା କରିବାରୁ ଆଇଏସ୍ ସିଧାସଳଖ ତାହାକୁ ଚ୍ୟାଲେଞ୍ଜ କରି ୱିଲାୟାହ ଅଫ୍ ହିନ୍ଦ୍ (ଭାରତରେ ଆଇଏସ୍‌ର ଏକ ପ୍ରଦେଶ) ଗଠନ କରିଛି ବୋଲି କହିଛି।

ମଧ୍ୟପ୍ରାଚ୍ୟରେ ଆତଙ୍କବାଦୀ ସଙ୍ଗଠନ ଆଇଏସ୍ ବ୍ୟାପକ ନରସଂହାର କରିବା ପରେ ନିରାପତ୍ତା ଦୃଷ୍ଟିରୁ ଦୁର୍ବଳ ଥିବା ରାଷ୍ଟ୍ରଗୁଡ଼ିକୁ ଏବେ ଟାର୍ଗେଟ୍ କରିବାର ସଙ୍କେତ ଶ୍ରୀଲଙ୍କା ଆକ୍ରମଣରୁ ବୁଝାପଡ଼ିଯାଉଛି। ଏହି ପରିପ୍ରେକ୍ଷୀରେ ଭାରତର ସୁରକ୍ଷା ବ୍ୟବସ୍ଥାକୁ ଦେଖିଲେ ବ୍ୟସ୍ତ ଲାଗିବା ସ୍ୱାଭାବିକ। କାରଣ ଏ ଦେଶରେ ନିରାପତ୍ତା ଭିତ୍ତିଭୂମିକୁ ସୁଦୃଢ଼ କରିବା ଲାଗି ସେଭଳି କୌଣସି ପଦକ୍ଷେପ ନିଆଯାଇପାରୁ ନାହିଁ। ସବୁ କଥାରେ ରାଜନୈତିକ ମୋଡ଼ ଦିଆଯାଉଥିବାରୁ କାର୍ଯ୍ୟ ହାସଲ ସମ୍ଭବପର ହେଉନାହିଁ। ଏପରି କି ସେନାକୁ ନେଇ ରାଜନୀତି ପ୍ରବଳ ମାତ୍ରାରେ ଚାଲିଛି। ସାଧାରଣ ନିର୍ବାଚନ ଥିବାରୁ ଭୋଟ ହାତେଇବା ପାଇଁ କେନ୍ଦ୍ରରେ ଭାଜପା ସରକାର ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ପରେ କରିଥିବା ବାଲାକୋଟ୍ କାର୍ଯ୍ୟାନୁଷ୍ଠାନକୁ ଅସ୍ତ୍ର ଭାବେ ବ୍ୟବହାର କରିଛି। ଭାଜପାର କେତେକ ନେତା ଭାରତୀୟ ସେନାକୁ ‘ମୋଦି ସେନା’ ଆଖ୍ୟା ଦେଉଥିବା ବେଳେ ଖୋଦ୍ ପ୍ରଧାନମନ୍ତ୍ରୀ ନିଜେ ନିଜକୁ ପ୍ରଶଂସା କରି ଏକ ଟେଲିଭିଜନ ଚ୍ୟାନେଲରେ କୌତୂହଳପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ସୋସିଆଲ ମିଡିଆରେ ବହୁଳ ଭାବେ ନିନ୍ଦିତ ହେଉଥିବା ଏହି ସାକ୍ଷାତ୍‌କାରରେ ମୋଦି କହିଛନ୍ତି, ବାଲାକୋଟ୍ ଉପରେ ଆକ୍ରମଣ କରିବାକୁ ଭାରତର ପ୍ରତିରକ୍ଷା ବିଶେଷଜ୍ଞମାନେ ଦ୍ୱନ୍ଦ୍ୱ ପ୍ରକାଶ କରି କହୁଥିଲେ ଯେ, ଅନୁକୂଳ ପାଗ ନ ଥିବାରୁ ବିମାନ ଆକ୍ରମଣର ସଫଳତା ସନ୍ଦେହଜନକ। ଏଭଳି ମନ୍ତବ୍ୟକୁ ନିଜେ ପ୍ରଧାନମନ୍ତ୍ରୀ ଏଡ଼ାଇ ଦେଇ କୁଆଡ଼େ ନିଷ୍ପତ୍ତି ନେଲେ ଯେ, ଘନବାଦଲ ଥିବା ହେତୁ ପାକିସ୍ତାନ ରାଡାରରେ ଭାରତୀୟ ବିମାନ ଧରାପଡ଼ିବ ନାହିଁ। ମୋଦିଙ୍କ ଏହି ମନ୍ତବ୍ୟ ସମାଲୋଚନାର ଶରବ୍ୟ ହେଲା, କାରଣ ରାଡାରର କାର୍ଯ୍ୟକୁ ବାଦଲ ବାଧା ଦିଏନାହିଁ।

ଦେଖିବାକୁ ଗଲେ ଦେଶରେ ଉତ୍ତର ଓ ଦକ୍ଷିଣ ଭାରତୀୟଙ୍କ ମଧ୍ୟରେ ବିଦ୍ୱେଷଭାବ ରହିଛି। ଉତ୍ତର-ପୂର୍ବାଞ୍ଚଳବାସୀଙ୍କୁ ଅନେକେ ଭାରତୀୟ ବୋଲି ଭାବୁ ନାହାନ୍ତି। ସେହିପରି ପୁଲ୍‌ୱାମା ଆକ୍ରମଣ ପରେ ଦେଶର ବିଭିନ୍ନ ପ୍ରାନ୍ତରେ ବାସ କରୁଥିବା କଶ୍ମୀରୀମାନଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖାଯାଇ ସେମାନଙ୍କୁ ଆକ୍ରମଣ କରାଯାଇଥିଲା। ଭାରତରେ ଯେତେବେଳେ ବି ଆତଙ୍କବାଦୀ ଆକ୍ରମଣ ହୋଇଛି, ମୁସଲମାନ ସମ୍ପ୍ରଦାୟ ସନ୍ଦେହର ବଳୟ ମଧ୍ୟକୁ ଟଣା ହୋଇଆସୁଛନ୍ତି। ଅସହିଷ୍ଣୁତା ଦେଶର ସାମାଜିକ ସଦ୍‌ଭାବକୁ ବିଗାଡ଼ିବାରେ ଲାଗିଛି। ଏଭଳି ଦେଶରୁ ଆଭ୍ୟନ୍ତରୀଣ ବିଭେଦର ଫାଇଦା ନେବାକୁ ଯାଇ ଆଇଏସ୍ ବିଭିନ୍ନ ସ୍ଥାନରେ ତା’ର ଶିବିର ସ୍ଥାପନ କରିବାକୁ ଉଦ୍ୟମ କରୁଛି। ଆଇଏସ୍‌ର ଏଭଳି ମନ୍ଦ ଉଦ୍ଦେଶ୍ୟ କାର୍ଯ୍ୟକାରୀ ହେବା କଷ୍ଟକର ନ ହୋଇପାରେ। କଶ୍ମୀର ଉପତ୍ୟକାରେ ଆଇଏସ୍‌ର ଉପସ୍ଥିତିକୁ ସୁରକ୍ଷା ସଂସ୍ଥାଗୁଡ଼ିକ ଅସ୍ୱୀକାର କରୁଥିବା ବେଳେ ଜମ୍ମୁ-କଶ୍ମୀରକୁ ଏହି ସଙ୍ଗଠନ ପ୍ରୋଭିନ୍ସ ବୋଲି ଦାବି କରିବା ଅନେକ ପ୍ରଶ୍ନକୁ ଜନ୍ମ ଦେଇଛି। କାରଣ ପ୍ରାୟ ଶୁକ୍ରବାର ନମାଜ ପାଠ ବେଳେ ଖୋଦ୍ ଶ୍ରୀନଗରରେ ଇସ୍‌ଲାମିକ୍ ଆଦର୍ଶ ପ୍ରତି ଅନୁପ୍ରାଣିତ ଉଦ୍‌ଭ୍ରାନ୍ତ ଯୁବକମାନେ ଆଇଏସ୍ ପତାକା ଦେଖାଇବାର ଅନେକ ନଜିର ରହିଛି। ଏହା ସିଧାସଳଖ ଆଇଏସ୍‌କୁ ସମର୍ଥନ ଦେଉଥିବା ବେଳେ ସ୍ୱରାଷ୍ଟ୍ର ଓ ପ୍ରତିରକ୍ଷା ମନ୍ତ୍ରଣାଳୟ ପାଇଁ ଖୋଲା ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ଏସବୁ ପରିସ୍ଥିତିକୁ ଦେଖିଲେ ବିଭାଜନ ରାଜନୀତି ଆଜି ଭାରତୀୟ ସୁରକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିଦେଉଛି। ରାଜରାଜୁଡ଼ା ଅମଳରୁ ଦେଖାଯାଇଛି ଯେ, ରାଜ୍ୟରେ ଆଭ୍ୟନ୍ତରୀଣ ବିଶୃଙ୍ଖଳା ଘଟିଲେ ବାହ୍ୟଶତ୍ରୁ ଆକ୍ରମଣ କରିଥାଆନ୍ତି। ଅନ୍ୟପକ୍ଷରେ ଦେଶର ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ହୋଇପାରିଲେ ଆତଙ୍କବାଦୀ ଆକ୍ରମଣ ସହଜ ହୋଇ ନ ଥାଏ। ଏହି ପରିପ୍ରେକ୍ଷୀରେ ଆମେରିକାରେ ୯/୧୧ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ମନେପକାଯାଇପାରେ। ଗୋଇନ୍ଦା ଓ ସୁରକ୍ଷା ବନ୍ଦୋବସ୍ତ କଡ଼ାକଡ଼ି କରାଯିବା ପରେ ସେଠାରେ ଆଉ ବଡ଼ ଧରଣର ଆକ୍ରମଣ ଘଟିନାହିଁ। ଭାରତକୁ ଗୋଇନ୍ଦା ବିଫଳତା ବାରମ୍ବାର ଆକ୍ରମଣ ମୁହଁକୁ ଠେଲିଦେଇଛି। ତେଣୁ ଆଇଏସ୍‌ର ପ୍ରଦେଶ ଗଠନ ଦାବିକୁ ହାଲୁକା ଭାବେ ନିଆଯିବା ଉଚିତ ନୁହେଁ।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ମେ ୧୯୯୪

- ଗତବର୍ଷ ବମ୍ବେ ମହାନଗରୀରେ ଘଟିଥିବା ବୋମା ବିସ୍ଫୋରଣର ମୁଖ୍ୟ ଆସାମୀ ଦାଉଦ ଇବ୍ରାହିମ୍ ଓ ଇବ୍ରାହିମ୍ ଅବଦୁଲ ରଜାକ ମେମୋନଙ୍କ ସମେତ ଫେରାର ଥିବା ୪୪ ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପରେ ସିବିଆଇ ପକ୍ଷରୁ ୧ କୋଟି ୪୦ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା।
- ହାଇତିରେ ନୂଆ ରାଷ୍ଟ୍ରପତି ନିଯୁକ୍ତ କରିବା ଉଦ୍ୟମ ଅସାମ୍ବିଧାନିକ ବୋଲି ଆମେରିକା ଘୋଷଣା କରିଛି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | B | | 7 | | 0 | 9 | E | | | |
| 3 | | | | | A | | | | | C | | 0 | | |
| 2 | | | | | D | | | | | 4 | 6 | | | B |
| | | A | 2 | | 6 | 3 | | | | | 8 | | C | |
| 7 | E | | | | | | | 0 | | 2 | | 4 | | 5 |
| | | | | | | C | | | 6 | | | | | |
| 1 | | | E | | | | 9 | 4 | | | | | 0 | |
| 6 | B | C | 7 | | | | | | | | | | 1 | 4 |
| 0 | | 4 | | | | | | | 7 | 1 | 5 | | A | 6 |
| 9 | 5 | | D | 6 | | | 1 | | | | 0 | 2 | 7 | |
| | 4 | | | | 3 | | | 9 | 8 | | C | | 5 | |
| | | 6 | | | | | 0 | 5 | | | | 1 | B | |
| | | 5 | C | 0 | | | | E | | 6 | 2 | 9 | | |
| C | 2 | 1 | | 4 | | 8 | | | | | B | | 3 | 0 |
| | | | | | 7 | | | 1 | | 5 | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 4 | 3 | D | 2 | C | 1 | 7 | E | 8 | 0 | 5 | 9 | A | B |
| 8 | C | 1 | 0 | B | 7 | D | 2 | A | E | 4 | 9 | 5 | 3 | 6 |
| 2 | A | 9 | 3 | E | 8 | B | 5 | 4 | 1 | 7 | 6 | D | 0 | C |
| B | E | D | 1 | 5 | 9 | 0 | 6 | 8 | C | A | 3 | 2 | 7 | 4 |
| 5 | 7 | 0 | A | 4 | 6 | 9 | C | 3 | 2 | D | B | E | 8 | 1 |
| 3 | 5 | C | 4 | 1 | A | E | D | B | 7 | 9 | 2 | 8 | 6 | 0 |
| 1 | 9 | 2 | B | 3 | D | 7 | A | 6 | 0 | 8 | C | 4 | E | 5 |
| 0 | B | A | 9 | 8 | 2 | 4 | 1 | C | 5 | 6 | E | 3 | D | 7 |
| 4 | 8 | 6 | E | 7 | 5 | 3 | 0 | 2 | A | B | D | C | 1 | 9 |
| 7 | D | E | 6 | C | 0 | 8 | 9 | 5 | 4 | 3 | 1 | B | 2 | A |
| C | 6 | B | 8 | 0 | 1 | A | 3 | 9 | D | E | 4 | 7 | 5 | 2 |
| A | 2 | 4 | 5 | 9 | B | 6 | E | D | 3 | 1 | 7 | 0 | C | 8 |
| 9 | 0 | 8 | 2 | D | 3 | 5 | B | 7 | 6 | C | A | 1 | 4 | E |
| D | 1 | 5 | 7 | A | E | C | 4 | 0 | 9 | 2 | 8 | 6 | B | 3 |
| E | 3 | 7 | C | 6 | 4 | 2 | 8 | 1 | B | 5 | 0 | A | 9 | D |

ଗତକାଲିର ଉତ୍ତର



ସହଦେବ ସାହୁ

# ପୁନରୁଦ୍ଧାରରେ ପ୍ରତିବନ୍ଧକ

ଫଣୀ (ଫନୀ) (ଫଣା ଥିବା ସାପ, ବାଂଲାଦେଶ ଦ୍ୱାରା ନାମିତ) ମହାବାତ୍ୟା ପୁରୀ କୂଳରେ ସ୍ଥଳଭାଗକୁ ମାଡ଼ି ଆସି ପୁରୀ-ଭୁବନେଶ୍ୱର-କଟକ ତଥା ଓଡ଼ିଶା ଉପକୂଳର ଉତ୍ତରାର୍ଦ୍ଧରେ ତା’ର ତାଣ୍ଡବ ସାରି ଚାଲିଯିବାର ଏକାଦଶାହ ପରେ ବି ପ୍ରଭାବିତ ଅଧିବାସୀଙ୍କ ଜୀବନଯାତ୍ରା ସ୍ୱାଭାବିକ ହୋଇ ନ ଥିବା ଏକ ଚିନ୍ତାର କାରଣ। ବନ୍ୟା, ମରୁଡ଼ି, ଝଡ଼ ଓଡ଼ିଶାର ଚିର ସାଥୀ ହୋଇଥିବା ବେଳେ ଗତ ଦଶନ୍ଧିରେ ପ୍ରାୟ ପ୍ରତି ଦୁଇବର୍ଷରେ ଗୋଟିଏ ଲେଖାଏ ମହାବାତ୍ୟା ଘଟି ଓଡ଼ିଶାକୁ ଏକ ନୂଆ ସାଥୀ ଆଣି ଦେଇଛି- ଗ୍ରୀଷ୍ମମଣ୍ଡଳୀୟ ବାତ୍ୟା ବା ଟ୍ରପିକାଲ ଷ୍ଟର୍ମ। ଏ ପ୍ରକାରର ପ୍ରାକୃତିକ କ୍ରିୟା ଜଳବାୟୁ ପରିବର୍ତ୍ତନ ଯୋଗୁ ଘଟୁଛି ବୋଲି ବିଶେଷଜ୍ଞମାନେ କହୁଛନ୍ତି। ପୃଥିବୀକୁ ଆମେ ପ୍ରକୃତି ବୋଲି କହୁଛୁ, ଆମର ପରିବେଶ ବୋଲି ମାନୁଛୁ। ପ୍ରକୃତିରେ ସବୁ ପରିପ୍ରକାଶ କ୍ରମ ବା ପର୍ଯ୍ୟାୟ ଅନୁଯାୟୀ ଘଟିଥାଏ ବୋଲି ସାଧାରଣ ଧାରଣା, ତେଣୁ ଯାହା କିଛି ଏ ଧାରଣାର ବାହାରେ ତାକୁ ଆମେ କହୁ ବିପର୍ଯ୍ୟୟ। ଏହା ଏକ ପ୍ରାକୃତିକ କ୍ରିୟା ହୋଇଥିଲେ ବି ମଣିଷ ସମାଜର ନିତିଦିନିଆ ଜୀବନଯାତ୍ରାକୁ କିଛିଦିନ ପାଇଁ ବନ୍ଦ କରିଦିଏ ବା ବାଧା ଦିଏ। ତେବେ ପ୍ରାକୃତିକ ବିପର୍ଯ୍ୟୟ କୌଣସି ଦୈବୀ ଦୁର୍ବିପାକ ନୁହେଁ; ଭୂକମ୍ପ, ଅଗ୍ନିଉଦ୍‌ଗିରଣ, ବେଗରେ ବାୟୁ ପ୍ରବାହ, ଭାରି ବୃଷ୍ଟିପାତ, ଉଚ୍ଛୁଳା ବନ୍ୟା, ଅତଡ଼ା ଭୁଶୁଡ଼ିବା ବା ପାହାଡ଼ ଧସିବା (ଭୂସ୍ଖଳନ) ଆଦି ପ୍ରକୃତିର ଗୋଟିଏ ଗୋଟିଏ କାମ; ମଣିଷ ସେଭଳି କାମ ଆଗରେ ବଳିପଡ଼ିଯାଇପାରେ ବୋଲି ସେଭଳି ପ୍ରାକୃତିକ କାମକୁ ଆମେ ବିପର୍ଯ୍ୟୟ ବୋଲି ବର୍ଣ୍ଣନା କରୁଛୁ। ବିପର୍ଯ୍ୟୟର ବି ପ୍ରାକ୍ ସୂଚନା ମିଳେ, ମଣିଷେତର ପ୍ରାଣୀମାନେ ଜାଣିପାରନ୍ତି ଓ ବିପଦ ଆସିବା ପୂର୍ବରୁ ସ୍ଥାନ ତ୍ୟାଗ କରନ୍ତି। ଗାଁ ଗହଳରେ ଏବେ ବି କେତେଜଣ ପୁରୁଖା ଲୋକ ବିପର୍ଯ୍ୟୟର ଆଭାସ ପାଇ ଲୋକଙ୍କୁ ବତାନ୍ତି, କିନ୍ତୁ ଆଧୁନିକ ଜୀବନ ମଣିଷକୁ ପ୍ରକୃତିଠାରୁ ଏତେ ଦୂରେଇଦେଲାଣି ଯେ ମଣିଷ ତାହାର ପ୍ରାଣୀସୁଲଭ ଅନ୍ତର୍ଦୃଷ୍ଟି ହରାଇଲାଣି, ବିପଦପ୍ରବଣ ସ୍ଥାନ ଓ କାଳ ଚିହ୍ନଟ ନ କରି ବସ୍ତି ସ୍ଥାପନ କରୁଛି। ତେଣୁ ବିପଦଗ୍ରସ୍ତ ହେଉଛି। ବିପଦପ୍ରବଣ ସ୍ଥାନ ଓ କ୍ୟାଲେଣ୍ଡରରେ ତାହାର କାଳ ଚିହ୍ନଟ କରିବା ସରକାରଙ୍କ କାମ ହୋଇଛି, ଲୋକଙ୍କୁ ବିପଦରୁ ରକ୍ଷାକରିବା ରାଷ୍ଟ୍ରର କର୍ତ୍ତବ୍ୟ ହୋଇପଡ଼ିଛି। ବିପଦପ୍ରବଣ ସ୍ଥାନ ଓ କାଳ ଚିହ୍ନଟ କରିବା ଜ୍ଞାନ ଯେତେ ଉନ୍ନତ ହେବ ପ୍ରାକୃତିକ ଘଟଣାର ସୁରାକ ସେତେ ଆଗରୁ ଆମେ ପାଇବା ଏବଂ ଉଦ୍ଧାର ଓ ପୁନରୁଦ୍ଧାର ସେତେ ଶୀଘ୍ର ସଫଳ ହେବ। ସମ୍ଭାବ୍ୟ ବିପଜ୍ଜନକ ଘଟଣା-ପ୍ରବାହରୁ ଦୂରେଇଯିବା- ଅର୍ଥାତ୍ ଇଭାକୁଏଶନ ଏକ ମହୌଷଧି। ମନେରଖିବା କଥା ଯେ ପ୍ରତି ବିପର୍ଯ୍ୟୟରେ ମଣିଷ କ୍ଷତିଗ୍ରସ୍ତ ହେବାର ସବୁଠାରୁ ବଡ଼ କାରଣ ତାହାର ବାସସ୍ଥଳୀ। ଯେପର୍ଯ୍ୟନ୍ତ ପ୍ରତ୍ୟେକ ଲୋକର ବାସଗୃହ କାଲାମିଟି-ନିରୋଧକ ନ ହୋଇଛି ତା’ର ଆବାସସ୍ଥଳ ଭୁଶୁଡ଼ି ଜୀବନ ଓ ସମ୍ପତ୍ତି ନଷ୍ଟ ହେବ। ଫନୀର ସୂଚନା ପାଇଲା କ୍ଷଣି ଆମ ରାଜ୍ୟ ସରକାର ଶୂନ୍ୟ-ଦୁର୍ଘଟଣା (ଜିରୋ କାଜୁଆଲ୍‌ଟି) ନୀତି ଘୋଷଣା କରିଦେଲେ। ଅର୍ଥାତ୍ ଜଣେ ହେଲେ ଲୋକ ଯେପରି ଦୁର୍ଘଟଣାଗ୍ରସ୍ତ ନ ହୁଏ ସେଥିପାଇଁ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଗଲା ଯେ ବାତ୍ୟା ପ୍ରବାହର ସୀମା ଭିତରେ ଥିବା ଲୋକଙ୍କୁ ବାତ୍ୟା ପ୍ରକୋପକୁ ସମ୍ଭାଳିପାରୁଥିବା କୋଠା ବା ବାତ୍ୟା ଆଶ୍ରୟସ୍ଥଳକୁ ନେଇଆସ। ୧୨ଲକ୍ଷ ପାଖାପାଖି ଲୋକଙ୍କୁ ସ୍ଥାନାନ୍ତର କରିବା ଏବଂ ତଦ୍ୱାରା ମୃତ୍ୟୁ ସଂଖ୍ୟା ଅର୍ଦ୍ଧଶତରୁ କମ୍ ରଖିପାରିଥିବା ସରକାରକୁ ଅନ୍ତର୍ଜାତୀୟ ସମୁଦାୟରୁ ପ୍ରଶଂସା ମିଳିଛି। କିନ୍ତୁ ବାତ୍ୟା ପୀଡ଼ିତ ଲୋକେ କ୍ଷିପ୍ତ ଯେ ସରକାର କାହିଁକି ପ୍ରପୀଡ଼ିତ ଇଲାକାରେ ସ୍ୱାଭାବିକ ଜୀବନଯାତ୍ରା ଫେରାଇ ଆଣିବାରେ ସମପରିମାଣରେ ତତ୍ପରତା ଦେଖାଉନାହାନ୍ତି? ଏହାର କାରଣ ଲୋକଙ୍କୁ ରଖିବାର ଆଶ୍ରୟ ଭଳି ପୁନରୁଦ୍ଧାର କରିବାର ସାମଗ୍ରୀ ତଥା ଯନ୍ତ୍ରପାତି ଓ ସାଜସରଞ୍ଜାମ ରଖିବାର ଗୋଦାମ ପ୍ରପୀଡ଼ିତ ଇଲାକାରେ ବା ନିକଟରେ ନାହିଁ।

ବିପର୍ଯ୍ୟୟ ପ୍ରଶମନର ପ୍ରଥମ ସୋପାନ ଇଭାକୁଏଶନ ହେଲେ ପରବର୍ତ୍ତୀ ସୋପାନ ଥଇଥାନ। ତା’ ଉପରେ ପ୍ରଶାସନର ମୁଖ୍ୟ ସେତେ ଜୋର୍ ଦେଇନାହାନ୍ତି। ଲୋକେ ଓ ଜନସମାଜ କିପରି ଯଥାଶୀଘ୍ର ସ୍ୱାଭାବିକ ଜୀବନଯାତ୍ରାକୁ ଫେରିବେ ତାହା ହିଁ ତ ବିପର୍ଯ୍ୟୟ ପରିଚାଳନା! କି ପ୍ରକାରର କ୍ଷତି ହୋଇପାରେ ତାହା ଭାରତୀୟ ପାଣିପାଗ ବିଭାଗ ଜଣାଇଥାଏ; ଯଥା ବାଡ଼ିବଗିଚା ଉଜୁଡ଼ିଯାଇପାରେ, ବୃକ୍ଷଲତା ଓ ବିଜୁଳିଖୁଣ୍ଟ ଉପୁଡ଼ିଯାଇପାରେ। ଉଜୁଡ଼ା ଚାଷବାସ ମଧ୍ୟମ ଓ ଦୀର୍ଘକାଳୀନ ସମାଧାନ ଚାହେଁ, ରାସ୍ତାରେ ଉପୁଡ଼ିପଡ଼ିଥିବା ବୃକ୍ଷଲତା ଓ ବିଜୁଳିଖୁଣ୍ଟ ଆଦିକୁ ସଫାକରିବା ସହ ବିଜୁଳି ସରବରାହ ତୁରନ୍ତ ଚାଲୁ କରିବା ତତ୍କାଳ ସମାଧାନ ଚାହେଁ। ଖୁଣ୍ଟ ମରାମତି କରିବା ଓ ଦରକାର ପଡ଼ିଲେ ନୂଆ ଖୁଣ୍ଟ ବସାଇବା ଲାଗି ପାଖରେ ସରଞ୍ଜାମ ମହଜୁଦ ଥିବା ଏବଂ ସେଥିଲାଗି ତାଲିମପ୍ରାପ୍ତ କର୍ମଚାରୀ ହାତପାଆନ୍ତାରେ ଥିବା ଦରକାର। ବର୍ତ୍ତମାନ ରାଜ୍ୟରେ ୫ଟି ଓଡ୍ରାଫ୍ ଟିମ୍ କଟକ, କୋରାପୁଟ, ଛତ୍ରପୁର, ଝାରସୁଗୁଡ଼ା ଓ ବାଲେଶ୍ୱରଠାରେ ସ୍ଥାନିତ (ରିଜର୍ଭ) ଅଛନ୍ତି। ସେମାନଙ୍କୁ ୬୬ ପ୍ରକାର ଆବଶ୍ୟକ ଯନ୍ତ୍ରପାତି ଦିଆଯାଇଛି: ଗଛଲତା କାଟିବା ଯନ୍ତ୍ର, କଂକ୍ରିଟ୍ କାଟିବା ଯନ୍ତ୍ର, ଜଳଯାତ୍ରା ପାଇଁ ନୌକା, ବେଲୁନ୍ ଜରିଆରେ ଉଚ୍ଚରୁ ଆଲୋକ, ଜେନେରେଟର, ଭୂଇଁରୁ ଓଜନିଆ ଜିନିଷ ଉଠାଇବାର ଫର୍କଲିଫ୍ଟ, ଉଦ୍ଧାର କରିବାର ହାଇଡ୍ରଲିକ୍ ଯନ୍ତ୍ରପାତି, ପୋତି ହୋଇରହିଥିବା ଜାଗା ଭିତରେ ଖୋଜିବାର ଯନ୍ତ୍ରପାତି, ପ୍ରାଥମିକ ମେଡିକାଲ ଯତ୍ନ, ଆମ୍ବୁଲାନ୍ସ, ପାଣି ଭିତରେ ବୁଡ଼ିରହୁଥିବା ପମ୍ପ, ବୋହିହେଉଥିବା ଟେଣ୍ଟ ଓ ପାଣିଟାଙ୍କି, ଗ୍ୟାସ୍ ମୁଖା ଓ ଶ୍ୱାସନେବା ଯନ୍ତ୍ର ଆଦି। ବର୍ତ୍ତମାନର ଓଡ୍ରାଫ୍ ଦଳ ମଣିଷ, ଗୃହପାଳିତ ପ୍ରାଣୀ ଆଦି ଉଦ୍ଧାରରେ ଦକ୍ଷ, କିନ୍ତୁ ଯାବତୀୟ ଯୋଗାଯୋଗ ମାଧ୍ୟମ ଉଚ୍ଛନ୍ନ ହୋଇପଡ଼ିଥିଲେ ସେଗୁଡ଼ିକୁ ତ୍ୱରିତ ପୁନଃସ୍ଥାପନ କରିବା ଏମାନଙ୍କ କାମ ନୁହେଁ। ରାଜ୍ୟରେ ଆଉ ଯେଉଁ ୫ଟି ଓଡ୍ରାଫ୍ ଦଳ ଗଢ଼ିବାର ଯୋଜନା ଅଛି, ବେଳ ଥାଉ ଥାଉ ସେଗୁଡ଼ିକୁ ଓଡ଼ିଶା ଡିଜାଷ୍ଟର ରାପିଡ୍ ରିଷ୍ଟୋରେଶନ ଫୋର୍ସ ଭାବେ ଗଢ଼ାଯାଉ, ସେମାନେ ବିଜୁଳି ସରବରାହର ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରିବେ। ଭାଙ୍ଗି ବା ଭୁଶୁଡ଼ି ପଡ଼ିଥିବା ଟାୱାର ଓ ଖୁଣ୍ଟଗୁଡ଼ିକୁ ସିଧା କରିବା ବା ବଦଳରେ ନୂଆ ବସାଇବା ଏମାନଙ୍କ କାମ ହେବ। ବିଜୁଳି ସରବରାହ ତୁରନ୍ତ ନ ଆସିଲେ ପାନୀୟ ଜଳ ଅଭାବ ମେଣ୍ଟିବ ନାହିଁ, ସ୍ୱାସ୍ଥ୍ୟସେବା ବ୍ୟାହତ ହେବ, ଡିଜିଟାଲ ଯୋଗାଯୋଗ ବ୍ୟାହତ ରହିବା ହେତୁ ବ୍ୟାଙ୍କ କାରବାର, ପ୍ରଶାସନ କାର୍ଯ୍ୟ, ଶିକ୍ଷା ବ୍ୟବସ୍ଥା ଆଦିରେ ବ୍ୟାପକ ଅସୁବିଧା ରହିବ, ମାଲମତା ପରିବହନ ଲାଗି ତୈଳ ଯୋଗାଣର ପମ୍ପ ଅଚଳ ରହିବ, ଫଳତଃ ହାଟବଜାର ବନ୍ଦ ବା ଶୂନ୍ୟ ରହିବ ତ କଳାବଜାରକାରୀ ଓ ବେଆଇନ ମହଜୁଦକାରୀ ସମାଜକୁ ଶୋଷଣ କରିବେ।

ପ୍ରାକ୍ ବିପର୍ଯ୍ୟୟ ପ୍ରସ୍ତୁତି ଭିତରେ ଆଗକାଳରେ କେବଳ ଖାଦ୍ୟ-ଜଳ ଓ ଆବଶ୍ୟକ ଘରଚଳା ସାମଗ୍ରୀ ସଙ୍ଗିନ ସ୍ଥାନଗୁଡ଼ିକରେ ମହଜୁଦ ରଖାଯାଉଥିଲା। ପ୍ରକୃତିରେ ଜଳବାୟୁ-ପରିବର୍ତ୍ତନ ପର୍ଯ୍ୟାୟକ୍ରମେ କୋଡ଼ିଏ ବର୍ଷ ହେଲା ଭୀଷଣ ରୂପ ନେଇଛି, ତେଣୁ ବାୟୁମଣ୍ଡଳୀୟ ବିପର୍ଯ୍ୟୟ ତୀବ୍ରତର ରୂପ ନେଉଛି। କେବଳ ଆମ ଦେଶରେ ନୁହେଁ, ଟେକ୍ନୋଲୋଜି ଦୃଷ୍ଟିରୁ ଉନ୍ନତ ଆମେରିକାରେ ବି ଏହା ଭୟଙ୍କର ଓ ନରଘାତକ ରୂପ ନେଉଛି। ଏ ପ୍ରକାର ବିପର୍ଯ୍ୟୟରେ ବିଜୁଳି ବିଭ୍ରାଟ ଅନ୍ୟ ସବୁ ବିଭ୍ରାଟର କାରଣ ହେବ, ତେଣୁ ଦୀର୍ଘମିଆଦୀ ସୂତ୍ରରେ ବାତ୍ୟାଦ୍ୱାରା ଆଞ୍ଚ ଆସୁ ନ ଥିବା ଭୂତଳ ତାର ବିଛା ଓ ବିଜୁଳି ଯୋଗାଣ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଉ। ଠିକାଦାରମାନଙ୍କ ଦ୍ୱାରା ଚାଳିତ ନେତାମାନଙ୍କ ଶାସକଦଳ କେତେଦୂର ସମ୍ପର୍କୀୟ-ଠିକାଦାର ସମଝୌତାକୁ ଟାଳିପାରିବେ ଏବଂ ଗତ ୩ ବର୍ଷରୁ ଅଧିକ କାଳ ଚାଲୁ ରହିଥିବା ଭୂତଳ ବିଜୁଳି ସରବରାହ ବ୍ୟବସ୍ଥାକୁ କେତେ ଶୀଘ୍ର, ଅନ୍ତତଃ ଆଉ ଗୋଟିଏ ବାତ୍ୟା ଆସିବା ପୂର୍ବରୁ, ବାତ୍ୟାପ୍ରବଣ ଜିଲାଗୁଡ଼ିକରେ ସମ୍ପନ୍ନ କରିବେ ତାହା ଦେଖିବାର କଥା। ଉଦ୍ଧାର ଓ ପୁନରୁଦ୍ଧାର କାର୍ଯ୍ୟରେ ଥିବା ସବୁ ପ୍ରତିବନ୍ଧକକୁ ଦୂର କରିବା ଉପରେ ସରକାର ପ୍ରାଥମିକତା ଦେବା ଉଚିତ।

ଇମେଲ୍: sahadevas@yahoo.com



ଛନ୍ଦା ମିଶ୍ର

# କୃତଜ୍ଞତାର ଚମତ୍କାରିତା

ଖାଇବା ପୂର୍ବରୁ ହାତରେ ଥିବା ଭାତଗୁଣ୍ଡାଟିକୁ କରନ୍ତୁ ନିରୀକ୍ଷଣ। ଏଇ ଭାତ ମୁଠାକ, ଆପଣଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ଯେଉଁ ମନୁଷ୍ୟମାନଙ୍କ ଶ୍ରମ ନେଇ ଆସିଛି, ଥରୁଟିଏ ତାଙ୍କୁ କରନ୍ତୁ ସ୍ମରଣ। ଚାଉଳ, ଡାଲି, ପରିବା ଆଦି ଯୋଗାଇ ଦେଇଥିବା ଚାଷୀଭାଇ, ବଜାରରୁ ନିଜ ଝାଳବୁହା ଧନ ଦେଇ କିଣି ଆଣିଥିବା ବାପା, ତାକୁ ଅତି ଯତ୍ନରେ ରାନ୍ଧି, ଶ୍ରଦ୍ଧାରେ ପରଷିଥିବା ମା’ଙ୍କୁ ଅନ୍ତରରୁ କୃତଜ୍ଞତା ଜଣାଇ ଧନ୍ୟବାଦଟିଏ ଦିଅନ୍ତୁ। ଦେଖିବେ, ଆପଣଙ୍କୁ ଖାଦ୍ୟ କିପରି ଅମୃତ ତୁଲ୍ୟ ମନେହେବ। କମ୍ ବେଶି ଲୁଣହଳଦୀର ସ୍ୱାଦ ଆପଣଙ୍କୁ କରିବନାହିଁ ବିଚଳିତ। ଓଲଟି ପୃଥିବୀର ଅସଂଖ୍ୟ ଭୋକିଲାଙ୍କ ସହ ନିଜ ଭାଗ୍ୟକୁ ତଉଲି, ଈଶ୍ୱରଙ୍କ ଦୟାକୁ ଅନୁଭବି କୃତଜ୍ଞତାରେ ନଇଁଯିବ ଆପଣଙ୍କ ମଥା। ସେହି କୃତଜ୍ଞତାର ଫଳସ୍ୱରୂପ, ଅନ୍ତରରେ ଭରିଯିବ ଅନିର୍ବଚନୀୟ ପ୍ରଶାନ୍ତି ଯାହା ଆପଣଙ୍କ ରକ୍ତରେ ବହିଯିବ ଏକ ସକାରାତ୍ମକ ସୂକ୍ଷ୍ମ ରୂପନେଇ।

ଏହି ସମାନ କଥାଟିକୁ ମଧ୍ୟ ଆପଣ ଭିନ୍ନ ଦୃଷ୍ଟିଭଙ୍ଗୀ ନେଇ ଦେଖିପାରନ୍ତି। ଆପଣ ଭାବିପାରନ୍ତି ଯେ ଖାଦ୍ୟ ଖାଇବା ମୋର ଅଧିକାର ଓ ମତେ ଖାଦ୍ୟ ଯୋଗାଇବା ବାପାମା’ଙ୍କର କର୍ତ୍ତବ୍ୟ। ଏହି ଭାବନାଟି ସହ ଆପଣଙ୍କ ମନମଧ୍ୟରେ ଗର୍ବବୋଧର ଛୋଟ ଚାରାଟିଏ ଆପେ ଆପେ ହୋଇଯାଏ ରୋପିତ। ଯାହା ପରମୁହୂର୍ତ୍ତରେ ବିଶାଳ ଦ୍ରୁମରେ ପରିଣତ ହୋଇ ଆପଣଙ୍କୁ ଏକ ଗର୍ବୀ, କୃତଘ୍ନ ବ୍ୟକ୍ତି ଭାବେ ସମାଜରେ କରେ କୁଖ୍ୟାତ।

ବୃକ୍ଷଟିଏ ସୂର୍ଯ୍ୟାଲୋକ, ପବନ ଓ ମୃତ୍ତିକାରୁ ପାଣି ତଥା ଖାଦ୍ୟସାର ଗ୍ରହଣ କରେ। ନିଜେ ଜୀବନଧାରଣ କରିବା ସହ କୃତଜ୍ଞତାର ନିଦର୍ଶନ ସ୍ୱରୂପ ଫଳ, ପୁଷ୍ପ, ଛାୟା ଅମ୍ଳଜାନ, ଆସବାବପତ୍ର ଓ ଶେଷରେ ଜାଳେଣି ରୂପରେ ନିଜକୁ କରିଦିଏ ଉତ୍ସର୍ଗ। ତେବେ କେବଳ ବୃକ୍ଷ ନୁହେଁ ଈଶ୍ୱରଙ୍କ ସୃଷ୍ଟିରେ ପ୍ରତିଟି ଜୀବ ପରିବେଶ ଓ ପ୍ରକୃତି ପ୍ରତି କୃତଜ୍ଞତା ଜଣାନ୍ତି ନିଜ ଶକ୍ତି ଅନୁସାରେ।

ପ୍ରକୃତରେ ଦେଖିବାକୁ ଗଲେ, ଏ ବିଶ୍ୱରେ କୌଣସି ପ୍ରାଣୀ ସ୍ୱୟଂସମ୍ପୂର୍ଣ୍ଣ ନୁହେଁ। ଆମେ ଅମ୍ଳଜାନ ପାଇଁ ଗଛ ତଥା ବାୟୁମଣ୍ଡଳ ଉପରେ ନିର୍ଭର କରୁ। ଯଦି ଆମେ ଏ ଦୁହିଁଙ୍କ ପ୍ରତି କୃତଜ୍ଞତା ପ୍ରକଟ କରିବା, ତେବେ ନିଜ ଜାଣତରେ କେବେ ଗଛ କାଟିବା ନାହିଁ ବା ବାୟୁକୁ ପ୍ରଦୂଷିତ କରିପାରିବା ନାହିଁ। ଠିକ୍ ସେହିପରି ଜଳ, ଖାଦ୍ୟ, ସର୍ବୋପରି ପରିବେଶକୁ କୃତଜ୍ଞତା ଜଣାଇବାକୁ ଯାଇ ଆମେ ପରିବେଶ ପ୍ରତି ହୋଇଉଠିବା ସଚେତନ ଓ ସମ୍ବେଦନଶୀଳ। ସ୍ୱତଃସ୍ଫୂର୍ତ୍ତ ଭାବେ ପରିବେଶ ଆମକୁ ଯୋଗାଇଦେବ ନିର୍ମଳ, ଶ୍ୟାମଳ, ପ୍ରଶାନ୍ତିର ବାତାବରଣଟିଏ।

ମନୁଷ୍ୟ ପରି ସାମାଜିକ ପ୍ରାଣୀର ଜୀବନରେ ‘ମଧୁର ସମ୍ପର୍କ’ ତା’ ନିରାଶିଆ ଜୀବନକୁ ମହନୀୟ ଓ ସୁଖପ୍ରଦ କରେ। କିନ୍ତୁ ସମ୍ପର୍କର ସୂତାଖିଅଟି ବେଶ୍ ପତଳା। ଅତ୍ୟନ୍ତ ସାବଧାନ ହୋଇ ନ ଧରିଲେ ଛିଣ୍ଡିଯିବାର ଭୟଥାଏ। ଆଉ ଥରେ ଯଦି ଛିଣ୍ଡେ, ଆପଣ ତାକୁ ଭିଡିଓଟାରି ଯୋଡିବାକୁ ଚେଷ୍ଟା କଲେ ମଝିରେ ଗଣ୍ଠି ପଡିଯାଏ। ଈର୍ଷା, ହିଂସା, ଦ୍ୱେଷ ଓ ସନ୍ଦେହର ବଳୟ ଏହି ଗଣ୍ଠିଟିକୁ ଏପରି କବଳିତ କରେ ଯେ, ସମ୍ପର୍କ ଥାଇ ନ ଥିଲା ପରି ପ୍ରତୀତ ହୁଏ। ଭାଇ ସାଜେ ଭଗାରି, ଶତ୍ରୁ ପାଲଟିଯାଏ ମିତ୍ରଟି। ତେବେ ସମ୍ପର୍କରେ ମଧୁରତା ବଜାୟ ରଖିବା ପାଇଁ ‘କୃତଜ୍ଞତା’ର ଚମତ୍କାରିତା ଆପଣଙ୍କୁ ଆଶ୍ଚର୍ଯ୍ୟଜନକ ଭାବେ ସୁଫଳ ପ୍ରଦାନ କରେ।

ପୁଅ, ବାପାଙ୍କ ପ୍ରଦତ୍ତ ଲୁହଲହୁରେ ଗଢା ପ୍ରତିମୂର୍ତ୍ତିଟିଏ। ସେ ଏହି କଥାଟି ମନରେ ରଖି ବାପାଙ୍କ ପ୍ରତି କୃତଜ୍ଞ ହେଲାବେଳେ, ବାପା ବି ଏହି ପୁଅଟି ଯୋଗୁ ବାପା ହେବାର ଗୌରବ ଅର୍ଜନ କରିଛନ୍ତି ଭାବି ହୋଇଉଠିବେ ଧନ୍ୟ। ତେବେ ଯାଇଁ ସମ୍ପର୍କରେ ରହିବ ମଧୁରତା।

ବାପାଙ୍କ ଗୋଡ ଘଷିଦେଇ ପୁଅ କହୁଛି, ‘‘ବାପା, ତୁମେ ମୋ ପାଇଁ କେତେ କଷ୍ଟ ସହିଛ ସତେ!’’ ପୁଅର କୃତଜ୍ଞତାରେ ନଇଁ ଯାଉଥିବା ମୁଣ୍ଡଟିକୁ ଆଉଁଶିଦେଇ, ବାପାଙ୍କ ଆଖିରୁ ଝରିପଡୁଛି ଆନନ୍ଦର ଦୁଇଟୋପା ଅଶ୍ରୁ। ନିଜକୁ ଶ୍ରେଷ୍ଠ କହୁଥିବା ମନୁଷ୍ୟ ହେଉଛି ଏକମାତ୍ର ପ୍ରାଣୀ ଯାହା ସହିତ ଅକୃତଜ୍ଞ ବା କୃତଘ୍ନ ଶବ୍ଦଟି ଯୋଗ କରାଯାଏ। ଅନ୍ୟଥା ଥରେ ମାତ୍ର ଆପଣଙ୍କ ହାତରୁ ଖାଦ୍ୟ ଖାଇଥିବା କୁକୁରଟି ଆପଣଙ୍କୁ ଯେଉଁଠି ଦେଖିଲେ ନିଜର ଆନୁଗତ୍ୟ ପ୍ରକାଶ କରି ଲାଞ୍ଜଟିକୁ ହଲାଇ ସ୍ନେହଭରେ ଆପଣଙ୍କୁ ଚାହିଁରହେ।

ଉପକାର ପାଇ ଭୁଲିଯିବାର ଛଳନା କେବଳ ମଣିଷ ହିଁ କରିପାରେ। ଆବଶ୍ୟକତା ସରିଲେ ମାତାପିତାଙ୍କ ପରି ଦେବତାଙ୍କୁ ପାସୋରି ଯାଉଥିବା କୃତଘ୍ନଠାରୁ ବା କ’ଣ ଆଶା କରାଯାଇପାରେ! ମନେପଡିଯାଏ କୃତଜ୍ଞତାର ଜ୍ୱଳନ୍ତ ଉଦାହରଣ ‘ହାଚିକୋ’ର କାହାଣୀ। କୁକୁର ଶବ୍ଦଟି ଆମ ଚଳଣିରେ ଭର୍ତ୍ସନା ଓ ଇତର ଶବ୍ଦଟିଏ ହୋଇଥିବାରୁ ‘ହାଚିକୋ’ ପାଇଁ ବ୍ୟବହାର କରିବାକୁ ହାତ ଯାଉନାହିଁ। ତେବେ ଏହି ବିଶ୍ୱସ୍ତ ପ୍ରାଣୀଟି ନିଜ ମାଲିକ ଜାପାନୀ ପ୍ରଫେସର ଉନୋଙ୍କ ପାଇଁ ପ୍ରତିଦିନ ଶିବୁୟା ଷ୍ଟେଶନଠାରେ ଅପେକ୍ଷା କରୁଥିଲା। ସେ ଟ୍ରେନ୍‌ରୁ ଓହ୍ଲାଇଲେ ତାଙ୍କ ସହିତ ଘରକୁ ଫେରୁଥିଲା। କିନ୍ତୁ କାର୍ଯ୍ୟରତ ଥିବା ସମୟରେ ଉନୋ ମସ୍ତିଷ୍କରେ ଆଘାତ ଲାଗି କାର୍ଯ୍ୟସ୍ଥଳୀରେ ପ୍ରାଣ ହରାଇଥିଲେ। କିନ୍ତୁ ‘ହାଚିକୋ’ କୃତଜ୍ଞତାଭରା ହୃଦୟଟି ଧରି ଲଗାତର ନଅବର୍ଷ ଅପେକ୍ଷା କରୁଥିଲା ପ୍ରତିଦିନ, ନିଜ ମାଲିକ ପାଇଁ।

ଆସନ୍ତୁ କୃତଜ୍ଞତା ଜଣାଇବା, ଆମ ଚାରିପଟେ ରହି ଆମ ଜୀବନକୁ ମହକିତ, ପୁଲକିତ ଓ ପ୍ରସ୍ଫୁଟିତ କରିଥିବା ପ୍ରତିଟି ଈଶ୍ୱରୀୟ ସତ୍ତାକୁ। ମତେ ଏ ଧରାପୃଷ୍ଠକୁ ଆଣିଥିବାରୁ ମୋ ମାତାପିତାଙ୍କ ନିକଟରେ ମୁଁ କୃତଜ୍ଞ। ଭାଇ, ଭଉଣୀ, ମୋର ଶିକ୍ଷକ ଓ ବନ୍ଧୁ ପରିଜନଙ୍କ ଆକଟ ଓ ଆଦର ପାଇଁ ମୁଁ କୃତଜ୍ଞ। ମୋର ସମସ୍ତ ମୂର୍ଖାମି ଓ ଚପଳାମି ସତ୍ତ୍ୱେ ଅକାତରେ ମୋତେ ନିଜ ଜଳ ଓ ବାୟୁ ପ୍ରଦାନ କରି ଧରଣୀ ମାତା ସହ୍ୟ କରିଥିବାରୁ ମୁଁ ସମଗ୍ର ପ୍ରକୃତି ନିକଟରେ କୃତଜ୍ଞ। ଆଲେଖ୍ୟଟିକୁ ପାଠ କରୁଥିବା ସହୃଦୟ ପାଠକଙ୍କ ନିକଟରେ ମୁଁ କୃତଜ୍ଞ।

ମୋ-୯୪୩୭୪୫୩୬୧୦

## ଏଇ ଭାରତରେ

ଗୁଜରାଟର ହିମ୍ମତନଗର ଅଞ୍ଚଳର ଯୁବକ ଅଜୟଙ୍କ ବିବାହ ଉତ୍ସବକୁ ନେଇ ଏବେ ସବୁଆଡେ ଚର୍ଚ୍ଚା। ୨୭ ବର୍ଷୀୟ ଯୁବକ ବର ବେଶରେ ସଜେଇ ହୋଇଛନ୍ତି। ଶୋଭାଯାତ୍ରା ହୋଇଛି। ହେଲେ ବାହା ହେବାକୁ କନ୍ୟା ନାହାନ୍ତି। ବିବାହ ପାଇଁ ସବୁ କାର୍ଯ୍ୟ କରାଯାଇଛି। ବିନା କନ୍ୟାରେ ପୁଅର ବିବାହ ଇଚ୍ଛାକୁ ପୂରଣ କରିଛନ୍ତି ବାପା। ଅଜୟଙ୍କ ପିତା ବିଷ୍ଣୁ ବାରୋତ କହନ୍ତି ପିଲାଦିନୁ ମା’ଙ୍କୁ ହରାଇଥିବା ଅଜୟଙ୍କର କୌଣସି ଶିକ୍ଷାଗତ ଯୋଗ୍ୟତା ନାହିଁ। ହେଲେ ସେ ଯେତେବେଳେ ଅନ୍ୟମାନଙ୍କ ବିବାହରେ ଯୋଗ ଦିଅନ୍ତି ସେତେବେଳେ ସେ ନିଜ ବିବାହ ବିଷୟରେ ବାପାଙ୍କୁ ପ୍ରଶ୍ନ କରନ୍ତି। ଆଉ କୁହନ୍ତି ମୋର ବାହାଘର ଧୁମ୍‌ଧାମ୍‌ରେ ହେବ। ପୁଅର ଏହି ଇଚ୍ଛାକୁ ପୂରଣ କରିବାକୁ ଯାଇ ପିତା କନ୍ୟାଟିଏ ଖୋଜିଥିଲେ ମଧ୍ୟ ଶେଷରେ ନିରାଶ ହୋଇଥିଲେ। ହେଲେ ପୁଅର ଇଚ୍ଛା ପୂରଣ କରିବାକୁ ଯାଇ ପରିବାର ଓ ବନ୍ଧୁଙ୍କ ପରାମର୍ଶ କ୍ରମେ ସେ ଅଜୟଙ୍କର ବିବାହ ବିନା କନ୍ୟାରେ କରିବାକୁ ସ୍ଥିର କଲେ। ଏଥିପାଇଁ ସମସ୍ତ କାର୍ଯ୍ୟକ୍ରମର ଆୟୋଜନ କରାଗଲା। ପାଖାପଖି ୨ଶହ ବରଯାତ୍ରୀଙ୍କ ସମେତ ୮ଶହ ଅତିଥିଙ୍କୁ ବିଭିନ୍ନ ସ୍ୱାଦିଷ୍ଟ ବ୍ୟଞ୍ଜନରେ ଆପ୍ୟାୟିତ କଲେ ଅଜୟଙ୍କ ପିତା। ଆଉ ପୁଅର ଇଚ୍ଛା ପୂରଣ କରିଥିବାରୁ ସେ ବେଶ୍ ଖୁସି ଥିବା ମଧ୍ୟ ପ୍ରକାଶ କରିଛନ୍ତି।

## ଚିରନ୍ତନୀ

ଏହି ଯେ ପାହାଡ଼ ଆକାଶେ ଟେକିଛି ଶିର
ଯୋଗୀର ଧୂସର ଧିଆନ ସମାନ ଥିର!
ଉପହସି କେତେ ଝଞ୍ଜା ବତାସ ଖରା
କେତେ ବସନ୍ତେ ତୁଟିନି ଧିଆନ ପରା!
କମ୍ପନହୀନ ବିପୁଳ ବକ୍ଷ ତୁଲେ
ଉପବୀତ ସମ ସରୁ ରଥଟିଏ ଝୁଲେ।
ତଳେ ଉଭାହୋଇ କ୍ଳାନ୍ତ ପଥିକ ଏକ
ତ୍ରସ୍ତ ନୟନେ ନିରେଖୁଚି ତା’ର ଟେକ
ନିରେଖୁଚି ଏହି ପଥ ହେବ ବୋଲି ପାରି
ଅନ୍ତରମୟ ନିରାଶା ପୂରିଛି ଭାରି।

(ଏହି ଯେ ପାହାଡ଼)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପୋଲିସ ଅନ୍ଧାରି ବିଜେ କରୁ

ମହାଶୟ,

ରାଜଧାନୀ ଭୁବନେଶ୍ୱର, ପୁରୁଣା ସହର କେନ୍ଦ୍ରାପଡ଼ା, ଧର୍ମୀୟ ସହର ପୁରୀରେ ଅସାମାଜିକ ଯୁବକମାନେ ଆଡ୍ଡା ଜମାଇ ନିଶା ବିକ୍ରି/ନିଶା ପାନ କରୁଥିବା ବେଳେ ପୋଲିସ ପାଟ୍ରୋଲିଂ ପିସିଆର ଭ୍ୟାନଗୁଡିକର ହର୍ନ ଦେଇ ବର୍ଣ୍ଣାଢ୍ୟ ଆଲୁଅ ଯାତ୍ରା ଦେଖି ଏହି ଯୁବକମାନେ ଫେରାର ହୋଇଯାନ୍ତି। ପୂର୍ବକାଳରେ ରାଜାମାନେ ଛଦ୍ମବେଶରେ ଅନ୍ଧାରି ବିଜେ କରି ରାଜ୍ୟର ଅବସ୍ଥା ଅନୁଧ୍ୟାନ କରୁଥିଲେ। ସେହିପରି ଯଦି କିଛି ପଦସ୍ଥ ଅଧିକାରୀ/ କନଷ୍ଟେବଳ ସାଦା ପୋଷାକରେ ବାଇକ/ସାଇକେଲରେ ପାଟ୍ରୋଲିଂ କରନ୍ତେ, ତେବେ ଅସାମାଜିକ ଯୁବକ/ନାବାଳକମାନଙ୍କ ଅସାମାଜିକ କାର୍ଯ୍ୟ ଓ ନିଶା କାରବାର ଧରାପଡନ୍ତା। ଏ କଥା ବିଚାର କରାଯିବା ଉଚିତ ନୁହେଁ କି ?

ରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

### ଠିକା ଶ୍ରମିକଙ୍କୁ ନିୟମିତ ଦରମା ମିଳୁନାହିଁ

ସୁନ୍ଦରଗଡ଼ ଜିଲାର ବସୁନ୍ଧରାରେ ଥିବା ମହାନଦୀ କୋଲ୍ ଫିଲ୍‌ଡସ୍ ଲିମିଟେଡ୍‌ର ଅତିଥି ଭବନରେ କାମ କରୁଥିବା ଶ୍ରମିକମାନଙ୍କୁ ଠିକ୍ ଭାବରେ ମାସକୁ ମାସ ଦରମା ମିଳୁନାହିଁ। ସେଠାରେ କାର୍ଯ୍ୟରତ ଠିକା ଶ୍ରମିକମାନେ ଦରମା ନ ପାଇ ନାନା ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ଠିକାଦାରଙ୍କୁ ବାରମ୍ବାର ଆପତ୍ତି କରୁଥିଲେ ମଧ୍ୟ ଆଜକୁ ଦୀର୍ଘମାସର ଦରମା ମିଳି ନ ଥିବାରୁ ଗରିବ ଶ୍ରମିକମାନେ ବଡ଼ ଦୟନୀୟ ଅବସ୍ଥାରେ ତାଙ୍କ ପରିବାର ଚଳାଉଛନ୍ତି। ଶ୍ରମିକଙ୍କ ଦରମାରୁ ମାସକୁ ମାସ ଭବିଷ୍ୟନିଧି ପାଣ୍ଠି ବାବଦକୁ ଅର୍ଥ କାଟୁଥିଲେ ମଧ୍ୟ ପିଏଫ୍ ନମ୍ବର କିମ୍ବା ସ୍ଲିପ୍ ଦେଉନାହାନ୍ତି, ଯାହାକି ସିଏମ୍‌ପିଏଫ୍ ଆଞ୍ଚଳିକ ଅଫିସ୍ ସମ୍ବଲପୁରରେ ଜମା କରାଯାଉ ନ ଥିବାରୁ ‘ଓଡ଼ିଶା କୋଲ୍ ଫିଲ୍‌ଡସ୍ ଶ୍ରମିକ ସଙ୍ଗଠନ (ସିଟୁ)’ ଭୁବନେଶ୍ୱରଙ୍କ ତରଫରୁ ଉକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏଥିପ୍ରତି ଆଞ୍ଚଳିକ ଶ୍ରମ କମିଶନର ଓ ମାନବାଧିକାର କମିଶନଙ୍କ ଦୃଷ୍ଟିପତ୍ରୁ।

ପତିତପାବନ ପଣ୍ଡା, ନୂଆପାଟଣା, ତିଗିରିଆ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଦୁଇ ବାଇକ୍ ମୁହାଁମୁହିଁ ଜଣେ ମୃତ, ୪ ଗୁରୁତର

**ସଜନାଗଡ଼, ୧୩ା୫(ଡି.ଏନ.ଏ.):** ନୀଳଗିରି ବ୍ଲକ ମିତ୍ରପୁର-ଉଦଳା ରାସ୍ତା କାଠପାଳ ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଛି। ଏଥିରେ ୪ଜଣ ଗୁରୁତର ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ଜଣଙ୍କୁ ନୀଳଗିରି ମେଡ଼ିକାଲରେ ଚିକିତ୍ସା କରାଯାଉଥିବାବେଳେ ଅନ୍ୟ ୩ଜଣଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବାଲେଶ୍ୱର ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସହଦେବଖୁଣ୍ଟା ଥାନା ଅଧୀନ ଗୋଶାଳାପଦା ଗ୍ରାମର ସଞ୍ଜୟ ପାତ୍ର(୧୯) ତାଙ୍କ ସାଙ୍ଗ ଚନ୍ଦନ ପାତ୍ର (୧୮) ଏକ ବାଇକ୍ (ନଂ. ଓଡି.୦୧ୱାଇ-୭୨୯୦)ରେ ଖୁଣ୍ଟା ଥାନା କନ୍ଥେଇବନ୍ଧ ବାଲିଯୋଡା ଗ୍ରାମକୁ ଯାଉଥିଲେ। ବିପରୀତ ଦିଗରୁ ଅନ୍ୟ ଏକ ବାଇକ୍‌ରେ କୁଜୁଡ଼ିହା ଗ୍ରାମର ମଣ୍ଟୁ ରାଉତ, ନରେନ୍ଦ୍ର ରାଉତ ଏବଂ କାଂଶ ଗ୍ରାମର ଜଗବନ୍ଧୁ ବିଶ୍ୱାଳ ୩ଜଣ ବନ୍ଧୁ ଆସୁଥିଲେ। କାଠପାଳ ଛକ ନିକଟରେ ଉଭୟ ବାଇକ୍ ଭାରସାମ୍ୟ ହରାଇ ମୁହାଁମୁହିଁ ଧକ୍କା ହୋଇଥିଲେ। ଘଟଣାସ୍ଥଳରେ ସଞ୍ଜୟଙ୍କ ମୃତ୍ୟୁ ଘଟିଥିଲା ବେଳେ ଚନ୍ଦନଙ୍କୁ ଗୁରୁତର ଅବସ୍ଥାରେ ନୀଳଗିରି ମେଡ଼ିକାଲକୁ ଅଣାଯାଇଛି।

### କୋଷ୍ଟକେନାଲ ଛକରେ ଭଙ୍ଗା ବିଶ୍ରାମାଗାର



**ବାଲିଆପାଳ, ୧୩ା୫(ଡି.ଏନ.ଏ.):** ବାଲିଆପାଳ ବ୍ଲକର ୧୩ଟି ପଞ୍ଚାୟତର ଗମନାଗମନ ପାଇଁ କାଳିପଦା ବାଲିଆପାଳ ମୁଖ୍ୟ ରାସ୍ତା। ଏହି ରାସ୍ତା ମଝିରେ ପଡେ କୋଷ୍ଟ କେନାଲ। କୋଷ୍ଟ କେନାଲ ଛକରେ ବହୁ ବର୍ଷ ପୂର୍ବରୁ ତିଆରି ହୋଇଥିବା ଯାତ୍ରୀ ବିଶ୍ରାମଗାର ଦୀର୍ଘଦିନ ଧରି ଭଗ୍ନ ଅବସ୍ଥାରେ ରହିଛି। ଏପରିକି ବିଶ୍ରାମଗାରର ଛପର ଉଡିଯାଇଥିବା ବେଳେ ଘରର କବାଟ, ଝରକା ମଧ୍ୟ ଅସାମାଜିକ ଲୋକମାନେ କାଢ଼ି ନେଇଯାଇଛନ୍ତି। ଏଠାରେ ରାତିରେ ଅସାମାଜିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଦକ୍ଷିଣ ବାଲିଆପାଳର ଲୋକମାନେ ବାଲିଆପାଳ କି ବାଲେଶ୍ୱର ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ରାସ୍ତାରେ ମଝିରେ ବର୍ଷା କି ଝଡତୋଫାନ ବା ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ଏହି ବିଶ୍ରାମଗାରରେ ଆଶ୍ରୟ ନେଉଥିଲେ। ମାତ୍ର ଭାଙ୍ଗିଯିବା ଫଳରେ ବହୁ ସମୟରେ ଲୋକମାନେ ହଇରାଣ ହେଉଛନ୍ତି। ଏହାଛଡା ଏଠାରେ ପିଇବା ପାଣିର ବ୍ୟବସ୍ଥା ମଧ୍ୟ ନାହିଁ। ବହୁ ପଥଚାରୀ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବହୁ ଦାବି ପ୍ରତିବାଦ ପରେ ବି ନିର୍ବାଚିତ ଲୋକ ପ୍ରତିନିଧି ଅବା ସରକାରୀ ଅଫିସର ନଜରକୁ ଆସୁନାହିଁ। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଜନ ସାଧାରଣ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଦାବି ଜଣାଇଛନ୍ତି।

### କମେଣ୍ଟ ମାରି ମାଡ଼ ଖାଇଲେ ଯୁବକ

**ବାଲେଶ୍ୱର ଅଫିସ, ୧୩ା୫:** ବାଲେଶ୍ୱର ଜିଲା ସ୍କୁଲ ନିକଟସ୍ଥ ରାସ୍ତାରେ ସୋମବାର ମଧ୍ୟାହ୍ନରେ ଜଣେ ଯୁବତୀ ଯାଉଥିବା ବେଳେ ତାଙ୍କ ସମ୍ପର୍କୀୟ ଭିଣୋଇ କମେଣ୍ଟ ମାରିବାରୁ ସେ ରାଗିଯାଇ ଚପଲ ଖୋଲି ଭିଣୋଇଙ୍କୁ ମାଡ଼ ମାରିଥିଲେ। ଘଟଣାସ୍ଥଳରେ ରାସ୍ତାରେ ଯା'ଆସ କରୁଥିବା ଲୋକ ଅଟକି ଯାଇଥିଲେ। ଘଟଣା ପରେ ପୋଲିସକୁ ଡାକି ଯୁବତୀ ଯୁବକଙ୍କୁ ପ୍ରଥମେ ଟାଉନ୍ ଥାନାକୁ ନେଇ ଯାଇଥିଲେ। ପରେ ଘଟଣାଟି ସହଦେବଖୁଣ୍ଟା ସହଦେବଖୁଣ୍ଟା ଥାନା ଅଞ୍ଚଳ ହୋଇଥିବାରୁ ଥାନାରେ ଉଭୟଙ୍କ ମଧ୍ୟରେ ବୁଝାମଣା ହୋଇ ଫେରିଥିବା ଜଣାପଡ଼ିଛି।

### ପୁରାତନ ଛାତ୍ର ସଂସଦରେ ମାତୃ ଦିବସ

**ବାଲେଶ୍ୱର ଅଫିସ,୧୩ା୫:** ବାଲେଶ୍ୱର ଫକୀରମୋହନ କଲେଜ ପୁରାତନ ଛାତ୍ର ସଂସଦ କାର୍ଯ୍ୟାଳୟରେ ସଭାପତି ହିମାଂଶୁ ଦାସଙ୍କ ଅଧ୍ୟକ୍ଷତାରେ ମାତୃ ଦିବସ ଉପଲକ୍ଷେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ସଂସଦର ସାଧାରଣ ସମ୍ପାଦକ ଡା. ପ୍ରଭାତ ଚନ୍ଦ୍ର ଚୌଧୁରୀ, ପ୍ରସନ୍ନ ପାଣିଗ୍ରାହୀ, ମଧୁସୂଦନ ବେହେରା, ଅନିଲ କୁମାର ପଟ୍ଟନାୟକ, ପ୍ରଶାନ୍ତ କୁମାର ପାଢ଼ୀ, ସୁରେନ୍ଦ୍ର ପ୍ରସାଦ ଧଳ, ଭାସ୍କର କୁମାର ଜଟାନିଆ ପ୍ରମୁଖ ଅଂଶଗ୍ରହଣ କରି ମତାମତ ଦେଇଥିଲେ।

## ■ ରାଜ୍ୟସ୍ତରୀୟ ସ୍ୱାଭିମାନ ସମାରୋହ

# ମଧୁସୂଦନ ଥିଲେ ଓଡ଼ିଆ ଜାତିର ପ୍ରାଣ

**ରୂପସା, ୧୩ା୫(ଡି.ଏନ.ଏ.)**



ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।

ଉତ୍କଳ ଗୌରବ ମଧୁସୂଦନ ଦାସ ଥିଲେ ସ୍ୱାଭିମାନର ପ୍ରତୀକ। ମଣିଷ ସମଭାବାପନ୍ନ ହେବା ସହ ରାଷ୍ଟ୍ରର ବିକାଶ, ଭାଷାର ଉନ୍ନତି ଲାଗି ଆଗଭର ପାଇଁ ସେ ଆହ୍ୱାନ ଦେଇଥିଲେ। ବାସ୍ତବରେ ସେ ଓଡ଼ିଆ ଜାତିର ପ୍ରାଣ ଓ କର୍ମବୀର ଥିଲେ ବୋଲି ରାଜ୍ୟସ୍ତରୀୟ ସ୍ୱାଭିମାନ ସମାରୋହରେ ଯୋଗଦେଇ ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସିନେଟ ସଦସ୍ୟ ଡ. ବିପିନ ବିହାରୀ ବିଶ୍ୱାଳ ମତବ୍ୟକ୍ତ କରିଛନ୍ତି।

ବାଲେଶ୍ୱର ସଦର ବ୍ଲକ କସିପଦା ପଞ୍ଚାୟତ ହାଇସ୍କୁଲରେ ଓଡ଼ିଶା ସ୍ୱାଭିମାନ ପରିଷଦ ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ ରାଜ୍ୟସ୍ତରୀୟ ସ୍ୱାଭିମାନ ସମାରୋହ ପାଳିତ ହୋଇଯାଇଛି। ଏଥିରେ ସୀତାଂଶୁ ବ୍ରହ୍ମଚାରୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର ବିଷ୍ଣୁପ୍ରସାଦ ଦାଶ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଗଜପତି ଜିଲାର ଏସ୍‌କେସିଜି ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ସୁବିର ତୁଙ୍ଗ, ଆଇନଜୀବୀ ସତ୍ୟେନ୍ଦ୍ର ଉମାଶଙ୍କର ରାଉତ, ପ୍ରଧାନଶିକ୍ଷକ ପର୍ଶୁରାମ ବେହେରା ପ୍ରମୁଖ ମଞ୍ଚାସୀନ ହୋଇ ମଧୁସୂଦନଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ପୂର୍ବତନ ବିଇଓ ଜୟନ୍ତ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ମହାନ୍ତିଙ୍କୁ ଗୁରୁ ଗୌରବ, ସଫଳ ଚାଷୀ ମଧୁସୂଦନ ପଣ୍ଡାଙ୍କୁ କୃଷକ ଗୌରବ, ନିରଞ୍ଜନ ବାରିକଙ୍କୁ ସମାଜସେବା ଗୌରବ, ସ୍ୱର୍ଗତ ପ୍ରାଧ୍ୟାପକ ଉମେଶ ଚନ୍ଦ୍ର ମହାପାତ୍ରଙ୍କୁ ମରଣୋତ୍ତର ଶିକ୍ଷକ ଗୌରବ ସମ୍ମାନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। କ୍ରୀଡ଼ାବିତ୍ ହରିଚନ୍ଦନ ରାଉତ ଓ ୨୦୧୮ ମାଟ୍ରିକ୍ ପରୀକ୍ଷାରେ ରୂପ୍‌ସାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର କ୍ରିଷ୍ଣା କୁମାର ଦଳାଇଙ୍କୁ ପ୍ରଶସ୍ତିପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସିଆର୍‌ସିସି ଗନ୍ଧମାର୍ଦ୍ଦନ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଫନୀ' କ୍ଷତିଗ୍ରସ୍ତଙ୍କୁ ସହାୟତାର ହାତ ବଢ଼ାଇଲେ ଏମ୍‌ପି

**ବାଲେଶ୍ୱର ଅଫିସ, ୧୩ା୫**

ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ଜିଲାରୁ ୩୦୦ରୁ ଅଧିକ ସ୍ୱେଚ୍ଛାସେବୀ ଗତ ଶୁକ୍ରବାର ପୁରୀ ଜିଲା ଅଧୀନ ବ୍ରହ୍ମଗିରି ବ୍ଲକର ମହାବାତ୍ୟା 'ଫନୀ'ରେ କ୍ଷତିଗ୍ରସ୍ତ ଲୋକମାନଙ୍କୁ ଡିମିରିସେଣା, କାହାଳପଡ଼ା, ମାନପଡ଼ା, କାଣ୍ଡଗୋଡ଼ା, ରେବଣା ନୂଆଗାଁ, କାଡ଼ଜିତ ପାଟଣା, ଗୋରୱାଲ, ବ୍ରହ୍ମଗିରି ଆଦି ପଞ୍ଚାୟତରେ ପହଞ୍ଚି ସକାଳ ଜଳଖିଆ ସହିତ ଦୁଇଓଳି ରନ୍ଧାଖାଦ୍ୟ ପ୍ରଦାନ କରିଛନ୍ତି।

ସେମାନେ 'ଫନୀ' ପ୍ରଭାବିତ ଅଞ୍ଚଳ ବୁଲିବା ଓ ଲୋକମାନଙ୍କର ଅବସ୍ଥା ପରିଦର୍ଶନ କରିବା ସହ ସ୍ଥାନୀୟ ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଗତ ୩ ତାରିଖ ବାତ୍ୟା 'ଫନୀ' ପରେ ଏ ଯାଏ ଲୋକେ ରନ୍ଧା ଖାଦ୍ୟ ଖାଇବାକୁ ପାଇ ନାହାନ୍ତି ବୋଲି ସେଠାକାର ବାସିନ୍ଦା କହିଥିଲେ। ଦୟନୀୟ ଅବସ୍ଥାରେ ଲୋକେ ରହିଥିବା ବେଳେ ଯୋଗାଯୋଗର କୌଣସି ସୁବିଧା ନାହିଁ କି ବିଦ୍ୟୁତ୍ ଓ ପାଣି ନାହିଁ ବୋଲି ସେମାନେ ପ୍ରକାଶ କରିଥିଲେ। ଲୋକେ ଅନ୍ଧାରରେ ରାତି କଟାଉଥିବା ବେଳେ ଦିନର ଅସହ୍ୟ ଖରା ଓ ଗୁଳୁଗୁଳିରେ ସେମାନେ ଡ଼ହଳବିକଳ ହେଉଛନ୍ତି। ଏହି ରିଲିଫ୍ କାର୍ଯ୍ୟକ୍ରମ ଦ୍ୱାରା ଧୀରେ ଧୀରେ ଲୋକମାନଙ୍କର ସ୍ଥିତିରେ ସୁଧାର ଆସୁଛି। ପ୍ରାଥମିକ ଅବସ୍ଥାରେ ତିନି ଚାରି ଦିନ ପାଇଁ ଏହି ଖାଦ୍ୟ ପ୍ରଦାନ କରିବାକୁ ଥିବା ବେଳେ ପରବର୍ତ୍ତୀ ସମୟରେ ଆବଶ୍ୟକତା ଦେଖି ରନ୍ଧାଖାଦ୍ୟ ପ୍ରକ୍ରିୟାକୁ ବୃଦ୍ଧି କରାଯିବାର ଯୋଜନା ରହିଛି। ସରକାରଙ୍କ ଆଗୁଆ ସତର୍କତା ଯୋଗୁ ଲୋକମାନଙ୍କର ଜୀବନ ବଞ୍ଚିଯାଇଥିଲେ ମଧ୍ୟ ଜନସାଧାରଣଙ୍କର ସମସ୍ତ ଅତ୍ୟାବଶ୍ୟକ ସେବାରୁ ବଞ୍ଚିତ ହେଉଛନ୍ତି। 'ଫନୀ' ଓଡ଼ିଶାରେ ପ୍ରଭୂତ କ୍ଷତି ଘଟାଇଥିବା ବେଳେ ଲୋକେ ଅଦ୍ୟାବଧି ଏଥିରୁ ଉଦ୍ଧାର ପାଇ ପାରିନାହାନ୍ତି। ଦେଶବିଦେଶରୁ ଓଡ଼ିଶା ପାଇଁ ସହଯୋଗର ସୁଅ ଛୁଟୁଛି। ଏଥିରେ ସବୁ ବର୍ଗର ଲୋକେ ସହାୟତା ପାଇଁ ଆଗେଇ ଆସିବା ଉଚିତ୍। ଏହା କୌଣସି ଦଳ ବା ସଙ୍ଗଠନର କାର୍ଯ୍ୟକ୍ରମ ନୁହେଁ। ବାଲେଶ୍ୱର ଜିଲା ପକ୍ଷରୁ ଏହି ସହାୟତା ପ୍ରଦାନ କରାଯାଉଛି। ଏଥିପାଇଁ ଆମକୁ ରାଇସ୍‌ମିଲ ମାଲିକ ସଂଘ, ରୋଟାରୀ କ୍ଲବ, ଲାୟନ୍ସ କ୍ଲବ୍, ଓରିପ୍ଲାଷ୍ଟ, ହରିପ୍ଲାଷ୍ଟ, ଇମାମୀ ପେପରମିଲସ୍, ବିର୍ଲା ଟାୟାର୍ସ ସମେତ ଅନେକ ବ୍ୟକ୍ତିଗତ ସ୍ତରରେ ସହଯୋଗ ମଧ୍ୟ ମିଳିଥିବା ଏମ୍‌ପି ଇଂ. ଜେନା ପ୍ରକାଶ କରିଛନ୍ତି।



'ଫନୀ' ପୀଡ଼ିତଙ୍କୁ ଖାଦ୍ୟ ପରଷୁଛନ୍ତି ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା।

# ଏଥର ରଜ କୁଇନ୍ ପ୍ରତିଯୋଗିତା ସାଙ୍ଗକୁ ଯାତ୍ରା ଟୁର୍ନାମେଣ୍ଟ

**ଖଇରା, ୧୩ା୫(ଡି.ଏନ.ଏ.)**

ରଜ ମହୋତ୍ସବ ପାଇଁ ପ୍ରସ୍ତୁତି



ବୈଠକରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଉଛି।

ଖଇରା ବ୍ଲକ ନୟାଖଣ୍ଡି ପଞ୍ଚାୟତ ଅଧୀନ ସୁନ୍ଦରପୁର ହାଇସ୍କୁଲ ପଡ଼ିଆରେ ୨ବର୍ଷର ରଜ ମହୋତ୍ସବ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ରବିବାର ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ସୁରେନ୍ଦ୍ର ପ୍ରସାଦ ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ୪ ଦିନ ଅର୍ଥାତ୍ ୧୩, ୧୪, ୧୫ ଓ ୧୬ରେ ଶଝ ମହୋତ୍ସବ ପାଳନ ହେବ। ଏଥିରେ ରଜକୁଇନ୍ ପ୍ରତିଯୋଗିତା ସାଙ୍ଗକୁ ପୁଚି, ଢିଙ୍କି କୁଟା, ପାନଭଙ୍ଗା, ତାସ, ଲୁଡୁ, କବାଡି, ଖୋଖୋ ଆଦି ପ୍ରତିଯୋଗିତା ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥର ପ୍ରଥମ କରି ଯାତ୍ରା ଟୁର୍ନାମେଣ୍ଟ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାଛଡ଼ା ଦର୍ଶକ ମନୋରଞ୍ଜନ ଓ ଅଧିକ ଆକର୍ଷଣ ପାଇଁ ରାମଦୋଳି, ମୀନାବଜାର ବସାଇବା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ବୈଠକରେ ସୌଭାଗ୍ୟ ନାୟକ, ଡା. ହରେକୃଷ୍ଣ ରାଉତ, ବିମଳେନ୍ଦୁ ଜେନା, ବୁଦ୍ଧିରାମ ପାଣିଗ୍ରାହୀ, ଚିନ୍ତାମଣି ସାହାଣି, ବିଷ୍ଣୁପ୍ରସାଦ ମିଶ୍ର, ବସନ୍ତ କୁମାର ପାଢ଼ୀ, ବସନ୍ତ କୁମାର ବେହେରା, ପ୍ରଶାନ୍ତ କୁମାର ଦାସ ପ୍ରମୁଖ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ବିଦ୍ୟୁତକାଟ୍

**ବାଲିଆପାଳ, ୧୩ା୫(ଡି.ଏନ.ଏ.)**

ବାଲିଆପାଳ ଅଞ୍ଚଳରେ ଗତ ୪ ଦିନ ଧରି ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ଲୋକେ ୧୦ଟା ବେଳକୁ ପଦାକୁ ବାହାରି ପାରୁନାହାନ୍ତି। ଯାନବାହନ ଚଳାଚଳ ମଧ୍ୟ ସ୍ୱାଭାବିକ ହେଉନାହିଁ। ବାଲିଆପାଳ ବଜାର, ବ୍ଲକଛକ, ପାରୁଳିଆ ଛକରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଠିକ୍ ଭାବେ ଚାଲୁ ନ ଥିବାରୁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଉ ଦୁଇ ତିନି ଦିନ ଏଭଳି ଗୁଳୁଗୁଳି ଲାଗି ରହିଲେ ପରିସ୍ଥିତି ଜଟିଳ ହେବ ବୋଲି ଲୋକେ ଆଶଙ୍କା କରିଛନ୍ତି। ପ୍ରଶାସନ ତରଫରୁ ଛକ ବଜାର ସ୍ଥାନଗୁଡିକରେ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇ ଦେବାକୁ ଦାବି ହେଉଛି। ଏହାଛଡା ଅଧିକାଂଶ ସମୟରେ ମଧ୍ୟ ବିଦ୍ୟୁତ କାଟ୍ ହେଉଛି। ତେବେ ବିଦ୍ୟୁତକାଟ ଉପରୁ ହେଉଛି ବୋଲି ବିଭାଗୀୟ ଇଂ ତପନ ପରିଡା କହିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ମଧ୍ୟ ଦାବି ହୋଇଛି।





(ଫଟୋ-ସନ୍ତୋଷ)

ବାଲେଶ୍ୱର ଜିଲା କାମୁଖଡ଼ି-ଧାମରା ରାସ୍ତାରେ ଏକ ବସ୍ ଉପରେ ଯାତ୍ରୀମାନେ ବିପଦସଙ୍କୁଳ ଅବସ୍ଥାରେ ବସି ଯାତ୍ରା କରୁଛନ୍ତି।

# ୨ ଚୋରା ମଦ ବେପାରୀ ଗିରଫ

**ନୀଳଗିରି, ୧୩ା୫(ଡି.ଏନ.ଏ.):** ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ଥାନାର ବିଭିନ୍ନ ସ୍ଥାନରେ ସୋମବାର ଚଢ଼ାଉ କରାଯାଇ ଦୁଇ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ସମୁଦାୟ ୩୩ଲିଟର ରନ୍ଧା ମହୁଲି ମଦ ଜବତ କରାଯାଇଛି। ଏ ନେଇ ବିଭାଗରେ ମାମଲା (ନଂ. ୨୮/୧୯ ଓ ୨୯/୧୯) ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଛି। ଗିରଫଦ୍ୱୟ ହେଲେ ମଖାପଦା ଗାଁର ପରମାନନ୍ଦ ସିଂ (୪୭), ପଣ୍ଡା ଅଫିସ୍ ଗାଁର ମିନି ଗୋଛାୟତ(୩୫)। ଜିଲା ଅବକାରୀ ଅଧୀକ୍ଷକ ରାଜେଶ ଭୋତ୍ରାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ନିରୀକ୍ଷକ ସିଦ୍ଧେଶ୍ୱର ବେଶ୍ରାଙ୍କ ନେତୃତ୍ୱରେ ଉପନିରୀକ୍ଷକ ଲକ୍ଷେ ସାଧବ ପ୍ରଧାନ, ସହକାରୀ ଉପନିରୀକ୍ଷକ ଜୟନ୍ତୀ ଆଚାର୍ଯ୍ୟଙ୍କ ସମେତ ଟିମ୍ ଚଢ଼ାଉରେ ସାମିଲ ଥିଲା।

**PARADIP PORT TRUST**

**e-TENDERING NOTICE**

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers / authorized dealers for supply of **Ink Tank Based Printer on Buy Back basis of 49 Nos. of different make printers.** The last date and time of submission of the tender is 17.15 Hours on Dt.22/05/2019.

For details, log on to website https://eprocure.gov.in/eprocure/app.

Sr.Dy. Materials Manager

PPT/PR/39/19-20 Dt. 13.05.2019

## ■ ୬ବର୍ଷର ଶିଶୁକୁ କର୍କଟ

# ଅସ୍ତ୍ରୋପଚାର ପାଇଁ ସହାୟତାକୁ ଅପେକ୍ଷା

**ଖଇରା, ୧୩ା୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ମହତୀପୁର ପଞ୍ଚାୟତ ଅଧୀନ ବଟେଶ୍ୱର ଗ୍ରାମର ସୁବାଷ ଚନ୍ଦ୍ର ବେହେରା ଓ ତାଙ୍କ ପତ୍ନୀ ତିଳୋତ୍ତମାଙ୍କ ଆଖିକୁ ନିଦ ନାହିଁ କି ପେଟକୁ ଭୋକ ନାହିଁ। ସାନପୁଅର ଚିକିତ୍ସା ପାଇଁ ଟଙ୍କା ଆସିବ କେଉଁଠୁ ବୋଲି ସେହି ଚିନ୍ତା ଘାରୁଛି। ୬ବର୍ଷର ପୁଅ ମସ୍ତିଷ୍କରେ ଟ୍ୟୁମର ଏବଂ ତାହା ପୁଣି କର୍କଟ ଆଡକୁ ଅଗ୍ରସର ହେଉଥିବା ଜଣାପଡିବା ପରେ ପରିବାର ଲୋକଙ୍କ ପାଦ ତଳୁ ମାଟି ଖସିଯାଉଛି। ସେପଟେ ତୁରନ୍ତ ଅସ୍ତ୍ରୋପଚାର ପାଇଁ ଡାକ୍ତର ପରାମର୍ଶ ଦେଉଥିବା ବେଳେ ଏବେ ପାଖରେ କାଣିକଉଡିଟିଏ ବି ନ ଥିବା ପରିବାର ଲୋକଙ୍କୁ ବ୍ୟତିବ୍ୟସ୍ତ କରି ପକାଉଛି।

୬ବର୍ଷର ପୁଅ ମନଜିତ୍ (ଡାକନାମ ମୁନା) ର ୪ମାସ ତଳେ ମୁଣ୍ଡରେ ଯନ୍ତ୍ରଣା ହେବାରୁ ପରେ କାନ୍ଦିବା ଆରମ୍ଭ କଲେ। ମା'ବାପା ପ୍ରଥମେ ଖଇରା ଓ ପରେ ସୋର ନେଇ ସ୍ଥାନୀୟ ଡାକ୍ତରଙ୍କୁ ଦେଖାଇଥିଲେ। ଧୀରେ ଧୀରେ ପିଲାର ଅବସ୍ଥା ବିଗିଡିବାକୁ ଲାଗିଲା। ଦିନେ ହଠାତ୍ ମୁନା ଚେତାଶୂନ୍ୟ ହୋଇପଡିବା ପରେ ତାଙ୍କୁ ଭଦ୍ରକ ପରେ କଟକ ନିଆଯାଇଥିଲେ। ସେଠାରେ ତାଙ୍କ ମୁଣ୍ଡରେ ପାଣି ଜମିବା ସହ ଟ୍ୟୁମର ହୋଇଥିବା ଜଣାପଡିଥିଲା। କଟକର ଶ୍ରୀମା ନର୍ସିଂହୋମରେ ପ୍ରଥମ ଅସ୍ତ୍ରୋପଚାର ସ୍ୱରୂପ ପାଣି କାଢ଼ି ଦିଆଯାଇଥିଲା। ଏଥିରେ ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଯାଇଥିଲା। ଖଇରା କଲେଜ ଛକରେ ଏକ ଚା' ଦୋକାନରୁ ଯାହା ଆୟ ହୁଏ ସେଥିରେ ପରିବାର ଚଳିବା ମୁସ୍କିଲ ହୋଇ ପଡୁଥିବା ବେଳେ ଧାର ଉଦ୍ଧାର କରି ଏହି ଅସ୍ତ୍ରୋଚାର କରାଇଦେଲେ। ପୁନଶ୍ଚ ଟ୍ୟୁମର ଅସ୍ତ୍ରୋପଚାର ପାଇଁ ଅର୍ଥ ଯୋଗାଡ କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଭୁବନେଶ୍ୱର ଏମ୍ସକୁ ନେବା ପରେ ୪ମାସ ପରେ ଆସିବାକୁ କହିଥିଲେ। ପୁଅର ସ୍ୱାସ୍ଥ୍ୟ କଥା ଭାବି ବାପା ସୁବାସ କେତେକ ଶୁଭେଚ୍ଛୁଙ୍କ ଜରିଆରେ ତାକୁ ବାଙ୍ଗାଲୋର ସାଇ ହସ୍‌ପିଟାଲକୁ ନେଇଥିଲେ ହେଁ ସେଠାରୁ ସେମାନେ ମଧ୍ୟ ଫେରାଇ ଦେଇଥିଲେ। ଅସ୍ତ୍ରୋପଚାର ପାଇଁ ଅର୍ଥ ଆବଶ୍ୟକ ଥିବା ତାଙ୍କୁ ସହାୟତା ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି।



ମନଜିତ।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

**ODISHA POWER TRANSMISSION CORPORATION LIMITED**

(A Government of Odisha Undertaking)

O/o the Sr. General Manager (S&S) Janpath, Bhubaneswar-751022. CIN: U40102OR2004SGC007553

**TENDER NOTICE NO. SR.G.M. (S&S) - 01/2019-20**

For and on behalf of Odisha Power Transmission Corporation Ltd., Sr. G.M. (S&S) invites Tenders from reputed Manufacturers / Authorised Dealers for Supply & Installation of 7 Nos. of 2.0 Ton and 1 No. 1.5 Ton 3 Star Inverter Split A.C. Machines (Make : LG / Carrier / Blue Star / Hitachi / Voltas) and 5.0KVA Voltage Stabilizers for OPTCL headqrs, Bhoinagar, Bhubaneswar duly superscribed on the cover as : **"Tender for supply & installation of Split A.C. Machines with Voltage Stabilizers for OPTCL/GRIDCO".** Tender papers can be downloaded from the OPTCL website from **dt.11.05.2019 to dt.23.05.2019 up to 1.00 PM**. The last date for receipt of tender is **dt.23.05.2019 upto 1:00 PM. The tender will be opened on dt.23.05.2019 at 4:00 PM.** Interested firms may visit OPTCL's official website **www.optcl.co.in** for detail specifications.

Sd/- Sr. General Manager (S&S)

Please connect us: optcl.odisha optcl_odisha energyodisha

**ଡାକ ବିଭାଗ (ସିଭିଲ ୱିଙ୍ଗ୍)**

**ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ୩ୟ ମହଲା, ପୋଷ୍ଟାଲ ଷ୍ଟୋର୍ ଡିପୋ ବିଲ୍ଡିଂ, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ ଯୋଗ୍ୟ ଠିକାଦାରମାନଙ୍କଠାରୁ "ପାଟଣାଗଡ଼, ଓଡ଼ିଶାଠାରେ ପିଓ ବିଲ୍ଡିଂ ଏବଂ ଏସ୍‌ପିଏମ୍ କ୍ୱାର୍ଟର୍‌ର ନିର୍ମାଣ" କାର୍ଯ୍ୟ ନିମନ୍ତେ ଅନ୍‌ଲାଇନ୍ ଶତକଡ଼ା ଦର ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଅଟକଳ ମୂଲ୍ୟ: ଟ.୧,୫୪,୨୦,୫୭୭.୦୦ {ଟ.୧,୪୦,୫୫,୨୧୭.୦୦ (ସିଭିଲ ଅଂଶ) ଏବଂ ଟ.୧୩,୬୫,୩୬୦.୦୦ (ବୈଦ୍ୟୁତିକ ଅଂଶ)}, ଇଏମ୍‌ଡି: ଟ.୩,୦୮,୪୧୨/- (କମ୍ପୋଜିଟ୍), ଟେଣ୍ଡର ଦେୟ: ଶୂନ୍ୟ, ଇ-ଟେଣ୍ଡର ପ୍ରକ୍ରିୟାକରଣ ଦେୟ ଟ.୮୮୫୦/- (ପ୍ରଯୁଜ୍ୟ ଟିକସ ସମେତ) ବିଡର୍‌ଙ୍କ ଦ୍ୱାରା ବହନ କରାଯିବ ଯାହା ଆଇଟିଆଇ ଲିଃ, ନୂଆଦିଲ୍ଲୀଙ୍କ ସପକ୍ଷରେ ଇ-ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ପୈଠଯୋଗ୍ୟ। ବିଡ୍ ଦାଖଲର ଶେଷ ସମୟ ଓ ତାରିଖ: ତା୨୭।୦୫।୨୦୧୯ରିଖ ୧୫.୦୦ ଘଟିକା। ସମାପ୍ତି ଅବଧି ୩୦୦ (ତିନି ଶହ) ଦିନ।

ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizarde.comରୁ ହାସଲ କରାଯାଇପାରିବ।

ସ୍ୱା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର

## ସଂକ୍ଷେପରେ

### ପୃଥକ ସଡ଼କ ଦୁର୍ଘଟଣାରେ ୨ ଗୁରୁତର

**ପାଟଣା, ୧୩।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକରେ ସୋମବାର ପୂର୍ବାହ୍ନରେ ପୃଥକ ସଡ଼କ ଦୁର୍ଘଟଣା ଘଟି ୨ ଜଣ ଗୁରୁତର ଆହତ ହୋଇଛନ୍ତି। ପ୍ରଥମ ଘଟଣାରେ ପାଟଣାରୁ କେନ୍ଦୁଝର ଅଭିମୁଖେ ଯାଉଥିବା ଏକ ବାଇକ୍ (ନଂ.ଓଡି଼୦୯ଜେ ୫୯୯୧) ଟାଙ୍ଗରପଡାଠାରେ ଭାରସାମ୍ୟ ହରାଇ ପୋଲିସ ଷ୍ଟପୟାର୍ଡକୁ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହୀ ଗୁରୁତର ହୋଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ଯୁବକ ହେଲେ କେନ୍ଦୁଝର ସଦର ଥାନା ମାଧପୁର ଗ୍ରାମର ଗଙ୍ଗାଧର ତରେଇଙ୍କ ପୁଅ ସୁମିତ କୁମାର ତରେଇ(୨୪)। ସୁମିତଙ୍କ ମୁଣ୍ଡ ଓ ଡାହାଣ ଗୋଡ଼ରେ ଗଭୀର କ୍ଷତ ହୋଇଛି। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦ୍ୱିତୀୟ ଘଟଣାରେ ପାଟଣା ବ୍ଲକ ବୁଢ଼ିକାପୁଡି ପଞ୍ଚାୟତ ନେଉଳପଶି ଆଇଟିଆଇ ନିକଟରେ ଏକ ବଳଦକୁ ବାଇକ୍ ଧକ୍କା ଦେବା ଫଳରେ ବାଇକ ଚଳାଉଥିବା ପୁଅ ଓ ମା' ବାଇକ ରୁ ଛିଟିକି ପଡ଼ିଥିଲେ। ଫଳରେ ପଛରେ ବସିଥିବା ମା' ଗୁରୁତର ଅବସ୍ଥାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଉକ୍ତ ମହିଳା ହେଲେ ଢେଙ୍କାନାଳ ଜିଲା ଭୁବନ ଗ୍ରାମର ମଞ୍ଜୁଲତା ସାହୁ(୫୦)।

### ଧାନ ଗୋଦାମ ପାଲଟିଛି ସିମେଣ୍ଟ ଗୋଦାମ ଗୃହ

**ହାଟଡିହୀ, ୧୩।୫ (ଡି.ଏନ.ଏ.):** ହାଟଡିହୀ ବ୍ଲକ ର ସୋସୋ ସମବାୟ ସମିତିର ଧାନ ଗୋଦାମ ଏବେ ସିମେଣ୍ଟ ଗୋଦାମ ଗୃହ ପାଲଟି ବ୍ୟବସାୟ ଚାଲିଥିବାରୁ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ସରକାର ଚାଷୀଙ୍କର ଧାନକୁ ଗୋଦାମ ଗୃହରେ ରଖିବାକୁ ୫୦ ଲକ୍ଷ ଟଙ୍କା ବ୍ୟୟରେ ସୋସୋ ଯଜ୍ଞ ପଡ଼ିଆ ନିକଟବର୍ତ୍ତୀ ଏକ ଗୋଦାମ ଗୃହ ନିର୍ମାଣ କରାଯାଇଥିଲା। ଏହି ନୂଆ ଗୋଦାମ ଗୃହଟିରେ ଧାନ ରଖା ନ ଯାଇ ସେଠାରେ ଟ୍ରିପ ଟ୍ରିପ ସିମେଣ୍ଟ ରଖି ବ୍ୟବସାୟ କେନ୍ଦ୍ର ପାଲଟିଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ କାହା ଅନୁମତିରେ ସେଠାରେ ସିମେଣ୍ଟ ରଖାଯାଉଛି ତାକୁ ନେଇ ପ୍ରଶ୍ନ ଉଠୁଛି। ୧୦ ଚକିଆ ଓ ୧୨ ଚକିଆରେ ଶହ ଶହ ବସ୍ତା ସିମେଣ୍ଟ ସେଠାରେ ଗଚ୍ଛିତ ରଖାଯାଉଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତଦନ୍ତ କରିବାକୁ ଦାବି ହୋଇଛି।

# 'ବେଆଇନ ମଦ ବିକ୍ରି ବନ୍ଦ କର'

**ପାଟଣା, ୧୩।୫(ସ୍ୱ.ପ୍ର.)**

ବେଆଇନ ମଦ ବିକ୍ରି ବନ୍ଦ ପାଇଁ କେନ୍ଦୁଝର ଜିଲା ପାଟଣା ଥାନା ଦମାହୁଦା ପଞ୍ଚାୟତ କୁମୁଳାବାହାଲୀ ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ମଙ୍ଗଳବାର ପାଟଣା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ପାଟଣା ଥାନା ଅଧିକାରୀ ପୁଷ୍ପାଞ୍ଜଳୀ ସାମନ୍ତରାୟଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଗତ ସେପ୍ଟେମ୍ବର ୧୬ ତାରିଖରେ ଉକ୍ତ ଗ୍ରାମରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ଯୁବକ ସଂଘର ସଭ୍ୟ ଓ ଗ୍ରାମବାସୀ ମିଶି ଏକ ମଦ ବିରୋଧୀ ଶୋଭାଯାତ୍ରା କରିବା ସହ ଗ୍ରାମରେ ମଦ



ମହିଳାମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ବନ୍ଦ କରିବା ନେଇ ନିଷ୍ପତ୍ତି ନେଇଥିଲେ। ଏହାକୁ ଯେଉଁମାନେ ନ ମାନିବେ ସେମାନେ ୫ଶହ ଟଙ୍କା ଲେଖାଏଁ ଜରିନାମା ଦେବେ ବୋଲି ଗ୍ରାମ ସଭାରେ ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତିକୁ କେତେକ ଲୋକ ନ ମାନି ପୁନର୍ବାର ଗ୍ରାମରେ ବେଆଇନ ମଦ ରାନ୍ଧିବା ସହ ମଦ ବିକ୍ରି କରୁଥିବା ଅଭିଯୋଗ ହୋଇଛି।

# 'ଉତ୍କଳୀୟ ସଂସ୍କୃତିର ପରିଚୟ ପାଲା'

**ଧାମନଗର, ୧୩।୫ (ଡି.ଏନ.ଏ.)**

ଧାମନଗର ବ୍ଲକ ଭଞ୍ଜସାହି ଏବଂ ନଡ଼ିଆବାଗ ଗ୍ରାମର ଶ୍ରୀଶ୍ରୀ ସତ୍ୟନାରାୟଣ ପାଲା ଅନୁଷ୍ଠାନ ପକ୍ଷରୁ ଶତାବ୍ଦୀର ଶ୍ରେଷ୍ଠ ପାଲା ମଞ୍ଚରେ ବାଦୀପାଲା ଅନୁଷ୍ଠିତ ହୋଇଯାଇଛି। ଶହ ଶହ ବର୍ଷ ଧରି ଚଡ଼କମରା ପଡ଼ିଆରେ ସ୍ଥାପିତ ସ୍ଥାୟୀ ପାଲାମଞ୍ଚରେ ଅକ୍ଷୟ ତୃତୀୟାଠାରୁ ୫ଦିନ ବ୍ୟାପୀ ରାଜ୍ୟର ବିଶିଷ୍ଟ ପାଲାଗାୟକଙ୍କୁ ନେଇ ବାଦୀପାଲା ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ ଅନୁଷ୍ଠିତ ବାଦୀପାଲାରେ ଜଗତସିଂହପୁରରୁ ଗାୟକ ପ୍ରବୀର ସନାତନ ଦାଶ, ପୁରୀର ଗାୟକ ସୌରଭ ଗୋପାଳକୃଷ୍ଣ ଜେନା ଏବଂ ଭଦ୍ରକର ଗାୟକ ବାଗ୍ମୀ ବିଜୟ କୁମାର ସାହୁ ନିଜ ଦଳଙ୍କୁ ନେଇ ଅଂଶଗ୍ରହଣ



ମଞ୍ଚରେ ପାଲାଗାୟକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

କରିଥିଲେ। ବିଚାରକ ଭାବେ ଗାୟକ ବିରଞ୍ଚି ନାରାୟଣ ତ୍ରିପାଠୀ, ମହେଶ୍ୱର ବାରିକ ଓ ପୂର୍ଣ୍ଣଚନ୍ଦ୍ର ମିଶ୍ର ଯୋଗଦେଇ କହିଥିଲେ, ପାଲା ଉତ୍କଳୀୟ ସଂସ୍କୃତିର ପରିଚୟ। ପାଲା ପରିବେଷଣ ମଧ୍ୟରେ ଓଡ଼ିଆ ସାହିତ୍ୟ, କାବ୍ୟ, ଛାନ୍ଦ, ସ୍ୱରଚିତ କବିତାଠାରୁ ଆରମ୍ଭ କରି ସ୍ୱର, ଅଭିନୟ ଏବଂ ବାଦ୍ୟଯନ୍ତ୍ର ବ୍ୟବହାର ଯୋଗୁ ଏହାକୁ ସର୍ବଶ୍ରେଷ୍ଠ କଳାର ମାନ୍ୟତା ମିଳିଛି। ଅନୁଷ୍ଠାନର ସଭାପତି ବୁଦ୍ଧିରାମ ଦାସ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ସତ୍ୟବ୍ରତ ସାହୁ ଓ କୋଷାଧ୍ୟକ୍ଷ ହୃଷୀକେଶ ମିଶ୍ର ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ କାର୍ଯ୍ୟକର୍ତ୍ତା ଶେଷଦେବ ମିଶ୍ର। ଶେଷରେ ପାଲାଗାୟକମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିବେକାନନ୍ଦ ମିଶ୍ର, ନିରଞ୍ଜନ ମାଝି, ଅମର ମିଶ୍ର, ଦୁଃଶାସନ ମାଝି, ମୁରଲୀଧର ବେହେରା, ହରେକୃଷ୍ଣ ମାଝି, ନାରାୟଣ ଚନ୍ଦ୍ର ମିଶ୍ର ଓ ଖଗେଶ୍ୱର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କାରଖାନାରେ ଶ୍ରମିକ ମୃତ

## କାରଣ ଅସ୍ପଷ୍ଟ, ଅଂଶୁଘାତ ସନ୍ଦେହ

**ଯୋଡ଼ା, ୧୩।୫(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ଦେଓଝରସ୍ଥିତ ଜିନ୍ଦଲ କାରଖାନାରେ କାର୍ଯ୍ୟରତ ସନାତନ ମୁଣ୍ଡା(୫୩) ନାମକ ଜଣେ ଅଣକୁଶଳୀ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସୋମବାର ପିଲେଟ କାରଖାନାର ଶ୍ରୀଧର ଇଞ୍ଜିନିୟରିଂ ସଂସ୍ଥାରେ ସନାତନ ମୁଣ୍ଡା କାର୍ଯ୍ୟ କରୁଥିଲେ। ଦିନ ୧୦ ଟାବେଳେ ସପ୍ ଫ୍ଲୋରରୁ ସେ ଅଚାନକ ବେହୋସ ହୋଇ ଖସିପଡ଼ିଥିଲେ। ସେଠାରୁ ତାଙ୍କୁ ପ୍ରଥମେ ଜିନ୍ଦଲ ଡିସପେନସାରୀ ଓ ପରେ ବାସୁଦେବପୁର ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ଡ଼ାକ୍ତରଖାନାକୁ ନିଆଯାଇଥିଲା ହେଲେ ସେଠାରେ ଡ଼ାକ୍ତର ତାଙ୍କ ମୃତ ଘୋଷଣା କରିଥିଲେ। ଏ ନେଇ ଯୋଡ଼ା ଥାନାରେ କାରଖାନା ପକ୍ଷରୁ ଲିଖିତ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଏହା ଅଂଶୁଘାତ ଜନିତ ମୃତ୍ୟୁ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ମୃତ ସନାତନଙ୍କ ଘର ଯୋଡ଼ା ଥାନା ଅନ୍ତର୍ଗତ କୋହ୍ଲହୁଣ୍ଡୁଲା ଗ୍ରାମରେ ବୋଲି ଜଣାପଡ଼ିଛି। ତେବେ ଜିନ୍ଦଲ କାରଖାନାର କର୍ପୋରେଟ କମ୍ୟୁନିକେଶନ ଅଧିକାରୀ ଶୁଭଙ୍କର ବେହେରା କହିଛନ୍ତି ଯେ, ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ। ଅଂଶୁଘାତଜନିତ ମୃତ୍ୟୁର କାରଣକୁ ସେ ଖଣ୍ଡନ କରିଥିଲେ ଓ ଏନେଇ ଥାନାରେ କମ୍ପାନୀ ଜଣାଇଥିବା ମଧ୍ୟ ସେ କହିଥିଲେ।

# ବସ୍ତି ବିପନ୍ନଙ୍କୁ ଖାଦ୍ୟ, ପାଣି ବାଣ୍ଟିଲେ ଭଦ୍ରକ ଯୁବକ

**ପୁରୀ ଅଫିସ,୧୩।୫**

ଲୋକଙ୍କ ସେବାରେ ଏମାନଙ୍କୁ ଆନନ୍ଦ ମିଳିଥାଏ। ଅସହାୟ ଏବଂ ବିପଦରେ ପଡ଼ିଥିବା ଲୋକଙ୍କୁ ଏମାନେ ସହଯୋଗର ହାତ ବଢାଇଥାନ୍ତି। ସମୟ ପାଇଲେ ଗରିବ ରୋଗୀଙ୍କୁ ଚିକିତ୍ସାରେ ସହଯୋଗ କରିଥାନ୍ତି। ଗରିବ ଛାତ୍ରୀଛାତ୍ରଙ୍କୁ ନିଜସ୍ୱ ଖର୍ଚ୍ଚରେ ପାଠ ମଧ୍ୟ ପଢାନ୍ତି। ବାତ୍ୟା 'ଫନୀ'ରେ ପୁରୀ ସହରରେ ବ୍ୟାପକ କ୍ଷତି ଘଟିବା ଜାଣିବା ପରେ ନିଜ ସାଧ ମୁତାବକ ବିପନ୍ନଙ୍କୁ ସହାୟତା ଦେବା ଲାଗି ରବିବାର ଭଦ୍ରକରୁ ପୁରୀ ଆସିଥିଲେ ୫ଜଣ ଯୁବକ। ଏମାନଙ୍କ ମଧ୍ୟରେ ୨ଜଣ ଛାତ୍ର ଓ ୩ଜଣ ଯୁବ ବ୍ୟବସାୟୀ ରହିଥିଲେ। ଏମାନେ



ଲୋକଙ୍କୁ ଯୁବକମାନେ ଖାଦ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରୁଛନ୍ତି।

ଧୋବାଖାଲ, ପେଣ୍ଟକଟା ଓ ବଳିଆପଣ୍ଡା ବସ୍ତିରେ ବୁଲି ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ, ପାଣି ବୋତଲ, ଚୁଡା, ଚିନି, ଦିଆସିଲି, ମହମବତି, ରାଶନ ସାମଗ୍ରୀ ଆଦି ବାଣ୍ଟିଥିଲେ। ବିପନ୍ନ ପରିବାରଙ୍କ ମୁହଁରେ ହସ ଫୁଟାଇଥିବା ଏହି ଯୁବକମାନେ ହେଲେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଖୁଆପଦା ଗ୍ରାମର ସୁବ୍ରତ ବେହେରା, ସତ୍ୟନାରାୟଣ ମିଶ୍ର, ସୌମ୍ୟରଞ୍ଜନ ଜେନା, ସୁମନ ସାହୁ ଓ ଦୀପକ ବାରିକ। ସତ୍ୟନାରାୟଣ କହିଥିଲେ, ବାତ୍ୟାରେ ପୁରୀ ସହରରେ ବ୍ୟାପକ କ୍ଷତି ଘଟିଥିବା ଗଣମାଧ୍ୟମରୁ ଜାଣିବାକୁ ପାଇବା ପରେ ବିପନ୍ନଙ୍କୁ ସହଯୋଗ କରିବା ଲାଗି ସ୍ଥିର କରିଥିଲୁ। ଆମେ ୩ଜଣ ୧୦ହଜାର ଲେଖାଏ ଏବଂ ଛାତ୍ର ଦ୍ୱୟ ୫ହଜାର ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ଏହି ଅର୍ଥରେ ଆମେ ବିଭିନ୍ନ ଜିନିଷ କିଣିଥିଲୁ। ରବିବାର ସକାଳ ୮ଟାରେ ଆସି ଏଠାରେ ପହଞ୍ଚିଥିଲୁ। ସ୍ଥାନୀୟ ଲୋକଙ୍କଠାରୁ ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳ ବିଷୟରେ ପଚାରି ବୁଝିଥିଲୁ। ଏହାପରେ କିଛି ସ୍ଥାନରେ ଆମେ ଆଣିଥିବା ସାମଗ୍ରୀ ବାଣ୍ଟିଥିଲୁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭୋକ ନ ଜାଣେ ପିତା କଷା,**
**ନିଦ ନ ଜାଣେ ଲଟା ବୁଦା ।**

କ୍ଷୁଧାତୁର ପ୍ରାଣୀ ଆହାରେ ଭଲମନ୍ଦ ବିଚାର କରେ ନାହିଁ। ବାସ୍, ଆକୁଳରେ ଖାଇଯାଏ। ଭୋକିଲା ଲୋକଙ୍କୁ ଯେକୌଣସି ଖାଦ୍ୟ ମିଳିଲେ ସେଥିରେ ବାଛବିଚାର ନ କରି ଆନନ୍ଦରେ ତାହାକୁ ଗ୍ରହଣ କରି ନେଇଥାଏ। ସେହିପରି ଆଖିକୁ ନିଦ ଘୋଟିଆସିଲେ ବ୍ୟକ୍ତିର ସ୍ଥାନ, କାଳ ଓ ପାତ୍ରର କୌଣସି ଜ୍ଞାନ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଭଗାରି କାହିଁ,**
**ନା ମା' ପେଟରେ ।**

ସାମାନ୍ୟ ଘରବାଡ଼ି ତଥା ଧନସମ୍ପତ୍ତି ପାଇଁ ଭାଇ ଭାଇ ମଧ୍ୟରେ ହଣାକଟା ଲାଗିରହେ। ନିଜର ସ୍ୱାର୍ଥ ପାଇଁ ଦରକାର ପଡ଼ିଲେ ନିଜ ଭାଇ ସହ ସମ୍ପର୍କ ମଧ୍ୟ ତୁଟିଯାଏ। ଗୋଟିଏ ମା'ପେଟର ଭାଇ ହୋଇ ମଧ୍ୟ ଲାଳସାର ବଶବର୍ତ୍ତୀ ହୋଇ ଶତ୍ରୁ ସମ ଆଚରଣ କରିବାକୁ ପଛାଇ ନ ଥାଏ। ଭବିଷ୍ୟତରେ ନିଜ ଭାଇ ଭଗାରି ଠାରୁ ବଳିପଡୁଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।


ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

**ଭୋଗରାଇ,୧୩।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧୀନ ନହରା ଗ୍ରାମର ଶଙ୍କର ଦାସ(୫୦) ସୋମବାର ଧାନ କାଟି ଫେରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।


## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ସୁରେନ୍ଦ୍ରନାଥ ମହାପାତ୍ର**
ଖରିଗର, ନିଆଳି, କଟକ
ଆବିର୍ଭାବ: ୦୭।୧୧।୧୯୫୩
ତିରୋଧାନ: ୨୨।୦୪।୧୯୯୮
(ବୈଶାଖ ଶୁକ୍ଳ ଦଶମୀ)

ଚାହୁଁ ଚାହୁଁ ୨୧ ବର୍ଷ ପୂରିଗଲା। ତୁମର ଅନୁପସ୍ଥିତି ବହୁତ ମର୍ମାହତ କରୁଛି। ତୁମ ଅଭାବ ପ୍ରତି ମୁହୂର୍ତ୍ତରେ ମୁଁ ଅନୁଭବ କରୁଛି। ମୋତେ ଶୋକ ସାଗରରେ ଭସାଇ ଚାଲିଗଲ ସିନା, ଲାଗୁଛି ତୁମେ ସବୁବେଳେ ମୋ ପାଖରେ ରହିଛ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇବାବାଙ୍କ ଚରଣାରବିନ୍ଦରେ ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ- ଲକ୍ଷ୍ମୀ, ଝିଅ- ଲିନା, ଲିଜା, ଜ୍ୱାଇଁ- ଭବାନୀ, ପ୍ରଦୀପ୍ତ, ନାତି- ଅରଜିତ୍, ଅଭିଜ୍ଞାନ ଓ ପରିବାରବର୍ଗ । ଧ-୧୨୪୭୪

### ସପ୍ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଡ଼ାକ୍ତର ପଦ୍ମିନି ମିଶ୍ର**
ଆବିର୍ଭାବ : ୦୧.୦୪.୧୯୪୫
ତିରୋଧାନ : ୦୨.୦୫.୨୦୧୨

ତୁମର ପବିତ୍ର ଆତ୍ମା ଚିରଶାନ୍ତି ଲାଭ କରୁ, ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାର ବର୍ଗ ଓ ବନ୍ଧୁବାନ୍ଧବ । ଧ-୬୬୪୫୩



# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ । ଠକଙ୍କ ପ୍ରତି ସାବଧାନ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708
8929606415
SCO- 106, Second Floor, Vishal Tower, Cannaught Place, Delhi.

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office
G-79 Aadrsh Nagar Karol Bagh
8676907143, 9348274623

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସଂପର୍କ କରନ୍ତୁ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଇଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଳେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଦୁର୍ଘଟଣାରେ ଭାଉଜ ମୃତ, ଦିଅର ଗୁରୁତର

**ରାଇରଙ୍ଗପୁର,୧୩।୫(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ଯାମଦା ଥାନା ଅନ୍ତର୍ଗତ ଯାମଦା -କୁଦାହଂସା ରାସ୍ତାରେ ସୋମବାର ବାଇକ ଦୁର୍ଘଟଣାରେ ଭାଉଜଙ୍କ ମୃତ୍ୟୁ ଘଟିଥିବା ବେଳେ ଦିଅର ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳା ଏଲିନା ବାରିକ(୨୮)। ଏଲିନା ତାଙ୍କ ଦିଅର ବାବୁଲାଲ ସହିତ ଯାମଦା ଅଞ୍ଚଳରୁ ନିଜ ଗ୍ରାମ କୁଦାହଂସାକୁ ଏକ ବାଇକରେ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖିନ ହୋଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ରାଇରଙ୍ଗପୁର ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବାରିପଦା ସ୍ଥିତ ପିଆରଏମ ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିବା ବେଳେ ସେଠାରେ ଏଲିନାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଥାନାରେ ମାମଲା(ନଂ. ୨୦/୧୯) ରୁଜୁ ହୋଇଛି।

### ଯୁବକଙ୍କ ଆତ୍ମହତ୍ୟା

**ରାସଗୋବିନ୍ଦପୁର, ୧୩।୫(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଖେଙ୍କାସାହି ଗ୍ରାମର ଖେଲାରାମ ହେମ୍ବ୍ରମ ସୋମବାର ବେକରେ ରସି ଲଗାଇ ଆତ୍ମହତ୍ୟା କରିଛନ୍ତି। ଅବିବାହିତ ଖେଲାରାମ ଅଞ୍ଚଳରେ ଜଣେ ପରୋପକାରୀ ଭାବେ ପରିଚିତ ଥିଲେ। ଦୁଇମାସ ଧରି ଅସୁସ୍ଥ ଥିବାରୁ ନିଜ ଇଚ୍ଛାରେ ଆତ୍ମହତ୍ୟା କରିଛନ୍ତି ବୋଲି ଏକ କାଗଜରେ ଲେଖିଥିବା ଜଣାପଡିଛି। ଥାନା ଇନ୍ସପେକ୍ଟର ରେଣୁବାଳା ସାହୁ, ସବଇନ୍ସପେକ୍ଟର ପ୍ରକାଶ କୁମାର ଭୂୟାଁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏଥିନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ରବିଶଙ୍କରଙ୍କ ଜୟନ୍ତୀ

**ରାଇରଙ୍ଗପୁର,୧୩।୫(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଆର୍ଟ ଅଫ୍ ଲିଭିଂ ପକ୍ଷରୁ ସୋମବାର ସନ୍ଧ୍ୟାରେ ଆଧାତ୍ମିକ ଗୁରୁ ତଥା ଆର୍ଟ ଅଫ୍ ଲିଭିଂର ପ୍ରତିଷ୍ଠାତା ଶ୍ରୀଶ୍ରୀ ରବିଶଙ୍କରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ରବିଶଙ୍କର ଆଶ୍ରମ ପରିସରରେ ଗୁରୁଜୀ ରବିଶଙ୍କରଙ୍କ ଶିଷ୍ୟମାନଙ୍କ ପକ୍ଷରୁ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରବିଶଙ୍କରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଶୁଭେଚ୍ଛୁ, ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

### ଅଠରଦେଉଳ ପୂଜକଙ୍କ ୧୫ ଦିନିଆ ଶୁଦ୍ଧିକାର୍ଯ୍ୟ

**ଖୁଣ୍ଟା,୧୩।୫(ଡି.ଏନ୍.ଏ):** ଖୁଣ୍ଟା ବ୍ଲକ ତଥା ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ବାଥୁଡି ସମ୍ପ୍ରଦାୟର ଇଷ୍ଟଦେବ ଅଠରଦେଉଳ ବଡାମ ଠାକୁରଙ୍କ ପୂଜକ କରକଟିଆ ପଞ୍ଚାୟତ ସାନମାମୁଡିଆ ଗ୍ରାମର ଦେବରାଜ ବୃନ୍ଦାବନ ମହାପାତ୍ର(୯୭)ଙ୍କର ଶୁଦ୍ଧିକ୍ରିୟା ଶୁକ୍ରବାର ସମ୍ପନ୍ନ ହୋଇଛି। ଗତ ୨୬ ତାରିଖ ରାତିରେ ପୂଜକ ମହାପାତ୍ରଙ୍କ ଦେହାନ୍ତ ହୋଇଥିବା ବେଳେ ପରମ୍ପରା ଅନୁଯାଇ ୧୫ ଦିନିଆ ସୁଦ୍ଧି କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି। ବିଭିନ୍ନ ଜିଲାରୁ ୫ହଜାରରୁ ଅଧିକ ସଂଖ୍ୟକ ବାଥୁଡି ସମ୍ପ୍ରଦାୟର ଜନସାଧାରଣ, ସେବକ ଓ ପୂଜକମାନେ ସାମିଲ ହୋଇଥିଲେ। ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ପୂର୍ବତନ ବିଧାୟକ ଭାସ୍କର ମଢେଇ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ପ୍ରକାଶ ସୋରେନ ଯୋଗ ଦେଇଥିଲେ।

■ ସରକାରକା ମାଲ୍...

# ଅବ୍ୟବହୃତ ପୋଷ୍ଟାଲ ବାଲଟ ସାମଗ୍ରୀ ଅସୁରକ୍ଷିତ

**ବାରିପଦା ଅଫିସ,୧୩।୫**



ଅବ୍ୟବହୃତ ପୋଷ୍ଟାଲ ବାଲଟ ସାମଗ୍ରୀ ଅସୁରକ୍ଷିତ ଭାବେ ପଡ଼ିରହିଛି।

ସରକାରକା ମାଲ୍, ଦରିଆ ମେ ଡାଲ୍ ନୀତିରେ ବାରିପଦା ଉପଜିଲାପାଳଙ୍କ କାର୍ଯ୍ୟାଳୟ ବାରଣ୍ଡାରେ ନିର୍ବାଚନରେ ବ୍ୟବହାର ହୋଇ ନ ଥିବା ପୋଷ୍ଟାଲ ବାଲଟର ବିଭିନ୍ନ ସାମଗ୍ରୀ ପଡ଼ିରହିଛି। ଅଦରକାରୀ ବସ୍ତୁ ଭାବେ ଏହା ପଡି ରହିଥିବା ବେଳେ ପକ୍ଷୀମାନେ ଏହା ଉପରେ ମଳ ତ୍ୟାଗ କରୁଥିବା ସୋମବାର ଦେଖିବାକୁ ମିଳିଥିଲା। ଉକ୍ତ କାର୍ଯ୍ୟାଳୟର ଜଣେ କର୍ମଚାରୀଙ୍କୁ ଏନେଇ ପଚାରିବାରୁ ନିର୍ବାଚନ ସରିଯାଇଛି ଓ ଏହା ଆଉ ବ୍ୟବହାର ହେବ ନାହିଁ ବୋଲି ସେ ଅତି ହାଲୁକା ଭାବେ କହିଥିଲେ।

ମୟୂରଭଞ୍ଜ ଜିଲାରେ ଗତ ଏପ୍ରିଲ ୨୯ ତାରିଖରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ନିୟୋଜିତ ସରକାରୀ କର୍ମଚାରୀମାନେ ନିଜ ନିଜ ଅଞ୍ଚଳରେ ଭୋଟ ଦେଇ ପାରିନଥିଲେ। ଏଣୁ ସେମାନଙ୍କ ପାଇଁ ପୋଷ୍ଟାଲ ବାଲଟ ଜରିଆରେ ଭୋଟ ଦେବାର ବ୍ୟବସ୍ଥା ହୋଇଥିଲା। ତେବେ ପୋଷ୍ଟାଲ ବାଲଟ ପାଇଁ ଆସିଥିବା ବିଭିନ୍ନ କାଗଜପତ୍ର ଓ ଲଫାଫା ଆଦି ସାମଗ୍ରୀ ସମସ୍ତ ସରକାରୀ କର୍ମଚାରୀଙ୍କୁ ଦିଆଯିବା ପରେ ବହୁ ସାମଗ୍ରୀ ବଳି ଯାଇଛି। ଏଗୁଡିକୁ ସୁରକ୍ଷିତ ଭାବେ ରଖାଗଲେ ପୁନର୍ବାର ବ୍ୟବହାର ହୋଇପାରନ୍ତା, କିନ୍ତୁ ଏହାକୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ବାରଣ୍ଡାରେ ପକାଇ ରଖାଯାଇଥିବାରୁ ଏହା ନଷ୍ଟ ହେବାର ସମ୍ଭାବନା ରହିଛି। ଜିଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।

# ସେବିକା ଦିବସରେ ଶପଥପାଠ

**ବାରିପଦା ଅଫିସ,୧୩।୫**

ମୟୂରଭଞ୍ଜ ଜିଲା ବାରିପଦା ସହରସ୍ଥିତ ମହାରାଣୀ ପ୍ରେମକୁମାରୀ ନର୍ସିଂ ଟ୍ରେନିଂ କଲେଜ ଓ ସ୍କୁଲରେ ରବିବାର ସେବିକା ଦିବସ ପାଳିତ ହୋଇଯାଇଛି। କଲେଜ ଅଧକ୍ଷା ସଂଗୀତା ସରିତା ଗୁର, ସ୍କୁଲର ଅଧକ୍ଷା ନିଦ୍ରା ଖମାରୀ ଏବଂ ଅନୁଷ୍ଠାନର ସମ୍ପାଦିକା ପାରୁଲ ଧରମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଫ୍ଲୋରେନ୍ସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଛାତ୍ରୀମାନେ କ୍ୟାଣ୍ଡେଲ ଜାଳି ନିଜକୁ ଏକ ଭଲ ସେବିକା ଭାବେ ଗଢ଼ି ତୋଳିବା ସହିତ ସମାଜସେବା କରିବା ପାଇଁ ସମୂହ ଶପଥପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଟିଉଟର ଉପମା ମହାନ୍ତ, ଜ୍ୟୋସ୍ନାରାଣୀ ବେହେରା, ହରପ୍ରିୟା ସାହୁ, ତାପସ ପାତ୍ର, ଦୀପ୍ତିମୟୀ ମହାପାତ୍ର, କଲେଜର ଟ୍ରେଜରର ସୁମତି ବିନ୍ଧାଣୀ ଚାରୁଲତା ବାରିକ, ରେଣୁକା ରାଉତ, ଗୋପାଳ ଦାସ, ଶକୁନ୍ତଳା ଦଣ୍ଡସେନା, ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଚନ୍ଦ୍ରକାନ୍ତି ଦାସ, ନମିତା ପାତ୍ର ଓ ସୁସ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀବୃନ୍ଦ।

# ତୃତୀୟ ବାର୍ଷିକ ଶନିଶ୍ଚର ମହାଯଜ୍ଞ



ଯଜ୍ଞକୁଣ୍ଡରେ ପୂଜା ଅବସରରେ ଉପସ୍ଥିତ ବ୍ରାହ୍ମଣମାନେ।

**କପ୍ତିପଦା,୧୩।୫(ଡ଼ି.ଏନ୍.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ରଥଦାଣ୍ଡ ସାହିସ୍ଥିତ ଶନି ମନ୍ଦିରରେ ଗତ ୩ ଦିନ ଧରି ତୃତୀୟ ବାର୍ଷିକ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅଧିବାସ, ଅଙ୍କୁରାରୋପଣ ଓ ସୋନ ନଦୀରୁ ଘଟୋତ୍ତୋଳନ କରାଯାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହି ଅବସରରେ ଘଟ ମଣ୍ଡଳ ପୂଜା ସହିତ ଶନିଶ୍ଚରଙ୍କର ସ୍ନାନ, ଉପଚାର ଓ ଅଗ୍ନିସ୍ଥାପନ କର୍ମ ଅନୁଷ୍ଠିତ ହୋଇଥିଲା। ପରେ ଶନିଶ୍ଚର ବିଗ୍ରହଙ୍କ ସ୍ନାନ କର୍ମ ସଂପାଦନ ସହିତ ସୂର୍ଯ୍ୟପୂଜା, ଗୁରୁପୂଜା, ଚଣ୍ଡୀପାଠ, ଗୀତା ପାଠ ଓ ସମସ୍ତ ଦେବଦେବୀଙ୍କୁ ଆହୁତି ପ୍ରଦାନ କରାଯାଇଥିଲା। ଶନିଶ୍ଚରଙ୍କ ୧୦୦୮ ମନ୍ତ୍ରରେ ଯଜ୍ଞକୁଣ୍ଡରେ ଆହୁତି ପ୍ରଦାନ କରାଯିବା ସହିତ ପୂର୍ଣ୍ଣାହୁତି କର୍ମ ଅନୁଷ୍ଠିତ ହୋଇଥିଲା। କର୍ମକାଣ୍ଡବିତ୍ ଉମେଶ ଚନ୍ଦ୍ର ମିଶ୍ର, ଯଦୁନାଥ ଶତପଥୀ, ବନମାଳୀ ଦାଶ, ସୁଶାନ୍ତ ମିଶ୍ର, ଶନି ମନ୍ଦିରର ମୁଖ୍ୟ ପୂଜକ ଜଗନ୍ନାଥ ମିଶ୍ର, ରଜତ ମିଶ୍ର, ରବୀନ୍ଦ୍ର ପଣ୍ଡା ଏବଂ ସହଯୋଗୀ ବ୍ରାହ୍ମଣଙ୍କ ସହଯୋଗରେ ପୂଜା ଅନୁଷ୍ଠିତ ହୋଇଥିଲା। ଯଜ୍ଞର କର୍ତ୍ତା କାର୍ଯ୍ୟ ସଂପାଦନ କରିଥିଲେ ରତ୍ନାକର ଦାସ ଓ ତାଙ୍କର ସହଧର୍ମିଣୀ ଜୟନ୍ତୀ ଦାସ। ପୂର୍ଣ୍ଣାହୁତି ପରେ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ମନ୍ଦିର କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗୋଟିଏ ରାତିରେ ୨ ସ୍ଥାନରୁ ଚୋରି

**ଖୁଣ୍ଟା,୧୩।୫(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ତାଳକୁଣ୍ଡା ଗ୍ରାମରେ ଗତ ଶନିବାର ରାତିରେ ୨ଟି ସ୍ଥାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମର ଗଣେଶ ମହାନ୍ତଙ୍କ ଘରେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପଶି ଆଲମିରା ଭାଙ୍ଗି ସମସ୍ତ ସୁନା ଓ ରୁପା ଅଳଙ୍କାର, ନଗଦ ୩ ହଜାର ଟଙ୍କା ସହ ଗୋଟିଏ ମୋବାଇଲ ଫୋନ ଚୋରି କରିନେଇଛନ୍ତି। ଚୋରି ସାମଗ୍ରୀର ପରିମାଣ ୧ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅଭିଯୋଗ ହୋଇଛି। ଉକ୍ତ ରାତିରେ ସେହି ଗ୍ରାମର ଅଞ୍ଜନ କୁମାର ମହାନ୍ତଙ୍କ କୁକୁଡା ଫାର୍ମରେ ପଶି ୩୦ହଜାର ଟଙ୍କା ମୂଲ୍ୟର କୁକୁଡା ଚୋରି ହୋଇଥିବା ଖୁଣ୍ଟା ଥାନାରେ ଅଭିଯୋଗ ହୋଇଛି। ଚୋରି ସାମଗ୍ରୀ କିମ୍ବା ଚୋରର ସନ୍ଧାନ ମିଳିପାରିନାହିଁ।

**ଅବହେଳିତ ପାଟପୁର ଆଦିବାସୀ ସାହି**

# ଦାବି ପୂରଣ ନ ହେଲେ ଆନ୍ଦୋଳନ

**ବଡସାହି,୧୩।୫(ସ୍ୱ.ପ୍ର)**



ମହିଳାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ପ୍ରଶାସନିକ ଅବହେଳା ପ୍ରତିବାଦରେ ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ତାଳପଦା ପଞ୍ଚାୟତ ପାଟପୁର ଆଦିବାସୀ ସାହିର ଶତାଧିକ ମହିଳା ପୁରୁଷ ୬ଦଫା ଦାବି ନେଇ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତୁରନ୍ତ ଦାବି ପୂରଣ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ବ୍ଲକ କାର୍ଯ୍ୟାଳୟ ଠାରୁ ମାତ୍ର ୨କି.ମି ଦୂରରେ ପାଟପୁରର ଆଦିବାସୀ ସାହି ଅବସ୍ଥିତ। ତାଳପଦା ପଞ୍ଚାୟତ ସେଠାରୁ ୫ଶହ ମିଟର ଦୂର ହୋଇଥିଲେ ମଧ ଏହି ଗ୍ରାମ ସବୁବେଳେ ଅବହେଳିତ ହୋଇ ଆସୁଛି ବୋଲି ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ସରକାର ଆମ ଗାଁ ଆମ ବିକାଶ ଠାରୁ ଆରମ୍ଭ କରି ଏକାଧିକ ଯୋଜନା ପ୍ରଣୟନ କରୁଥିଲେ ହେଁ ରାଜନୈତିକ ଅଭିସନ୍ଧି ରଖି ପଞ୍ଚାୟତର କିଛି ନେତୃବୃନ୍ଦ ଏହି ସାହିରେ କିଛି ଉନ୍ନୟନମୂଳକ କାମ କରାଇ ଦେଉନାହାନ୍ତି। ଏହି ସାହିରେ ୫୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରୁଥିବା ବେଳେ ଜନସଂଖ୍ୟା ୧୮୭। ଗ୍ରାମରେ ଏକ ଅଙ୍ଗନୱାଡି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟ ଅଛି। ତେବେ ବିଭିନ୍ନ ଅବ୍ୟବସ୍ଥା ଲାଗି ରହିଥିବାରୁ ସାହିର ପିଲାମାନେ ଉଚିତ ଶିକ୍ଷାରୁ ବଞ୍ଚିତ ରହୁଛନ୍ତି। ପାନୀୟଜଳ ସମସ୍ୟା ମଧ୍ୟ ରହିଛି। ପଲ୍ଲୀସଭାରେ ବାରମ୍ବାର ଗଭୀର ନଳକୂପ ଖନନ ପୂର୍ବକ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ପ୍ରସ୍ତାବ ଦିଆଯାଉଥିଲେ ହେଁ ତାହା କାର୍ଯ୍ୟକାରୀ ହେଉନାହିଁ। ସାହିରେ ୯୫ ପ୍ରତିଶତ ଲୋକ ଦିନ ମଜୁରିଆ ହୋଇଥିଲେ ହେଁ ୮ବର୍ଷ ହେଲା ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ପ୍ରକଳ୍ପଟିଏ ହୋଇନାହିଁ। ପଞ୍ଚାୟତର ଅନ୍ୟ ୫ଟି ଗ୍ରାମରେ ଆଲୋକ ବ୍ୟବସ୍ଥା କରାଯାଇଥିବା ବେଳେ ଏହି ସାହି ବିଜୁଳି ଆଲୁଅରୁ ବଞ୍ଚିତ ରହିଛି। ପଞ୍ଚାୟତର ଏକମାତ୍ର ଖେଳପଡିଆ ଏହି ସାହିରେ ଥିଲେ ହେଁ ତା'ର ଉନ୍ନତିକରଣ କରାଯାଉନାହିଁ। ଆମ ଗାଁ ଆମ ବିକାଶ ଯୋଜନାରେ ଆଗତ ପ୍ରସ୍ତାବ ମହାଲକ୍ଷ୍ମୀ ମଣ୍ଡପ ଓ ମଙ୍ଗଳା ମନ୍ଦିର ନିକଟରେ ସଭାଗୃହ ପାଇଁ ବାହାର ଗ୍ରାମର ଠିକାଦାରଙ୍କୁ ଅନୁମତି ନଦେବାରୁ ପ୍ରକଳ୍ପ ସ୍ଥାନାନ୍ତର କରାଯାଇଥିବା ସାହି ଲୋକ ଅଭିଯୋଗରେ ଦର୍ଶାଇଛନ୍ତି। ଉଭୟ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି ପକ୍ଷରୁ ଉପରୋକ୍ତ ସମସ୍ୟା ପ୍ରତି ଅବହେଳା କରାଯାଉଥିବାରୁ ସେଗୁଡିକର ସମାଧାନ କରାନଗଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଶାନ୍ତିଲତା ସିଂ, ମଞ୍ଜୁ ସିଂ, ମଲୀ ସିଂ, ମୀତା ସିଂ, ବୁଧିଆ ସିଂ, ବସନ୍ତ ସିଂ, ଚୁନାରାମ ସିଂ, ପ୍ରତାପ ଚନ୍ଦ୍ର ମହାନ୍ତ ପ୍ରମୁଖ କହିଛନ୍ତି।

# ଫନୀ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା

**ରାସଗୋବିନ୍ଦପୁର,୧୩।୫ (ଡି.ଏନ.ଏ)**

ସାମୁଦ୍ରିକ ଝଡ ଫନୀ ଦ୍ୱାରା ପ୍ରଭାବିତ ଲୋକଙ୍କ ପାଇଁ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବିଜୁଯୁବବାହିନୀ ପକ୍ଷରୁ ସଂଗୃହୀତ ଅର୍ଥରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପଠାଯାଇଛି। ଯୁବବାହିନୀର ସଂଯୋଜକ ମଦନମୋହନ ମହାନ୍ତି, ସଭାପତି ବବିତା ଦାସ, ସମ୍ପାଦକ ଉମେ ଗୁଲସୁନ, ରାକେଶ ମହାନ୍ତି, ବିକାଶା ମହାନ୍ତି, ସେକ ଇବ୍ରାହିମ ପ୍ରମୁଖ ରାସଗୋବିନ୍ଦପୁର ବଜାର, ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମେତ ବଦାନ୍ୟ ବ୍ୟକ୍ତିଙ୍କ ଠାରୁ ୧୨୭୪୩ ଟଙ୍କା ସଂଗ୍ରହ କରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପଠାଇଛନ୍ତି। ରାସଗୋବିନ୍ଦପୁର ଅନ୍ତର୍ଗତ ୧୬ ପଞ୍ଚାୟତର ବିଜୁ ଯୁବବାହିନୀ ପକ୍ଷରୁ ଆର୍ଥିକ ସହାୟତା ସଂଗ୍ରହ କରାଯାଇଥିବା ଜଣାପଡିଛି।

# ବିକାଶମଞ୍ଚ ସଭାପତିଙ୍କ ବିୟୋଗରେ ସ୍ମୃତିଚାରଣ ସଭା




ଶୋକ ସଭାରେ ଉପସ୍ଥିତ ଅତିଥିମାନେ।

**କପ୍ତିପଦା,୧୩।୫(ଡ଼ି.ଏନ୍.ଏ)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ବଡବିଶୋଳ ପଞ୍ଚାୟତରେ ଥିବା ବିକାଶ ମଞ୍ଚର ସ୍ଥାୟୀ ସଭାପତି ବୈକୁଣ୍ଠ ସାହୁଙ୍କ ବିୟୋଗରେ ପଞ୍ଚାୟତ ରାଜୀବ ଭବନ ପରିସରରେ ମଞ୍ଚ ପକ୍ଷରୁ ଶନିବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚର ଉପ ସଭାପତି ବଳଭଦ୍ର ଖଣ୍ଡା ସଭପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ବିଜୟ ମହାପାତ୍ର, କବି ଡଃ ଚିନ୍ତାମଣୀ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଧ୍ରୁବେନ୍ଦ୍ର ପୃଷ୍ଟି, ବାବୁରାମ ସେନାପତି, ନାଏବ ସରପଞ୍ଚ ବାଦଲ ସାହୁ, ୱାର୍ଡସଭ୍ୟ ଗଙ୍ଗାଧର ସାହୁ, ଶ୍ରୀନାଥ ପହଡା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ଅତିଥି ମାନେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେବା ସହିତ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ।

# ବିଦ୍ୟୁତ ସଂସ୍ପର୍ଶରେ ଯୁବକଙ୍କ ମୃତ୍ୟୁ


**ରାସଗୋବିନ୍ଦପୁର, ୧୩।୫(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ରଙ୍ଗାମାଟିଆ ଗ୍ରାମର ଜଣେ ଯୁବକଙ୍କ ବିଦ୍ୟୁତ ସଂସ୍ପର୍ଶରେ ମୃତ୍ୟୁ ଘଟିଛି। ମୃତକ ହେଲେ ରେପେ ସରେନଙ୍କ ପୁଅ ସୋନାରାମ (୨୮)। ଫ୍ୟାନ ଲଗାଇବାକୁ ଯାଉଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ସେ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ବାରିପଦା ମେଡିକାଲକୁ ନିଆଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ସମର କ୍ୟାମ୍ପ ଉଦ୍‌ଯାପିତ

**ବାରିପଦା ଅଫିସ,୧୩।୫**

ବାରିପଦା ୟୁନିଭର୍ସାଲ ଏଜୁକେଶନ ପଏଣ୍ଟ ପକ୍ଷରୁ ଗତ ଆଠ ଦିନ ଧରି ଅନୁଷ୍ଠିତ ହୋଇଆସୁଥିବା ସମର କ୍ୟାମ୍ପ ଉଦଯାପିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ସମରେନ୍ଦ୍ର ବସାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମାନସିକ ଦକ୍ଷତା ବୃଦ୍ଧି ପାଇଁ ସମର କ୍ୟାମ୍ପର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ବୈଜ୍ଞାନିକ ଡ.ମନୋଜ ଚାନ୍ଦ ଓ ଅଧ୍ୟାପକ ଦେବେଶ ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମର କ୍ୟାମ୍ପ ଦ୍ୱାରା ଶିଶୁମାନଙ୍କର ଶିକ୍ଷା ଅର୍ଜନ କରିବାର ଦକ୍ଷତା ବୃଦ୍ଧି ପାଇଥାଏ ବୋଲି କହିଥିଲେ। ଅନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ ମାନସ ବାରିକ, ସିମ୍ରନ ପୃଷ୍ଟି, ମାଧବୀ ସାନ୍ତ୍ରା, ତନୁଶ୍ରୀ ପାଣ୍ଡେ, ମୋନାଲିସା ଦାସ, ପ୍ରିୟଙ୍କା ମହାପାତ୍ର ପ୍ରମୁଖ ଏହି କ୍ୟାମ୍ପକୁ ପରିଚାଳନା କରିଥିଲେ। ଏଥିରେ ମୋଟ ୭୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଅମିତ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।




କୃତୀ ଛାତ୍ରୀଛାତ୍ର ଓ ଅତିଥି ବୃନ୍ଦ।

**ପ୍ରକୃତ କାରଣ ଦର୍ଶାଇବାକୁ ଦାବି**

# ସାନି ମତଦାନ ପ୍ରକ୍ରିୟାକୁ ଭାଜପାର ବିରୋଧ

**ବାରିପଦା ଅଫିସ,୧୩।୫**




ଜିଲା ନିର୍ବାଚନ ଅଧିକାରୀଙ୍କୁ ଅଭିଯୋଗ କରିବାକୁ ଆସିଥିବା ଭାଜପା ପ୍ରତିନିଧିଦଳ।

ମୟୂରଭଞ୍ଜ ଜିଲାର ୫ଟି ବୁଥରେ ସାନି ମତଦାନ ପ୍ରକ୍ରିୟାକୁ ଭାଜପା ପକ୍ଷରୁ ବିରୋଧ କରାଯାଇଛି। ଭାଜପା ଜିଲା ସଭାପତି ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ମୟୂରଭଞ୍ଜ ଲୋକ ସଭା ପ୍ରାର୍ଥୀ ଇଂ ବିଶେଶ୍ୱର ଟୁଡୁ, ବାରିପଦା ବିଧାୟକ ପ୍ରାର୍ଥୀ ପ୍ରକାଶ ସୋରେନ, ବାରିପଦା ନଗର ସଭାପତି ବିଜୟ ଦାସଙ୍କ ସହିତ ଅନ୍ୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସାନି ମତଦାନର ପ୍ରକୃତ କାରଣ କ'ଣ ଦର୍ଶାଇବାକୁ ଦାବି କରିଛନ୍ତି। ଭାଜପା ଜିଲା ସଭାପତି ଡା. ମହାପାତ୍ର ଗଣମାଧ୍ୟମକୁ କହିଛନ୍ତି ଯେ, ଯେଉଁ ବୁଥଗୁଡିକରେ ସାନି ମତଦାନ କରିବା ପାଇଁ ଜିଲା ନିର୍ବାଚନ ଅଧିକାରୀ ରିପୋର୍ଟ ପ୍ରଦାନ କରିଛନ୍ତି, ସେହି ବୁଥଗୁଡ଼ିକରେ କୌଣସି ପ୍ରକାର ତ୍ରୁଟି ପରିଲକ୍ଷିତ ହୋଇ ନ ଥିବା ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ପ୍ରିଜାଇଡିଂ ଅଫିସରମାନେ ଲିଖିତ ଭାବେ ପ୍ରଶାସନକୁ ଜଣାଇଛନ୍ତି। ତେବେ କାହା ନିର୍ଦ୍ଦେଶ ଓ କେଉଁ ଉଦ୍ଦେଶ୍ୟ ନେଇ ଏହି ନିର୍ବାଚନ କରାଯାଉଛି ବୋଲି ମଧ ସେ ପ୍ରଶ୍ନ କରିଛନ୍ତି।

ଗତ ୨୯ ତାରିଖରେ ମତଦାନ ବେଳେ ତ୍ରୁଟି ପରିଲକ୍ଷିତ ହୋଇଥିବାରୁ ସାନି ମତଦାନ ହୋଇପାରେ ବୋଲି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ବିନିତ ଭରଦ୍ୱାଜ ଗତ ଶୁକ୍ରବାର ସୂଚନା ଦେଇଥିଲେ। ଜିଲାପାଳଙ୍କ ସୂଚନା ମୁତାବକ ବାରିପଦା ନିର୍ବାଚନମଣ୍ଡଳୀର ୧୬ନଂ.-ଭୁଗୁଡାକଟା, ୧୯-ପୂର୍ଣ୍ଣଚନ୍ଦ୍ରପୁର, ୧୬୬-ଖାନୁଆ-୨, ୨୪୮-ଆଠପଡା ଏବଂ ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀର ୧୦୪ନଂ. କଖାରୁଆଶୋଳ ଆଦି ୫ଟି ବୁଥରେ ଭୋଟ ଗ୍ରହଣ ବେଳେ ତ୍ରୁଟି ପରିଲକ୍ଷିତ ହୋଇଥିବା ତଥା ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ଏକ ରିପୋର୍ଟ ପ୍ରସ୍ତୁତ କରାଯାଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ପଠାଇ ଦିଆଯାଇଛି।

ଏହି ପ୍ରସଙ୍ଗରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଭରଦ୍ୱାଜଙ୍କ ମତାମତ ମିଳିପାରି ନାହିଁ। ଅନ୍ୟ ପକ୍ଷରେ ଜିଲାର ବିଭିନ୍ନ ଷ୍ଟ୍ରଙ୍ଗ ରୁମରେ ଥିବା ଇଭିଏମ ଓ ଭିଭିପିଏଟି ମେଶିନ ମଧ୍ୟରେ ତାଳମେଳ ହେଉ ନ ଥିବାରୁ ନିର୍ବାଚନ ଅଧିକାରୀ ଏଭଳି ନିଷ୍ପତ୍ତି ନେଇଥିବା ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ। ଜିଲାପାଳ ଓ ଅତିରିକ୍ତ ଜିଲାପାଳ ଅନୁପସ୍ଥିତ ଥିବାରୁ ଭାଜପା ପ୍ରତିନିଧି ଦଳ ଜିଲାପାଳଙ୍କ ଅଫିସର ନିର୍ବାଚନ ବିଭାଗ କାର୍ଯ୍ୟାଳୟକୁ ଯାଇ ସାନି ମତଦାନର କାରଣ ଦାବି କରିଥିଲେ। ହେଲେ ସେଠାକାର କର୍ମଚାରୀମାନେ ଜିଲାପାଳଙ୍କ ବିନା ଅନୁମତିରେ କିଛି ସୂଚନା ଦେଇ ହେବ ନାହିଁ ବୋଲି କହିବାରୁ ଭାଜପା ପ୍ରତିନିଧି ଦଳ ନିରାଶରେ ଫେରିଥିବା ଜଣାପଡିଛି। ପ୍ରକାଶ ଯେ, ମୟୂରଭଞ୍ଜ ଜିଲା ଅଧୀନ ୯ଟି ନିର୍ବାଚନମଣ୍ଡଳୀର ୨୩୬୪ଟି ମତଦାନ କେନ୍ଦ୍ରରେ ଭୋଟଗ୍ରହଣ ହୋଇଥିବା ବେଳେ କିଛି ବୁଥରେ ଇଭିଏମ ଖରାପ ହୋଇଥିଲା। ଏପରିକି କର୍ମଚାରୀମାନେ ଚଞ୍ଚକତା କରିଥିବା ଅଭିଯୋଗ ହେବା ସହ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା।

# ବସ୍ତାନିଧରା ହାତରେ ଜରି ଅଖା

**ଭଦ୍ରକ ଅଫିସ, ୧୩।୫**



ଭଦ୍ରକ ଜିଲାରେ ଶିଶୁ ସୁରକ୍ଷା ଯୋଜନା ବାଟବଣା। ବନ୍ତ ଛକ ପୋଲ ତଳର ଏକ ନିତିଦିନିଆ ଦୃଶ୍ୟ। ଏଠି ଗରିବ ପରିବାରର ଛୋଟ ପିଲାମାନେ ଏକାଠି ହୋଇ ହାତରେ ଜରି ଅଖା ଧରି ଅଳିଆ ଆବର୍ଜନାରୁ ସଂଗ୍ରହ କରିଥାନ୍ତି ଅଦରକାରୀ ପ୍ଲାଷ୍ଟିକ ବୋତଲ। ଏମାନଙ୍କ ପରିବାର ଚଳାଇବା ପାଇଁ ଏହା ହେଉଛି ରୋଜଗାରର ପନ୍ଥା। ମୁଖ୍ୟତଃ ଆଦିବାସୀ ସମ୍ପ୍ରଦାୟର ଶିଶୁମାନେ ଏଭଳି କାର୍ଯ୍ୟରେ ନିୟୋଜିତ ରହୁଥିବା ଦେଖିବାକୁ ମିଳୁଛି। ଏମାନଙ୍କ ପାଇଁ ଶିଶୁ ସୁରକ୍ଷା ଯୋଜନା ସାତସପନ ହୋଇଛି। ଦୈନିକ ଏହି ରାସ୍ତା ଦେଇ ବହୁ ସରକାରୀ ଅଫିସର ଓ ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତା ଯାତାୟାତ କରୁଥିଲେ ମଧ୍ୟ ଏମାନଙ୍କ ପ୍ରତି କାହାରି ଦୃଷ୍ଟି ପଡୁନାହିଁ। ଶିକ୍ଷା ହେଉ କି ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ଏମାନେ ବହୁ ପଛରେ। ଯେଉଁ ବୟସରେ ହାତରେ ବହିବସ୍ତାନି ଧରିବା କଥା ଏମାନେ ଜରିଅଖା ଧରି ବୁଲୁଛନ୍ତି।

ଭଦ୍ରକ ଜିଲାର ବହୁସ୍ଥାନରେ ଏଭଳି ଦୃଶ୍ୟ ନିତିଦିନିଆ। ଏଠି ସର୍ବଶିକ୍ଷା ଅଭିଯାନ, ଜିଲା ଶ୍ରମ ବିଭାଗ, ଜିଲା ଶିଶୁ ସୁରକ୍ଷା, ଶିଶୁ ମଙ୍ଗଳ ଓ ଚାଇଲ୍ଡ ଲାଇନ ସମସ୍ତେ କାର୍ଯ୍ୟରତ। କିନ୍ତୁ ଏହି ଅବହେଳିତ ଶିଶୁଙ୍କ ପ୍ରତି କାହାରି ଆନ୍ତରିକତା ନାହିଁ। ସରକାର ବିଭିନ୍ନ ଯୋଜନା କରୁଥିବା ବେଳେ ଏମାନଙ୍କ ପାଇଁ ଏହା ଅପହଞ୍ଚ। ଜିଲାର ଶିଶୁ ଶ୍ରମିକ, ଅଧାରୁ ପାଠ ଛାଡୁଥିବା ଶିଶୁ ଓ ବାହାରକୁ ଚାଲାଣ ହେଉଥିବା ଶିଶୁଙ୍କ ବିଷୟରେ କୌଣସି ବିଭାଗୀୟ ଅଧିକାରୀ କିମ୍ବା ସ୍ୱେଚ୍ଛାସେବୀଙ୍କ ପାଖରେ ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ। ଜିଲାପାଳ, ଏସ୍‌ପି, ଜିଲା ଶ୍ରମ ଅଧିକାରୀ, ଡିପିସି, ଡିଆର୍‌ଡିଏ(ପିଡି), ବ୍ୟବସାୟିକ ପ୍ରତିଷ୍ଠାନ ମୁଖ୍ୟ ଓ ବରିଷ୍ଠ ଅଧିକାରୀଙ୍କୁ ନେଇ ଗଠିତ ଟାସ୍କଫୋର୍ସ କାର୍ଯ୍ୟ କେବଳ କାଗଜକଲମରେ ସୀମିତ ରହିଛି। ସରକାରୀ ଅନୁଦାନରେ ଜିଲାରେ ୧୦ଟି ଅନାଥ ଆଶ୍ରମ ରହିଥିଲେ ମଧ୍ୟ ଏହି ଶିଶୁଙ୍କ ଲାଗି ସତେଯେପରି କୌଣସି ଅନୁଷ୍ଠାନରେ ସ୍ଥାନ ନାହିଁ। ଅଧାରୁ ପାଠ ଛାଡ଼ିଥିବା ଶିଶୁ ଦୈନିକ ବସ୍‌ଷ୍ଟାଣ୍ଡ, ରେଲୱେ ଷ୍ଟେଶନରେ ବୁଲି ଭିକ ମାଗୁଥିବା ଦୃଶ୍ୟ ଭଦ୍ରକରେ ଦେହସୁହା ହୋଇଗଲାଣି। ଜଣେ ୨ ଜଣ ଶିଶୁଙ୍କୁ ଧରି ବାହାବା ନେଉଛନ୍ତି ସ୍ୱେଚ୍ଛାସେବୀ ସଙ୍ଗଠନ।

ସୂଚନା ମୁତାବକ ୨୦୧୫ରେ ଅପରେଶନ ମୁସ୍କାନ(୧) ଯୋଜନାରେ ଜିଲାରୁ ୩୪ ଜଣ, ୨୦୧୬ରେ ଅପରେଶନ ମୁସ୍କାନ(୨)ରେ ୧୫୨, ୨୦୧୭ରେ ଅପରେଶନ ମୁସ୍କାନ(୩)ରେ ୨୩୨ ଏବଂ ୨୦୧୮ରେ ପରୀ ଯୋଜନାରେ ୧୩୨ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ହେଲେ କିଛି ଫରକ ପଡ଼ିଲାନି। ଉଦ୍ଧାର ଶିଶୁମାନେ ପୁଣି ସେହି ପୁରୁଣା କାମରେ ନିୟୋଜିତ ହେଲେ। ସ୍ଥାନୀୟ ସହରରେ ଆରଡ଼ି ଛକଠାରୁ ଚରମ୍ପା ପର୍ଯ୍ୟନ୍ତ ଅଞ୍ଚଳକୁ ଶିଶୁ ଶ୍ରମିକ ଫ୍ରିଜୋନ୍ ଘୋଷଣା କରିବା ଯୋଜନା କେବଳ ଭାଷଣରେ ହିଁ ସୀମିତ ରହିଛି। ଜିଲାସ୍ତରୀୟ ଟାସ୍କଫୋର୍ସର ବୈଠକ ମଧ୍ୟ ବସୁନାହିଁ। ସହରର ହୋଟେଲରୁ ବାରମ୍ବାର ଉଦ୍ଧାର ହେଉଛନ୍ତି ଶିଶୁ ଶ୍ରମିକ। ସମ୍ପୃକ୍ତ ହୋଟେଲ ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନି। ଜିଲା ଶ୍ରମ ବିଭାଗ ଏ କ୍ଷେତ୍ରରେ ସ୍ଥାଣୁ ପାଲଟିଛି। ଉଦ୍ଧାର ଶିଶୁଙ୍କୁ ଶିକ୍ଷା ପ୍ରଦାନ ପାଇଁ ସ୍ୱତନ୍ତ୍ର ସ୍କୁଲ ବ୍ୟବସ୍ଥା ମଧ୍ୟ ନାହିଁ। ଅନ୍ୟ ଜିଲା ଭଳି ଏଠି ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ବିଦ୍ୟାଳୟ(ଏନ୍‌ସିଏଲ୍‌ପି) ନ ଥିବାରୁ ଏମାନଙ୍କ ଶିକ୍ଷା ଓ ଥଇଥାନ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଆଇନଜୀବୀ ଗଦାଧର ବଳ, ଅତିସ ବେହେରା, ବିଷ୍ଣୁମୋହନ ମହାପାତ୍ର ଓ ଅମିତାବାଳା ଆଚାର୍ଯ୍ୟ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁଙ୍କୁ ପଚାରିବାରୁ କହିଛନ୍ତି, ବିଭାଗ ଏଥିପ୍ରତି ଦୃଷ୍ଟି ଦେଉଛି। ଏହାକୁ ରୋକିବା ଲାଗି ବିଭିନ୍ନ ବିଭାଗର ସମନ୍ୱୟ ଆବଶ୍ୟକ।

**ବାଟବଣା ଶିଶୁ ସୁରକ୍ଷା ଯୋଜନା**

- ପରିବାର ଚଳାଇବା ପାଇଁ ଅଳିଆରୁ ସଂଗ୍ରହ କରୁଛନ୍ତି ପ୍ଲାଷ୍ଟିକ ବୋତଲ
- ଆରଡ଼ି ଛକଠାରୁ ଚରମ୍ପା ଅଞ୍ଚଳକୁ ଶିଶୁ ଶ୍ରମିକ ଫ୍ରିଜୋନ ଘୋଷଣା ପ୍ରହସନ

**ସଂକ୍ଷେପରେ**

## ମାତୃ ଦିବସରେ ବିଭିନ୍ନ ପ୍ରତିଯୋଗିତା

**ଭଦ୍ରକ ଅଫିସ, ୧୩।୫ :** ବିଶ୍ୱ ମାତୃ ଦିବସ ଅବସରରେ ଆଦାନୀ ଫାଉଣ୍ଡେଶନ ଦ୍ୱାରା ପରିଚାଳିତ ସ୍କୁଲରେ ଛାତ୍ରୀଛାତ୍ର ସେମାନଙ୍କ ଭଲପାଇବାକୁ ଦର୍ଶାଇବା ପାଇଁ ଅନେକ ସୃଜନଶୀଳ କାମ କରିଛନ୍ତି। ସେମାନେ ନିଜ ମା'ଙ୍କ ସମ୍ପର୍କରେ କ'ଣ ଅନୁଭବ କରୁଛନ୍ତି ତାହା ହାତଲେଖା ଚିଠି ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଏହି ଉପକ୍ରମରେ ୫ଟି ସ୍କୁଲର ୨୨୧୭ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସ୍ୱତନ୍ତ୍ର ଉପାୟରେ ନିଜସ୍ୱ ଭାବନା ବ୍ୟକ୍ତ କରିବାକୁ ସେମାନଙ୍କୁ ସୁଯୋଗ ଦିଆଯାଇଥିଲା। ୩ୟରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ଏଥିରେ ଭାଗ ନେଇଥିଲେ। ଏହି ଅବସରରେ ଧାମରା ପୋର୍ଟ ପରିସରରେ ଥିବା କମ୍ୟୁନିଟି ହଲ୍‌ରେ ଆଦାନୀ ଡିଏଭି ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ବାଲୁକା କଳାକୃତି, ହାତ ତିଆରି ଅଳଙ୍କାର ଆଦି ପ୍ରତିଯୋଗିତା କରାଯାଇଥିଲା। ସେହିପରି ବାଲୁକା କଳାକୃତି ଓ ଅଳଙ୍କାର ତିଆରି ସମ୍ପର୍କରେ ତାଲିମ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ପରେ ପିଲାମାନେ ଲେଖିଥିବା ପତ୍ର ସେମାନଙ୍କ ମା'ଙ୍କୁ ଦେବା ଲାଗି ସାଙ୍ଗରେ ନେଇ ଘରକୁ ଯାଇଥିଲେ।

## ଶ୍ରୀଅନନ୍ତ ବାସୁଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବାସୁଦେବପୁର, ୧୩।୫ (ଡି.ଏନ.ଏ.)**

ବାସୁଦେବପୁର ଅରଣ୍ଡୁଆ ପଞ୍ଚାୟତ ବାସଙ୍ଗପୁରୀ ସାହି ଛତ୍ରିଆ ଗାଁରେ ଶ୍ରୀଶ୍ରୀ ଅନନ୍ତ ବାସୁଦେବଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୩ଦିନ ବ୍ୟାପି ଉକ୍ତ ଗାଁ ଓ ଏହା ଆଖପାଖ ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା। ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଯଜ୍ଞ କାର୍ଯ୍ୟ ସମାପିତ ହୋଇଥିଲା। ମୁଖ୍ୟ ଆଚାର୍ଯ୍ୟ ନାରାୟଣ ପାଣିଗ୍ରାହୀ, ପୁସ୍ତକ ଉବାଚ ରମାକାନ୍ତ ପଣ୍ଡା, ହୋତା କୃପାସିନ୍ଧୁ ପାଣିଗ୍ରାହୀ, ପୁରୋଧା ରବୀନ୍ଦ୍ର ମିଶ୍ର, ଆଚାର୍ଯ୍ୟ ଅଜୟ ଶତପଥୀ ପ୍ରମୁଖ ଯଜ୍ଞ ସହ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟ ତୁଲାଇଥିଲେ। ମନ୍ଦିର ପରିସରରେ ପ୍ରସନ୍ନ ବାସୁଦେବ ପାଲାଗାୟକ ମଣ୍ଡଳ ପକ୍ଷରୁ ୪ର୍ଥ ବାର୍ଷିକ ପାଲାଗାୟକ ସମ୍ମିଳନୀ ଓ ସନ୍ନ୍ୟାସୀ ସମାଜ ସମାରୋହ ଅନୁଷ୍ଠିତ ହୋଇଥିଲା। ଶନିବାରଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ସୋମବାର ରାତିରେ ଉଦ୍‌ଯାପିତ ହୋଇଥିଲା। ପ୍ରସନ୍ନ ବାସୁଦେବ ପାଲାଗାୟକ ମଣ୍ଡଳ ସଭାପତି ସନାତନ ପୁରୀ ଓ ସମ୍ପାଦକ ବନବିହାରୀ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ କରାଯାଇଥିଲା।



ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଅନୁଷ୍ଠିତ ଯଜ୍ଞ।

## 'ମୁଁ ନାରୀ: ନିଃଶବ୍ଦ ବଂଶୀର ନାଦ' ଲୋକାର୍ପିତ



ଅତିଥିଙ୍କ ଦ୍ୱାରା କବିତା ସଂକଳନ ଉନ୍ମୋଚନ କରାଯାଉଛି।

**ଭଦ୍ରକ ଅଫିସ, ୧୩।୫**

ମା'ର ବିକଳ୍ପ ନାହିଁ। ନାରୀ ସର୍ବଂସହା। ମା' ଏକ ଅନୁଭବ, ପ୍ରେରଣା, ନିର୍ବିକଳ୍ପ ସତ୍ତା ଓ ପ୍ରଣୋଚ୍ଛଳ ହୃଦୟବତ୍ତା। ସେ ସକାରାତ୍ମକ ସୃଷ୍ଟିର ସୂତ୍ରଧର। ନାରୀର ଉପମା ନାହିଁ। ନାରୀକୁ କାହା ସହ ତୁଳନା କରାଯାଇ ପାରେନା। ସେ ପ୍ରକୃତି ଓ ବିଶ୍ୱର ମୂଳାଧାର ବୋଲି ଭଦ୍ରକ ଚରମ୍ପାସ୍ଥିତ ନୂଆ ସକାଳ ସ୍ୱେଚ୍ଛାସେବୀ ସଙ୍ଗଠନ ଆନୁକୂଲ୍ୟରେ ଅବନ୍ତିକା କଲେଜ ପରିସରରେ ଆୟୋଜିତ ବିଶ୍ୱ ମାତୃ ଦିବସ ପାଳନ ସମାରୋହ ଓ ଇଂ. ଅବନ୍ତୀ ମଲ୍ଲିକଙ୍କ ୩ୟ କବିତା ସଂକଳନ 'ମୁଁ ନାରୀ, ନିଃଶବ୍ଦ ବଂଶୀର ନାଦ' ଲୋକାର୍ପଣ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଇଂ. ଅଭୟ ସୁତାରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସତ୍ୟଶଙ୍କର ମିଶ୍ର ଉଦ୍‌ଘାଟନ କରିଥିଲେ। ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଚନ୍ଦ୍ର ଦାଶ ମୁଖ୍ୟଅତିଥି ଓ ଅମୃତ ଦର୍ଶନ ପତ୍ରିକାର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ନାରୀର ବିଭିନ୍ନ ରୂପକୁ ଉଦାହରଣ ମାଧ୍ୟମରେ ବର୍ଣ୍ଣନା କରିଥିଲେ। କବିତା ସଂକଳନକୁ ସମୀକ୍ଷା କରି ସିମୁଳିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ନରହରି ବେହେରା ନାରୀର ସକାରାତ୍ମକ ଦିଗ ଉପରେ କହିଥିଲେ। କବୟିତ୍ରୀ ଇଂ. ଅବନ୍ତୀ ମଲ୍ଲିକ କବିତା ସଂକଳନକୁ ତାଙ୍କ ମା'ଙ୍କୁ ଉତ୍ସର୍ଗ କରି ନାରୀର ମହନୀୟତା ଓ ମା'ର ଭୂମିକା ତାଙ୍କ କବିତାରେ କିପରି ପ୍ରତିଫଳିତ ହୋଇଛି, ତାହା ବର୍ଣ୍ଣନା କରିଥିଲେ। ଭଦ୍ରକ ଜିଲା ଲେଖକ ସାମ୍ମୁଖ୍ୟର ସାଧାରଣ ସମ୍ପାଦକ ଅଧ୍ୟାପକ ନୀହାର ରଞ୍ଜନ କର ଅତିଥି ପରିଚୟ ଦେଇଥିଲେ। କବି ପ୍ରବୀଣ କୁମାର ପୃଷ୍ଟି ସଭା ସଂଯୋଜନା ଓ ଭକ୍ତିପ୍ରିୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅବନ୍ତିକା କଲେଜର ଛାତ୍ରୀମାନେ ବେଦପାଠ ଓ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଉକ୍ତ ଉତ୍ସବରେ ମା' ସମ୍ପର୍କିତ କବିତା ପାଠୋତ୍ସବ ମଧ୍ୟ ଆୟୋଜନ କରାଯାଇଥିଲା।

## ସାତପଡ଼ା, ବ୍ରହ୍ମଗିରି ଅଞ୍ଚଳରେ ରିଲିଫ୍ ବାଣ୍ଟିଲେ ଯୁବଗୋଷ୍ଠୀ

**ଭଦ୍ରକ ଅଫିସ, ୧୩।୫:** ଫନୀରେ ପ୍ରଭାବିତ ପୁରୀ ସାତପଡ଼ା ଓ ବ୍ରହ୍ମଗିରି ଅଞ୍ଚଳକୁ ଭଦ୍ରକର କେତେକ ଯୁବକ ଓ ବ୍ୟବସାୟୀ ଯାଇ ରିଲିଫ୍ ବଣ୍ଟନ କରିଛନ୍ତି। ମାନବ ସେବା ହିଁ ମାଧବ ସେବାକୁ ପାଥେୟ କରି ଏହି ଯୁବଗୋଷ୍ଠୀ ଆପୋଷରେ ଟଙ୍କା ସଂଗ୍ରହ କରିଥିଲେ। ସେମାନେ ଚୂଡା, ମୁଢି, ପାଣି ପାଉଚ୍ ଓ ବୋତଲ, ବିସ୍କୁଟ, ଚିନି, ଗୁଡ ଆଦି ବିଭିନ୍ନ ଶୁଖିଲା ଖାଦ୍ୟ ସ୍ୱତନ୍ତ୍ର ଗାଡ଼ି ଯୋଗେ ନେଇ ୨ ଥର ଏହି ଅଞ୍ଚଳରେ ବଣ୍ଟନ କରି ଫେରିଛନ୍ତି। ପ୍ରକାଶ ସାମଲ, ସତ୍ୟ ପରିଡ଼ା, ସ୍ୱାଧୀନ ସୁନ୍ଦର ଦାସ, ଶିବସୁନ୍ଦର ଦାସ, ଲକ୍ଷ୍ମୀଧର ଦାସ, ଶିବାନନ୍ଦ ଭଟ୍ଟାଚାର୍ଯ୍ୟ, ପୂର୍ଣ୍ଣେନ୍ଦୁ ବାନାର୍ଜୀ, ଦୀପକ ରଞ୍ଜନ ନାୟକ, ଅଜୟ ଶ୍ରେଷ୍ଠା, ରାଜା ଜେନା, ବୃଷଭାନୁ ସାହୁ ଓ ଅବସରପ୍ରାପ୍ତ ସେନା କର୍ମଚାରୀ ମନୋଜ ଭୁଇ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ସେହିଭଳି ଆଶାଶ୍ରୀ ଧଳ, ଆଶିଷ ଅମିତାଭ ମହାପାତ୍ର, ସ୍ୱାଗତିକା ନାୟକ, ସ୍ୱୟମ୍ ପ୍ରସାଦ ବେହେରା, ନୀଳଲୋହିତ ଜେନା ଓ ପ୍ରମୋଦ ପଣ୍ଡା ପ୍ରମୁଖ ପରୋକ୍ଷରେ ସହାୟତା କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୩ ଲକ୍ଷ

**ଭଦ୍ରକ ଅଫିସ, ୧୩।୫:** 'ଫନୀ' କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ ନିମନ୍ତେ ଭଦ୍ରକର ଶହୀଦ ଭଗତ ସେନା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୩ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଶହୀଦ ଭଗତ ସେନା ଆବାହକ ସିତାଂଶୁ ମହାପାତ୍ର, ସକ୍ରିୟ ସଦସ୍ୟ ପଦ୍ମନାଭ ପଣ୍ଡା ଓ ମାର୍ଗଦର୍ଶକ କିଶୋର କୁମାର ମହାପାତ୍ର ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ଏହି ଚେକ୍ ପ୍ରଦାନ କରିଛନ୍ତି। ଉଲ୍ଲେଖନୀୟ ଯେ, ଶହୀଦ ଭଗତସେନା ପକ୍ଷରୁ ଅନୁରୂପ ସେବା କାର୍ଯ୍ୟ କରାଯାଇ ଆସୁଛି। ଜଳଛତ୍ର, ବୃକ୍ଷରୋପଣ, କ୍ୟାନ୍‌ସର ପୀଡ଼ିତା, ଶହୀଦଙ୍କ ପରିବାର, ଅସହାୟ ରୋଗୀ ତଥା ବିଭିନ୍ନ ସମୟରେ ଲୋକଙ୍କୁ ଆର୍ଥିକ ସହାୟତା ସାଙ୍ଗକୁ ଶହୀଦଙ୍କ ପ୍ରତିମୂର୍ତ୍ତି କରାଯାଇ ସଙ୍ଗଠନ ଲୋକଙ୍କ ସୁଖଦୁଃଖରେ ଭାଗୀଦାର ହୋଇଆସୁଛି।

## ହନୁମାନ ମନ୍ଦିର ବାର୍ଷିକ ଉତ୍ସବ

**ବନ୍ତ, ୧୩।୫ (ଡି.ଏନ.ଏ.):** ବନ୍ତ ବ୍ଲକ ଗଣିଜାଙ୍ଗ ବଜାର ମଳିକସାହି ଛକସ୍ଥିତ ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶନିବାର ଶାସନ ପୁଷ୍କରିଣୀରୁ ଜଳ ଅଣାଯାଇ ଘଟ ସ୍ଥାପନା ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ପୂଜକ ଭାବେ ପଣ୍ଡିତ ବିଷ୍ଣୁଚରଣ ପଣ୍ଡା, ଗୋବିନ୍ଦଚନ୍ଦ୍ର ମିଶ୍ର, ରାମଚନ୍ଦ୍ର ପାଣିଗ୍ରାହୀ ପୂଜା ଦାୟିତ୍ୱ ତୁଲାଇଥିଲେ। ରବିବାର ଉତ୍ସବରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଭଦ୍ରକ ଏମ୍‌ପି ଅର୍ଜୁନ ଚରଣ ସେଠୀ ଯୋଗ ଦେଇଥିଲେ। ଶରତ ପାଣିଗ୍ରାହୀ, ମନୋଜ ଘଡାଇ, ଟିକି ଘଡାଇ, ରଘୁନାଥ ଦାସ, ମାୟାଧର ମଳିକ, ସୁଶାନ୍ତ ମଳିକ, ବାପୁନ ଜେନା ଓ ଦୁର୍ଯ୍ୟୋଧନ ମଳିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

■ ବୈଶାଖ ମାସର ଶେଷ ସୋମବାର

# ଆରଡ଼ିରେ ଭକ୍ତଙ୍କ ଭିଡ଼

**ଆରଡି, ୧୩।୫ (ଡି.ଏନ.ଏ.)**

ବୈଶାଖ ମାସର ଶେଷ ସୋମବାର ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଗ୍ରୀଷ୍ମ ତାତିରୁ ରକ୍ଷା ପାଇବା ପାଇଁ ବାବା ଆଖଣ୍ଡଳମଣିଙ୍କ ପାଖରେ ଶୀତଳ ଉପଚାର ନୀତି କରାଯାଇଥାଏ। ଏଣୁ ଶହ ଶହ ଗୋପାଳ ଭକ୍ତ ବାବାଙ୍କ ପାଖରେ ଜଳଲାଗି କରିଛନ୍ତି। ବାବାଙ୍କୁ ଜଳଲାଗି କଲେ ତାତିରୁ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି।

**ଜଳଲାଗି କଲେ ଶତାଧିକ ଗୋପାଳ**

ଶେଷ ସୋମବାର ଥିବାରୁ ଭୋର ୫ଟାରେ ମନ୍ଦିର ପହଡ଼ ଖୋଲାଯିବା ପରେ ମଙ୍ଗଳ ଆଳତି କରାଯାଇଥିଲା। ଅନ୍ୟାନ୍ୟ ପୂଜା କରାଯିବା ପରେ ପାଣିଭାର ଧରି ଲମ୍ବାଧାଡ଼ିରେ ପ୍ରତିକ୍ଷାରତ ଗୋପାଳମାନେ ଜଣଙ୍କ ପରେ ଜଣେ ମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ। ଏହାପରେ ସେମାନେ ଶୁଦ୍ଧପୂତ ମନରେ ୨ଟି ପିତଳ ଗରାରେ ସ୍ଥାନୀୟ ବୈତରଣୀ ନଦୀରୁ ଆଣିଥିବା ପବିତ୍ର ଜଳକୁ ସେବାୟତମାନେ ବାବାଙ୍କ ମସ୍ତକରେ ଢାଳିଥିଲେ। ସ୍ଥାନୀୟ ମୁଆଁ, ସିଙ୍ଗିପୁର, ବାଡୋଳ, ନାନ୍ଦପୁର, ବାଙ୍କମୁହାଁ, କୁଳେଇପଦା, ଓଳଗ, ଷାଠିବାଙ୍କୁଡା, ବୋଡ଼କ, ଅମୃତମଣୋହୀ, ଦୋହରାପାଟଣା, ସୁନ୍ଦରପୁର, ପାଳସାହି, ସାଆଁଳପୁର, ରଇପୁର, କଣ୍ଟିକା, ବାଙ୍କସାହି, ଶ୍ୟାମସୁନ୍ଦରପୁର, ଉପରଦୁମୁକା, ତଳଦୁମୁକା, ପଡ଼ୋଶୀ ଯାଜପୁର ଜିଲାର ଇଚ୍ଛାପୁର, କୟାଁ, କେନ୍ଦ୍ରାପଡା ଜିଲାର କନପୁର, ଗୁଣ୍ଡୁଳ, ଭାମଣ୍ଡା, ବଟରପଡା ଆଦି ଗାଁର ଗୋପାଳମାନେ ଏହି ଜଳଲାଗି ସେବା କରିଥିଲେ। ବାବାଙ୍କର ଶୀତଳ ଉପଚାର ନୀତି ଆସନ୍ତା ବୁଧବାର ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିବ ବୋଲି ସେବାୟତଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବ ସୋମବାର ପରି ଏହି ସୋମବାର ଆରଡ଼ି ଫାଣ୍ଡି ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଉଦ୍ୟମ କରାଯାଇଥିଲା। ଚଳିତବର୍ଷ ସବୁ ସୋମବାର ଗୋପାଳମାନେ ଶାନ୍ତିପୂର୍ଣ୍ଣ ଭାବେ ଜଳଲାଗି କରିଥିବାରୁ ଆରଡ଼ି ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦାସ ଓ ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ କୃତଜ୍ଞତା ଜଣାଇଛନ୍ତି।



ଜଳଲାଗି ପାଇଁ ଗୋପାଳମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

## ସେଲ୍ଫି କର୍ଣ୍ଣର



ପ୍ରବିର



ସ୍ୱସ୍ତିକ



ମମିତା



ଶୁଭମ



ମାମୁନ



ଦିଲ୍ଲୁ

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

## ଆଜି କଣ କେଉଁଠି

- ବଡ଼ବିଲରେ ସାଂସ୍କୃତିକ ମିଳନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ
  ସ୍ଥାନ: ଶ୍ରୀମଣ୍ଡପ, ପିଏଚଡ଼ି, ବଡ଼ବିଲ
  ସମୟ: ସନ୍ଧ୍ୟା ୬ଟା୩୦ ମିନିଟ

## ସଂକ୍ଷେପରେ

### ୧୭୨ ଗାଁର ୧,୬୭,୮୨୫ ଲୋକ ଫନୀ ଦ୍ୱାରା ପ୍ରଭାବିତ

**ଆନନ୍ଦପୁର,୧୩।୫(ସ୍ୱ.ପ୍ର.)**-ପ୍ରଶାସନ ପକ୍ଷରୁ ହୋଇଥିବା ପ୍ରାଥମିକ ଆକଳନ ଅନୁଯାୟୀ, ଆନନ୍ଦପୁର ଉପଖଣ୍ଡର ତିନିଗୋଟି ବ୍ଲକ ହାଟଡିହୀ, ଘସିପୁରା ଓ ଆନନ୍ଦପୁରରେ ୧୭୨ ଗ୍ରାମର ୧ ଲକ୍ଷ ୬୭ ହଜାର ୮୨୫ ଜଣ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ହାଟଡିହୀରେ ୨୩୭ଟି, ଘସିପୁରାରେ ୧୩୮ଟି, ଆନନ୍ଦପୁରରେ ୩୫ଟି କଚ୍ଚା ଓ ପକ୍କାଘର ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ତିନିଗୋଟି ବ୍ଲକର ତହସିଲ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ହାଟଡିହୀରେ ୧୦ ଲକ୍ଷ ୬୧ ହଜାର ୭୦୦ ଟଙ୍କା, ଘସିପୁରାରେ ୪ ଲକ୍ଷ ୪୧ ହଜାର ୬୦୦ ଟଙ୍କା ଏବଂ ଆନନ୍ଦପୁରରେ ୧ ଲକ୍ଷ ୧୦ ହଜାର ୯୦୦ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପ୍ରାଥମିକତା ଭିତ୍ତିରେ ତିନିଗୋଟି ତହସିଲ ଅଧୀନ କ୍ଷତିଗ୍ରସ୍ତ ପରିବାରବର୍ଗଙ୍କ ପାଇଁ ପଲିଥିନର ବ୍ୟବସ୍ଥା କରାଯାଇଛି। ଆଂଶିକ କ୍ଷତିଗ୍ରସ୍ତ ପକ୍କାଘର ପାଇଁ ୫ ହଜାର ୨୦୦ ଟଙ୍କା କ୍ଷତିପୂରଣ ବ୍ୟବସ୍ଥା କରାଯାଇଥିବା ବେଳେ କଚ୍ଚା ଘର ପାଇଁ ୩ ହଜାର ୨୦୦ ଟଙ୍କା, କୁଡିଆଘର କ୍ଷତିଗ୍ରସ୍ତଙ୍କ ପାଇଁ ୪ ହଜାର ୧୦୦ ଟଙ୍କା, ଗାଈ ଗୁହାଳ କ୍ଷତିଗ୍ରସ୍ତ ପାଇଁ ୨ ହଜାର ୧୦୦ ଟଙ୍କା ବ୍ୟୟ ଅଟକଳ କରାଯାଇଛି।

### କାମରେ ଲାଗୁନି ଶୌଚାଳୟ

**କେନ୍ଦୁଝର, ୧୩।୫ (ସ୍ୱ.ପ୍ର.)**- କେନ୍ଦୁଝର ପୌରପାଳିକା ଅଞ୍ଚଳରେ ସ୍ୱଚ୍ଛ ପରିବେଶ ପାଇଁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ବିଭିନ୍ନ ୱାର୍ଡରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଗୋଷ୍ଠୀଗତ ଶୌଚାଳୟ ନିର୍ମାଣ କରାଯାଇଛି। ତେବେ ସେସବୁ କାର୍ଯ୍ୟକାରୀ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଲୋକମାନେ ପୂର୍ବଭଳି ବାହାରକୁ ଶୌଚ କରିବାକୁ ଯାଉଥିବାରୁ ପରିବେଶ ପ୍ରଦୂଷିତ ହେବା ସହ ଲୋକେ ବିଭିନ୍ନ ପ୍ରକାରର ରୋଗବ୍ୟାଧିରେ ସଂକ୍ରମିତ ହେଉଛନ୍ତି। ଅନ୍ୟପକ୍ଷରେ ଲକ୍ଷ ଲକ୍ଷ ଟଙ୍କାରେ ନିର୍ମାଣ ହୋଇଥିବା ଏହି ଶୌଚାଳୟ ବ୍ୟବହାର ନ ହୋଇ ନଷ୍ଟ ହେବାକୁ ଲାଗିଥିବାରୁ ସରକାରଙ୍କ ରାଜସ୍ୱ ପାଣିରେ ଗଲା ବୋଲି ମତପ୍ରକାଶ ପାଉଛି। କେନ୍ଦୁଝର ପୌରାଞ୍ଚଳରେ ବଡଡେରା ମୌଜାରେ ନିର୍ମାଣ ହୋଇଥିବା ଦୁଇଟି ଗୋଷ୍ଠୀଗତ ଶୌଚାଳୟ ଘର ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏହା ଏବେ ଭାଙ୍ଗିବା ଅବସ୍ଥାରେ ପଡ଼ିଛି। ସଚେତନତା ଅଭାବରୁ ଲୋକମାନେ ବ୍ୟବହାର ନ କରି ପାଖ ନାଳକୂଳରେ ଶୌଚ କରୁଥିବା ଅଭିଯୋଗ ହେଉଛି। ଏହାକୁ ପାଣି ସଂଯୋଗ ହୋଇ ନ ଥିବାରୁ ବ୍ୟବହାର କରାଯାଇପାରୁନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିପରି ମାଧପୁର ପୋଖରୀ ନିକଟରେ ନିର୍ମାଣ ହୋଇଥିବା ଶୌଚାଳୟରେ ତାଲା ପଡିଛି। ଟାଙ୍କି ଅଦ୍ୟାବଧି ନିର୍ମାଣ ହୋଇ ନ ଥିବାରୁ ଏଥିରେ ତାଲା ଝୁଲୁଛି। ଉପଯୁକ୍ତ ସଚେତନତା ଓ ତଦାରଖର ଅଭାବ ସାଙ୍ଗକୁ ଅସମ୍ପୂର୍ଣ୍ଣ ନିର୍ମାଣ, ଦେଖାଦେଉଥିବା ସମସ୍ୟାର ସମାଧାନ ଆଦିକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଲକ୍ଷ ଲକ୍ଷ ଟଙ୍କାର ଏହି କାର୍ଯ୍ୟକ୍ରମ ସଫଳ ହୋଇପାରୁନାହିଁ ବୋଲି ସାମାଜିକ କର୍ମୀମାନେ ମତବ୍ୟକ୍ତ କରୁଛନ୍ତି।

# ନିରାମୟ ଯୋଜନାରେ ମିଳୁନି ଔଷଧ

**ଚମ୍ପୁଆ, ୧୩।୫(ଡି.ଏନ.ଏ.)**

ସରକାର ରୋଗୀ ସେବାକୁ ପ୍ରଧାନ୍ୟ ଦେବା ସହିତ ନିରାମୟ ଯୋଜନା ମାଧ୍ୟମରେ ରୋଗୀଙ୍କୁ ମାଗଣା ଔଷଧ ଯୋଗାଇ ଦେଇ ଆସୁଛନ୍ତି। ମାତ୍ର ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଔଷଧ ଅଭାବରୁ ଏହି ଯୋଜନା ବିଫଳ ହୋଇଥିବା ଦେଖିବାକୁ ମିଳିଛି। ଆବଶ୍ୟକ ଅନୁସାରେ ଔଷଧ ଆସୁ ନଥିବା ତଥା ପ୍ରମୁଖ ଔଷଧ ଗୁଡିକ ଠିକ ସମୟରେ ଜିଲା କାର୍ଯ୍ୟାଳୟ ଦେଉ ନ ଥିବାରୁ ରୋଗୀଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଆଉଟ୍‌ଡୋର୍‌ରେ ରୋଗୀଙ୍କୁ କେବଳ ଡାକ୍ତରଖାନାରେ ଥିବା ଔଷଧ ଲେଖିବା ପାଇଁ ସରକାରଙ୍କ ପକ୍ଷରୁ ଡାକ୍ତରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଡାକ୍ତରମାନେ ଲେଖୁଥିବା ନିରାମୟ ଯୋଜନାର ଔଷଧ ଡାକ୍ତରଖାନାରେ ଉପଲବ୍ଧ



ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ।

ରହୁନାହିଁ। ଫଳରେ ରୋଗୀମାନେ ଡାକ୍ତରଙ୍କୁ ରୋଗ ଉପଶମ ପାଇଁ ବାହାରୁ ଔଷଧ ଲେଖିବା ପାଇଁ ବାଧ କରୁଛନ୍ତି। ଉପଖଣ୍ଡ ଚିକିତ୍ସାଳୟରେ ଅଳ୍ପ ଓ.ଆର.ଏସ ପାଉଡର ରହିଥିବା ତଥା ଗ୍ୟାସ୍, ଝାଡା, ବ୍ଲଡପ୍ରେସର, ଆଇରନ୍, କ୍ୟାଲସିୟମ, ଆଣ୍ଟିବାଓଟିକ୍ ଆଦି ଔଷଧ ମିଳୁ ନଥିବା ବେଳେ ଛୋଟ ଛୁଆଙ୍କର ବିଭିନ୍ନ ସିରପ୍ ଓ ଔଷଧ ମିଳୁନାହିଁ। ଏହି ଚିକିତ୍ସାଳୟ ଉପରେ ମୟୂରଭଞ୍ଜ, ଝାଡଖଣ୍ଡ ଓ ଓଡିଶାର ବହୁ ଆଦିବାସୀ ନିର୍ଭର କରୁଥିବା ବେଳେ ଅର୍ଥ ଅଭାବରୁ ଆବଶ୍ୟକ ଅନୁସାରେ ଔଷଧ କିଣି ନ ପାରି ହୀନସ୍ତା ହେଉଛନ୍ତି। ଚଳିତ ମାସ ୧ ତାରିଖରେ ଔଷଧର ଆବଶ୍ୟକ ଚିଠା ଜିଲା କାର୍ଯ୍ୟାଳୟ ପାଖକୁ ପଠା ଯାଇଥିଲେ ମଧ୍ୟ ୧୨ ଦିନ ପରେ ବି ଔଷଧ ପହଞ୍ଚି ନଥିବା ଫାର୍ମାସିଷ୍ଟ ସୂଚନା ଦେଇଛନ୍ତି। ଏସମ୍ପର୍କରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା.କର୍ଣ୍ଣରାମ ମହାନ୍ତଙ୍କୁ ପଚାରିବାରୁ ଆମ୍ଭେ ଔଷଧ ଅଭାବ ସମ୍ବନ୍ଧରେ ଜିଲା କାର୍ଯ୍ୟାଳୟକୁ ସୂଚନା ଦେଇ ସାରିଛୁ। ଅନ୍‌ଲାଇନ୍ ପ୍ରୋବ୍ଲେମ ପାଇଁ ଔଷଧ ଆସିବାରେ ବିଳମ୍ବ ହେଉଥିବା ଅନୁମାନ କରାଯାଉଛି। ମଙ୍ଗଳବାର ସୁଦ୍ଧା ଔଷଧ ନ ପହଞ୍ଚିଲେ ଆମେ ଜିଲା କାର୍ଯ୍ୟାଳୟ ଯାଇ ଔଷଧ ଆଣିବୁ ବୋଲି ସେ କହିଛନ୍ତି।

**ଚମ୍ପୁଆ ଡାକ୍ତରଖାନା**

- ୧୨ଦିନ ପରେ ବି ଆସୁନି ଔଷଧ
- ରୋଗୀ ହଇରାଣ

## ବସୁମତୀଙ୍କ ନିଆରା ଜଡ଼ିବୁଟି ଚିକିତ୍ସା

**ଚମ୍ପୁଆ, ୧୩।୫(ଡି.ଏନ.ଏ.)**

ଦିନକୁ ଦିନ ଏଲୋପାଥିକ ଚିକିତ୍ସାକୁ ରୋଗୀ ଆପଣେଇ ନେଉଥିବା ବେଳେ ଏବେ ବି ମଧ୍ୟ ପାରମ୍ପାରିକ ଜଡିବୁଟି ଉପରେ ଭରସା କରୁଛନ୍ତି ଅନେକ ଲୋକ। ପୁରୁଷାନୁକ୍ରମେ ଚାଲି ଆସିଛି ପାରମ୍ପାରିକ ଆୟୁର୍ବେଦିକ ଚିକିତ୍ସା। କମ ଅର୍ଥ ବ୍ୟୟରେ ଏହି ଚିକିତ୍ସା ମିଳୁଥିବା ବେଳେ ଏହାର ଆଦର ଓ ବିଶ୍ୱାସ ଏବେ ବି ବଳବତ୍ତର ରହିଛି। ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛନ୍ତି ରଙ୍ଗାମାଟିଆ ପଞ୍ଚାୟତର ବାଙ୍କିଆ ଗ୍ରାମର ବସୁମତୀ ମହାନ୍ତ। ବୟସ ୫୪ ହେଲେ ବି ଆୟୁର୍ବେଦିକ ଚିକିତ୍ସାରେ ସେ ଖୁବ୍ ପାରଙ୍ଗମ।

ପୁରାତନ ଯେ କୌଣସି ଶ୍ୱାସ ଓ ଯକ୍ଷ୍ମା ରୋଗର ଚିକିତ୍ସା କରି ସେ ଚର୍ଚ୍ଚାକୁ ଆସିଛନ୍ତି। ଶାଶୁ ସାଗରୀ ମହାନ୍ତଙ୍କ ଠାରୁ ସେ ଏହି ବିଦ୍ୟା ଶିକ୍ଷା କରିଥିଲେ। ଗ୍ରାମ ଠାକୁରଙ୍କୁ ମାନସିକ କରି କେତେକ ଚେର ଓ ମୂଳ ମିଶାଇ ଦୁଇଟିପାନ ରୋଗୀକୁ ସେ ଖାଇବାକୁ ଦେଇଥାନ୍ତି। ରୋଗୀ ଭଲ ହେଲେ ତାଙ୍କ ମାନସିକ ପୂରଣ କରିଥାନ୍ତି। ହଜାରରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଭଲ କରିଥିବା କୁହନ୍ତି ବସୁମତୀ। ସ୍ୱାମୀ ଓ ଶାଶୁ ଆରପାରିକୁ ଚାଲିଗଲା ପରେ ମଧ୍ୟ ଏହି ଚିକିତ୍ସା ସେ ଚାଲୁ ରଖିଛନ୍ତି। ବସୁମତୀଙ୍କ ପାଖକୁ ମୟୂରଭଞ୍ଜ, ଢେଙ୍କାନାଳ, ଝାଡଖଣ୍ଡ ଓ ଓଡିଶାର ବିଭିନ୍ନ ସ୍ଥାନରୁ ରୋଗୀମାନେ ଆସି ଔଷଧ ନେଇ ଭଲ ହୋଇଥିବା ସେ କହିଛନ୍ତି। ଗାଁ ଗହଳି ଗୁଡିକରେ ଲୋକମାନଙ୍କ ପାଇଁ ଏହି ପାରମ୍ପାରିକ ଚିକିତ୍ସା ମହୌଷଧୀ ପାଲଟି ଥିବାବେଳେ ଲୁପ୍ତ ହୋଇ ଆସୁଥିବା ଏହି ପାରମ୍ପାରିକ ଚିକିତ୍ସାକୁ ସଚେତନ ନାଗରିକମାନେ ଆଗକୁ ଆଣି ପାରିଲେ ଏହାର ଉନ୍ନତି ସାଧନା ହେବ ବୋଲି ଜଣାଯାଇଛି।



## ମଦ ମାଫିଆ ସକ୍ରିୟ, ଅବକାରୀ ବିଭାଗ ଚୁପ୍

**ଯୋଡ଼ା, ୧୩।୫(ଡି.ଏନ.ଏ.)**

କେନ୍ଦୁଝର ଜିଲାର ଯୋଡ଼ା ସହରରେ ନିର୍ବାଚନ ପୂର୍ବରୁ ଅବକାରୀ ବିଭାଗର ସମ୍ବଲପୁରରୁ ଆସିଥିବା ଗୋଇନ୍ଦା ସଂସ୍ଥାର ଡେପୁଟି କମିଶନର ଦିଲୀପ କୁମାର ନାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିପୁଳ ପରିମାଣର ମଦ ଇ.ଆଇ.ଇ.ବି ଦ୍ୱାରା ଗତ ୨୨ ତାରିଖରେ ଜବତ ହୋଇଥିଲା। ଏହି ଘଟଣାର୧୯ ଦିନ ବିତିଯାଇଥିଲେ ହେଁ ଅବକାରୀ ବିଭାଗ ମାମଲା କରି ଚୁପ୍ ବସିବା ଘଟଣା ଅବକାରୀ ବିଭାଗର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସୂଚନାଯୋଗ୍ୟ ଯେ, ଗତ ୨୨ତାରିଖ ଦିନ ଯୋଡ଼ାସ୍ଥିତ ଧରଣୀଧର ଛକ ନିକଟରୁ ଏକ ଘରୁ ବିପୁଳ ପରିମାଣର ବିଦେଶୀ ମଦ ଜବତ ହୋଇଥିଲା। ଏହି ଜବତ ମଦର କେହି ଦାବିଦାର ନ ଥିବା ସମ୍ବଲପୁରରୁ ଆସିଥିବା ଇଆଇଇବିର ଆଇଆଇସି ପ୍ରତାପ ଚନ୍ଦ୍ର ସାମଲ ତାଙ୍କ ପ୍ରତିକ୍ରିୟାରେ କହିଥିଲେ। ତେଣେ ଏହି ଘଟଣା ଯୋଡ଼ା ସହରରେ ଆଜି ମଧ୍ୟ ଚର୍ଚ୍ଚାରେ ରହିଛି। ଏ ସଂକାନ୍ତରେ ରବିବାର ସାମଲଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଜଣେ ବ୍ୟକ୍ତିଙ୍କ ନାମରେ ମାମଲା (ନଂ ୩୪/୨୦୧୯)ରୁଜୁ କରାଯାଇଛି। ତେଣେ ଏ ପର୍ଯ୍ୟନ୍ତ ଏତେ ପରିମାଣର ମଦ ଆସିଥିଲା କେଉଁଠାରୁ ଏବଂ ମୁଖ୍ୟ ରାସ୍ତାକଡ଼ରେ ବେଆଇନ ମଦ ଗୋଦାମର ପତ୍ତା ମିଳିବା ପରେ ମଧ୍ୟ ତଦନ୍ତରେ ଶିଥିଳତା ବିଭାଗୀୟ ଅଧିକାରୀଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଭିଯୁକ୍ତ ଅଞ୍ଚଳରେ ବୁଲୁଥିଲେ ମଧ୍ୟ ଗିରଫ କରାଯାଉନାହିଁ। ଯୋଡ଼ା ସହରରେ କିଛି ଅସାଧୁ ଅବକାରୀ ଅଧିକାରୀମାନଙ୍କ ପାଇଁ ଝାଡ଼ଖଣ୍ଡରୁ ଓଡ଼ିଶାକୁ ଚୋରା ମଦ ଚାଲାଣ ହେଉଛି। ସେହିପରି ଚୋରା ଦେଶୀ ମଦ ସହିତ ଅପମିଶ୍ରିତ ବିଦେଶୀ ମଦ ବିକ୍ରି କରୁଥିବା ମାଫିଆ ସକ୍ରିୟ ଅଛନ୍ତି।

## ଜିଲା କ୍ରୀଡାସଂସ୍ଥାରେ ସଦସ୍ୟ ଚୟନ ହେଉନାହିଁ

**କେନ୍ଦୁଝର, ୧୩।୫(ଡି.ଏନ୍.ଏ.)**

କେନ୍ଦୁଝର ସଦର ମହକୁମାରେ ଥିବା ଜିଲାର ଏକମାତ୍ର କ୍ରୀଡାସଂସ୍ଥାରେ ନୂତନ ସଦସ୍ୟ ଗ୍ରହଣକୁ ନେଇ ହେଉଥିବା ଟାଳଟୁଳ ନୀତି ଯୋଗୁଁ କ୍ରୀଡାପ୍ରେମୀ ମହଲରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଦୀର୍ଘ ୧୫/୨୦ ବର୍ଷ ପୂର୍ବରୁ ନୂତନ ସଦସ୍ୟ ପାଇଁ ଆବେଦନ କରିଥିବା କ୍ରୀଡାପ୍ରେମୀଙ୍କ ସଦସ୍ୟତା ଗ୍ରହଣକୁ ନେଇ ଆଜି ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ନିଷ୍ପତ୍ତି ନିଆଯାଉ ନ ଥିବାରୁ ଜନସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ଜିଲାପାଳ ଏହି ସଂସ୍ଥାର ସଭାପତି ଥିବାବେଳେ ଅତୀତରେ ଅନେକ ବୁଦ୍ଧିଜୀବୀ ନୂତନ ସଦସ୍ୟତାକୁ ନେଇ ତତ୍କାଳୀନ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା କୌଣସି ଫଳ ମିଳୁ ନ ଥିବାରୁ କ୍ରୀଡାସଂସ୍ଥା ଦିନକୁ ଦିନ ସ୍ଥାଣୁ ହେବାକୁ ବସିଛି। ଜିଲା କ୍ରୀଡାସଂସ୍ଥାରେ ୨୦୦ ସଦସ୍ୟ ରହିବାର ବ୍ୟବସ୍ଥା ଅଛି। ଇତିମଧ୍ୟରେ ଅନେକ ସଦସ୍ୟ ଆରପାରିକୁ ଚାଲିଗଲେଣି। ଏହାକ୍ରମେ କମି ୧୬୦ ଭିତରେ ସୀମିତ ରହିଛି ବୋଲି ଜିଲା କ୍ରୀଡାସଂସ୍ଥାର ସାଧାରଣ ସଂପାଦକ ଡ଼ ଜନାର୍ଦ୍ଦନ ଦାଶ ପ୍ରକାଶ କରିଛନ୍ତି। ପୂର୍ବରୁ ସଦସ୍ୟତା ପାଇଁ ଆବେଦନ କରିଥିବା କ୍ରୀଡାପ୍ରେମୀ ଦରଖାସ୍ତଗୁଡିକ ନିଆଗଲା ନାହିଁ। ତେଣୁ ଖୁବଶୀଘ୍ର ନୂତନ ସଦସ୍ୟ ଗ୍ରହଣ ଉପରେ ଆଉଥରେ ଦରଖାସ୍ତ ନିଆଯିବାକୁ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

## ଲିଙ୍କ୍ ଫେଲ୍: ଟଙ୍କା ଉଠାଣ ପାଇଁ ଲୋକେ ହଇରାଣ



ଲିଙ୍କ ଫେଲ ଯୋଗୁ ଲୋକେ ନିରାଶ ହୋଇ ବସିଛନ୍ତି।

**ରାଇସୁଆଁ, ୧୩।୫(ଡି.ଏନ.ଏ.)**

ସରକାର ଲୋକଙ୍କ ସୁବିଧା ପାଇଁ ଡିଜିଟାଲ ବ୍ୟବସ୍ଥାର ପ୍ରଚଳନ କରିଛନ୍ତି। ମାତ୍ର ଭିତ୍ତିଭୂମି ଅସଜଡା ଯୋଗୁଁ ବହୁ ସମୟରେ ଲୋକ ମାନେ ବ୍ୟାଙ୍କ ଗୁଡିକରେ ଟଙ୍କା ଉଠାଣ ଏବଂ ଟଙ୍କା ଡିପୋଜିଟ ପାଇଁ ନାହିଁ ନ ଥିବା ହଇରାଣ ହେଉଥିବା ଦେଖିବାକୁ ମିଳିଛି। କେନ୍ଦୁଝର ଜିଲାର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ମୁଖ୍ୟ କାର୍ଯ୍ୟାଳୟରେ ବହୁ ଦୂର ଦୁରାନ୍ତରୁ ଆସିଥିବା ଶହଶହ ଗରିବ ଲୋକ ଟଙ୍କା ଉଠାଣ ପାଇଁ ଆସି ନାହିଁ ନ ଥିବା ଅସୁବିଧାର ଫେରୁଥିବା ଦେଖିବାକୁ ମିଳିଛି। ଏଥିପ୍ରତି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଉଚ୍ଚଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

- ଗାଁ ଶିବ ମନ୍ଦିରରେ ଚାଲିଥିଲା ବାହାଘର

## ବାହାବେଦିରୁ ନାବାଳିକାଙ୍କୁ ଉଦ୍ଧାର କଲା ଚାଇଲ୍ଡ ଲାଇନ୍


ବିବାହ ବେଦି ନିକଟରେ ଭିଡ଼ ଜମିଛି।

**ଆନନ୍ଦପୁର,୧୩।୫(ସ୍ୱ.ପ୍ର.)**

ସୋମବାର ଆନନ୍ଦପୁର ଚାଇଲ୍ଡ ଲାଇନ ବିବାହ କରିବାକୁ ଯାଉଥିବା ଜଣେ ନାବାଳିକାଙ୍କୁ ବାହାବେଦୀରୁ ଉଦ୍ଧାର କରିଛି। ଏଥିଯୋଗୁ ବାହାଘର ପାଇଁ ଉତ୍ସାହିତ ଥିବା ଉଭୟ ପରିବାର ସଦସ୍ୟ ପ୍ରତିବାଦ କରିଥିଲେ ମଧ୍ୟ କୌଣସି ଲାଭ ହୋଇନି। ଆନନ୍ଦପୁର ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ସ୍ଥାନୀୟ ଟାଙ୍ଗୋର ଗ୍ରାମର ଜଣେ ଯୁବକଙ୍କ ସହିତ ସେହି ଥାନା ଅନ୍ତର୍ଗତ ଛତ୍ରକଣା ଗ୍ରାମର ଜଣେ ନାବାଳିକାଙ୍କ ବିବାହ ଗାଁ ଶିବ ମନ୍ଦିରରେ ହେଉଥିଲା। ଏ ସଂକ୍ରାନ୍ତରେ ଜଣାପଡିବା ପରେ ଆନନ୍ଦପୁର ଚାଇଲ୍ଡ ଲାଇନ୍ ପକ୍ଷରୁ ସ୍ଥାନୀୟ ବାଲ୍ୟବିବାହ ନିରାକରଣ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ଆନନ୍ଦପୁର ପୋଲିସ ସହାୟତାରେ ସିଡିପିଓ ତଥା ବାଲ୍ୟ ବିବାହ ନିରାକରଣ ଅଧିକାରୀ ସତ୍ୟଭାମା ସେଠୀ, ସୁପରଭାଇଜର୍ ଛବିରାଣୀ ଜେନା, ଶୈଳେନ୍ଦ୍ରୀ ନାଇକ, ଚାଇଲ୍ଡ ଲାଇନ ସଂଯୋଜକ ନରେନ୍ଦ୍ର ପରିଡା, ସଦସ୍ୟ ଆଇନଜୀବୀ ଭାଗିରଥି ଦାଶ, ସସ୍ମିତା ମହାନ୍ତି, ହିମାଂଶୁ କୁମାର ରାମ, ଆନନ୍ଦ ସାହୁ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ନାବାଳିକାଙ୍କୁ ଆନନ୍ଦପୁର ଥାନାରେ ହାଜର କରାଯାଇଛି।

ଦିନକୁ ଦିନ ଆନନ୍ଦପୁର ଅଞ୍ଚଳରେ ବାଲ୍ୟବିବାହ ବୃଦ୍ଧିପାଉଥିବା ଦେଖିବାକୁ ମିଳୁଛି। ତେବେ ଏନେଇ ସ୍ଥାନୀୟ ଚାଇଲ୍ଡଲାଇନ୍ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ କରାଯାଉଥିଲେ ସୁଦ୍ଧା ଏହା ଥମିବାର ନାଁ ଧରୁନି। ଯାହାକି ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ପାଇଁ କଡା ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ବାତ୍ୟା ବିପନ୍ନଙ୍କୁ ସହାୟତା

**ବଉଳା, ୧୩।୫ (ଡି.ଏନ.ଏ.)**

ମା' ଜଗତ ଜନନୀ ସେବା ଟ୍ରଷ୍ଟ ପକ୍ଷରୁ ହାଟଡିହୀ ବ୍ଲକର ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ପ୍ରଦାନ କରାଯାଇଛି। ଫନୀ ପ୍ରଭାବରେ ହାଟଡିହୀ ବ୍ଲକର ବିଭିନ୍ନ ଗାଁରେ ଲୋକଙ୍କର ଚାଳ ଛପର ଉଡ଼ିଯିବା ସହିତ ମାଟି କାନ୍ଥ ଭାଙ୍ଗି ଯାଇଛି। ଫଳରେ ଗରିବ ଲୋକମାନେ ହଇରାଣ ହରକତ ହେଉଥିବା ବେଳେ ଟ୍ରଷ୍ଟ ପକ୍ଷରୁ ଲୋକମାନଙ୍କୁ ପଲିଥିନ ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଏହି ବଣ୍ଟନ ସମୟରେ ସଞ୍ଜୀବ କୁମାର ବେହେରା, ପଦ୍ମନାଭ ଜେନା, ଆନନ୍ଦ ଖଟୁଆ, ଜିତେନ୍ଦ୍ର ରାଉତ, ସଂଗ୍ରାମ ଖୁଣ୍ଟିଆ, ତ୍ରୈଲୋଚନ ନାୟକ, ବାବୁଲି ପରିଡ଼ା, କମଳକାନ୍ତ ଆଇଚ ପ୍ରମୁଖଙ୍କ ଉପସ୍ଥିତିରେ କ୍ଷୟକ୍ଷତି ହୋଇଥିବା ଲୋକଙ୍କୁ ସହାୟତା ପ୍ରଦାନ କରାଯାଇଛି।

## ୨୦ ନଂ ଜାତୀୟ ରାଜପଥ ନିର୍ମାଣ ନିମ୍ନମାନର ଅଭିଯୋଗ

**ରାଇସୁଆଁ,୧୩।୫(ଡି.ଏନ.ଏ.)**

ପାଣିକୋଇଲିଠାରୁ ରଜାମୁଣ୍ଡା ପର୍ଯ୍ୟନ୍ତ ୨୦ ନମ୍ବର ଜାତୀୟ ରାଜପଥ ନିର୍ମାଣ ହୋଇଛି। ମାତ୍ର କେନ୍ଦୁଝର ଜିଲାର ସଦର ଅଞ୍ଚଳ ଦେଇ ଯାଇଥିବା କେନ୍ଦୁଝରରୁ ପଳାଶପଙ୍ଗା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଅତ୍ୟନ୍ତ ନିମ୍ନମାନର ହେବା ସହ ନିର୍ମାଣର ଏକ ମାସ ନ ପୂରୁଣୁ ରାସ୍ତାସାରା ଖାଲଖମାରେ ପରିପୂର୍ଣ୍ଣ ହୋଇଥିବା ଦେଖିବାକୁ ମିଳିଛି। ଏହି ରାସ୍ତାଟି ଏକ କନଷ୍ଟ୍ରକଶନ କମ୍ପାନୀ ତରଫରୁ ନିର୍ମାଣ ହୋଇଛି। ରାସ୍ତାସାରା ନିର୍ମାଣ ହୋଇଥିବା ପୋଲଗୁଡ଼ିକ ଅତିନିମ୍ନମାନର ହୋଇଛି, ସମସ୍ତ ପୋଲରୁ ବର୍ଷା ହେଲେ ପାଣି ଗଳୁଥିବା ଦେଖିବାକୁ ମିଳିଛି। ବହୁସ୍ଥାନରେ ରାସ୍ତାର ସାଇଡୱାଲ ନ ଥିବାରୁ ବର୍ଷା ହେଲେ ରାସ୍ତା ଉପରୁ ମାଟି ଅତଡା ଖସି ତଳ ରାସ୍ତାକୁ ଅବରୋଧ କରି ଦେଉଥିବା ଦେଖାଯାଉଛି। ରାସ୍ତାର ବହୁ ସ୍ଥାନରେ ନିର୍ମାଣର ୧ମାସ ନ ଯାଉଣୁ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇ ପାଣି ଜମିରହୁଛି, ଫଳରେ ବର୍ଷାଦିନେ ବହୁ ଦୁର୍ଘଟଣା ହେବାରେ ଲାଗିଛି। ରାସ୍ତାର ଡ୍ରେନ ନିର୍ମାଣ ଅତିନିମ୍ନମାନର ହୋଇଥିବାରୁ ବର୍ଷା ପାଣି ନିଷ୍କାସନ ନ ହେବା ସହ ବହୁ ସ୍ଥାନରେ ଡ୍ରେନଗୁଡ଼ିକ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ମାତ୍ର ଜିଲା ପ୍ରଶାସନ ଏବଂ ଜାତୀୟ ରାଜପଥ ବିଭାଗ ସବୁ ଜାଣି କମ୍ପାନୀ ପ୍ରତି ଅହେତୁକ ଅନୁକମ୍ପା ଦେଖାଇବା ସହିତ କମ୍ପାନୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ପ୍ରଶାସନ ଏବଂ ଜାତୀୟ ରାଜପଥ ବିଭାଗ ପ୍ରତି ଅଙ୍ଗୁଳି ଉଠିବା ସ୍ୱାଭାବିକ ବୋଲି ଜନସାଧାରଣରେ ମତପ୍ରକାଶ କରିଛନ୍ତି। ଏହାକୁ ଦୃଷ୍ଟି ଦେଇ ବିଭାଗ ତରଫରୁ ତଦନ୍ତ କରିବା ସହିତ ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ଜନସାଧାରଣ ଦାବି କରିଛନ୍ତି।


ନିମ୍ନମାନର ରାସ୍ତା ନିର୍ମାଣ।

## ବଉଳା ଟ୍ରକ ମାଲିକ ସଂଘର ଅନିୟମିତତା ନେଇ ଅଭିଯୋଗ

**ବଉଳା, ୧୩।୫ (ଡି.ଏନ.ଏ.)**

ହାଟଡିହୀ ବ୍ଲକର ବଉଳା ଟ୍ରକ ମାଲିକ ସଂଘର ଅନିୟମିତତା ନେଇ ଅଭିଯୋଗ ହୋଇଛି। ସଂଘର ବର୍ଷ ବର୍ଷ ଧରି ଅଡ଼ିଟ ହେଉ ନ ଥିବା ବେଳେ କର୍ମକର୍ତ୍ତା ନିର୍ବାଚନ ହେଉନାହିଁ କି ନବୀକରଣ କରାଯାଉ ନ ଥିବା ଟ୍ରକ ମାଲିକମାନେ ଅଭିଯୋଗ କରିବା ସହିତ ଅସନ୍ତୋଷ ପ୍ରକାଶ କରିଛନ୍ତି। ନିୟମ ଅନୁଯାୟୀ ଜଣେ ବ୍ୟକ୍ତି ଏକାଧିକ ପଦବୀରେ ରହିବାର ନ ଥିବାବେଳେ ଏଠାରେ ଖୋଲାଖୋଲି ନିୟମ ଉଲ୍ଲଂଘନ କରାଯାଇ ଜଣେ ବ୍ୟକ୍ତି ଦୁଇଟି ପଦବୀରେ ବର୍ଷ ବର୍ଷ ଧରି କାର୍ଯ୍ୟ କରୁଛନ୍ତି। ଟ୍ରକ ମାଲିକ ସଂଘ କ୍ରୋମାଇଟ ମାଇନ୍ସରୁ ପରିବହନ କରି ଲକ୍ଷ ଲକ୍ଷ ଟଙ୍କା କମିଶନ ଆଦାୟ କରୁଥିଲେ ମଧ୍ୟ ଏ ଅଞ୍ଚଳର ଉନ୍ନୟନ କାର୍ଯ୍ୟ ନ କରି କାଗଜ କଲମରେ ଦର୍ଶାଯାଉଥିବା ଅଭିଯୋଗ ହେଉଛି। ଫଳରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇଛି। ପଦକ୍ଷେପ ନନେଲେ ଆଗାମୀ ଦିନରେ ଧାରଣା ଦେବେ ବୋଲି କୃଷ୍ଣଚନ୍ଦ୍ର ସୁଆର, ନରେନ୍ଦ୍ର ପଣ୍ଡା,ପବିତ୍ର ମୋହନ ପେଡ଼ା, ଅଭିରାମ ସାହୁ ଚେତାବନୀ ଦେଇଛନ୍ତି।

## ଝୁଣାବାଡ଼ିରେ ଶନିଶ୍ଚର ମନ୍ଦିର ବାର୍ଷିକ ଉତ୍ସବ


ମନ୍ଦିରରେ ପୂଜା କାର୍ଯ୍ୟ କରାଯାଉଛି।

**ବଉଳା, ୧୩।୫ (ଡି.ଏନ.ଏ.)**

ହାଟଡିହୀ ବ୍ଲକର ପଢ଼ିଆରୀପଲୀ ପଞ୍ଚାୟତର ଝୁଣାବାଡ଼ିର ଶନିଶ୍ଚର ମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତକାଲି ରଟିଣା ସ୍ଥିତ ଏକ ପୋଖରୀରୁ ଘଟୋତ୍ତଳନ କରାଯାଇ ରୀତିନୀତି ଅନୁସାରେ ପୂଜାପାଠ କରାଯିବା ପରେ କଳସ ଶୋଭାଯାତ୍ରାରେ ଅଣାଯାଇ ଶନିଶ୍ଚର ମନ୍ଦିର ପ୍ରାଙ୍ଗଣରେ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ସୋମବାର ପୂଜକ ମାନଗୋବିନ୍ଦ ଦାଶ, ଅକ୍ଷୟ କୁମାର ମିଶ୍ର ପୂଜାପାଠ କରିଥିବା ବେଳେ ଦେବେନ୍ଦ୍ର ତ୍ରିପାଠୀ, ବିପିନ ବିହାରୀ ତ୍ରିପାଠୀ, ଦୀପକ ମିଶ୍ର, ଅମରେନ୍ଦ୍ର ପଣ୍ଡା, ଲକ୍ଷ୍ମୀପ୍ରସାଦ ତ୍ରିପାଠୀ ପୂଜାପାଠରେ ସହଯୋଗ କରିଥିଲେ। ବ୍ରାହ୍ମଣଙ୍କ ମନ୍ତ୍ର ଓ ବେଦ ପାଠରେ ସେ ଅଞ୍ଚଳ ପ୍ରକମ୍ପିତ ହୋଇଥିବା ବେଳେ ଧୂପ ନୈବେଦ୍ୟରେ ସୁଗନ୍ଧମୟ ହୋଇଉଠିଥିଲା। କର୍ତ୍ତା ଭାବେ ଶିଳ୍ପପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ପର୍ଶୁରାମ ପେଡ଼ା ଓ ତାଙ୍କ ଧର୍ମପତ୍ନୀ କାର୍ଯ୍ୟକୁ ସମ୍ପାଦନ କରୁଥିବା ବେଳେ ପବିତ୍ର ମୋହନ ପେଡ଼ା, ବିଜୟ କୁମାର ନାୟକ, ସୁଦର୍ଶନ ସାହୁ, ମୁରଲୀ ସାହୁ ପ୍ରମୁଖ କଳସ ଆଣିଥିଲେ। ପଞ୍ଚାୟତର ପଢ଼ିଆରୀପଲୀ, କାହାଳିଗଡ଼ିଆ, କୁରାଡ଼ୀଘଷା, ବଣିଆପଙ୍କ, ଆତୁରିକଣା, ମହୁଲପଙ୍କ, ରଟିଣା, ବର୍ତ୍ତଣା ପ୍ରମୁଖ ବିଭିନ୍ନ ଗ୍ରାମରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇ ଶନି ଠାକୁରଙ୍କ ଶରଣାପନ୍ନ ହୋଇଥିଲେ ଏବଂ ପ୍ରସାଦ ସେବନ କରିଥିଲେ। ପୂର୍ବତନ ବିଧାୟକ ଏବଂ ଚଳିତ ନିର୍ବାଚନର ବିଧାୟକ ପ୍ରାର୍ଥୀ ଭାଗୀରଥୀ ସେଠୀ ଶନି ମନ୍ଦିରରେ ପହଞ୍ଚି ଶନିଙ୍କ କୃପା ଲାଭ କରି ପ୍ରସାଦ ସେବନ କରିଥିଲେ।

# ମୃତ, ଆହତ ଶ୍ରମିକଙ୍କୁ ମିଳୁନି ନ୍ୟାୟ

**କେନ୍ଦୁଝର, ୧୩।୫ (ସ୍ୱ.ପ୍ର.)**

- ବିଦ୍ୟୁତ୍ ବିଭାଗର ଖାମଖିଆଲି ନୀତି
- ଉଚ୍ଚସ୍ତରୀୟ ତଦନ୍ତ ଦାବି
- ଶ୍ରମ ବିଭାଗ କାହା ସ୍ୱାର୍ଥରେ

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବିଦ୍ୟୁତ ଲାଇନ ସଂସ୍ପର୍ଶରେ ଆସି ୨ଜଣ ନାବାଳକ ଶ୍ରମିକ ସମେତ ୫ ଜଣ ଗୁରୁତର ହେବା ଘଟଣାକୁ ଶ୍ରମ ବିଭାଗ ଚପାଇ ଦେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରମ ବିଭାଗ ପକ୍ଷରୁ କୁହାଯାଇଥିଲେ ହେଁ ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରିଥିବା ଉକ୍ତ ଠିକ ସଂସ୍ଥା ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହି ଘଟଣାରେ ପୋଲିସ ମାମଲା ରୁଜୁ କରି ସଂସ୍ଥାର ଜଣେ ତଳିଆ କର୍ମଚାରୀଙ୍କ ବିରୋଧରେ ମାମଲା କରିଥିବା ବେଳେ ଶ୍ରମ ବିଭାଗ କାହିଁକି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଚୁପ ରହିଲା ତାହାକୁ ନେଇ ସାମାଜିକ କର୍ମୀ ତଥା ଶିଶୁ ଅଧିକାର କର୍ମୀ ମାନେ ପ୍ରଶ୍ନ କରି ଏହାର ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛନ୍ତି।

ଏହି ଘଟଣାରେ ଝୁମ୍ପୁରା ଥାନା ପୋଲିସ ଏକ ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜର କିମ୍ବା ସୁରକ୍ଷା ଅଧିକାରୀଙ୍କ ନାମରେ ମାମଲା ରୁଜୁ ନ କରି ଜଣେ ସୁପରଭାଇଜରଙ୍କ ବିରୋଧରେ ମାମଲା ରୁଜୁ କରି ଦାୟିତ୍ୱ ସାରିଦେଲା। ଏକ ଠିକା ସଂସ୍ଥା ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ ବିଦ୍ୟୁତକରଣ ଯୋଜନାରେ ଅଣକୁଶଳୀ ଶ୍ରମିକ ଏବଂ ନାବାଳକମାନଙ୍କୁ କାମରେ ବିପଦପୂର୍ଣ୍ଣ ଭାବେ ନିୟୋଜିତ କରିଥିବାରୁ ଦୁର୍ଘଟଣା ଘଟିଥିଲା। ଏଥିରେ ୫ ଶ୍ରମିକ ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ନାବାଳକ ଥିଲେ। ଦୁର୍ଘଟଣା ପରେ ସେମାନଙ୍କୁ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ନିଆଯାଇଥିଲା। ସେମାନେ ହେଲେ ମୟୂରଭଞ୍ଜ ଜିଲା ରାଣୀବନ୍ଧ ପଞ୍ଚାୟତ ଧୋବାଶୁଳ ଗ୍ରାମର ରାଜନ ସୋରେନ, ନାରାୟଣ ମୁର୍ମୁ, ଜୟପୁର ପଞ୍ଚାୟତ ଛେଳିଆବେଡା ଗ୍ରାମର ମାର୍କଣ୍ଡ ସିଂ, ଗୌର ସିଂ ଏବଂ ଶମ୍ଭୁ ସିଂ ଗୁରୁତର ଆହତ ହୋଇଥିଲେ। ଏନେଇ କେନ୍ଦୁଝର ଶ୍ରମ କମିଶନର ଲକ୍ଷ୍ମୀଧର ରଥ କହିଛନ୍ତି ଯେ, ତଦନ୍ତ ପ୍ରକ୍ରିୟା ଚାଲୁ ଅଛି। ଆହତ ଶ୍ରମିକଙ୍କ ଘର ଅନ୍ୟ ଜିଲାରେ ଥିବାରୁ ବିଳମ୍ବ ହେଉଛି। ଏନେଇ ନିଶ୍ଚୟ ପଦକ୍ଷେପ ନିଆଯିବ।

ଏଠାରେ ସୂଚନା ଯେ ଗତ ବର୍ଷ ଅଗଷ୍ଟ ମାସରୁ ଅଦ୍ୟାବଧି ବିଦ୍ୟୁତ କାମ ବେଳେ ୫ ଟି ଦୁର୍ଘଟଣା ଘଟିଛି। ସେଥିରୁ ଦୁଇଟି ଦୁର୍ଘଟଣାରେ ୭ ଜଣ ଆହତ ହୋଇଥିବା ବେଳେ ଅନ୍ୟ ୩ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେବେ ଏହାକୁ ନେଇ ଶ୍ରମ ବିଭାଗ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅଭିଯୋଗ ହେଉଛି।



# ବିଜି ବ୍ରାଇଡ୍ ହୋଇଥିଲେ...

**କ୍ୟାଲେଣ୍ଡର ବନାନ୍ତୁ–** ଅଫିସ୍‌ର ବ୍ୟସ୍ତତା ଭିତରେ ତାରିଖ ଭୁଲିଯିବା କିଛି ନୂଆ କଥା ନୁହେଁ। ସେଥିପାଇଁ ମାସକର ସମସ୍ତ ଜରୁରୀ ଆପଏଣ୍ଟମେଣ୍ଟକୁ କ୍ୟାଲେଣ୍ଡରରେ ଚିହ୍ନ ଦେଇ ରଖନ୍ତୁ। ମୋବାଇଲରେ ଥିବା କ୍ୟାଲେଣ୍ଡରରେ ଷ୍ଟୋର କରିଦେଲେ ମଧ୍ୟ ଠିକ୍ ସମୟରେ ଆଲାର୍ମ ଦ୍ୱାରା ଆପଣ ସୂଚନା ପାଇପାରିବେ।

**ହନିମୁନ୍ ଶପିଂ–** ବିବାହ ପୂର୍ବରୁ ନିଜର ହନିମୁନ୍ ଶପିଂ ଏବଂ ପ୍ୟାକିଂ ଶେଷ କରିଦିଅନ୍ତୁ; ଯଦ୍ୱାରା କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ। ଯେଉଁଠାକୁ ଯିବାକୁ ଚାହୁଁଛନ୍ତି ସେହି ହିସାବରେ ପ୍ଲାନ୍ କରି ଡ୍ରେସ୍ ଏବଂ ଅନ୍ୟାନ୍ୟ ଜିନିଷ ସଜାଡ଼ି ରଖନ୍ତୁ।

**ଟ୍ରାଏଲ୍ କରିବାକୁ ଭୁଲନ୍ତୁନି –** ଆପଣ ଯେତେ ବ୍ୟସ୍ତ ଥାଆନ୍ତୁ ନା କାହିଁକି ଆପଣଙ୍କ ଡ୍ରେସ୍ ଏବଂ ଆସେସୋରିଜ୍‌କୁ ଥରେ ଟ୍ରାଏ କରିବାକୁ ଭୁଲନ୍ତୁ ନାହିଁ। ଯେପରି କି ଫିଟିଂ ଏବଂ ମ୍ୟାଚିଂରେ କୌଣସି ଅସୁବିଧା ହେଉ ନ ଥିବ।

**ଜରୁରୀ କାମ ଶେଷ କରନ୍ତୁ–** ବିବାହ ପରେ ଯଦି କୌଣସି ସ୍ଥାନକୁ ଲମ୍ବା ଛୁଟିରେ ଯିବାକୁ ଚାହୁଁଛନ୍ତି ତେବେ ସମୟ ପୂର୍ବରୁ ଅଫିସ୍‌ର ସମସ୍ତ କାମ ଶେଷ କରନ୍ତୁ। କୌଣସି ନୂଆ ପ୍ରୋଜେକ୍ଟ ଆରମ୍ଭ କରିବା ପୂର୍ବରୁ ପେଣ୍ଡିଂ ପ୍ରୋଜେକ୍ଟକୁ ଶେଷ କରନ୍ତୁ। ଯଦି କୌଣସି ବୁଟିକ୍ ବା ପାର୍ଲରରେ କାମ କରୁଛନ୍ତି ତେବେ ଦାୟିତ୍ୱ ଯାହା ହାତରେ ବି ଦିଅନ୍ତୁ ନା କାହିଁକି ତାକୁ ଭଲଭାବେ କ୍ରସ୍ ଚେକ୍ କରନ୍ତୁ।

**ଆପଏଣ୍ଟମେଣ୍ଟ ଫିକ୍ସ କରନ୍ତୁ–** ଯେଉଁ ସ୍ଥାନକୁ ଯାଉଛନ୍ତି ଦିନେ କିମ୍ବା ୨ ଦିନ ପୂର୍ବରୁ ସେଠାକୁ କଲ୍ କରି ଆପଣଙ୍କ ଯିବାର ତାରିଖ ଏବଂ ସମୟ ଫିକ୍ସ କରନ୍ତୁ।



**ଏମରଜେନ୍ସି କିଟ୍–** ପାଖରେ ଏମରଜେନ୍ସି କିଟ୍, ଯେଉଁଥିରେ ସେଫ୍ଟିପିନ୍, ବ୍ୟାଣ୍ଡେଜ୍, ମାଉଥ୍ ଫ୍ରେସ୍‌ନର, ଛୁଞ୍ଚିସୂତା ଆଦି ରଖନ୍ତୁ।

# ଭଲ କୁକ୍ ହେବାକୁ ହେଲେ...







**ରୋଷେଇ ତ ଅଳ୍ପବହୁତ ଅନେକେ ଜାଣିଥିବେ। ହେଲେ ସମସ୍ତେ ଭଲ କୁକ୍ ହୋଇପାରନ୍ତିନି। କେବଳ ସ୍ୱାଦିଷ୍ଟ ରୋଷେଇ କରିଦେଲେ ହେବନି ବରଂ ପରଷିବାର ଢଙ୍ଗ ବି ମନ କିଣିନେବା ଦରକାର..**

**ନ୍ୟୁଟ୍ରିଶନାଲ ଭ୍ୟାଲୁ ପ୍ରତି ଧ୍ୟାନ ଦିଅନ୍ତୁ –** କେଉଁ ପନିପରିବାରୁ କି କି ଭିଟାମିନ୍, ପ୍ରୋଟିନ୍, ମିନେରାଲ୍ସ ମିଳିଥାଏ, ସେ ବିଷୟରେ ଆପଣଙ୍କର ଜ୍ଞାନ ଥିବା ଆବଶ୍ୟକ। ମାର୍କେଟ୍‌ରେ ଅନେକ ବହି ମିଳୁଛି, ଯାହାକୁ ପଢ଼ି ଏ ବିଷୟରେ ଆପଣ ଜାଣିପାରିବେ। ନ୍ୟୁଟ୍ରିସିୟସ୍‌ର ଶର୍ଟ ଟର୍ମ କୋର୍ସ କରି ମଧ୍ୟ ଏ ବିଷୟରେ ଜାଣିପାରିବେ।

**ଭେରାଇଟି ପ୍ରତି ଧ୍ୟାନ ଦିଅନ୍ତୁ –** ପ୍ରତିଦିନ ଗୋଟିଏ ରେସିପି ନ କରି ଭେରାଇଟି ଖାଦ୍ୟ ପ୍ରସ୍ତୁତ କରନ୍ତୁ। ଗୋଟିଏ ଆଳୁ ତରକାରିକୁ କିପରି ବିଭିନ୍ନ ପ୍ରକାରେ ପ୍ରସ୍ତୁତ କରାଯାଇପାରିବ ଚେଷ୍ଟା କରନ୍ତୁ। ଏପରି କରିବା ଦ୍ୱାରା ଖାଦ୍ୟରେ ଭେରାଇଟି ଆସିଥାଏ ଏବଂ ଗୋଟିଏ ଖାଦ୍ୟ ଖାଇବାର ବିରକ୍ତି ଭାବ ଆସି ନ ଥାଏ।

**ପତ୍ରିକା ପଢ଼ନ୍ତୁ –** କେବଳ ଆପଣ ଜାଣିଥିବା ରେସିପି ପ୍ରସ୍ତୁତ କରନ୍ତୁ ନାହିଁ। ବରଂ ପତ୍ରିକାଗୁଡ଼ିକରେ ପ୍ରକାଶ ପାଉଥିବା ବିଭିନ୍ନ ରେସିପି ବିଷୟରେ ଜାଣି ଘରେ ତାହାକୁ ପ୍ରସ୍ତୁତ କରନ୍ତୁ।

**ରେସ୍ତୋରାଁ ସେଫ୍‌ଙ୍କୁ ପଚାରି ବୁଝନ୍ତୁ –** ଯିଏ ବିଭିନ୍ନ ସ୍ଥାନରୁ କିଛି କିଛି ନୂଆ ଶିଖିଥାଏ ସେ ହିଁ ଜଣେ ଭଲ ସେଫ୍ ହୋଇପାରିବ। କୌଣସି ରେସ୍ତୋରାଁର ଡିସ୍ ପସନ୍ଦ ଆସୁଥିଲେ ଆପଣଙ୍କ ମନରେ ସେହି ରେସିପି ବିଷୟରେ ଶିଖିବାର ଆଗ୍ରହ ଆସିଲେ ହିଁ ଆପଣ ଜଣେ ଭଲ ସେଫ୍ ହୋଇପାରିବେ।

**ରୋଷେଇ ପ୍ରତିଯୋଗିତାରେ ଭାଗନିଅନ୍ତୁ –** ଯଦି ଆପଣ ଭଲ ରୋଷେଇ ଶିଖିଛନ୍ତି, ତେବେ ଏହି କଳାକୁ ସୀମିତ ରଖନ୍ତୁ ନାହିଁ। ଆପଣଙ୍କ ସହର ବା ଆଖପାଖରେ କୌଣସି ସ୍ଥାନରେ ରୋଷେଇ ପ୍ରତିଯୋଗିତା ହେଉଥିଲେ ସେଥିରେ ଅଂଶଗ୍ରହଣ କରନ୍ତୁ। ପ୍ରତିଯୋଗିତାରେ ଯେଉଁ ପୋଜିଶନ୍‌ରେ ବି ଆସନ୍ତୁ କିଛି ଶିଖିବାକୁ ନିଶ୍ଚୟ ପାଇବେ। ହୋଇପାରେ କେଉଁଦିନ ଆପଣ ବି ଜଣେ ଭଲ ସେଫ୍ ହୋଇପାରନ୍ତି।

**ଘର ସଦସ୍ୟଙ୍କ ରୋଗ ଅନୁସାରେ ଖାଦ୍ୟ ବନାନ୍ତୁ –** ଯଦି ପରିବାରରେ କାହାର ସୁଗାର ରହିଛି ତେବେ ତରକାରିରେ ଆଳୁ ବ୍ୟବହାର କରନ୍ତୁ ନାହିଁ। ମିଠା କମ୍ ବ୍ୟବହାର କରନ୍ତୁ। ଯଦି କାହାର କୋଲେଷ୍ଟ୍ରଲ୍ ସମସ୍ୟା ରହିଛି ତେବେ ବିନା ଘିଅ, କମ୍ ତେଲ, କମ୍ ଲୁଣ ଖାଆନ୍ତୁ। କେଉଁ ରୋଗର ଉପଶମ ପାଇଁ କି ପ୍ରକାର ଖାଦ୍ୟ ଆବଶ୍ୟକ, ସେ ହିସାବରେ ରୋଷେଇ ପ୍ରସ୍ତୁତ କରନ୍ତୁ। ଏପରି କଲେ ଆପଣ ଜଣେ ଭଲ କୁକ୍ ହୋଇପାରିବେ।

**ପ୍ରେଜେଣ୍ଟେଶନ ଜରୁରୀ –** କେବଳ ଭଲ ଖାଦ୍ୟ ପ୍ରସ୍ତୁତ କଲେ ହେବନାହିଁ। ଖାଦ୍ୟ ଯେତେ ସ୍ୱାଦିଷ୍ଟ ହେଉ ପଛକେ, ଏହାକୁ ପରଷିବାର ଢଙ୍ଗ ଜାଣିବା ଦରକାର। କେଉଁ ଖାଦ୍ୟକୁ କିପରି ପ୍ରେଜେଣ୍ଟ କରିବା ଆବଶ୍ୟକ, ସେ ବିଷୟରେ ଜ୍ଞାନ ଥିବା ଦରକାର। ଏହା ବ୍ୟତୀତ ଡାଇନିଂ ଟେବୁଲ୍ ଡେକୋରେଶନ ସମ୍ପର୍କରେ ବି ଜାଣିରଖନ୍ତୁ।

**ଭଲ କୁକ୍ ହେବାର ଫାଇଦା**

– ରୋଷେଇ ଏକ ନିଶା। ଏଥିରେ ମଜ୍ଜିଗଲେ କେମିତି ଟାଇମ୍ ପାସ୍ ହୋଇଯିବ ଆପଣ ଜାଣି ବି ପାରିବେନି।

– ଭଲ ରୋଷେଇ କଲେ ଆପଣଙ୍କୁ ତାରିଫ୍ ମିଳିବ। ବନ୍ଧୁବାନ୍ଧବ ବି ଆପଣଙ୍କ ଘରକୁ ଆସିବାର ବାହାନା ଖୋଜିବେ। ଏହା ଦ୍ୱାରା ସେମାନଙ୍କ ସହ ସମ୍ପର୍କ ଘନିଷ୍ଠ ହେବ।

– ଯଦି ଆପଣଙ୍କୁ ଘରୁ ବାହାରକୁ ଯାଇ କାମ କରିବା ପସନ୍ଦ ନୁହେଁ, ତେବେ ଟିଫିନ୍ ସର୍ଭିସ୍ କିମ୍ବା ବେକେରି ଜରିଆରେ ଆପଣ ରୋଜଗାର କରିପାରିବେ।

– ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କେଉଁଟା ଦରକାର କେଉଁଟା ଦରକାର ନୁହେଁ, ସେହି ହିସାବରେ ଖାଦ୍ୟ ପ୍ରସ୍ତୁତ କରି ନିଜକୁ ସୁସ୍ଥ ରଖିପାରିବେ।

– ଆପଣ ଜଣେ ଭଲ କୁକ୍,ଏହା ଆପଣଙ୍କର ବିଶ୍ୱାସ ବଢ଼ାଇବ। ଅନୁଭବ କରିପାରିବେ ଯେ, ଆପଣ ବେକାର ନୁହନ୍ତି। ବରଂ ଏକ ପରିଚୟ ଅଛି, ଯାହାକି ଆଗକୁ ବଢ଼ିବାରେ ସାହାଯ୍ୟ କରିବ।

**ଧ୍ୟାନ ରଖନ୍ତୁ**

– ଖାଦ୍ୟ ପ୍ରସ୍ତୁତ ସମୟରେ ଫୋନ୍‌ରେ ଗପ ନ କରି କିମ୍ବା ଏପଟସେପଟ ନ ହୋଇ ରୋଷେଇ ପ୍ରତି ଧ୍ୟାନ ରଖନ୍ତୁ। ଖାଦ୍ୟର ବାସ୍ନା ଏବଂ କଲର କିପରି ରହିବା ଆବଶ୍ୟକ ସେଥିପ୍ରତି ବି ନଜର ରଖନ୍ତୁ।

– ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ ପାଇଁ ସମୟ ଦରକାର। ପ୍ରଥମେ ନିଜେ ଚାଖନ୍ତୁ। ଏହାଦ୍ୱାରା ଆପଣ ଜାଣିପାରିବେ ପ୍ରକୃତ ସ୍ୱାଦ କିପରି ହୋଇଛି।

– କିଚେନ୍‌କୁ ଭଲଭାବେ ସଜାଇ ରଖନ୍ତୁ। । ଯେପରି କି ବାସନ କେଉଁଠି ରହିବ, ଗ୍ରୋସରି ଜିନିଷ କେଉଁଠି ରହିବ ଇତ୍ୟାଦି। ଯାହାଦ୍ୱାରା ଆବଶ୍ୟକ ସମୟରେ ଦରକାରୀ ଜିନିଷଟି ମିଳିପାରିବ। ବେଳେବେଳେ ଆପଣଙ୍କ ପ୍ରସ୍ତୁତ ଖାଦ୍ୟ ଯାହା ବି ଟେଷ୍ଟ ହେଉନା କାହିଁକି ସୁସଜ୍ଜିତ ରୋଷେଇ ଘର ଦେଖି ଅତିଥି ବେଶ୍ ତାରିଫ୍ କରିବେ।

– ଯଦି ଇଣ୍ଟରନେଟ୍‌ରୁ କୌଣସି ରେସିପି ଦେଖି ଘରେ ପ୍ରସ୍ତୁତ କରିବାକୁ ଚାହୁଁଛନ୍ତି, ତେବେ ରୋଷେଇ କରିବା ପୂର୍ବରୁ ଉକ୍ତ ରେସିପି ବିଷୟରେ ଭଲ ଭାବେ ଜାଣନ୍ତୁ। ଏହାଦ୍ୱାରା ଆବଶ୍ୟକ ସାମଗ୍ରୀ ସଜାଡ଼ି ରଖିପାରିବେ।

– ବେଶି ହାଲ୍‌କା କଡ଼େଇରେ ରୋଷେଇ କଲେ ବାସନ ପୋଡ଼ିଯିବାର ସମ୍ଭାବନା ରହିଛି। ତେଣୁ କେଉଁ ରୋଷେଇ ପାଇଁ କେଉଁ ଡିସ୍ ବ୍ୟବହାର କରିବା ଆବଶ୍ୟକ ତାହା ଜାଣିରଖନ୍ତୁ।

## କ'ଣ କରନ୍ତି ଏମାନେ ...

**ହୃଦୟରୁ ରୋଷେଇ କଲେ ରୋଷେୟା**

*– ରଶ୍ମିକାନ୍ତ ରାଉଳ, ପ୍ରଫେସର ସେଫ୍, ଭୁବନେଶ୍ୱର*

ହୃଦୟରୁ ଯିଏ ରୋଷେଇ କରନ୍ତି ସେ ହେଲେ ରୋଷେୟା। ମା' କିମ୍ବା ସ୍ତ୍ରୀ ପ୍ରସ୍ତୁତ କରୁଥିବା ଖାଦ୍ୟ ଘରର ସଦସ୍ୟଙ୍କ ପାଇଁ ଔଷଧ ପରି କାମ କରିଥାଏ। କାରଣ ସେଥିରେ ନିହାତି ନ୍ୟୁଟ୍ରିଶନାଲ୍ ଭ୍ୟାଲୁ ରହିଥାଏ। ରୋଷେଇ କରିବା ଆଗରୁ ପ୍ରଥମେ ନିଷ୍ପତ୍ତି ନିଅନ୍ତୁ କ'ଣ ରୋଷେଇ କରିବେ। ପରିବାପତ୍ର କଟାକଟି କରି ରୋଷେଇ କରିବା ପାଇଁ ଯାଆନ୍ତୁ। ପ୍ରଥମେ ତେଲ ଗରମ ହେବା ପରେ ମସଲା ଡାଇରେକ୍ଟ ନ ପକାଇ ସ୍ପାଇସେସ୍ ଯେପରି କି ତେଜପତ୍ର, ଡାଲ୍‌ଚିନି ଆଦି ପକାନ୍ତୁ। ଯାହାଦ୍ୱାରା ସେଗୁଡ଼ିକ ତେଲ ପିଇଯିବ। ଶରୀରକୁ ଏତେଟା ଯିବାକୁ ଦେବନି। ଆଗରୁ ଆମେ ପ୍ରଥମେ ମସଲା କଷି ଚିକେନ୍ ତରକାରି କରୁଥିଲେ ଆଜିକାଲି ଆଡ୍‌ଭାନ୍ସ ଯୁଗରେ ମ୍ୟାରିନେଟ୍ କରି ଖାଉଛେ। ଯଦି ଆପଣଙ୍କ ପାଖରେ ରାଇସ୍ ବଳିପଡ଼ିଲା ତେବେ ସେଥିରେ ଆପଣ ଚାହିଁଲେ ବିରିୟାନି କିମ୍ବା ଫ୍ରାଏଡ୍ ରାଇସ୍ ବି ପ୍ରସ୍ତୁତ କରିପାରିବେ। ରୋଷେଇକୁ ଭଲ ପାଇଲେ ରେସିପି ନିଶ୍ଚୟ ସ୍ୱାଦିଷ୍ଟ ହେବ।

**ନ୍ୟୁଟ୍ରିଶନାଲ ଭ୍ୟାଲୁ ପ୍ରତି ଗୁରୁତ୍ୱ ଦିଏ**

*–ମହାମାୟୀ ପରିଡା, ଗୃହିଣୀ, କେଶୁରା, ଭୁବନେଶ୍ୱର*



ଏବେ ୟୁ ଟ୍ୟୁବ୍‌ରେ ବିଭିନ୍ନ ରେସିପି ବିଷୟରେ ଡିଟେଲ୍‌ସ ଜାଣିପାରୁଛୁ, ଯାହାକି ରୋଷେଇରେ ବହୁତ ସାହାଯ୍ୟ କରୁଛି। ବିଭିନ୍ନ ମାଗାଜିନ୍, ଖବରକାଗଜରେ ବି ରେସିପି ବିଷୟରେ ଜାଣିବାକୁ ମିଳୁଛି। ତେବେ ଗୋଟେ କଥା କହିବି, ଖାଦ୍ୟ ପ୍ରସ୍ତୁତ ବେଳେ ମୁଁ ନ୍ୟୁଟ୍ରିଶନାଲ ଭ୍ୟାଲୁ ପ୍ରତି ଗୁରୁତ୍ୱ ଦେଇଥାଏ।

# କଲରର ଫ୍ୟାଶନ

**ଖରାଦିନେ ଥଣ୍ଡା ଅନୁଭବ ଦେଉଥିବା ଲାଇଟ୍ କଲର ଡ୍ରେସ୍ ଆପଣାନ୍ତୁ। ଜାଣନ୍ତୁ ସେ ନେଇ କିଛି ଟିପ୍ସ...**



**ଗ୍ରୀନ୍ –** ଗ୍ରୀନ୍ କଲରର ଯେକୌଣସି ସେଡ୍ ଆପଣ ମାର୍କେଟରେ ପାଇପାରିବେ। ଖରାଦିନେ କେବଳ ଏହି କଲରର ଡ୍ରେସ୍ ନୁହେଁ, ବରଂ ସ୍ଲିପର ଏବଂ ପର୍ସ ମଧ୍ୟ ମ୍ୟାଚିଂ କରି ବ୍ୟବହାର କରନ୍ତୁ।

**ପିଙ୍କ୍ –** ଖରା କିମ୍ବା ବର୍ଷା ହେଉ ଷ୍ଟାଇଲିଶ୍ ଦେଖାଯିବା ପାଇଁ ପିଙ୍କ୍ କଲର ଜରୁରୀ। ଏହି କଲର ପିନ୍ଧିବା ଦ୍ୱାରା ଖରାଦିନେ କେବଳ ଥଣ୍ଡା ଲାଗି ନ ଥାଏ ବରଂ ଷ୍ଟାଇଲିଶ୍ ଲାଗିଥାଏ।

**ଅରେଞ୍ଜ –** ପ୍ରତିଦିନ ଯଦି ଆପଣଙ୍କ ଆଉଟ୍‌ଫିଟ୍ ବୋରିଂ ଲାଗୁଛି ତେବେ ଅରେଞ୍ଜ କଲର ଟ୍ରାଏ କରନ୍ତୁ। ଏହା ଆପଣଙ୍କୁ ଷ୍ଟାଇଲିଶ୍, ସ୍ମାର୍ଟ ଲାଗିବା ସହ ଗରମ ବି ଲାଗିବ ନାହିଁ। ଅରେଞ୍ଜ କଲରର ଷ୍ଟାଇଲିଶ୍ ପର୍ସ ବା ସ୍ଲିପର୍ସ ବ୍ୟବହାର କରନ୍ତୁ।





**ବ୍ଲୁ–** ଖରାଦିନେ ଯଦି ଆପଣ ବିଚ୍ ଲୁକ୍ ଚାହୁଁଛନ୍ତି ତେବେ ବ୍ଲୁ କଲରର ଅଲଗା ଅଲଗା ସେଡ୍‌ସ ଡ୍ରେସ୍, ଶାର୍ଟ, ସ୍ଲିପର ଆଦି ଟ୍ରାଏ କରିପାରିବେ।

**ୟେଲୋ–** ଏହି ରଙ୍ଗର ଡ୍ରେସ୍ ପିନ୍ଧିବା ଦ୍ୱାରା ଖରାଦିନେ ଆରାମ ଲାଗିଥାଏ। ଏହି ରଙ୍ଗର ସ୍କାର୍ଫ ବା କଟନ୍ କୁର୍ତ୍ତି ଏହିଦିନେ ପରଫେକ୍ଟ ଲାଗିଥାଏ।

## ଖାଦ୍ୟରୁଚି

# ଆମ୍ବ ସରବତ

**ଆବଶ୍ୟକ ସାମଗ୍ରୀ –** ୨ଟି କଞ୍ଚା ଆମ୍ବ, ଏକ ଚାମଚ ଗୋଲମରିଚ ପାଉଡର, ୨ଟି ପାଚିଲା କଦଳୀ, ୧ ଚାମଚ ଚିନି, ୧ ଚାମଚ ଜିରା ପାଉଡର, ସ୍ୱାଦ ଅନୁସାରେ ଲୁଣ, ୩ କପ୍ ପାଣି, ଆଇସ୍ କ୍ୟୁବ୍।

**ପ୍ରସ୍ତୁତି ପ୍ରଣାଳୀ –** ପ୍ରଥମେ କଞ୍ଚା ଆମ୍ବର ଚୋପା ଛଡ଼ାଇ ତାକୁ ଛୋଟ ଛୋଟ ଆକାରରେ (ଗ୍ରାଇଣ୍ଡିଂ ହେଲା ଭଳି)କାଟି ଦିଅନ୍ତୁ। ଏହା ପରେ କଦଳୀର ଚୋପା ଛଡ଼ାଇ ତାକୁ ଛୋଟ ଛୋଟ ଆକାରରେ କାଟି ଦିଅନ୍ତୁ। ଆମ୍ବ ଖଣ୍ଡ, ଲୁଣ ଓ ଚିନିକୁ ମିଶାଇ ଭଲଭାବେ ଗ୍ରାଇଣ୍ଡିଂ କରନ୍ତୁ। ଏକ ବଡ଼ ପାତ୍ରରେ ଆମ୍ବର ପେଷ୍ଟରେ ପାଣି ଦିଅନ୍ତୁ। ଏବେ ଏହାକୁ ଛାଣି ଅଲଗା ଅଲଗା ଗ୍ଲାସ୍‌ରେ ରଖନ୍ତୁ। ସବୁ ଗ୍ଲାସ୍‌ରେ କଟାଯାଇଥିବା କଦଳୀଖଣ୍ଡ, ଜିରା ପାଉଡର, ଗୋଲମରିଚ ଗୁଣ୍ଡ, ବରଫ ଖଣ୍ଡ ପକାଇ ସର୍ଭ କରନ୍ତୁ।



## ସୌନ୍ଦର୍ଯ୍ୟ

# ଘିମିରିର ଘରୋଇ ଉପଚାର



ଖରାଦିନେ ତ୍ୱଚାରେ ଘିମିରି ଏକ ସାଧାରଣ ସମସ୍ୟା। ଯଦିଓ ବିନା ଉପଚାରରେ ଏହା କିଛି ସପ୍ତାହ ମଧ୍ୟରେ ଭଲ ହୋଇଯାଏ, ତଥାପି ଆପଣ ଚାହିଁଲେ ଏହି ଯନ୍ତ୍ରଣାରୁ ଶୀଘ୍ର ଉପଶମ ପାଇପାରିବେ। ଜାଣନ୍ତୁ ସେ ସମ୍ପର୍କରେ ...

– ଯଥାସମ୍ଭବ ଗରମ ଓ ଆର୍ଦ୍ରତାରୁ ଦୂରରେ ରୁହନ୍ତୁ।

– ମାତ୍ରାଧିକ ସ୍ୱେଦ କ୍ଷରଣରୁ ଆପଣଙ୍କୁ ବଞ୍ଚାନ୍ତୁ। ଦିନରେ ଥଣ୍ଡା ପାଣିରେ ଗାଧାନ୍ତୁ କିମ୍ବା କିଛି ସମୟ ଏସିରେ ରୁହନ୍ତୁ। ଅନେକଙ୍କ ମନରେ ଭୁଲ୍ ଧାରଣା ଥାଏ ଯେ, ଗରମବେଳେ ଗାଧୋଇଲେ ଘିମିରି ହୁଏ। ବରଂ ବାରମ୍ବାର ଥଣ୍ଡା ପାଣିରେ ଗାଧୋଇଲେ ଘିମିରିଠାରୁ ଦୂରରେ ରହିପାରିବେ।



– କ୍ରିମ୍ କିମ୍ବା ତେଲ ସ୍ୱେଦ ରନ୍ଧ୍ରକୁ ବନ୍ଦ କରିପାରେ। ତେଣୁ ଏସବୁର ବ୍ୟବହାର କମ୍ କରନ୍ତୁ।

– ଗରମ ଦିନରେ ଢିଲା ଏବଂ ହାଲ୍‌କା ଡ୍ରେସ୍ ପିନ୍ଧନ୍ତୁ। ସିନ୍ଥେଟିକ୍ ଡ୍ରେସ୍ ଯେତେ କମ୍ ବ୍ୟବହାର କରିବେ ତାହା ସେତେ ଭଲ।

– ଆଣ୍ଟି ବ୍ୟାକ୍ଟେରିଆଯୁକ୍ତ ସାବୁନ କିମ୍ବା ଆଣ୍ଟି ସେପ୍‌ଟିକ୍ ୱାଶ୍‌ର ବ୍ୟବହାର କରନ୍ତୁ। ଏହା ତ୍ୱଚାକୁ ବ୍ୟାକ୍ଟେରିଆ ମୁକ୍ତକରି ଘିମିରି ଦାଉରୁ ରକ୍ଷା କରିବ।

– ଘିମିରି ଉପରେ ଛୋଟ ବରଫ ଘଷନ୍ତୁ। ଏହା ଦହନ ଓ କୁଣ୍ଡାଇ ହେବାରୁ ରକ୍ଷାକରିବ।

– କିଛି ଓଟ୍‌ଗୁଣ୍ଡକୁ ଗାଧୋଇବା ଟବ୍‌ରେ ପକାଇ ଗାଧାନ୍ତୁ।

– ସାଧାରଣ କ୍ରିମ୍ ତ୍ୱଚାକୁ ଥଣ୍ଡା ରଖେ। କିନ୍ତୁ ତ୍ୱଚାକୁ ଶୁଷ୍କ କରାଏ। କ୍ରିମ୍ ପରେ ମଇଶ୍ଚରାଇଜର ଲଗାନ୍ତୁ।

– ଦିନକୁ ୩–୪ ଗ୍ଲାସ୍ ଲେମ୍ବୁପାଣି ପିଅନ୍ତୁ।

– ନିମ୍ବପତ୍ରର ପେଷ୍ଟକୁ ଘିମିରି ହୋଇଥିବା ସ୍ଥାନରେ ଲେପଦିଅନ୍ତୁ। ଏହା ସଂକ୍ରମଣରୁ ରକ୍ଷାକରିବ।

– ସଫା କପଡ଼ାଟିଏ ଥଣ୍ଡାପାଣିରେ ଭିଜାଇ ଘିମିରି ଉପରେ ପାଣି ଶୁଖିବା ପର୍ଯ୍ୟନ୍ତ ରଖନ୍ତୁ।

$ Dollar 70.51 59 | Sensex 372.17 37,090.82 | Nifty 130.70 11,148.20 | Gold ₹65 33,018.00 | Silver ₹175 38,000.00

“ଆଇଡିଆ ସହ ଭୋଡ଼ାଫୋନର ମିଶ୍ରଣ ପରେ ଗ୍ରହଣ କରାଯାଇଥିବା ପଦକ୍ଷେପର ସୁଫଳ ମିଳିବା ଆରମ୍ଭ କରିଛି। ଆସନ୍ତା ୨ ବର୍ଷ ଭିତରେ କମ୍ପାନୀ ପୂର୍ବ ଫର୍ମକୁ ଫେରିଆସିବା

–ବାଲେଶ ଶର୍ମା, ସିଇଓ, ଭୋଡ଼ାଫୋନ ଆଇଡିଆ



“ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ(ଓବିସି)ର କ୍ଷତି ଧୀରେ ଧୀରେ କମିବାରେ ଲାଗିଛି। ଗତ ୩ ତ୍ରୈମାସ ହେଲା ବ୍ୟାଙ୍କ ଲାଭ ବୃଦ୍ଧି ପାଇଚାଲିଛି।

–ମୁକେଶ କୁମାର ଜୈନ, ଏମ୍‌ଡି ତଥା ସିଇ, ଓବିସି



## ସଂକ୍ଷେପରେ

### ସଞ୍ଜୀବ ପୁରୀ ଆଇଟିସିର ନୂଆ ଅଧ୍ୟକ୍ଷ



ନୂଆଦିଲ୍ଲୀ,୧୩-୫: ବିଭିନ୍ନ କ୍ଷେତ୍ରରେ କାରବାର କରୁଥିବା କମ୍ପାନୀ ଆଇଟିସି ଏହାର ମ୍ୟାନେଜିଂ ଡାଇରେକ୍ଟର ସଞ୍ଜୀବ ପୁରୀଙ୍କୁ କମ୍ପାନୀର ଅଧ୍ୟକ୍ଷ ଭାବେ ମନୋନୀତ କରିଛି। ସେ ବର୍ତ୍ତମାନର ଦାୟିତ୍ୱ ସହିତ ନୂଆ ଦାୟିତ୍ୱ ମଧ ତୁଲାଇବେ ବୋଲି କମ୍ପାନୀ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ଏହାର ଅର୍ଥାତ୍ ପୁରୀ ଏବେଠାରୁ ଆଇଟିସିର ସିଏମ୍‌ଡି ଭାବେ ପରିଗଣିତ ହେବେ। ପୂର୍ବତନ ଅଧ୍ୟକ୍ଷ ୱାଇ.ସି. ଦେବେଶ୍ୱରଙ୍କ ପରଲୋକ ପରେ ପୁରୀଙ୍କ ପଦୋନ୍ନତି ହୋଇଛି। କମ୍ପାନୀ ପକ୍ଷରୁ ଷ୍ଟକ୍ ଏକ୍ସଚେଞ୍ଜକୁ ପତ୍ର ଲେଖି ଏ ସମ୍ପର୍କରେ ଜଣାଇ ଦିଆଯାଇଛି। ଏଥିରେ କୁହାଯାଇଛି ଯେ, ସୋମବାର ଆଇଟିସି ବୋର୍ଡ ଅଫ୍ ଡାଇରେକ୍ଟର୍ସଙ୍କ ବୈଠକ ବସିଥିଲା ଏବଂ ପୁରୀଙ୍କୁ ସିଏମ୍‌ଡି ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ଏହା ସୋମବାରଠାରୁ କାର୍ଯ୍ୟକାରୀ ହେବ। ଉଲ୍ଲେଖଥାଉ କି, ନୂତନ ପିଢ଼ିଙ୍କୁ ଆଗକୁ ବଢ଼ାଇବା ଉଦ୍ଦେଶ୍ୟରେ ୨୦୧୭ରେ ତତ୍କାଳୀନ ଅଧ୍ୟକ୍ଷ ଦେବେଶ୍ୱର କାର୍ଯ୍ୟକାରୀ ଅଧ୍ୟକ୍ଷ ପଦକୁ ଭାଙ୍ଗି ଦେଇଥିଲେ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ପଦ ସ୍ୱତନ୍ତ୍ର ଭାବେ ସୃଷ୍ଟି କରିଥିଲେ। ପୁରୀ ପ୍ରଥମେ ସିଇଓ ଭାବେ ଦାୟିତ୍ୱ ସମ୍ଭାଳିଥିଲେ। ପରେ ତାଙ୍କୁ ମ୍ୟାନେଜିଂ ଡାଇରେକ୍ଟର ଭାବେ ନିଯୁକ୍ତ କରାଯାଇଥିଲା।

### ଏପ୍ରିଲରେ ମୁଦ୍ରାସ୍ଫୀତି ୨.୯୨%କୁ ବୃଦ୍ଧି

ନୂଆଦିଲ୍ଲୀ,୧୩-୫: ଦେଶରେ ସାଧାରଣ ନିର୍ବାଚନ ଚାଲିଥିବା ବେଳେ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ଖାଦ୍ୟପଦାର୍ଥ ମୂଲ୍ୟ ବୃଦ୍ଧି କାରଣରୁ ଏହି ହାର ଏପ୍ରିଲରେ ବୃଦ୍ଧି ପାଇ ୨.୯୨% ହୋଇଛି, ଯାହା କି ମାର୍ଚ୍ଚରେ ୨.୮୬ ପ୍ରତିଶତ ରହିଥିଲା। ଗତବର୍ଷ ଏପ୍ରିଲରେ ମୁଦ୍ରାସ୍ଫୀତି ହାର ୪.୫୮% ରହିଥିଲା। ସୋମବାର କେନ୍ଦ୍ରୀୟ ପରିସଂଖ୍ୟାନ ସଂଗଠନ(ସିଏସ୍‌ଓ) ପକ୍ଷରୁ ତଥ୍ୟ ଜାରି କରାଯାଇଛି। ଏପ୍ରିଲରେ ଖାଦ୍ୟପଦାର୍ଥ ବାସ୍କେଟରେ ମୁଦ୍ରାସ୍ଫୀତି ୧.୧ପ୍ରତିଶତ ରହିଛି, ଯାହା କି, ମାର୍ଚ୍ଚରେ ମାତ୍ର ୦.୩% ରହିଥିଲା। ସୂଚନାଥାଉ କି, ଭାରତୀୟ ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି ଘୋଷଣା ବେଳେ ମୁଖ୍ୟତଃ ଉପଭୋକ୍ତା ମୂଲ୍ୟ ସୂଚକାଙ୍କକୁ ଧ୍ୟାନରେ ରଖିଥାଏ। ସୂଚନାଥାଉ କି, କ୍ରମାଗତ ୯ ମାସ ହେବ ମୁଦ୍ରାସ୍ଫୀତି କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ୪% ଠାରୁ ଯଥେଷ୍ଟ କମ୍ ରହିଛି।

### ଆମେରିକାକୁ ଚାଇନାର ପାଲଟା ଜବାବ

ବେଜିଂ ,୧୩-୫: ଆମେରିକା ଓ ଚାଇନା ମଧ୍ୟରେ ଟାରିଫ ଯୁଦ୍ଧ ଗଭୀର ହେବାକୁ ଯାଉଛି। ଚାଇନାରୁ ଆସୁଥିବା ୨୦୦ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଉପରେ ଆମେରିକା ଟାରିଫ ବୃଦ୍ଧି କରିବା ପରେ ଚାଇନା ମଧ ଏହାର ପାଲ୍‌ଟା ଜବାବ ଦେଇଛି। ଆମେରିକାରୁ ଆସୁଥିବା ୬୦ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଉପରେ ଚାଇନା ଜୁନ୍ ପହିଲାରୁ ଟାରିଫ ବୃଦ୍ଧି କରିବ ବୋଲି ଘୋଷଣା କରିଛି। ଆମେରିକାର ସାମଗ୍ରୀ ଉପରେ ୫ରୁ ୨୫% ପର୍ଯ୍ୟନ୍ତ ଟାରିଫ ବୃଦ୍ଧି କରାଯିବ ବୋଲି ଚାଇନାର ଟାରିଫ ପଲିସି କମିଶନ ଅଫ୍ ଦି ଷ୍ଟେଟ୍ କାଉନସିଲ୍ ପକ୍ଷରୁ ସୋମବାର କୁହାଯାଇଛି। ଟାରିଫ ବୃଦ୍ଧି କରି ଚାଇନା ପାଲ୍‌ଟା ଜବାବ ନ ଦେଉ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକାଧିକ ଟୁଇଟ୍ ଜରିଆରେ ଧମକ ଦେଇଥିଲେ। ଅନ୍ୟପକ୍ଷରେ ଚାଇନା ମଧ କହିଛି ଯେ, ଏହା ଆମେରିକାର ଧମକ ଆଗରେ ମୁଣ୍ଡ ନୁଆଇବ ନାହିଁ।

### ୭% ଅଭିବୃଦ୍ଧି ସହ ବଢ଼ିବେ ୫ ଏସୀୟ ରାଷ୍ଟ୍ର

ନୂଆଦିଲ୍ଲୀ,୧୩-୫

ଭାରତ ସମେତ ଏସିଆର ମୋଟ ୫ ଅର୍ଥନୀତି ୭% ଅଭିବୃଦ୍ଧି ଧାରା ହାସଲ କରିବା ସହ ଆଗକୁ ବଢ଼ିବେ ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି। ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ବିଶ୍ୱର ୭ ପ୍ରମୁଖ ଅର୍ଥବ୍ୟବସ୍ଥା ମଧ୍ୟରେ ଏସିଆର ଏହି ୫ ରାଷ୍ଟ୍ର ରହିବେ। ଏହି ସମୟରେ ଚାଇନାର ଅର୍ଥନୀତି ମନ୍ଥର ଅବସ୍ଥା ଦେଇ ଗତି କରିବ। ଅଭିବୃଦ୍ଧି ସହ ବଢ଼ିବାକୁ ଥିବା ଏସିଆର ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଭାରତ, ବାଂଲାଦେଶ,ଭିଏତନାମ, ମିଆଁମାର ଏବଂ ଫିଲିପାଇନ୍ସ ସାମିଲ ରହିବେ। ଭାରତ ଦ୍ରୁତ ଅଭିବୃଦ୍ଧି ଇଞ୍ଜିନ ଭାବେ ଅଗ୍ରସର ହେବ ବୋଲି ବ୍ଲୁମବର୍ଗ ଏବଂ ଷ୍ଟାଣ୍ଡାର୍ଡ ଚାଟାର୍ଡ ବ୍ୟାଙ୍କର ମିଳିତ ଅଧ୍ୟୟନରୁ ଏହା ଜଣା ପଡ଼ିଛି।

# ୧୨୦୦ ଏମ୍‌ଏସ୍‌ଏମ୍‌ଇ କ୍ଷତିଗ୍ରସ୍ତ

ଭୁବନେଶ୍ୱର,୧୩-୫(ବ୍ୟୁରୋ)



**କ୍ଷତି ୨,୦୦୦ କୋଟିରୁ ଊର୍ଦ୍ଧ୍ୱ**
- ସ୍ଥିତି ନେଇ ଶିଳ୍ପ ନିର୍ଦ୍ଦେଶକଙ୍କ ବୈଠକ
- ଶିଳ୍ପାଞ୍ଚଳରେ ସ୍ଥିତି ସ୍ୱାଭାବିକ କରିବାକୁ ପଦକ୍ଷେପ
- ଜିଲାସ୍ତରରୁ କ୍ଷୟକ୍ଷତି ଆକଳନ ହେବ
- କ୍ଷୁଦ୍ର ଶିଳ୍ପକୁ ସହାୟତା ଲାଗି ଶିଳ୍ପ ସଂଘର ନିବେଦନ

ସାମୁଦ୍ରିକ ବାତ୍ୟା ଫନୀ ଯୋଗୁ ରାଜ୍ୟର ଶିଳ୍ପ କ୍ଷେତ୍ର ପ୍ରଭାବିତ ହୋଇଛି। ଅଣୁ କ୍ଷୁଦ୍ର ମଧ୍ୟମ ଶିଳ୍ପ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକ ଏହା ଦ୍ୱାରା ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ରାଜ୍ୟର ପ୍ରମୁଖ ଶିଳ୍ପାଞ୍ଚଳ ଯଥା କଟକର ଖପୁରିଆ, ଜଗତପୁର, ଖୋର୍ଦ୍ଧା, ମଞ୍ଚେଶ୍ୱର, ଭଗବାନପୁର,ସୁରୁଆ ଏବଂ ଚନ୍ଦକା ଇତ୍ୟାଦି ଅଧିକ କ୍ଷତି ହୋଇଛି। ବାତ୍ୟା ଦ୍ୱାରା ରାଜ୍ୟର ପ୍ରାୟ ୧୨୦୦ରୁ ଊର୍ଦ୍ଧ୍ୱ ଏମ୍‌ଏସ୍‌ଏମ୍‌ଇ କ୍ଷତିଗ୍ରସ୍ତ ହୋଇଛି। କ୍ଷୁଦ୍ର ଶିଳ୍ପଗୁଡ଼ିକର ମୋଟ କ୍ଷତି ପରିମାଣ ୨,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଶିଳ୍ପ ପକ୍ଷରୁ ପ୍ରାରମ୍ଭିକ ଆକଳନ କରାଯାଇଛି।

ବାତ୍ୟାକୁ ଗୋଟିଏ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ ଶିଳ୍ପାଞ୍ଚଳଗୁଡ଼ିକର ସ୍ଥିତିରେ ବିଶେଷ ପରିବର୍ତ୍ତନ ଆସିନାହିଁ। ଏହାର ପ୍ରମୁଖ କାରଣ ହେଉଛି କେଉଁ ଠାରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇ ରହିଥିବା ବେଳେ ଆଉ କେଉଁଠି ପାଣିର ଅଭାବ ରହିଛି। ସେହିଭଳି ବିଦ୍ୟୁତ ଅଭାବ ଲାଗି ଶିଳ୍ପ ସଂସ୍ଥାଗୁଡ଼ିକ ଚାଲିବାରେ ଅସୁବିଧା ସୃଷ୍ଟି ହୋଇଛି। ରାଜ୍ୟ ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ଏନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଏହାକୁ ନେଇ ସୋମବାର ଏକ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଳ୍ପ ନିର୍ଦ୍ଦେଶକ ପ୍ରଣବ ଜ୍ୟୋତି ନାଥ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

ଶିଳ୍ପାଞ୍ଚଳଗୁଡ଼ିକୁ ପରିଦର୍ଶନ କରି ସ୍ଥିତି ଜଣାଇବାକୁ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଶୀଘ୍ର ବିଦ୍ୟୁତ ଯୋଗାଣ ସ୍ୱାଭାବିକ କରିବାକୁ ଏଠାରେ ଆଲୋଚନା ହୋଇଛି। ସେହିଭଳି ପଡ଼ି ରହିଥିବା ଗଛକୁ କାଟି ସଫା କରିବା ସହ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସାରିବା ଲାଗି ଇଡ୍‌କୋକୁ କୁହାଯାଇଛି। ଏହାବାଦ ଟ୍ୟାଙ୍କର ଯୋଗେ ଜଳଯୋଗାଣ ବ୍ୟବସ୍ଥାକୁ ବିଚାର କରିବା ନେଇ ଏଠାରେ ଆଲୋଚନା କରାଯାଇଛି। ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ସାମ୍ନା କରୁଥିବା ସମସ୍ୟା ସମାଧାନ ବିଭିନ୍ନ ପଦକ୍ଷେପ ଉପରେ ଏଠାରେ ଗୁରୁତ୍ୱାରୋପ କରାଯାଇଛି। କ୍ଷତିଗ୍ରସ୍ତ ହୋଇଥିବା ୟୁନିଟଗୁଡ଼ିକୁ ବ୍ୟାଙ୍କଗୁଡ଼ିକ ବିଚାର କରି ମୋରାଟୋରିୟମ ପିରିୟଡ, ସୁଧ ରିହାତି ଭଳି ବିଭିନ୍ନ ପଦକ୍ଷେପ ନେବାକୁ ବ୍ୟାଙ୍କଗୁଡ଼ିକୁ କୁହାଯାଇଛି। ଏହାବାଦ ଯୋଗ୍ୟ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ନୂତନ ଋଣ ପ୍ରଦାନ ନେଇ ଏମ୍‌ଏସ୍‌ଏମ୍‌ଇ ବିଭାଗ ଏସ୍‌ଏଲ୍‌ବିସିକୁ ଚିଠି ଲେଖିଛି। ଜିଲା ସ୍ତରରୁ ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ପ୍ରକୃତ କ୍ଷୟକ୍ଷତି ଆକଳନ କରିବାକୁ ଶିଳ୍ପର ପ୍ରତିନିଧିମାନେ ସରକାରଙ୍କୁ ନିବେଦନ କରିଥିବା ଏମ୍‌ଏସ୍‌ଏମ୍‌ଇ ସଂଘ ଓସମେର ମହାସଚିବ ସାତ୍ତ୍ୱିକ ସ୍ୱାଇଁ କହିଛନ୍ତି। ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ଲାଗି ଏକ କର୍ପସ ପାଣ୍ଠି ଗଠନ, କ୍ଷୁଦ୍ର ଶିଳ୍ପଗୁଡ଼ିକର ପୁନରୁଦ୍ଧାର ଲାଗି ସ୍ୱଳ୍ପ ସୁଧ ହାରରେ ଋଣ, ଇନସ୍ୟୁରାନ୍ସ ଦାବିକୁ ୧୫ ଦିନ ମଧ୍ୟରେ ସମାଧାନ ଭଳି ବିଭିନ୍ନ ଦାବି ସରକାରଙ୍କୁ ପ୍ରଦାନ କରାଯାଇଥିବା ସ୍ୱାଇଁ କହିଛନ୍ତି।

## ବିଭିନ୍ନ କମ୍ପାନୀ ପକ୍ଷରୁ ବାତ୍ୟା ସହାୟତା

### ଆନ୍ଧ୍ର ବ୍ୟାଙ୍କର ଭ୍ରାମ୍ୟମାଣ ଏଟିଏମ୍ ସେବା




ଆନ୍ଧ୍ର ବ୍ୟାଙ୍କ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ କ୍ୟାଶ ଉପଲବ୍ଧ କରାଇବା ପାଇଁ ଭ୍ରାମ୍ୟମାଣ ଏଟିଏମ୍ ସେବା ପ୍ରଦାନ କରାଯାଉଛି। ଏହା ଦ୍ୱାରା ଲୋକମାନେ କ୍ୟାଶ ଉଠାଣ ସୁବିଧା ପାଇ ପାରୁଛନ୍ତି। ଭୁବନେଶ୍ୱର ଏବଂ ପୁରୀଠାରେ ବ୍ୟାଙ୍କର ଗ୍ରାହକ ଏବଂ ଅନ୍ୟ ବ୍ୟାଙ୍କରଙ୍କ ଲାଗି ଏଭଳି ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଦୁଇ ଘଣ୍ଟା ବ୍ୟବଧାନରେ ଏହି ସୁବିଧା ଯୋଗାଇ ଦିଆଯାଉଛି।

### ଏନ୍‌ଟିପିସିର ମାଗଣା ସ୍ୱାସ୍ଥ୍ୟ ଶିବିର

ବାତ୍ୟା ପ୍ରଭାବିତ ଲୋକଙ୍କ ଲାଗି ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ (ଏନ୍‌ଟିପିସି) ପକ୍ଷରୁ ପୁରୀର ବେଲେଶ୍ୱରପାଟଣା ଗ୍ରାମରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ମୋବାଇଲ ହେଲ୍‌ଥ ଶିବିରରେ ଆଖପାଖ ଅଞ୍ଚଳର ପ୍ରାୟ ୫,୦୦୦ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

### ମହିନ୍ଦ୍ରାର ରିଲିଫ ଟାସ୍କଫୋର୍ସ

Mahindra Rise.

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ ପକ୍ଷରୁ ଫନୀ ପ୍ରଭାବିତ ଗାଡ଼ି ମାଲିକମାନଙ୍କୁ ସହାୟତା ପ୍ରଦାନ ଲାଗି ରିଲିଫ୍ ଟାସ୍କ ଫୋର୍ସ ଗଠନ ସମ୍ପର୍କରେ ଘୋଷଣା କରାଯାଇଛି। ପ୍ରଭାବିତ ହୋଇଥିବା ଯାନଗୁଡ଼ିକର ସୁରକ୍ଷା ଲାଗି ଏହି ଟିମ୍ ପକ୍ଷରୁ ତୁରନ୍ତ ସହାୟତା ମିଳିବ। ପ୍ରଭାବିତ ଅଞ୍ଚଳର ଗ୍ରାହକମାନେ ‘ଉଇଥ ୟୁ ହମେଶା’କୁ ତୁରନ୍ତ ଯାନକୁ ଠିକ କରାଇବା ନିମିତ୍ତ ସହାୟତା ଲାଗି ମାଗଣାରେ କଲ୍ କରି ପାରିବେ। ଏହାଦ୍ୱାରା ଯାନକୁ ଠିକ୍ କରିବା ପାଇଁ ମହିନ୍ଦ୍ରାର ନିକଟସ୍ଥ ସର୍ଭିସ ଷ୍ଟେଶନ ପର୍ଯ୍ୟନ୍ତ ଗ୍ରାହକଙ୍କୁ ଗାଡ଼ିକୁ ମାଗଣାରେ ନେବା ବ୍ୟବସ୍ଥା କରାଯିବ। କମ୍ପାନୀ ଏକ ରୋଡ ସର୍ଭିସ ଟିମ୍ ମଧ ପ୍ରସ୍ତୁତ ରଖିଛି। ଏହି ଟିମ୍ ଫ୍ଲାଟବେଡ ଟ୍ରକ ଏବଂ ଟୋଇଙ୍ଗ ଟ୍ରକ ସହ ପ୍ରସ୍ତୁତ ରହିଛି। ସେହିଭଳି ତ୍ୱରିତ ବୀମା ଦାବୀ ସମାଧାନ ଲାଗି ବ୍ୟବସ୍ଥା ମଧ କରାଯାଇଛି।

### ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ରିହାତି

IDBI BANK

ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ବାତ୍ୟା ପ୍ରଭାବିତ ଗ୍ରାହକଙ୍କ ଲାଗି ସହାୟତା ଘୋଷଣା କରାଯାଇଛି। ପ୍ରି ଇଏମ୍‌ଆଇ, ଇଏମ୍‌ଆଇ ପ୍ରଦାନରେ ବିଳମ୍ବ କିମ୍ବା ପ୍ରଦାନ ନ କରିବା ଏବଂ ଚେକ୍ ବାଉନ୍ସ ଉପରେ ଲାଗୁ ହେଉଥିବା ଜରିମାନା ଚାର୍ଜ ଲାଗୁ ନ କରିବାକୁ ବ୍ୟାଙ୍କ ନିଷ୍ପତ୍ତି ନେଇଛି। ମେ, ଜୁନ ଏବଂ ଜୁଲାଇ ମାସ ଲାଗି ବ୍ୟାଙ୍କ ପକ୍ଷରୁ ଏହାର ରିଟେଲ ଗ୍ରାହକଙ୍କ ଲାଗି ଏଭଳି ଘୋଷଣା କରାଯାଇଛି। ହୋମ ଲୋନ, ସମ୍ପତ୍ତି ଆଧାରିତ ଲୋନ, ଅଟୋ ଲୋନ, ଏଜୁକେଶନ ଲୋନ କ୍ଷେତ୍ରରେ ନୂଆ ନିଷ୍ପତ୍ତି ଲାଗୁ ହେବ। ଫନୀ ଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କ ଅସୁବିଧାକୁ ନେଇ ଦୁଃଖିତ ବୋଲି ବ୍ୟାଙ୍କର ଡେପୁଟି ଏମ୍‌ଡି ଜି.ଏମ୍.ୟଦୱାଡକର ସୂଚନା ଦେଇଛନ୍ତି।

# ଇଡିରେ ହାଜର ହେଲେ କୋଚ୍ଚର ଦମ୍ପତି

ନୂଆଦିଲ୍ଲୀ,୧୩-୫



ଚନ୍ଦା କୋଚ୍ଚର।

ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ତଥା ଏମ୍‌ଡି ଚନ୍ଦା କୋଚ୍ଚର ଏବଂ ତାଙ୍କ ସ୍ୱାମୀ ତଥା ନ୍ୟୁପାୱାର ରିନ୍ୟୁଏବଲ୍ସର ମାଲିକ ଦୀପକ କୋଚ୍ଚର ସୋମବାର ଏଠାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ମୁଖ୍ୟାଳୟରେ ହାଜର ହୋଇଥିଲେ। ଭିଡିଓକନ ଗ୍ରୁପ୍‌କୁ ଋଣ ପ୍ରଦାନ ମାମଲାରେ କୋଚ୍ଚର ଦମ୍ପତିଙ୍କୁ ଇଡି ପକ୍ଷରୁ ପୂର୍ବରୁ ବହୁଥର ଜେରା କରାଯାଇଥିଲା। ସରକାରୀ ସୂତ୍ରରୁ ପ୍ରକାଶ ଯେ, ସୋମବାର ସକାଳ ପ୍ରାୟ ୧୧ଟାରେ କୋଚ୍ଚର ଦମ୍ପତି ଇଡି ମୁଖ୍ୟାଳୟରେ ଉପସ୍ଥିତ ହୋଇଥିଲେ। ଏଥିଲାଗି ସେମାନଙ୍କୁ କୁହାଯାଇଥିଲା। ଭିଡିଓକନ ମାମଲାର ତଦନ୍ତକାରୀ ଅଧିକାରୀଙ୍କୁ ସହାୟତା କରିବା ଲାଗି ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଚଳିତ ମାସ ଆରମ୍ଭରେ ସେମାନଙ୍କୁ ପୁନର୍ବାର ଜେରା କରିବାକୁ ଇଡି ଚାହୁଁଥିଲା। କିନ୍ତୁ ଏଥିପାଇଁ ସେମାନେ ଅଧିକ ସମୟ ଲୋଡ଼ିଛନ୍ତି। ଚନ୍ଦାଙ୍କ ଦିଅର ତଥା ଦୀପକଙ୍କ ଭାଇ ରାଜୀବ କୋଚ୍ଚରଙ୍କୁ ମଧ ଇଡି ବହୁ ଥର ଜେରା କରିସାରିଛି। ଉଲ୍ଲେଖ କରାଯାଇପାରେ ଯେ, ଇଡି ପକ୍ଷରୁ କୋଚ୍ଚର ପରିବାରର ବିଭିନ୍ନ ସ୍ଥାନରେ ଥିବା ଘର, ଦପ୍ତରରେ ଚଢ଼ାଉ କରାଯାଇଥିଲା। ଭିଡିଓକନ ମାମଲାରେ ଚନ୍ଦାଙ୍କୁ ଆଇସିଆଇସିଆଇ ବ୍ୟାଙ୍କ ବିଦା କରିଛି। ତାଙ୍କ କାର୍ଯ୍ୟକାଳରେ ଭିଡିଓକନ ଗ୍ରୁପ୍‌କୁ ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ୧୮୭୫ କୋଟି ଟଙ୍କାର ଋଣ ଦିଆଯାଇଥିବା ଅଭିଯୋଗ ହୋଇଛି।

## ଇନ୍‌ଫୋସିସ୍ ଫାଉଣ୍ଡେଶନ ପଞ୍ଜୀକରଣ ରଦ୍ଦ

ନୂଆଦିଲ୍ଲୀ,୧୩-୫

ବିଦେଶୀ ଚାନ୍ଦା ଗ୍ରହଣ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ବେସରକାରୀ ସଂଗଠନ ଇନ୍‌ଫୋସିସ୍ ଫାଉଣ୍ଡେଶନର ପଞ୍ଜୀକରଣକୁ ଗୃହ ମନ୍ତ୍ରଣାଳୟ ରଦ୍ଦ କରିଦେଇଛି। ବିଦେଶରୁ ଚାନ୍ଦା ଗ୍ରହଣ କରିବା ଲାଗି ବେସରକାରୀ ସଂଗଠନ(ଏନ୍‌ଜିଓ)ଗୁଡ଼ିକୁ ବିଦେଶୀ ଚାନ୍ଦା(ବିନିୟମନ) ଆଇନ(ଏଫ୍‌ସିଆର୍‌ଏ) ଅଧୀନରେ ପଞ୍ଜୀକରଣ କରିବାକୁ ପଡ଼ିଥାଏ। ଉକ୍ତ ଆଇନ ଅନୁଯାୟୀ, ବିଦେଶରୁ ପ୍ରାପ୍ତ ଚାନ୍ଦା ସମ୍ପର୍କରେ ପ୍ରତିବର୍ଷର ହିସାବକିତାବ ତା’ପରବର୍ଷର ୯ ମାସ ମଧ୍ୟରେ ଗୃହ ମନ୍ତ୍ରଣାଳୟକୁ ଦେବାକୁ ପଡ଼ିଥାଏ।

# ପୁରୀଠାରୁ ଟ୍ରେନ ଚଳାଚଳ ସ୍ୱାଭାବିକ

ଭୁବନେଶ୍ୱର,୧୩-୫

ପୁରୀରୁ ସମସ୍ତ ଟ୍ରେନ ପୁଣିଥରେ ଚଳାଚଳ ଆରମ୍ଭ କରିଛି। ଫନୀ କ୍ଷୟକ୍ଷତି ପରେ ପୁରୀରୁ ଟ୍ରେନ ସେବା ବାତିଲ ରହିଥିଲା। ପ୍ରତିଶ୍ରୁତି ଅନୁସାରେ ଧାର୍ଯ୍ୟ ସମୟରେ ପୁରୀରୁ ସମସ୍ତ ପାସେଞ୍ଜର, ଏକ୍ସପ୍ରେସ ଏବଂ ମେମୁ ଟ୍ରେନ ଚଳାଚଳ ଆରମ୍ଭ କରିଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ନିୟମିତ ସୂଚୀ ମୁତାବକ ରବିବାର ୧୮ ଏକ୍ସପ୍ରେସ ଟ୍ରେନ ଚଳାଚଳ ଆରମ୍ଭ କରିଥିଲା। ଅନେକ କ୍ଷୟକ୍ଷତି ସତ୍ତ୍ୱେ ଟ୍ରେନ ସେବାକୁ ପୂର୍ବସ୍ଥିତିକୁ ଆଣିଥିବା ରେଳୱେ ପକ୍ଷରୁ ସୂଚନା ରହିଛି।



**ବାଙ୍ଗାଲୋର କୃଷ୍ଣରାଜପୁରମକୁ ସ୍ୱତନ୍ତ୍ର ଟ୍ରେନ**

ଫନୀ ଯୋଗୁ ଅଧିକାଂଶ ଟ୍ରେନ ବାତିଲ ଥିବାରୁ ବୈଧ ଟିକେଟ ନ ମିଳିବା ଫଳରେ ଅନେକ ଯାତ୍ରୀ ବାଙ୍ଗାଲୋର ରୁଟରେ ଯାତ୍ରା ସୁବିଧା ପାଇ ପାରିନାହାନ୍ତି। ଏହାକୁ ଧ୍ୟାନରେ ରଖି ରେଳୱେ ପକ୍ଷରୁ ମେ ମାସ ୧୫ ତାରିଖ (ବୁଧବାର) ସକାଳେ ଭୁବନେଶ୍ୱରରୁ ଉକ୍ତ ରୁଟରେ ଏକ ସ୍ୱତନ୍ତ୍ର ଟ୍ରେନ ଯାତ୍ରା ଆରମ୍ଭ କରିବ।

# ରପ୍ତାନିକାରୀଙ୍କୁ ମିଳିବ ସ୍ୱୟଂଚାଳିତ ଜିଏସ୍‌ଟି ରିଫଣ୍ଡ

ନୂଆଦିଲ୍ଲୀ,୧୩-୫

ଆସନ୍ତା ଜୁନ୍‌ରୁ ସାମଗ୍ରୀ ଏବଂ ସେବା ଯୋଗାଉଥିବା ରପ୍ତାନିକାରୀଙ୍କ ସହିତ ଏସ୍‌ଇଜେଡ୍‌ରେ କାର୍ଯ୍ୟ କରୁଥିବା ଆମଦାନୀକାରୀ କମ୍ପାନୀଗୁଡ଼ିକୁ ସ୍ୱୟଂଚାଳିତ ବ୍ୟବସ୍ଥାରେ ଜିଏସ୍‌ଟି ରିଫଣ୍ଡ ମିଳିବ। ଏ ସମ୍ପର୍କରେ ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଜିଏସ୍‌ଟି ଅଧୀନରେ ‘ଜିରୋ ରେଟେଡ’ ଆମଦାନୀ କାରଣରୁ ରିଫଣ୍ଡ ଦାବି କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ଦୁଇଟି ବିକଳ୍ପ ରହିଛି। ସେ ବଣ୍ଡ/ଏଲ୍‌ୟୁଟି ଅଧୀନରେ ଏକୀକୃତ ଟିକସ ପ୍ରଦାନ ବିନା ରପ୍ତାନି କରିପାରିବେ ଏବଂ ସଞ୍ଚିତ ଇନପୁଟ୍ ଟ୍ୟାକ୍ସ କ୍ରେଡିଟର ରିଫଣ୍ଡ ଦାବି କରିପାରିବେ ଅଥବା ପୁଣିଥରେ ଏକୀକୃତ ଟିକସ ପ୍ରଦାନ କରି ରପ୍ତାନି କରିପାରିବେ ଏବଂ ଏହାପରେ ରିଫଣ୍ଡ ଦାବି କରିପାରିବେ। ସୂଚନାଥାଉ କି, ସାମଗ୍ରୀ ରପ୍ତାନି ବେଳେ ଆଇଜିଏସ୍‌ଟି ପ୍ରଦାନ କରୁଛନ୍ତି, ସେମାନଙ୍କୁ ବର୍ତ୍ତମାନ ସ୍ୱୟଂଚାଳିତ ରିଫଣ୍ଡ ସୁବିଧା ମିଳୁଛି। ତେବେ ଏସ୍‌ଇଜେଡ୍‌ର ବିନିର୍ମାଣ ରପ୍ତାନିକାରୀ ଏବଂ ଆମଦାନୀକାରୀ ଆଇଟିସି ରିଫଣ୍ଡ ଦାବି କରିବାକୁ ଚାହିଁଲେ ସେମାନଙ୍କୁ ପୋର୍ଟାଲରେ ଜିଏସ୍‌ଟି ଆର୍‌ଏଫ୍‌ଡି-୦୧ଏ ଫର୍ମ ଜରିଆରେ ଆବେଦନ କରିବାକୁ ପଡ଼ିବ। ଏହାପରେ ସେମାନଙ୍କୁ ଅନ୍ୟାନ୍ୟ ଦସ୍ତାବିଜ ସହ ଏହାର ପ୍ରିଣ୍ଟ ଆଉଟକୁ ସମ୍ପୃକ୍ତ ଅଧିକାରୀଙ୍କ ନିକଟରେ ଦାଖଲ କରିବାକୁ ହେବ ବୋଲି ଅଧିକାରୀ ଜଣକ କହିଛନ୍ତି।

## ସୌଦି ତେଲ ଟ୍ୟାଙ୍କର ଉପରେ ଆକ୍ରମଣ

ରିୟାଦ,୧୩-୫

କଟକଣାକୁ ନେଇ ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଥିବା ବେଳେ ସୌଦି ତେଲ ଟ୍ୟାଙ୍କର ଉପରେ ଆକ୍ରମଣ ହୋଇଛି। ସଂଯୁକ୍ତ ଆରବ ଏମିରାଟ(ୟୁଏଇ) ସମୁଦ୍ର କ୍ଷେତ୍ରରେ ଏହାର ୨ ତେଲ ଟ୍ୟାଙ୍କର ଉପରେ ଆକ୍ରମଣ କରାଯାଇଛି ବୋଲି ସୌଦି ଆରବ ସୋମବାର ଅଭିଯୋଗ କରିଛି। ଏହି ଘଟଣା ଜଣାପଡ଼ିବା ପରେ ଆମେରିକା ବୈଦେଶିକ ସଚିବ ମାଇକ ପମ୍ପିଓ ପ୍ରସ୍ତାବିତ ମସ୍କୋ ଗସ୍ତ ରଦ୍ଦ କରି ଇରାନ ସଂକ୍ରାନ୍ତରେ ୟୁରୋପୀୟ ୟୁନିୟନ(ଇୟୁ) ସହ ଆଲୋଚନା କରିବା ଲାଗି ବ୍ରସେଲ୍ସରେ ପହଞ୍ଚିଯାଇଛନ୍ତି। ଅନ୍ୟପକ୍ଷରେ ଗଲ୍ଫ ସମୁଦ୍ରରେ ତୈଳ ଟ୍ୟାଙ୍କରଗୁଡ଼ିକରେ ହେଉଥିବା ଆକ୍ରମଣ ନେଇ ଇରାନ ଚିନ୍ତାବ୍ୟକ୍ତ କରିବା ସହ ଏହାର ଯାଞ୍ଚ କରାଯିବାକୁ ଦାବି କରିଛି। ସମୁଦ୍ର ସୁରକ୍ଷା ଭାଙ୍ଗିବା ଲାଗି ବିଦେଶୀ ଶକ୍ତି ଦୁଃସାହସ କରିପାରନ୍ତି ବୋଲି ଇରାନ ଚେତାଇ ଦେଇଛି। ଅନ୍ୟପକ୍ଷରେ ସମୁଦ୍ରରେ ଇରାନ ପକ୍ଷରୁ ନିଜ ଜାହାଜରେ ଆକ୍ରମଣର ସମ୍ଭାବନାକୁ ଦୃଷ୍ଟିରେ ରଖି ଆମେରିକା ଇତିମଧ୍ୟରେ ବି-୫୨ ବୋମାବର୍ଷଣକାରୀ ବିମାନରେ ସମୃଦ୍ଧ ବିମାନବାହୀ ଯୁଦ୍ଧ ଜାହାଜକୁ ମୁତୟନ କରିଛି।

**ଆମେରିକା-ଇରାନ ମଧ୍ୟରେ ଉତ୍ତେଜନା**

# ଆସିବ ସାର୍ବଜନୀନ ଋଣଛାଡ଼ ଯୋଜନା

ନୂଆଦିଲ୍ଲୀ,୧୩-୫

- ଉପକୃତ ହେବେ ନିମ୍ନ ଆୟବର୍ଗ
- ଋଣଛାଡ଼ ଲାଗି ଧାର୍ଯ୍ୟ ହେବ ବାର୍ଷିକ ୬୦ହଜାର ପର୍ଯ୍ୟନ୍ତ ଆୟ ସୀମା
- ୩୫ ହଜାର ପର୍ଯ୍ୟନ୍ତ ମିଳିବ ଋଣଛାଡ଼
- ୨୦ ହଜାର ପର୍ଯ୍ୟନ୍ତ ସମ୍ପତ୍ତି ଥିବାଙ୍କୁ ମିଳିବ ଋଣଛାଡ଼ ସୁବିଧା
- ଆଇବିସିରେ ହେବ ସଂଶୋଧନ




ଦେଶର କ୍ଷୁଦ୍ର ଉଦ୍ୟୋଗ, ବ୍ୟବସାୟୀ, କୁମ୍ଭକାର,ବୁଣାକାର, କ୍ଷୁଦ୍ର ଚାଷୀ, ଶିଳ୍ପୀଙ୍କ ଭଳି ନିମ୍ନ ଆୟକାରୀଙ୍କ ଲାଗି କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ଏକ ସାର୍ବଜନୀନ ଋଣଛାଡ଼ ଯୋଜନା ଲାଗୁ କରିବାକୁ ଯାଉଛନ୍ତି। ଏଥିନେଇ ପ୍ରସ୍ତୁତି ଜୋରସୋରରେ ଆରମ୍ଭ ହୋଇଯାଇଛି। ନୂଆ ସରକାର ଆସିବା ମାତ୍ରେ ଏହି ଋଣଛାଡ଼ ଯୋଜନାକୁ ଘୋଷଣା କରାଯିବ।

କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ସଚିବ ଇଞ୍ଜେଟି ଶ୍ରୀନିବାସ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ସବୁ ଆଡୁ ଭାବିଚିନ୍ତି ନିମ୍ନ ଆୟବର୍ଗଙ୍କୁ ଋଣଯନ୍ତାରୁ ମୁକ୍ତି ଦେବା ଲାଗି ଏହି ଯୋଜନା ପ୍ରସ୍ତୁତ କରାଯାଉଛି। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ ହେଉଥିବା ଏହି ଯୋଜନା ଲାଗୁ କରିବା ପୂର୍ବରୁ ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍(ଆଇବିସି)ରେ କେତେକ ସଂଶୋଧନ କରାଯିବ। ଏହି ଯୋଜନା ଅଧୀନରେ ବାର୍ଷିକ ୨୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ। କିନ୍ତୁ ଏହାଦ୍ୱାରା ଲକ୍ଷ ଲକ୍ଷ ଗରିବ ପରିବାର ଉପକୃତ ହେବେ। ଲୋକଙ୍କ ଉପକାରକୁ ଦେଖିଲେ ଏହି ଆର୍ଥିକ ବୋଝ ବେଶି ନୁହେଁ ବୋଲି ଶ୍ରୀନିବାସ କହିଛନ୍ତି। କାରଣ ପ୍ରତିବର୍ଷ କର୍ପୋରେଟ ଜଗତରେ କମ୍ପାନୀଙ୍କର ଏତେ ପରିମାଣ ବକେୟା ଋଣ ସରକାରଙ୍କୁ ମାଫ୍ କରିବାକୁ ପଡୁଛି। ସୂଚନାଥାଉ କି, ବର୍ତ୍ତମାନ କ୍ଷୁଦ୍ର ଋଣଗ୍ରହୀତାଙ୍କ ପାଇଁ ଏଭଳି କୌଣସି ଋଣଛାଡ଼ ଯୋଜନା ଲାଗୁ କରାଯାଇନାହିଁ। ଏଥିଲାଗି ବ୍ୟକ୍ତିଗତ ଇନ୍‌ସଲଭେନ୍ସି ଚାପ୍ଟରରେ ସଂଶୋଧନ କରିବା ଜରୁରୀ ହୋଇପଡ଼ିଛି ବୋଲି ସେ କହିଛନ୍ତି। ଉକ୍ତ ଯୋଜନାର ଫାଇଦା ପାଇବା ଲାଗି ସରକାର ଲାଭାର୍ଥୀଙ୍କର ସର୍ବାଧିକ ଆୟ ଓ ସମ୍ପତ୍ତି ସୀମା ଧାର୍ଯ୍ୟ କରିବେ। ବିଶ୍ୱସ୍ତ ସୂତ୍ରରୁ ପ୍ରାପ୍ତ ସୂଚନାନୁଯାୟୀ, ବାର୍ଷିକ ୬୦ ହଜାର ପର୍ଯ୍ୟନ୍ତ ଆୟ କରୁଥିବା ଏବଂ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ସମ୍ପତ୍ତି ଥିବା ଲାଭାର୍ଥୀଙ୍କୁ ୩୫ ହଜାର ଟଙ୍କା ପର୍ଯ୍ୟନ୍ତ ଋଣଛାଡ଼ ସୁବିଧା ମିଳିବ। ଆସନ୍ତା ଏକ ତ୍ରୈମାସ ମଧ୍ୟରେ ଉକ୍ତ ଯୋଜନାକୁ ଚୂଡ଼ାନ୍ତ ରୂପ ଦିଆଯିବ ବୋଲି କର୍ପୋରେଟ ମନ୍ତ୍ରଣାଳୟର ଭରସା ରହିଥିବା ଶ୍ରୀନିବାସ କହିଛନ୍ତି। ସେ କହିଛନ୍ତି ଯେ, ନୂଆ ସରକାରଙ୍କ ସମ୍ମୁଖରେ ଉକ୍ତ ଯୋଜନା ଲାଗୁ କରିବା ଲାଗି ଉପସ୍ଥାପନ କରାଯିବ। ଏହା ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡ ଅଫ୍ ଇଣ୍ଡିଆ(ଆଇବିବିଆଇ)ରେ ଏକ ଅନ୍‌ଲାଇନ ପ୍ରଣାଳୀ ହେବ। ଏଥିରେ ଆବେଦନକାରୀଙ୍କ ଆବେଦନର ବିଚାର କରିବା ଲାଗି ଏକ ସମ୍ପୂର୍ଣ୍ଣ ଦଳ ରହିବେ। କେବଳ ଏଭଳି ଋଣ ମାଫ୍ କରିବା ଲାଗି ଏକ ସ୍ୱତନ୍ତ୍ର ସେଲ୍ ଗଠନ କରାଯିବ। ତେବେ ସର୍ତ୍ତ ହେଉଛି ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସୀମା ଭିତରେ ଆବେଦନକାରୀଙ୍କର ଆୟ ଓ ସମ୍ପତ୍ତି ଥିଲେ ହିଁ ଉକ୍ତ ଋଣଛାଡ଼ ଯୋଜନା ଦ୍ୱାରା ସେମାନଙ୍କୁ ନୂଆ କରି ଜୀବନ ଆରମ୍ଭ କରିବାର ଏକ ସୁଯୋଗ ମିଳିବ। ତାଙ୍କର ଋଣ ଇତିହାସ ସମ୍ପର୍କରେ ମଧ ସରକାରଙ୍କ ନିକଟରେ ତଥ୍ୟ ଉପଲବ୍ଧ ହେବ ବୋଲି କର୍ପୋରେଟ ବ୍ୟାପାର ସଚିବ ସ୍ପଷ୍ଟ କରିଛନ୍ତି। ସୂଚନାଯୋଗ୍ୟ ଯେ, ଦେଶର ଚାଷୀଙ୍କ ଋଣଛାଡ଼ ଲାଗି ଯୋଜନା ଚାଲିଛି। ଅନ୍ୟପକ୍ଷରେ ସଙ୍କଟରେ ଫସିଥିବା କର୍ପୋରେଟଙ୍କ ଋଣଛାଡ଼ ଲାଗି ମଧ ଆଇବିସି ଆଇନ ଲାଗୁ କରାଯାଇଛି। ଅଥଚ ସାଧାରଣ ଲୋକଙ୍କ ଋଣଛାଡ଼ ଲାଗି ଅଦ୍ୟାବଧି କୌଣସି ସରକାର ଗୋଟିଏ ହେଲେ ଋଣଛାଡ଼ ଯୋଜନା ଲାଗୁ କରିନାହାନ୍ତି।



"ଯଶପ୍ରୀତ୍ ବୁମ୍‌ରା ଯଦିଓ ବର୍ତ୍ତମାନ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବୋଲର ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନକୁ ଅପେକ୍ଷା କରାଯାଇଛି।
–ସଚିନ ତେନ୍ଦୁଲକର, ବ୍ୟାଟିଂ କିମ୍ବଦନ୍ତୀ



"ଆଇପିଏଲ୍ ଫାଇନାଲରେ ଶାର୍ଦ୍ଦୁଳ ଠାକୁରଙ୍କୁ ଲସିଥ ମାଲିଙ୍ଗା ତାଙ୍କ ଅନ୍ତିମ ବଲ୍ ଧୀମା ପକାନ୍ତୁ ବୋଲି ଆମେ ଚାହିଁଥିଲୁ।
–ରୋହିତ ଶର୍ମା, ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ

## ସଂକ୍ଷେପରେ

### ରୋହିତଙ୍କ ୫ମ ଆଇପିଏଲ ଟାଇଟଲ

**ହାଇଦ୍ରାବାଦ୍, ୧୩।୫:** ମୁମ୍ବାଇ ଇଣ୍ଡିଆନ୍ସ ଦଳ ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ)କୁ ହରାଇ ରେକର୍ଡ ୪ର୍ଥ ଆଇପିଏଲ ଟାଇଟଲ ଜିତିଛି। ହେଲେ ଏହା ରୋହିତ ଶର୍ମାଙ୍କ ୫ମ ଆଇପିଏଲ ଟାଇଟଲ, ଯାହାକି କୌଣସି ଖେଳାଳିଙ୍କ ପକ୍ଷେ ରେକର୍ଡ। ୨୦୧୩ରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍ଆଇ) ଦଳର ଅଧିନାୟକ ଭାବେ ଟାଇଟଲ ଜିତିବା ପୂର୍ବରୁ ରୋହିତଙ୍କ ପ୍ରତିନିଧିତ୍ୱରେ ଡେକାନ ଚାର୍ଜର୍ସ (ଡିସି) ୨୦୦୯ରେ ଚାମ୍ପିୟନ ହୋଇଥିଲା। ଦକ୍ଷିଣ ଆଫ୍ରିକାଠାରେ ଖେଳାଯାଇଥିବା ସଂସ୍କରଣରେ ଆଡାମ ଗିଲକ୍ରିଷ୍ଟ ନେତୃତ୍ୱରେ ଡିସି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ହରାଇଥିଲା। ୨୦୧୩ରେ ପ୍ରଥମ ଥର ଏମ୍ଆଇରେ ସାମିଲ ହେବା ପରେ ରୋହିତଙ୍କୁ ନେତୃତ୍ୱ ଦିଆଯାଇଥିଲା। ତାଙ୍କ ନେତୃତ୍ୱରେ ଏମ୍ଆଇ ସିଏସ୍‌କେକୁ ହରାଇ ପ୍ରଥମ ଥର ଲାଗି ଆଇପିଏଲ ଚାମ୍ପିୟନ ହୋଇଥିଲା। ଏହାପରେ ୨୦୧୫ ଆରମ୍ଭରୁ ୪ ମ୍ୟାଚ୍ ହାରିବା ପରେ ମଧ ଫାଇନାଲରେ ସିଏସ୍‌କେକୁ ହରାଇବା ମୁମ୍ବାଇ ପାଇଁ ୨ୟ ଓ ରୋହିତଙ୍କ ବ୍ୟକ୍ତିଗତ ୩ୟ ଟାଇଟଲ। ୨୦୧୫ରେ ଧୋନୀଙ୍କ ରାଇଜିଂ ପୁଣେ ସୁପରଜ୍ୟାଣ୍ଟକୁ ପଛରେ ପକାଇ ୪ର୍ଥ ଆଇପିଏଲ ଟାଇଟଲ ହାସଲ କରିଥିଲେ ରୋହିତ।

### ପୋଲାର୍ଡଙ୍କୁ ଜରିମାନା

**ହାଇଦ୍ରାବାଦ, ୧୩।୫(ପିଟି):** ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷ ଆଇପିଏଲ ଫାଇନାଲରେ ଅମ୍ପାୟରଙ୍କ ନିଷ୍ପତ୍ତି ଉପରେ ଅସନ୍ତୋଷ ବ୍ୟକ୍ତ କରିବାରୁ ମୁମ୍ବାଇ ଇଣ୍ଡିଆନ୍ସ ଅଲରାଉଣ୍ଡର କିରନ ପୋଲାର୍ଡଙ୍କୁ ଜରିମାନାର ସମ୍ମୁଖୀନ ହେବାକୁ ପଡ଼ିଛି। ତାଙ୍କ ମ୍ୟାଚ୍ ଫି'ର ୨୫ ପ୍ରତିଶତ କାଟ୍ କରାଯିବ। ଖେଳାଳିଙ୍କ ଲାଗି ଉଦ୍ଦିଷ୍ଟ ନିୟମ ଭଙ୍ଗ କରିଥିବାରୁ ଦଣ୍ଡାଦେଶକୁ ସ୍ୱୀକାର କରିନେଇଛନ୍ତି। ଅନ୍ତିମ ଓଭରରେ ଡ୍ୱେନ୍ ବ୍ରାଭୋ ଅଫ ଷ୍ଟମ୍ପର ଧାର୍ଯ୍ୟ ସୀମା ବାହାରେ ବଲ ପକାଇଥିଲେ। ହେଲେ ଫିଲ୍ଡ ଅମ୍ପାୟର ଏହାକୁ ୱାଇଡ୍ ବଲ ଦେଇ ନ ଥିଲେ। ଏହାର ପରବର୍ତ୍ତୀ ବଲ ପାଇଁ ସମ୍ପୂର୍ଣ୍ଣ ଷ୍ଟମ୍ପ ଛାଡ଼ି ପୋଲାର୍ଡ ପିଚ୍ ବାହାରେ ଛିଡ଼ା ହୋଇଥିଲେ। କିନ୍ତୁ ବ୍ରାଭୋ ବଲ ପକାଇବା ପୂର୍ବରୁ ସେ ଖେଳିବାକୁ ମନା କରିଥିଲେ। ଲେଗ୍ ଅମ୍ପାୟର ଇଆନ ଗୋଲ୍ଡ ଏଥିରେ ହସ୍ତକ୍ଷେପ କରି ୱେଷ୍ଟଇଣ୍ଡିଆନ୍ ବ୍ୟାଟ୍ସମ୍ୟାନଙ୍କୁ ବୁଝାଇଥିଲେ।

# ଆଇପିଏଲ୍: ତାରକା ଖେଳାଳିଙ୍କ ପ୍ରତ୍ୟାବର୍ତ୍ତନ

**ନୂଆଦିଲ୍ଲୀ, ୧୩।୫(ପି.ଟି.)**

ସଦ୍ୟ ସମାପ୍ତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) କେତେକ ତାରକା ଖେଳାଳିଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଛି। ବିଶ୍ୱକପ୍ ପୂର୍ବରୁ ଖେଳାଯାଇଥିବା ବିଶ୍ୱର ଏହି ଶ୍ରେଷ୍ଠ ଟି୨୦ ଲିଗ୍‌ରେ ଏକାଧିକ ଖେଳାଳି ପ୍ରତ୍ୟାବର୍ତ୍ତନ କରିବା ସହ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଏମାନେ ଇଂଲଣ୍ଡରେ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱକପରେ ନିଜ ଦେଶଗୁଡ଼ିକ ପାଇଁ ଆଶାନୁରୂପ ପ୍ରଦର୍ଶନ କରିବା ଆଶା କରାଯାଉଛି। ପାକିସ୍ତାନକୁ ବାଦ୍ ଦେଲେ ଅନ୍ୟ ଦେଶର ଖେଳାଳିମାନଙ୍କ ପାଇଁ ଏଥରର ଆଇପିଏଲ୍ ସମୟ ଉପଯୋଗୀ ସାବ୍ୟସ୍ତ ହୋଇଛି। ଏମାନଙ୍କ ମଧ୍ୟରେ ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲ ରହିଛନ୍ତି। । ସେହିପରି ଜବରଦସ୍ତ ପ୍ରଦର୍ଶନକରି ଅଷ୍ଟ୍ରେଲୀୟ ଓପନର ଡେଭିଡ ୱାର୍ନର ଅନ୍ୟଦଳଗୁଡ଼ିକ ପ୍ରତି ବିପଦ ସୃଷ୍ଟି କରିଛନ୍ତି। ବିଶ୍ୱକପ୍‌ରେ ଅଂଶଗ୍ରହଣ କରୁଥିବା ଅନ୍ୟ ଦଳଗୁଡ଼ିକୁ ଏବେ ୩ ଖେଳାଳିଙ୍କ ପ୍ରତ୍ୟାବର୍ତ୍ତନ ଓ ଫର୍ମକୁ ଫେରିବା ନେଇ ଚିନ୍ତିତ ଥିଲେ। ଆଇପିଏଲ୍‌ରେ ଏହି ୩ ଖେଳାଳି ସେମାନଙ୍କ ଦମ୍ ଦେଖାଇଛନ୍ତି। ଦକ୍ଷିଣ ଆଫ୍ରିକା ଅଭିଜ୍ଞ ସ୍ପିନର ୪୦ ବର୍ଷୀୟ ଇମ୍ରାନ ତାହିର ମଧ ବିଶ୍ୱର ଏହି ଶ୍ରେଷ୍ଠ ଟି୨୦ ଲିଗ୍‌ରେ କମାଲ କରିଛନ୍ତି। ବିଶ୍ୱକପ୍‌ରେ ଏହି ୩–୪ ଆନ୍ତର୍ଜାତିକ ତାରକାଙ୍କ ଉପରେ ସମସ୍ତଙ୍କ ନଜର ରହିବ।

ବିଶ୍ୱକପ୍‌ରେ ଅନ୍ୟତମ ଫେଭରାଇଟ୍ ଦଳ ବିବେଚିତ ହେଉଥିବା ଭାରତ ପାଇଁ ପାଣ୍ଡ୍ୟା ଓ ରାହୁଲ ଫର୍ମକୁ ଫେରିବା ସବୁଠାରୁ ବଡ଼ କଥା। ଆଇପିଏଲ୍ ଏହି ଦୁଇ ଖେଳାଳି ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ବିଶ୍ୱକପ୍‌ରେ ଏହି ଦୁଇ ଖେଳାଳି ଅନ୍ୟମାନଙ୍କ ପ୍ରତି ବିପଦ ସୃଷ୍ଟି କରିବେ। ନିକଟ ଅତୀତରେ ଏକ ଟିଭି ଶୋ'ରେ ମହିଳାଙ୍କ ପ୍ରତି ଅଶୋଭନୀୟ ମନ୍ତବ୍ୟ ଦେଇ ଏହି ଦୁଇ ଖେଳାଳି ସାମୟିକ ଭାବେ ବାସନ୍ଦ ହୋଇଥିଲେ। ତେବେ ଏହା ପରେ ପ୍ରତ୍ୟାବର୍ତ୍ତନ କରି ଏମାନେ ଆଇପିଏଲ୍‌ରେ ଦମ୍ ଦେଖାଇବା ସହ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କିଙ୍ଗ୍ସ ଏକାଦଶ ପଞ୍ଜାବ ପ୍ଲେ– ଅଫ୍‌ରେ ପ୍ରବେଶ କରିପାରି ନ ଥିଲେ ମଧ ରାହୁଲ ଇନିଂସ ଓପନ୍ କରି ୫୯୩ ରନ ସଂଗ୍ରହ କରିଛନ୍ତି। ସର୍ବାଧିକ ରନ୍ ସ୍କୋରର ତାଲିକାରେ ସେ ଡେଭିଡ ୱାର୍ନରଙ୍କ ପଛକୁ ରହି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୱାର୍ନର ୬୯୨ ରନ ସଂଗ୍ରହ କରି ତାଲିକାର ଶୀର୍ଷରେ ରହିଛନ୍ତି। ରାହୁଲ ୬ଟି ଅର୍ଦ୍ଧଶତକ ଓ ଗୋଟିଏ ଶତକ ହାସଲ କରି ଚୟନକର୍ତ୍ତାଙ୍କ ନିଷ୍ପତ୍ତିର ଯଥାର୍ଥତା ପ୍ରତିପାଦନ କରିଛନ୍ତି। ଯଦି ଟିମ୍ ମ୍ୟାନେଜମେଣ୍ଟ ଚାହେଁ ରାହୁଲ ବ୍ୟାଟିଂ କ୍ରମର ୩ କିମ୍ବା ୪ ନମ୍ବରରେ ବ୍ୟାଟିଂ ବେଶ୍ ସଫଳ ହୋଇପାରିବେ। ତେବେ ରାହୁଲଙ୍କ ଷ୍ଟ୍ରାଇକ୍‌ରେଟ୍ ୧୩୫.୩୮ ଥିବାରୁ ତାଙ୍କ ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନ ଖୁସି ହୋଇ ନ ଥିଲେ। ତେବେ ରାହୁଲ ଭିନ୍ନ ପ୍ରକାର ପରିସ୍ଥିତିରେ ବ୍ୟାଟିଂ କରିଥିଲେ ଓ ଏକାଥା ଭୁଲି ଯିବା ଉଚିତ୍ ନୁହଁ।

ଅପରପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସକୁ ଚତୁର୍ଥଥର ପାଇଁ ଆଇପିଏଲ୍ ଚାମ୍ପିୟନ କରାଇବାରେ ହାର୍ଦ୍ଦିକଙ୍କ ଭୂମିକାକୁ ଅସ୍ୱୀକାର କରିହେବ ନାହିଁ। ସେ ମୁମ୍ବାଇ 'ଗେମ୍ ଚେଞ୍ଜର' ବା 'ଏକ୍ସ ଫ୍ୟାକ୍ଟର' ବୋଲି କହିଲେ ଭୁଲ ହେବ ନାହିଁ। ୧୯୧ରୁ ଉର୍ଦ୍ଧ ଷ୍ଟ୍ରାଇକ୍ ରେଟ୍ ହାର୍ଦ୍ଦିକ ୪୦୨ ରନ ସଂଗ୍ରହ କରିଥିଲେ। ଏଥି ମଧ୍ୟରେ ୨୯ଟି ଛକା, ୧୪ଟି ଉଇକେଟ ଓ ୧୧ଟି କ୍ୟାଚ୍ ସାମିଲ ରହିଛି। ବିଶ୍ୱକପ୍‌ରେ ହାର୍ଦ୍ଦିକ ଏବେ ଭାରତ ପାଇଁ ବିଶ୍ୱକପ୍‌ରେ ମୁଖ୍ୟ ଅସ୍ତ୍ର ହେବାକୁ ଯାଉଛନ୍ତି। ଆଇପିଏଲ୍ ପୂର୍ବରୁ ହାର୍ଦ୍ଦିକଙ୍କ ସମୟ ଆଦୌ ଭଲ ନ ଥିଲା। ଇଞ୍ଜୁରି କାରଣରୁ ସେ କେତୋଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିପାରି ନ ଥିଲେ। ତେବେ ଆଇପିଏଲ୍‌ରେ ଉଭୟ ବଲ୍ ଓ ବ୍ୟାଟ୍‌ରେ କମାଲ କରିଛନ୍ତି ବୋଲି ମୁମ୍ବାଇ ଅଧିନାୟକ ରୋହିତ ଶର୍ମା କହିଛନ୍ତି। ବିଶ୍ୱକପ୍ ଭଳି ଆଇପିଏଲ ମଧ ଏକ ବଡ଼ ଟୁର୍ନାମେଣ୍ଟ। ତେଣୁ ନିଜର ଦକ୍ଷତା ଓ ପ୍ରତିଭାକୁ ଆଇପିଏଲ୍‌ରେ ମପା ଯାଇପାରିବ ବୋଲି ସେ କହିଛନ୍ତି।


ଦୁଇ ଦ୍ରୁତ ବୋଲର ମହମ୍ମଦ ସାମି ଓ ଯଶପ୍ରୀତ୍ ବୁମ୍‌ରା କାର୍ଯ୍ୟଭାର ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତିତ ରହିଛି। ଆଇପିଏଲ୍‌ରେ ଦୁଇ ବୋଲର ୧୯ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି ଓ ନିଜର ଉଇକେଟ ଅକ୍ତିଆର କରିବାର କଳାକୁ ପ୍ରମାଣିତ କରିଛନ୍ତି। ୱାର୍ନର ୬୯୨ ରନ ସଂଗ୍ରହ କରିବା ଏଥର ଆଇପିଏଲ୍‌ର ସବୁଠାରୁ ମୁଖ୍ୟ ଘଟଣା। ଅଷ୍ଟ୍ରେଲିଆ ପାଇଁ ସେ ବିଶ୍ୱକପ୍‌ରେ ଟ୍ରମ୍ପକାର୍ଡ ସାବ୍ୟସ୍ତ ହେବାକୁ ଯାଉଛନ୍ତି। ଅଷ୍ଟ୍ରେଲୀୟ ପୂର୍ବତନ ଅଧିନାୟକ ଷ୍ଟିଭ ସ୍ମିଥ୍ ମଧ ଆଇପିଏଲ୍‌ରେ ଭଲ ପ୍ରଦର୍ଶନ କରି ପ୍ରତ୍ୟାବର୍ତ୍ତନ କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ମଧ୍ୟରେ ସେ କମାଲ କରିଛନ୍ତି। ୱାର୍ନର ଓ ସ୍ମିଥ୍‌ଙ୍କ ପାଇଁ ଆଇପିଏଲ୍ ଏଥର କାମରେ ଆସିଛି।

ଆଇପିଏଲ୍‌ରେ କାଗିସୋ ରାବାଡ଼ାଙ୍କ ପ୍ରଦର୍ଶନ ନେଇ ଦକ୍ଷିଣ ଆଫ୍ରିକା ମଧ ଖୁସିଥିବ। ରାବାଡ଼ା ଦମ୍‌ଦାର ପ୍ରଦର୍ଶନ କରି ମୋଟ ୨୫ଟି ଉଇକେଟ ଅକ୍ତିଆର କରି ନିଜର ଦକ୍ଷତା ପୁଣି ଥରେ ପ୍ରମାଣ କରିଛନ୍ତି। ସୁପର ଓଭରରେ ଆନ୍ଦ୍ରେ ରସେଲଙ୍କୁ ୟର୍କର ପକାଇ ସେ ଚକ୍‌ମା ଦେବା କଥା ସମସ୍ତଙ୍କ ମନରେ ଥିବ। ଆଇପିଏଲ୍ ପୂର୍ବରୁ କୁଲଦୀପ ଯାଦବ ଓ ୟୁଜବେନ୍ଦ୍ର ଚହଲଙ୍କୁ ନେଇ ସମସ୍ତେ ଚର୍ଚ୍ଚା କରୁଥିଲେ। କିନ୍ତୁ ଏହି ଦୁଇଖେଳାଳିଙ୍କଠାରୁ ଦୁଇ ଗୁଣା ବୟସର ସ୍ପିନର ୪୦ ବର୍ଷୀୟ ଇମ୍ରାନ ତାହିର ୨୬ଟି ଉଇକେଟ ନେଇ ଶ୍ରେଷ୍ଠ ବୋଲର ସାବ୍ୟସ୍ତ ହୋଇଥିଲେ ଓ ତାଙ୍କୁ ପର୍ପଲ କ୍ୟାପ୍ ମିଳିଥିଲା। ତାହିର ଲେଗ୍ ସ୍ପିନ୍ ଓ ପାଷ୍ଟ ଗୁଗଲି ସବୁ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇଥିଲା।

ସେହିପରି ୱେଷ୍ଟଇଣ୍ଡିଜ ମଧ ରସେଲଙ୍କ ପ୍ରଦର୍ଶନରେ ଖୁସି ଥିବ। କୋଲକାତା ନାଇଟ୍ ରାଇଡର୍ସ ତରଫରୁ ଖେଳି ରସେଲ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ୫୨ଟି ଛକା ସହ ୫୧୦ ରନ କରି ରସେଲ ୧୧ଟି ଉଇକେଟ ମଧ ଅକ୍ତିଆର କରିଥିଲେ। ଶ୍ରୀଲଙ୍କା ତରଫରୁ ଲସିଥ ମାଲିଙ୍ଗା ଫାଇନାଲ ମ୍ୟାଚ୍‌ର ଅନ୍ତିମ ଓଭର ପକାଇଥିଲେ ଓ ତାଙ୍କ ୟର୍କରରେ ମୁମ୍ବାଇ ବିଜୟୀ ହୋଇଥିଲା। ଅନ୍ତିମ ବଲ୍‌ରେ ଉଇକେଟ ନେଇ ସେ ଦଳକୁ ଚାମ୍ପିୟନ କରାଇଥିଲେ। ତେବେ ଦିଲ୍ଲୀ ଓ ଚେନ୍ନାଇ ଗ୍ରାଉଣ୍ଡରେ ଦୁର୍ବଳ ଅମ୍ପାୟରିଂକୁ ବାଦ୍ ଦେଲେ ଏଥର ଆଇପିଏଲ୍ ସବୁ ଦୃଷ୍ଟିକୋଣରୁ ସଫଳତ ହୋଇଛି ବୋଲି କୁହଯାଇପାରିବ।



ମାଲିକାଣୀ ନୀତା ଅମ୍ବାନୀଙ୍କ ସହ ଆଇପିଏଲ୍ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସର ଖେଳାଳିମାନେ।



ଝିଅ ସାମାଇରା ସହ ରୋହିତ ଶର୍ମା।

### ହାମିଲଟନ ଜିତିଲେ ସ୍ପାନିଶ ଗ୍ରାଁ ପ୍ରି

**ମଣ୍ଟମେଲ (ସ୍ପେନ୍), ୧୩।୫**

(ଏଏଫ୍‌ପି) – ମର୍ସିଡିଜର ଲୁଇସ୍ ହାମିଲଟନ ସ୍ପାନିଶ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ଜିତିଛନ୍ତି। ରବିବାର ଅନୁଷ୍ଠିତ ଏହି ରେସ୍‌ରେ ତାଙ୍କ ମର୍ସିଡିଜ ଟିମ୍‌ମେଟ୍ ଭାଲଟେରି ବୋଟାସ ଦ୍ୱିତୀୟ ହୋଇଛନ୍ତି। ଫଳରେ ଚଳିତ ସିଜନରେ ମର୍ସିଡିଜ ଟିମ୍ କ୍ରମାଗତ ଭାବେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିବାରେ ସମର୍ଥ ହୋଇଛି। ଫେରାରି ଟିମ୍‌ର କୌଶଳ ସତ୍ତ୍ୱେ ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ତୃତୀୟ ହୋଇଥିଲେ। ଫେରାରିର ସେବାଷ୍ଟିଆନ ଭେଟେଲ ଏବଂ ଚାର୍ଲ୍ସ ଲେକ୍‌ରେକ୍‌ଙ୍କୁ ଯଥାକ୍ରମେ ୪ର୍ଥ ଓ ୫ମସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଟପ୍ ୧୦ରେ ଯଥାକ୍ରମେ ସ୍ଥାନ ପାଇଥିବା ଅନ୍ୟମାନେ ହେଲେ ପିଏରେ ଗାସ୍‌ଲି (ରେଡ୍ ବୁଲ୍), କେଭିନ ମାଗ୍ନସେନ (ହାସ୍), କାର୍ଲୋସ ସେଞ୍ଜ ଜୁନିୟର (ମ୍ୟାକଲରେନ), ଡାନିଲ କ୍ୟାଟ୍(ଟୋରୋ ରୋସୋ) ଏବଂ ରୋମେନ ଗ୍ରୋସ୍‌ଜେଁ (ହାସ୍)। କ୍ରମାଗତ ୫ଟି ରେସ୍‌ରେ ପ୍ରଥମ ଓ ଦ୍ୱିତୀୟ ହୋଇଥିବା ମର୍ସିଡିଜର ଦୁଇ ଡ୍ରାଇଭରଙ୍କ ମଧ୍ୟରୁ ହାମିଲଟନ ୩ଟୋଟି ବିଜୟ ଲାଭ କରିଛନ୍ତି। ସ୍ପେନରେ ଟାଇଟଲ ହାସଲ ଦ୍ୱାରା ହାମିଲଟନ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ବୋଟାସଙ୍କଠାରୁ ୭ ପଏଣ୍ଟ ଆଗରେ ପ୍ରଥମ ସ୍ଥାନରେ ଅଛନ୍ତି। ଉଭୟଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭର୍ଷ୍ଟାପେନ ୪୬ ପଏଣ୍ଟ ପଛରେ ରହିଛନ୍ତି। ଭେଟେଲ ଭର୍ଷ୍ଟାପେନଙ୍କଠାରୁ ୨ ପଏଣ୍ଟ ପଛରେ ଚତୁର୍ଥ ସ୍ଥାନରେ ଅଛନ୍ତି।




### ସାନଭାଇଙ୍କୁ ଶୂନ୍ୟରେ ଆଉଟ୍ କଲେ ଦୀପକ

**ହାଇଦ୍ରାବାଦ୍, ୧୩।୫**

ଦୀପକ ଓ ରାହୁଲ ଚହର ହେଉଛନ୍ତି ସମ୍ପର୍କୀୟ ଭାଇ। ହେଲେ ପାରିବାରିକ ସମ୍ପର୍କ ଆଇପିଏଲ ଫାଇନାଲ ମୁକାବିଲାରେ ସାନଭାଇ ବିପକ୍ଷରେ ଦୀପକଙ୍କୁ ଭଲ ପ୍ରଦର୍ଶନ କରିବାରେ ରୋକିପାରି ନ ଥିଲା। ଦୀପକ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ପାଇଁ ଖେଳୁଥିବାବେଳେ ରାହୁଲ ମୁମ୍ବାଇ ଇଣ୍ଡିଆନ୍ସ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ। ଦୀପକ ଚଳିତ ସଂସ୍କରଣରେ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ସେ ୧୭ ମ୍ୟାଚ୍ ଖେଳି ୨୨ ଉଇକେଟ ଅକ୍ତିଆର କରିଛନ୍ତି। ଟାଇଟଲ ମୁକାବିଲାରେ ସେ ୨୨ ରନ୍ ବ୍ୟୟକରି ୩ ଉଇକେଟ ନେଇଥିଲେ। ଆରମ୍ଭରୁ ରୋହିତ ଶର୍ମା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉଇକେଟ ନେବା ପରେ ସାନଭାଇ ରାହୁଲଙ୍କୁ ଖାତା ଖୋଲିବା ପୂର୍ବରୁ ଫାଫ୍ ଡୁପ୍ଲେସିଙ୍କ ହାତରେ ଆଉଟ୍ କରିଥିଲେ। ଚହର ବ୍ରଦର୍ସଙ୍କ ବ୍ୟତୀତ ଆଇପିଏଲ ଫାଇନାଲରେ ଆଉ ଦୁଇ ଭାଇ ଖେଳୁଥିଲେ। ଅଲରାଉଣ୍ଡର ହାର୍ଦ୍ଦିକ ଓ କ୍ରୁନାଲ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳୁଥିଲେ। ଉଲ୍ଲେଖଥାଉ କି, ଦୀପକ ଓ ରାହୁଲ ଘରୋଇ କ୍ରିକେଟରେ କ୍ୟାରିୟରରେ ଆରମ୍ଭ କରିବା ପୂର୍ବରୁ ଆଗ୍ରା ଲାଗି ଖେଳୁଥିଲେ। ଦୀପକ ଭାରତ ପାଇଁ ଖେଳିସାରିଥିବାବେଳେ ରାହୁଲ ଆଇପିଏଲରେ ମିଳିଥିବା ସୁଯୋଗରୁ ଭଲ ଫାଇଦା ଉଠାଇଛନ୍ତି।

# ମୁମ୍ବାଇକୁ ଚତୁର୍ଥ ଟାଇଟଲ

**ହାଇଦ୍ରାବାଦ, ୧୩।୫ (ପି.ଟି.)**

ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ୨୦୧୯ ଆଇପିଏଲ୍ ଟାଇଟଲ ହାସଲ କରିଛି। ରବିବାର ଅନୁଷ୍ଠିତ ହାଇଭୋଲ୍ଟେଜ ଫାଇନାଲ ମ୍ୟାଚ୍‌ରେ ମୁମ୍ବାଇ ୧ ରନରେ ଚେନ୍ନାଇ ସୁପର କିଙ୍ଗ୍ସକୁ ଶେଷ ବଲ୍‌ରେ ହରାଇ ରେକର୍ଡ ଚତୁର୍ଥଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରିଥିଲା। ଜବାବରେ ଚେନ୍ନାଇ ଅନ୍ତିମ ବଲରେ ଆବଶ୍ୟକ ଦୁଇ ରନ ସଂଗ୍ରହ କରି ନ ପାରି ୭ ଉଇକେଟ ହରାଇ ୧୪୮ ରନରେ ସୀମିତ ରହିଥିଲା। ଯଶପ୍ରୀତ ବୁମ୍‌ରା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପୂର୍ବରୁ ମୁମ୍ବାଇ ୨୦୧୩, ୨୦୧୫, ୨୦୧୭ରେ ଟାଇଟଲ ହାସଲ କରିଥିଲା। ଅନ୍ୟପଟେ ଚେନ୍ନାଇ ୩ ଥର (୨୦୧୦, ୨୦୧୧, ୨୦୧୮) ଚାମ୍ପିୟନ ହୋଇଛି।

୧୫୦ ରନର ପିଛା କରି ଚେନ୍ନାଇ ପ୍ରଥମେ ଫାଫ୍ ଡୁପ୍ଲେସିଙ୍କୁ ହରାଇଥିଲା। ଡୁପ୍ଲେସି ୧୩ ବଲରୁ ୨୬ ରନ କରିଥିବା ବେଳେ କ୍ରୁନାଲ ପାଣ୍ଡ୍ୟାଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ପ୍ରଥମ ଉଇକେଟରେ ଡୁପ୍ଲେସି ଓ ଶେନ୍ ୱାଟସନ ୨୩ ବଲରୁ ୩୩ ରନ ସଂଗ୍ରହ କରିଥିଲେ। ଅଭିଜ୍ଞ ସୁରେଶ ରାଇନା ୮ ରନ କରିଥିବା ବେଳେ ରାହୁଲ ଚହରଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଦ୍ୱିତୀୟ ଉଇକେଟରେ ରାଇନା ଓ ୱାଟସନ ୩୨ ବଲରୁ ୩୭ ରନ କରିଥିଲେ। ଏହାପରେ ମାତ୍ର ୧ ରନ କରିଥିବା ବେଳେ ନିର୍ଭରଯୋଗ୍ୟ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ଉଇକେଟ କିପର କ୍ୱିଣ୍ଟନ ଡିକକ୍‌ଙ୍କୁ କ୍ୟାଚ୍ ଦେଇ ଯଶପ୍ରୀତ୍ ବୁମରାଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ମାତ୍ର ୨ ରନ କରିଥିବା ବେଳେ ଇଶାନ କିଷନଙ୍କ ଡାଇରେକ୍ଟ ଥ୍ରୋରେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ ଓ ଚେନ୍ନାଇର ସମସ୍ୟା ବଢ଼ିଯାଇଥିଲା। ତେବେ ୧୬ତମ ଓଭରରେ ଲସିଥ ମାଲିଙ୍ଗା ୨୦ ରନ ବ୍ୟୟ କରି ଚେନ୍ନାଇକୁ ସୁଯୋଗ ଦେଇଥିଲେ। ଅର୍ଦ୍ଧଶତକ ହାସଲ ପରେ ୱାଟସନ ଏକ ଜୀବନ ଦାନ ପାଇଥିଲେ ଓ ସେ ଏହାର ଭରପୂର ଫାଇଦା ଉଠାଇଥିଲେ। ୧୮ ଓଭରରେ କ୍ରୁନାଲ ପାଣ୍ଡ୍ୟା ମଧ ୨୦ ରନ ବ୍ୟୟ କରିଥିଲେ। ଡ୍ୱେନ ବ୍ରାଭୋ ୧୫ ବଲରୁ ୧ ଛକା ସହ ୧୫ ରନ ବୁମ୍‌ରାଙ୍କ ବଲରେ ଡିକକ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ପଞ୍ଚମ ଉଇକେଟ ଯୋଡ଼ିରେ ୩୪ ବଲରୁ ୱାଟସନ ଓ ବ୍ରାଭୋ ୫୧ ରନ ସଂଗ୍ରହ କରିଥିଲେ। ଅନ୍ତିମ ଓଭରରେ ବିଜୟ ପାଇଁ ୯ ରନ ଆବଶ୍ୟକ ହେଉଥିବା ବେଳେ ଚତୁର୍ଥ ବଲ୍‌ରେ ୱାଟସନ ୫୯ଟି ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୪ ଛକା ସହ ୮୦ ରନ କରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ। ଫଳରେ ମ୍ୟାଚ୍‌ର ରୋମାଞ୍ଚ ବଢ଼ିଯାଇଥିଲା। ଅନ୍ତିମ ବଲ୍‌ରେ ବିଜୟ ପାଇଁ ୨ ରନ ଆବଶ୍ୟକ ହେଉଥିବା ବେଳେ ଶାର୍ଦ୍ଦୁଳ ଠାକୁର ମାଲିଙ୍ଗାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଫଳରେ ମୁମ୍ବାଇ ୧ ରନରେ ବାଜି ମାରିଥିଲା। ଶେଷରେ ୱାଟସନଙ୍କ ଲଢ଼ୁଆ ଇନିଂସ ବେକାର ସାବ୍ୟସ୍ତ ହୋଇଥିଲା। ବୋଲିଂରେ ମୁମ୍ବାଇ ତରଫରୁ ବୁମରା ୨, କ୍ରୁନାଲ, ମାଲିଙ୍ଗା ଓ ରାହୁଲ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ମୁମ୍ବାଇ ଆରମ୍ଭରୁ ଓପନର ତଥା ଅଧିନାୟକ ରୋହିତ ଶର୍ମା ଓ ସାଥୀ ଓପନର କ୍ୱିଣ୍ଟନ ଡିକକ୍ ଧୂଆଁଧାର ବ୍ୟାଟିଂର ନମୁନା ପ୍ରଦର୍ଶନ କରିଥିଲେ। ତେବେ ଡିକକ୍ ୧୭ଟି ବଲ୍ ଖେଳି ୪ ଛକା ସହ ୨୯ ରନ କରିଥିବା ବେଳେ ଶାର୍ଦ୍ଦୁଳ ଠାକୁରଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ଏହାର ଠିକ୍ ଦୁଇଟି ବଲ୍ ପରେ ରୋହିତ ଦୀପକ ଚହରଙ୍କ ବଲରେ କ୍ୟାଚ୍ ହୋଇଥିଲେ। ଚହର ଦ୍ୱିତୀୟ ଓଭରରେ କୌଣସି ରନ୍ ନ ଦେଇ ମେଡେନ ନେବା ସହ ଗୋଟିଏ ଉଇକେଟ ନେଇଥିଲେ। ରୋହିତ ୧୪ ବଲରୁ ଗୋଟିଏ ଲେଖାଏ ଚୌକା ଓ ଛକା ସହ ୧୫ ରନ ସଂଗ୍ରହ କରିଥିଲେ। ଏହାପରେ ସୂର୍ଯ୍ୟକୁମାର ଯାଦବ ଓ ଇଶାନ କିଷନ ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରି ତୃତୀୟ ଉଇକେଟରେ ୩୬ ବଲରୁ ୩୭ ରନ ସଂଗ୍ରହ କରିଥିଲେ। ତେବେ ସୂର୍ଯ୍ୟକୁମାର ୧୫ ରନ କରି ଇମ୍ରାନ ତାହିରଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଅଲରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା ୭ ରନ କରି ଠାକୁରଙ୍କ ଦ୍ୱାର କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଏହାପରେ ଇଶାନ ୨୬ଟି ବଲରୁ ୩ ଚୌକା ସହ ୨୩ ରନ କରିଥିଲେ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ମଧ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଚମକ ଦେଖାଇପାରି ନ ଥିଲେ। ସେ ୧୦ଟି ବଲ୍ ଖେଳି ଗୋଟିଏ ଲେଖାଏ ଚୌକା ଓ ଛକା ସହ ମାତ୍ର ୧୬ ରନ କରି ଚହରଙ୍କ ଦ୍ୱାର ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ରାହୁଲ ଖାତା ଖୋଲିବା ପୂର୍ବରୁ ଡୁପ୍ଲେସିଙ୍କୁ କ୍ୟାଚ୍ ଦେଇ ଚହରଙ୍କ ତୃତୀୟ ଶିକାର ହୋଇଥିଲେ। ୧୯ତମ ଓଭରର ଦ୍ୱିତୀୟ ଓ ଚତୁର୍ଥ ବଲ୍‌ରେ ଚହର ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରିଥିଲେ। ରନ ନେବାକୁ ପ୍ରୟାସ କରି ମିଚେଲ ମ୍ୟାକ୍କ୍ଲିନହାନ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ୍ ହୋଇଥିଲେ। ମୁମ୍ବାଇ ୧୯ତମ ଓଭରରେ ଦୁଇ ଉଇକେଟ ହରାଇବା ସହ ୪ ଓ ଅନ୍ତିମ ଓଭରରେ ଗୋଟିଏ ଉଇକେଟ ହରାଇବା ସହ ମାତ୍ର ୮ ରନ କରିଥିଲା। ଫଳରେ ଦଳର ସ୍କୋର ଦେଢଶହ ମଧ୍ୟରେ ସୀମିତ ରହିଥିଲା। କିରନ ପୋଲାର୍ଡ ନିଜ ଜନ୍ମଦିନରେ ୨୫ ବଲରୁ ୩ଟି ଲେଖାଏ ଚୌକା ଓ ଛକା ସହ ୪୧ ରନ କରି ଅପରାଜିତ ରହିଥିଲେ। ଚେନ୍ନାଇ ତରଫରୁ ଚହର ସର୍ବାଧିକ ୩, ତାହିର ଓ ଠାକୁର ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ।




ମହେନ୍ଦ୍ର ସିଂ ଧୋନୀ ରନର୍ସଅପ୍ ପୁରସ୍କାର ରାଶି ଗ୍ରହଣ କରୁଛନ୍ତି।

### ପୁରସ୍କାର ରାଶି

**ଚାମ୍ପିୟନ:** ମୁମ୍ବାଇ ଇଣ୍ଡିଆନ୍ସ–୨୫ କୋଟି
**ରନର୍ସଅପ୍:** ଚେନ୍ନାଇ ସୁପର୍ କିଙ୍ଗ୍ସ– ୧୨.୫ କୋଟି
**୩ୟ ସ୍ଥାନ:** ଦିଲ୍ଲୀ କ୍ୟାପିଟାଲ୍ସ– ୧୦.୫ କୋଟି
**୪ର୍ଥ ସ୍ଥାନ:** ସନ୍‌ରାଇଜର୍ସ ହାଇଦ୍ରାବାଦ– ୮.୫ କୋଟି
**ଅରେଞ୍ଜ କ୍ୟାପ୍ ବିଜେତା:** ଡେଭିଡ୍ ୱାର୍ନର– ୧୦ ଲକ୍ଷ
**ପର୍ପଲ କ୍ୟାପ୍ ବିଜେତା:** ଇମ୍ରାନ ତାହିର– ୧୦ ଲକ୍ଷ
**ମୋଷ୍ଟ ଭ୍ୟାଲୁଏବଲ ପ୍ଲେୟାର (ଏମ୍‌ଭିପି):** ଆନ୍ଦ୍ରେ ରସେଲ– ୧୦ ଲକ୍ଷ
**ବେଷ୍ଟ ଷ୍ଟ୍ରାଇକ୍ ରେଟ୍ ଆୱାର୍ଡ:** ଆନ୍ଦ୍ରେ ରସେଲ
**ସିଜନ ବେଷ୍ଟ କ୍ୟାଚ୍:** କିରନ ପୋଲାର୍ଡ
**ଫେୟାର ପ୍ଲେ ଆୱାର୍ଡ:** ସନ୍‌ରାଇଜର୍ସ ହାଇଦ୍ରାବାଦ
**ଇମର୍ଜିଂ ପ୍ଲେୟାର:** ଶୁବମନ ଗିଲ୍
**ମ୍ୟାନ ଅଫ୍ ଦି ମ୍ୟାଚ୍:** ଯଶପ୍ରୀତ୍ ବୁମରା
**ବେଷ୍ଟ ଗ୍ରାଉଣ୍ଡ:** ପଞ୍ଜାବ ଓ ହାଇଦ୍ରାବାଦ କ୍ରିକେଟ ଆସୋସିଏଶନ

### ସଂକ୍ଷିପ୍ତ ସ୍କୋର

■ ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୪୯/୮ (ପୋଲାର୍ଡ- ୪୧*, ଡିକକ୍- ୨୯, ଇଶାନ-୨୩, ରୋହିତ- ୧୫, ସୂର୍ଯ୍ୟକୁମାର- ୧୫, ହାର୍ଦ୍ଦିକ- ୧୬, ଚହର- ୩/୨୬, ଠାକୁର- ୨/୩୭, ତାହିର- ୨/୨୩ )।

■ ଚେନ୍ନାଇ ସୁପର କିଙ୍ଗ ୨୦ ଓଭରରେ ୧୪୮/୭ (ୱାଟସନ- ୮୦, ଡୁପ୍ଲେସି- ୨୬, ବୁମରା- ୨/୧୪, କ୍ରୁନାଲ- ୧/୩୯, ମାଲିଙ୍ଗା- ୧/୪୯, ରାହୁଲ- ୧/୧୪ )।

### ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ (ଅରେଞ୍ଜ କ୍ୟାପ୍)

| ଖେଳାଳି | ଟିମ୍ | ରନ୍ | ଆଭରେଜ |
|---|---|---|---|
| ଡେଭିଡ୍ ୱାର୍ନର | ହାଇଦ୍ରାବାଦ୍ | ୬୯୨ | ୬୯.୨୦ |
| ଲୋକେଶ ରାହୁଲ | ପଞ୍ଜାବ | ୫୯୩ | ୫୩.୯୧ |
| କ୍ୱିଣ୍ଟନ ଡି କକ୍ | ମୁମ୍ବାଇ | ୫୨୯ | ୩୫.୭୧ |
| ଶିଖର ଧାୱନ | ଦିଲ୍ଲୀ | ୫୨୧ | ୩୪.୭୩ |
| ଆନ୍ଦ୍ରେ ରସେଲ | କୋଲକାତା | ୫୧୦ | ୫୬.୬୭ |

### ସର୍ବାଧିକ ଉଇକେଟ୍ ସଂଗ୍ରହକାରୀ ବୋଲର (ପର୍ପଲ କ୍ୟାପ୍)

| ଖେଳାଳି | ଟିମ୍ | ବଲ୍ | ଉଇକେଟ୍ |
|---|---|---|---|
| ଇମ୍ରାନ ତାହିର | ଚେନ୍ନାଇ | ୩୯୨ | ୨୬ |
| କାଗିସୋ ରାବାଡ଼ା | ଦିଲ୍ଲୀ | ୨୮୨ | ୨୫ |
| ଦୀପକ ଚହର | ଚେନ୍ନାଇ | ୩୮୭ | ୨୨ |
| ଶ୍ରେୟାସ ଗୋପାଳ | ରାଜସ୍ଥାନ | ୨୮୮ | ୨୦ |
| ଖଲିଲ୍ ଅହମ୍ମଦ | ହାଇଦ୍ରାବାଦ୍ | ୨୦୯ | ୧୯ |



“ଭାରତର ୧୫ ଜଣିଆ ଦଳ ସନ୍ତୁଳିତ ହୋଇପାରେ ହେଲେ ଫର୍ମାଟରେ ପରିବର୍ତ୍ତନ ଯୋଗୁ କୌଣସି ଦଳକୁ ଫେଭରାଇଟ୍ କହି ହେବନି।
–ଜଣ୍ଟି ରୋଡ୍ସ, ଦକ୍ଷିଣ ଆଫ୍ରିକାର ପୂର୍ବତନ କ୍ରିକେଟର



“ଏଥର ଆଇପିଏଲ ସିଜନରେ କିଛି ଭିନ୍ନ କରି ଦେଖାଇବା ମୋର ଲକ୍ଷ୍ୟ ଥିଲା, ମାତ୍ର ମୋର ପ୍ରଦର୍ଶନ ମିଶ୍ରିତ ରହିଲା।
–ଶୁବମନ ଗିଲ୍, କୋଲକାତା ନାଇଟ ରାଇଡର୍ସ ଖେଳାଳି

## ସଂକ୍ଷେପରେ

### ରାଇଜିଂ ଷ୍ଟୁଡେଣ୍ଟ-ପନଜିମ ଫୁଟବଲର୍ସ ମ୍ୟାଚ୍ ଡ୍ର

**କଟକ ଅଫିସ,୧୩।୫:**ପଞ୍ଜାବର ଲୁଧିଆନାସ୍ଥିତ ଗୁରୁନାନକ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଭାରତୀୟ ମହିଳା ଫୁଟବଲ ଲିଗ୍‌ରେ ଓଡ଼ିଶାର ରାଇଜିଂ ଷ୍ଟୁଡେଣ୍ଟ ଓ ଗୋଆର ପନଜିମ ଫୁଟବଲର୍ସ ମଧ୍ୟରେ ମ୍ୟାଚ୍ ଡ୍ର ରହିଛି । ଫଳରେ ଟୁର୍ନାମେଣ୍ଟରେ ପଏଣ୍ଟ ଖାତା ଖୋଲିଛି ରାଇଜିଂ ଷ୍ଟୁଡେଣ୍ଟ। ପୂର୍ବରୁ ୩ଟି ମ୍ୟାଚ୍‌ରେ ଓଡିଶାର ଏହି ଦଳ ପରାଜୟ ବରଣ କରିଥିଲା । ପନଜିମ ଫୁଟବଲର୍ସ ପକ୍ଷରୁ ପ୍ରଥମାର୍ଦ୍ଧର ୧୯ତମ ମିନିଟରେ ଏସ୍. କରିସ୍ମା ପ୍ରଥମ ଗୋଲ ସ୍କୋର କରିଥିଲେ । ପରେ ୪୩ତମ ମିନିଟରେ ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ସତ୍ୟବତୀ ଖାଡ଼ିଆ ଏକ ଗୋଲ ଦେଇ ମ୍ୟାଚକୁ ସମାନ ସ୍ଥିତିରେ ପହଞ୍ଚାଇଥିଲେ। ପରବର୍ତ୍ତୀ ସମୟରେ କୌଣସି ଗୋଲ ହୋଇ ନ ଥିଲା ।

### କାନାଡା ପାରା ବ୍ୟାଡମିଣ୍ଟନ
### ପ୍ରମୋଦଙ୍କୁ ଗୋଟିଏ ରୌପ୍ୟ, ବ୍ରୋଞ୍ଜ

**କଟକ ଅଫିସ,୧୩।୫:** କାନାଡାର ଓଣ୍ଟାରିଓ ସହରସ୍ଥିତ ମେଣ୍ଟେଟିଟ ଇନଡୋର ଷ୍ଟାଡିୟମରେ ଅନୁଷ୍ଠିତ କାନାଡା ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରମୋଦ ଭଗତ ୨ଟି ପଦକ ଜିତିଛନ୍ତି। ପ୍ରମୋଦ ସିଙ୍ଗଲ୍ସ ବିଭାଗରେ ବ୍ରୋଞ୍ଜ ଓ ଡବଲ୍ସରେ ରୌପ୍ୟ ପଦକ ହାସଲ କରିଛନ୍ତି । ସିଙ୍ଗଲ୍ସର ସେମିଫାଇନାଲରେ ପ୍ରମୋଦ ଇଂଲଣ୍ଡର ପ୍ରତିଦ୍ୱନ୍ଦୀ ଡାନିଏଲ ବେଥେଲଙ୍କଠାରୁ ପରାସ୍ତ ହୋଇଥିଲେ। ପ୍ରଥମ ସେଟକୁ ପ୍ରମୋଦ ୨୧-୧୯ରେ ଜିତିଥିଲେ। ଦ୍ୱିତୀୟ ସେଟକୁ ବେଥେଲ ପ୍ରତ୍ୟାବର୍ତ୍ତନ କରିବା ସହ ୨୧-୧୪ରେ ଜିତିଥିଲେ । ୩ୟ ତଥା ନିର୍ଣ୍ଣାୟକ ସେଟ୍‌ରେ ଜୋରଦାର ମୁକାବିଲା ହୋଇଥିବା ବେଳେ ୨୦-୧୬ ପଏଣ୍ଟରେ ବେଥେଲ ବିଜୟୀ ହୋଇ ପ୍ରମୋଦଙ୍କୁ ଫାଇନାଲରୁ ବଞ୍ଚିତ କରିଥିଲେ । ଡବଲ୍ସ ବିଭାଗର ଫାଇନାଲରେ ପ୍ରମୋଦ-ମନୋଜ ସରକାରଙ୍କ ଯୋଡ଼ି ୧୯-୨୧, ୧୦-୨୧ ସେଟରେ ଇଣ୍ଡୋନେସିଆର ଫେଡ୍ରି ସତ୍ୟବାନ-ଡୁକୋୟୋଙ୍କଠାରୁ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି ।

## ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ
# ଟିକେଟ ବିକ୍ରି ଆଜିଠାରୁ

ଭୁବନେଶ୍ୱର, ୧୩।୫(କ୍ରୀଡ଼ା ପ୍ରତିନିଧି)

ପୁଣି ଫେରିଛି ହକି ଫିଭର। ହକି ବିଶ୍ୱକପକୁ ସଫଳତାର ସହ ଆୟୋଜନ କରି ପ୍ରଶଂସା ଗୋଟେଇଥିବା କଳିଙ୍ଗ ଷ୍ଟାଡିୟମରେ ନିକଟରେ ଆରମ୍ଭ ହେବାକୁ ଯାଉଛି ଆଉ ଏକ ହକି ଟୁର୍ନାମେଣ୍ଟ। ଏଫଆଇଏଚ୍ (ଅନ୍ତର୍ଜାତୀୟ ହକି ଫେଡେରେଶନ) ସିରିଜ ଫାଇନାଲ୍ସ କଳିଙ୍ଗରେ ଜୁନ୍ ୬ରୁ ଆରମ୍ଭ ହେବ। ୧୦ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତା ପାଇଁ ମଙ୍ଗଳବାରଠାରୁ ଅନ୍‌ଲାଇନ୍ ଟିକେଟ ବିକ୍ରି ହେବ। ଟିକେଟ୍ (https://in.ticketgenie.in)ରେ ପୂର୍ବାହ୍ନ ୧୧ଟାଠାରୁ ଉପଲବ୍ଧ ହେବ। ସକାଳ ୮ଟା ୪୫ରେ ହେବାକୁଥିବା ମ୍ୟାଚ ଗୁଡ଼ିକୁ ଦର୍ଶକମାନେ ମାଗଣାରେ ଦେଖିପାରିବେ। ହକି ଇଣ୍ଡିଆ ପକ୍ଷରୁ ସୋମବାର ଏହା ସ୍ପଷ୍ଟ କରାଯାଇଛି।

ଏହି ଟୁର୍ନାମେଣ୍ଟ ୨୦୨୦ ଅଲିମ୍ପିକ୍ସ କ୍ୱାଲିଫାଇଂ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ପର୍ଯ୍ୟାୟ ଭାବେ ବିବେଚିତ। ଏଥିରେ ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଜାପାନ, ମେକ୍ସିକୋ, ଆମେରିକା, ପୋଲାଣ୍ଡ, ଦକ୍ଷିଣ ଆଫ୍ରିକା, ରୁଷିଆ, ଉଜ୍‌ବେକିସ୍ତାନ ଓ ଆୟୋଜକ ଭାରତ ଅଂଶଗ୍ରହଣ କରିବେ। ଅଲିମ୍ପିକ୍ସ ଯୋଗ୍ୟତା ହାସଲ ଲକ୍ଷ୍ୟରେଥିବା ଭାରତ ଅନ୍ୟ ୭ ଦଳ ତୁଳନାରେ ଉଚ୍ଚ ର୍‍ୟାଙ୍କ୍‌ପ୍ରାପ୍ତ ଦଳ। ଲିଗ୍ ପର୍ଯ୍ୟାୟ ପାଇଁ ଟିକେଟ ଦର ଇଷ୍ଟ ଷ୍ଟାଣ୍ଡ ଲାଗି ୨୦୦ଟଙ୍କା ଲେଖାଏ ରଖାଯାଇଛି। ସେହିପରି ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ପାଇଁ ଟିକେଟ ମୂଲ୍ୟ ୧୦୦ଟଙ୍କା ରଖାଯାଇଛି। ସେମିଫାଇନାଲ ଓ ଫାଇନାଲ ପାଇଁ ଇଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୨୫୦ ଓ ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ଲାଗି ୧୫୦ ଟଙ୍କା ଲେଖାଏ ଧାର୍ଯ୍ୟ କରାଯାଇଛି।



ପ୍ରତିଯୋଗିତାର ସକାଳ ମ୍ୟାଚ ଗୁଡ଼ିକ ୬, ୭, ୧୦, ୧୨ ଓ ୧୪ ତାରିଖରେ ଅନୁଷ୍ଠିତ ହେବ। ଦର୍ଶକଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ଆୟୋଜକ କମିଟି ପକ୍ଷରୁ ଏଣ୍ଟ୍ରି ଫ୍ରି କରାଯାଇଛି। ପ୍ରଥମେ ଷ୍ଟାଡିୟମରେ ପ୍ରବେଶ କରିଥିବା ଦର୍ଶକଙ୍କୁ ଅଗ୍ରାଧିକାର ଦିଆଯିବ। “ଓଡ଼ିଶା ନିକଟ ଅତୀତରେ ଦେଶର ସବୁଠାରୁ ଶ୍ରେଷ୍ଠ ଓ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ସ୍ପୋର୍ଟିଂ ଇଭେଣ୍ଟମାନ ଆୟୋଜନ କରିଆସିଛି। ଓଡ଼ିଶାରେ ହକି ପ୍ରତି ଭଲପାଇବା ଥିବାରୁ କଳିଙ୍ଗ ଷ୍ଟାଡିୟମରେ ସବୁବେଳେ ଭରପୂର ଦର୍ଶକ ଦେଖିବାକୁ ମିଳେ। ଏଥର ମଧ୍ୟ ତାହା ହେବାନେଇ ଆମେ ଆଶା ରଖିଛୁ। ସାମୁଦ୍ରିକ ଝଡ଼ ଫନୀର ପ୍ରଭାବ ସତ୍ତ୍ୱେ ଓଡ଼ିଶା ସରକାର ପ୍ରତିଯୋଗିତା ଆୟୋଜନ ପାଇଁ ଆବଶ୍ୟକ ପଦକ୍ଷେପ ନେଇଛନ୍ତି। ଦର୍ଶକଙ୍କୁ ଉତ୍ସାହିତ କରିବା ପାଇଁ ଆମେ ସକାଳବେଳା ମାଗଣାରେ ମ୍ୟାଚ ଦେଖାଇବା ନିଷ୍ପତ୍ତି ନେଇଛୁ। ଦର୍ଶକମାନେ ମ୍ୟାଚ ଗୁଡ଼ିକୁ ଉପଭୋଗ କରିବେ ଏବଂ ପୂର୍ବଭଳି ଏହି ପ୍ରତିଯୋଗିତା ମଧ୍ୟ ସଫଳ ହେବା ନେଇ ଆମେ ଆଶା ରଖିଛୁ” ବୋଲି ହକି ଇଣ୍ଡିଆ ସଭାପତି ମହମ୍ମଦ ମୁସ୍ତାକ ଅହମଦ ପ୍ରକାଶ କରିଛନ୍ତି। ଟିକେଟ ରିଡମ୍ପଶନ ତାରିଖ ପରେ ଜଣାଇ ଦିଆଯିବ ବୋଲି ସେ କହିଛନ୍ତି।

ସୂଚନା ଯୋଗ୍ୟ ଯେ, ଯଦି ଜାପାନ ଟପ୍-୨ ଫିନିଶ୍ କରେ ତେବେ ଅଲିମ୍ପିକ୍ସ କ୍ୱାଲିଫାୟର ପାଇଁ ଯୋଗ୍ୟ ବିବେଚିତ ହେବନାହିଁ। କାରଣ ଜାପାନ ୨୦୨୦ ଅଲିମ୍ପିକ୍ସ ଆୟୋଜକ ଏବଂ ଏସିଆନ ଗେମ୍ସ ଚାମ୍ପିୟନ ଭାବେ ଅଲିମ୍ପିକ୍ସ ଯୋଗ୍ୟତା ପାଇ ସାରିଛି। ଯଦି ଜାପାନ ଟପ୍-୨ରେ ରୁହେ ତେବେ ୩ୟ ସ୍ଥାନୀୟ ଦଳ ଆପେଆପେ ଅଲିମ୍ପିକ୍ସ କ୍ୱାଲିଫାୟର ପାଇଁ ଯୋଗ୍ୟତା ଅର୍ଜନ କରିବ ନାହିଁ। ଏ କ୍ଷେତ୍ରରେ ୨୦୧୯ ସେପ୍ଟେମ୍ବର ୮ ସୁଦ୍ଧା ମହାଦେଶୀୟ ଚାମ୍ପିୟନଶିପ ଗୁଡ଼ିକର ଫଳାଫଳ ଭିତ୍ତିରେ ଏଫଆଇଏଚ୍ ବିଶ୍ୱ ର୍‍ୟାଙ୍କିଙ୍ଗ୍‌କୁ ମାନଦଣ୍ଡଭାବେ ଧରାଯିବ।

**ଟିକେଟ ମୂଲ୍ୟ**

ସକାଳ ମ୍ୟାଚ: ମାଗଣାରେ ପ୍ରବେଶ

**ଲିଗ୍ ପର୍ଯ୍ୟାୟ (ଅପରାହ୍ନ/ରାତି)**

ଇଷ୍ଟ ଷ୍ଟାଣ୍ଡ: ୨୦୦ଟଙ୍କା, ନର୍ଥ ଓ ସାଉଥ୍ ଷ୍ଟାଣ୍ଡ: ୧୦୦ଟଙ୍କା।

**ସେମିଫାଇନାଲ/ଫାଇନାଲ**

ଇଷ୍ଟ ଷ୍ଟାଣ୍ଡ: ୨୫୦ଟଙ୍କା, ନର୍ଥ ଓ ସାଉଥ୍ ଷ୍ଟାଣ୍ଡ: ୧୫୦ ଟଙ୍କା

**କାର୍ଯ୍ୟସୂଚୀ**

| ତାରିଖ | ମ୍ୟାଚ | ସମୟ |
|---|---|---|
| ଜୁନ ୬ | ଦକ୍ଷିଣ ଆଫ୍ରିକା ବନାମ ଆମେରିକା | ସକାଳ ୮ଟା ୪୫ |
| | ପୋଲାଣ୍ଡ ବନାମ ଉଜ୍‌ବେକିସ୍ତାନ | ଅପରାହ୍ନ ୫ଟା |
| | **ଭାରତ ବନାମ ରୁଷିଆ** | **ରାତି ୭ଟା** |
| ଜୁନ ୭ | ଜାପାନ ବନାମ ମେକ୍ସିକୋ | ସକାଳ ୮ଟା ୪୫ |
| | ରୁଷିଆ ବନାମ ଉଜ୍‌ବେକିସ୍ତାନ | ଅପରାହ୍ନ ୫ଟା |
| | **ଭାରତ ବନାମ ପୋଲାଣ୍ଡ** | **ରାତି ୭ଟା** |
| ଜୁନ ୮ | ଆମେରିକା ବନାମ ମେକ୍ସିକୋ | ଅପରାହ୍ନ ୫ଟା |
| | ଜାପାନ ବନାମ ଦକ୍ଷିଣ ଆଫ୍ରିକା | ରାତି ୭ଟା |
| ଜୁନ ୯ | ରୁଷିଆ ବନାମ ପୋଲାଣ୍ଡ | ରାତି ୭ଟା |
| ଜୁନ ୧୦ | ଆମେରିକା ବନାମ ଜାପାନ | ସକାଳ ୮ଟା ୪୫ |
| | ଦକ୍ଷିଣ ଆଫ୍ରିକା ବନାମ ମେକ୍ସିକୋ | ଅପରାହ୍ନ ୫ଟା |
| | **ଭାରତ ବନାମ ଉଜ୍‌ବେକିସ୍ତାନ** | **ରାତି ୭ଟା** |
| ଜୁନ ୧୧ | ବିଶ୍ରାମ ଦିବସ | |
| ଜୁନ ୧୨ | ୭-୮ ପ୍ଲେସିଂ ମ୍ୟାଚ | ସକାଳ ୮ଟା୪୫ |
| | କ୍ରସ୍ ଓଭର-୧ | ଅପରାହ୍ନ ୫ଟା |
| | କ୍ରସ୍ ଓଭର-୨ | ରାତି ୭ଟା୧୫ |
| ଜୁନ ୧୩ | ବିଶ୍ରାମ ଦିବସ | |
| ଜୁନ ୧୪ | ୫-୬ ପ୍ଲେସିଂ ମ୍ୟାଚ | ସକାଳ ୮ଟା ୪୫ |
| | ସେମିଫାଇନାଲ-୧ | ଅପରାହ୍ନ ୫ଟା |
| | ସେମିଫାଇନାଲ-୨ | ରାତି ୭ଟା୧୫ |
| ଜୁନ ୧୫ | ତୃତୀୟ ସ୍ଥାନ ପ୍ଲେ-ଅଫ୍ | ଅପରାହ୍ନ ୫ଟା |
| | **ଫାଇନାଲ** | **ରାତି ୭ଟା ୧୫** |

## ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍ ଉଦ୍‌ଯାପିତ
# ଭଦ୍ରକକୁ ଚାମ୍ପିୟନଶିପ୍ ଟ୍ରଫି

ଭଦ୍ରକ ଅଫିସ, ୧୩।୫

ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଓଡ଼ିଶା(ତାଓ) ଆନୁକୂଲ୍ୟରେ ଭଦ୍ରକ ଅଗ୍ରସେନ ଭବନରେ ଆୟୋଜିତ ଦୁଇଦିନିଆ ୧୮ତମ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ବିଜୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଦକ୍ଷିଣକୋରିଆ ଟାଏକୋଣ୍ଡୋ ମାଷ୍ଟର୍ସ ଆସୋସିଏଶନର ଭାରତ ସଭାପତି ଜିଅଙ୍ଗ୍ ସିଅଙ୍ଗ୍ କୁକ୍ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ତାଓ ସଦସ୍ୟ ସନାତନ ବିଜୁଳି, ଓଡ଼ିଶା ବାର୍ କାଉନସିଲ ସଦସ୍ୟ ଆଇନଜୀବୀ ପବନ ଶର୍ମା, କାର୍ମେଲ୍ ସ୍କୁଲ୍ ଅଧ୍ୟକ୍ଷା ସିଷ୍ଟର ବିନିତା ଓ ବେଙ୍ଗଲ୍ (ଆମେଚର) ଟାଏକୋଣ୍ଡୋ ଆସୋସିଏଶନର ସାଧାରଣ ସମ୍ପାଦକ ରୂପ୍ କମଲ୍ ନନ୍ଦୀ ଅନ୍ୟତମ ଅତିଥି ରୂପେ ଯୋଗ ଦେଇଥିଲେ। ଦୀର୍ଘ ୫ ବର୍ଷର ବ୍ୟବଧାନ ପରେ ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଭଦ୍ରକ ୨୧ଟି ସ୍ୱର୍ଣ୍ଣ ପଦକ ହାସଲ କରି ଏହାର ସମ୍ପାଦକ ସଂଗ୍ରାମ ତ୍ରିପାଠୀ ଓ ପ୍ରଶିକ୍ଷକ ଧନେଶ୍ୱର ଜେନା ମୁଖ୍ୟଅତିଥିଙ୍କଠାରୁ ମର୍ଯ୍ୟାଦାଜନକ ଚାମ୍ପିୟନ୍‌ଶିପ୍ ଟ୍ରଫି ଗ୍ରହଣ କରିଥିଲେ। ସେହିପରି ୧୩ଟି ସ୍ୱର୍ଣ୍ଣପଦକ ପାଇଥିବା ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଯାଜପୁରର ସମ୍ପାଦକ ଦଶରଥ ସ୍ୱାଇଁଙ୍କୁ ମୁଖ୍ୟଅତିଥି ରନର୍ସଅପ୍ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ରୂପ୍ କମଲ୍ ନନ୍ଦୀ ଶୃଙ୍ଖଳା ପାଇଁ ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଯାଜପୁର ଟିମ୍‌କୁ ଫେୟାର୍ ପ୍ଲେ ଟ୍ରଫି ପ୍ରଦାନ କରିଥିଲେ। ଫନୀ ପ୍ରଭାବିତ କଟକ ଜିଲାରୁ ଶତାଧିକ ପ୍ରତିଯୋଗୀ ଏହି ସଂସ୍କରଣରେ ଅଂଶଗ୍ରହଣ କରିଥିବାରୁ ଅନ୍ୟତମ ଅତିଥି ସନାତନ ବିଜୁଳି ଟାଏକୋଣ୍ଡୋ ଆସୋସିଏଶନ ଅଫ୍ କଟକର ସମ୍ପାଦକ ସୁଧାକର ଜେନାଙ୍କୁ ସ୍ୱତନ୍ତ୍ର ସମ୍ମାନସୂଚକ ଟ୍ରଫି ପ୍ରଦାନ କରିଥିଲେ। ବାଟା ସମ୍ପାଦକ ରୂପ୍ କମଲ୍ ନନ୍ଦୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଅଧ୍ୟାପକ ବିଜୟ କୁମାର ଜେନା। ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଓଡ଼ିଶାର ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ତାଓ ଯୁଗ୍ମ ସମ୍ପାଦକ ଅଧ୍ୟାପକ ଯୋଗେଶ୍ୱର ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ଭଦ୍ରକ: ଜଣେ କୃତୀ ଟାଏକୋଣ୍ଡୋ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ମ୍ୟାଚ ଡ୍ର ରଖିଲା ଭାରତ

ପର୍ଥ,୧୩।୫(ପିଟି)

ଭାରତୀୟ ଡ୍ରାଗଫ୍ଲିକର ହରମନପ୍ରୀତ ସିଂଙ୍କ ଅନ୍ତିମ ମିନିଟ୍ ଗୋଲ ବଳରେ ଭାରତୀୟ ହକି ଦଳ ଅଷ୍ଟ୍ରେଲିଆ ‘ଏ’ଠାରୁ ପରାଜୟରୁ ଅଳ୍ପକେ ବର୍ତ୍ତିଯାଇଛି। ଭାରତୀୟ ଦଳ ମ୍ୟାଚ୍ ଆରମ୍ଭରୁ ଘରୋଇ ଦଳର କ୍ରମାଗତ ଦୁଇଟି ଆକ୍ରମଣକୁ ବିଫଳ କରିଥିଲା। ହେଲେ ଅଷ୍ଟ୍ରେଲିଆ ଏ’ ଆକ୍ରମଣ ଜାରି ରଖି ଭ୍ରମଣକାରୀ ଦଳକୁ ଚାପରେ ପକାଇ ଦେଇଥିଲା। ୨୧ତମ ମିନିଟ୍‌ରେ କିରନ ଅରୁନାସାଲାମଙ୍କ ଗୋଲ ଯୋଗୁ ଭାରତୀୟ ଦଳ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ୦-୧ ଗୋଲରେ ପଛୁଆ ରହିଥିଲା। ଜବାବରେ ଭାରତୀୟ ଦଳ ୩ଟି ପେନାଲ୍ଟି କର୍ନର ସହ କେତେକ ଫିଲ୍ଡ ଗୋଲ କରିବାର ସୁଯୋଗ ହାତଛଡ଼ା କରିଥିଲା। ଅନ୍ୟପକ୍ଷରେ ଘରୋଇ ଦଳକୁ ଆଉ ଗୋଲ ସ୍କୋର କରିବାକୁ ଦେଇ ନ ଥିଲା ଭାରତୀୟ ଡିଫେନ୍ସ ଭାଗ। ଶେଷରେ ମ୍ୟାଚ୍‌ର ୫୬ତମ ମିନିଟ୍‌ରେ ହରମନପ୍ରୀତ ଦ୍ୱିତୀୟ ଉଦ୍ୟମରେ ଗୋଲ ଦେଇ ମ୍ୟାଚ୍‌କୁ ବରାବର କରିଥିଲେ। ପୂର୍ବ ମ୍ୟାଚ୍‌ରେ ଆମେ ଭଲ ଖେଳିଥିଲୁ। ମାତ୍ର ଏହି ମ୍ୟାଚ୍‌ର ପ୍ରଥମ ୧୦ ମିନିଟ୍‌ରେ ଆମ ପ୍ରଦର୍ଶନ ଆଶାନୁଯାୟୀ ନ ଥିଲା। ଏହାପରେ ୨ୟ, ୩ୟ ଓ ୪ର୍ଥ କ୍ୱାର୍ଟରରେ ଆମେ ମ୍ୟାଚ୍ ଜିତିବା ପାଇଁ ଯଥେଷ୍ଟ ସୁଯୋଗ ସୃଷ୍ଟି କରିଥିଲୁ। ଆମକୁ ପରବର୍ତ୍ତୀ ମ୍ୟାଚ୍‌ରେ ଭଲ ଆରମ୍ଭ ଦରକାର ବୋଲି ଭାରତୀୟ ଦଳର ନୂଆ କୋଚ୍ ଗ୍ରାହାମ ରେଡ କହିଛନ୍ତି। ଭାରତୀୟ ଦଳ ବୁଧବାର ଅଷ୍ଟ୍ରେଲିଆ ଜାତୀୟ ଦଳ ସହ ଖେଳିବ।



ଭାରତ ଓ ଅଷ୍ଟ୍ରେଲିଆ-ଏ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ।

# ‘ଭାରତ ନିକଟରେ ଅଭିଜ୍ଞତା, ଦକ୍ଷତା ରହିଛି’

ମୁମ୍ବାଇ,୧୩।୫(ପି.ଟି.)

ଆଇସିସି ବିଶ୍ୱକପ୍
ଆଉ ୧୫ ଦିନ

ଇଂଲଣ୍ଡରେ ଆରମ୍ଭ ହେବାକୁ ଯାଉଥିବା ଆନ୍ତର୍ଜାତିକ କ୍ରିକେଟ କାଉନସିଲ୍ (ଆଇସିସି) ଦିନିକିଆ ବିଶ୍ୱକପ୍‌ରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଭଲ ପ୍ରଦର୍ଶନ କରିପାରିବ ବୋଲି ପୂର୍ବତନ ଅଲରାଉଣ୍ଡର ମହିନ୍ଦର ଅମରନାଥ କହିଛନ୍ତି। ଭାରତ ପାଖରେ ଦକ୍ଷତା ଓ ଅଭିଜ୍ଞତା ରହିଛି। ତେବେ ଠିକଣା ସମୟରେ ଏହାର ସଦ୍‌ଉପଯୋଗ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ସାଉଥମ୍ପଟନ୍‌ରେ ଜୁନ୍ ୫ ତାରିଖରେ ଦକ୍ଷିଣ ଆଫ୍ରିକା ବିପକ୍ଷରୁ ଭାରତ ତା’ର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ।



ମହିନ୍ଦର ଅମରନାଥ

ଆମ ଖେଳାଳିଙ୍କ ନିକଟରେ ଦକ୍ଷତା ରହିଛି। ଦଳରେ କେତେକ ଅଭିଜ୍ଞ ଖେଳାଳି ମଧ୍ୟ ରହିଛନ୍ତି। କିନ୍ତୁ ଠିକ୍ ସମୟରେ ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି। ଅତୀତକୁ ପଛରେ ପକାଇ ଆଗକୁ ବଢିବା ଆବଶ୍ୟକ। ବିଶ୍ୱକପ୍ ଏକ ନୂଆ ଟୁର୍ନାମେଣ୍ଟ। ତେଣୁ ନୂଆ ଜୋଶ୍ ସହ ନୂଆ ରଣନୀତି ଓ ପ୍ରସ୍ତୁତି ନେଇ ପଡିଆକୁ ଓହ୍ଲାଇବାକୁ ପଡିବ। ଭାରତର ୧୯୮୩ ବିଶ୍ୱକପ୍ ବିଜୟୀ ଦଳରେ ଅମରନାଥ ସଦସ୍ୟ ଥିଲେ ଓ ଦଳକୁ ଚାମ୍ପିୟନ କରାଇବାରେ ତାଙ୍କର ମୁଖ୍ୟ ଭୂମିକା ଥିଲା। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନିକଟରେ ଦକ୍ଷତା ଓ ପ୍ରତିଭା ରହିଛି। କିନ୍ତୁ ତାଙ୍କୁ ଦିନିକିଆ ଫର୍ମାଟରେ ଭଲ ଖେଳିବାକୁ ପଡିବ ଓ ନିଜ ଦକ୍ଷତାର ପ୍ରମାଣ ଦେବାକୁ ହେବ ବୋଲି ଅମରନାଥ କହିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସହ ବିଶ୍ୱକପ୍‌କୁ ତୁଳନା କରିବା ଠିକ୍ ନୁହଁ ବୋଲି ସେ କହିଛନ୍ତି। ଆଇପିଏଲ ସମ୍ପୂର୍ଣ୍ଣ ଭାବେ ଦିନିକିଆଠାରୁ ଅଲଗା। ଆଇପିଏଲ୍‌ରେ ଭିନ୍ନ ପ୍ରକାରର କ୍ରିକେଟ ଦେଖିବାକୁ ମିଳିଥାଏ। ହାର୍ଦ୍ଦିକ ସମୟ ଅନୁସାରେ ପରିପକ୍ୱ ହେଉଛନ୍ତି ଓ ତାଙ୍କର ଅଭିଜ୍ଞତା ମଧ୍ୟ ବଢୁଛି। ଟି୨୦ ଫର୍ମାଟରେ ଭଲ ଖେଳୁଥିଲେ ମଧ୍ୟ ତାଙ୍କୁ ଦିନିକିଆରେ ଖେଳ ଦେଖାଇବାକୁ ହେବ। ଦକ୍ଷତା ଥିଲେ ମଧ୍ୟ ତାହା ସମୟ ଉପଯୋଗୀ ହେବା ଦରକାର। ସେହିପରି ବିଶ୍ୱକପ୍‌ରେ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଭାରତ ପାଇଁ ମୁଖ୍ୟ ଅସ୍ତ୍ର ହେବେ ବୋଲି ୬୮ ବର୍ଷୀୟ ଅମରନାଥ କହିଛନ୍ତି। ବୁମ୍‌ରା ହେଉଛନ୍ତି ଜଣେ ଉଚ୍ଚକୋଟୀର ବୋଲର। ତାଙ୍କ ବୋଲିଂ ଶୈଳୀ ଅସ୍ୱାଭାବିକ୍ ହୋଇଥିଲେ ମଧ୍ୟ ତାଙ୍କ ପାଖରେ ବିଭିଧତା ରହିଛି। ଭାରତୀୟ ଦୃଷ୍ଟିକୋଣରୁ ବୁମରା ବେଶ୍ ଗୁରୁତ୍ୱ ବହନ କରୁଛନ୍ତି। ତେବେ ସେ ଫିଟ୍ ରହିବା ନିହାତି ଜରୁରୀ। ଭାରତର ବିଶ୍ୱକପ୍ ଅଭିଯାନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିବେ। ଲାଇନ୍ ଓ ଲେନ୍ଥରେ ତାଙ୍କର ସ୍ଥିରତା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଭାରତୀୟ ଦଳରେ ସନ୍ତୁଳନ ରହିଛି। ଯୁବ ଓ ଅଭିଜ୍ଞ ଖେଳାଳି ଦଳ ପାଇଁ ଉପଯୋଗୀ ପ୍ରଦର୍ଶନ କରିବେ ବୋଲି ଅମରନାଥ ଆଶାପ୍ରକାଶ କରିଛନ୍ତି। ଉଲ୍ଲେଖଥାଉ କି, ଅମରନାଥ ତାଙ୍କ କ୍ୟାରିୟରରେ ୬୯ଟି ଟେଷ୍ଟ ଓ ୮୯ଟି ଦିନିକିଆ ଖେଳିଛନ୍ତି।

# ହୃଦୟସ୍ପର୍ଶୀ

ଗୌତମ ଗମ୍ଭୀର

ଆଇପିଏଲ ଫାଇନାଲରେ ମୁମ୍ବାଇ ଇଣ୍ଡିଆନ୍ସ ଟାଇଟଲ ଜିତିବାର କିଛି ମିନିଟ ପରେ ଯେଉଁ ଦୃଶ୍ୟ ଦେଖିବାକୁ ମିଳିଲା ତାହା ମୋ ପାଇଁ ହୃଦୟସ୍ପର୍ଶୀ ଥିଲା। ଅଧିନାୟକ ରୋହିତ ଶର୍ମାଙ୍କୁ ତାଙ୍କ ଶିଶୁ କନ୍ୟା ସାମାଇରାଙ୍କ ସହିତ ଦେଖିବାକୁ ମିଳିଥିଲା। ଷ୍ଟାଡିୟମର ପାରିପାର୍ଶ୍ୱିକ ପରିସ୍ଥିତିରେ ପିଲାଟି କ’ଣ ଚିନ୍ତା କରୁଥିବ ତାହା କେହି କହିପାରିବେ ନାହିଁ। କିନ୍ତୁ ମୋ ବିଚାରରେ ଜଣେ ବାପା ନିଜ ଝିଅକୁ ସ୍ନେହ ଓ ଆଦର କରୁଥିବା ବେଳେ ଯେଉଁ ଆନନ୍ଦ ଅବା ତୃପ୍ତି ଲାଭ କରିଥାଏ ତାହା ଅନେକ ଟ୍ରଫିରୁ ମଧ୍ୟ ମିଳି ନ ଥାଏ। କ୍ରିକେଟରେ ହାରିବା ଓ ଜିତିବା ଲାଗି ରହିଛି। ହେଲେ ଜୀବନ ଶୈଳୀ ତା’ଠାରୁ ମୂଲ୍ୟବାନ।

ଏଥର ଆଇପିଏଲ୍‌ରେ ପ୍ଲେ-ଅଫ୍‌କୁ ଉନ୍ନୀତ ହୋଇଥିବା ସମସ୍ତ ୪ଟି ଦଳ ଟାଇଟଲର ହକ୍‌ଦାର ଥିଲେ। ହେଲେ ଦୃଢ଼ତା ଏବଂ ଚାପକୁ ହାତେଇବା ସାମର୍ଥ୍ୟ ଯୋଗୁ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଚେନ୍ନାଇ ସୁପର କିଙ୍ଗ୍ସ ଫାଇନାଲ ଖେଳିବା ଲାଗି ହକ୍‌ଦାର ହୋଇଥିଲେ। ଦଳର ପ୍ରମୁଖ ବିଦେଶୀ ଖେଳାଳିଙ୍କ ଅନୁପସ୍ଥିତି ଯୋଗୁ ସନରାଇଜର୍ସ ହାଇଦ୍ରାବାଦ ଏବଂ ଅଭିଜ୍ଞତା ଅଭାବରୁ ଦିଲ୍ଲୀ ଫାଇନାଲକୁ ଯାଇ ପାରିଲେନି ବୋଲି କେହି କେହି କହିପାରନ୍ତି। ହେଲେ ତାହା କହିବା ବାହୁଲ୍ୟ ମାତ୍ର। ମୁମ୍ବାଇ ଓ ଚେନ୍ନାଇ ସେମାନଙ୍କ ରଣକୌଶଳ ଏବଂ ଯୋଜନାକୁ ଠିକ ରୂପେ କାର୍ଯ୍ୟକାରୀ କରିପାରନ୍ତି। ବିଜୟ ଅବା ପରାଜୟ ହେଉ ଏହି ଦୁଇ ଦଳ କେବେ ଲକ୍ଷ୍ୟଚ୍ୟୁତ ହୋଇ ନ ଥାନ୍ତି। ଅମ୍ବାତି ରାୟୁଡୁ ଏହି ସିଜନରେ ସ୍ଥିର ପ୍ରଦର୍ଶନ କରି ନ ଥିଲେ ମଧ୍ୟ ଚେନ୍ନାଇ ତାଙ୍କୁ ଦଳରୁ ବାଦ୍ ଦେଇ ନ ଥିଲା। ଶେନ୍ ୱାଟସନ ଏଥର ଆରମ୍ଭରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ମାତ୍ର ରବିବାର ଫାଇନାଲରେ ସେ ତାଙ୍କ ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି ମୁମ୍ବାଇ ଇଣ୍ଡିଆନ୍ସ ଈଶାନ କିଷାନଙ୍କ ଉପରେ ଆଦୌ ଭରସା ତୁଟାଇ ନ ଥିଲା। ମୁଁ ଯେତେବେଳେ କୋଲକାତା ନାଇଟ ରାଇଡର୍ସର ଅଧିନାୟକ ଥିଲି ସେତେବେଳେ ଆମେ ଏକ ଚୂଡ଼ାନ୍ତ ଏକାଦଶ ମନୋନୟନ କରୁଥିଲୁ। ସେଥିରୁ ଆମେ କେବେ ଜଣେ ଖେଳାଳିଙ୍କୁ ବାଦ୍ ଦେଉ ନ ଥିଲୁ। ପ୍ଲେ-ଅଫ୍‌ରେ ପ୍ରବେଶ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଗର୍ବର ବିଷୟ। ଦଳ ରାବାଡା କିମ୍ବା ଅନ୍ୟ କେତେଜଣ ନିର୍ଦ୍ଦିଷ୍ଟ ଖେଳାଳିଙ୍କ ଉପରେ ନିର୍ଭରଶୀଳ ହେବା ଠିକ ନୁହେଁ। ଦଳରେ ବିଦେଶୀଙ୍କ ଅପେକ୍ଷା ସ୍ୱଦେଶୀ ଦକ୍ଷ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ସାମିଲର ଆବଶ୍ୟକତା ରହିଛି। **(ଗେମ୍ ପ୍ଲାନ୍)।**

SEAGRAM'S
ROYAL STAG
MEGA CRICKET · CRICKET GEAR

## ସଂକ୍ଷେପରେ

### କାରୋ ନଦୀରେ ବୁଡ଼ି ଯୁବକ ମୃତ

**ବଡବିଲ, ୧୩।୫(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ବଡବିଲ ଉପକଣ୍ଠରେ ଥିବା ନିମତୁରସ୍ଥିତ କାରୋନଦୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକ ଜଣକ ହେଲେ ବଡବିଲ ଶ୍ରୀରାମ ନଗର ଅଞ୍ଚଳର ଗୁରୁସେବକ ସିଂହ(୨୨)। ରବିବାର ପୂର୍ବାହ୍ନରେ ଗୁରୁସେବକ ତାଙ୍କ ସାଙ୍ଗମାନଙ୍କ ସହ କାରୋନଦୀକୁ ଗାଧୋଇବାକୁ ଯାଇଥିଲେ। ନଦୀକୂଳରେ ଥିବା ଏକ ଗଛରୁ ନଦୀର ଗଭୀରକୁ ଗୁରୁସେବକ ଡିଆଁ ମାରିଥିବାବେଳେ ବାହାରିପାରି ନ ଥିଲେ। ଫଳରେ ଗଭୀର ପାଣିରେ ବୁଡି ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁସେବକ ଡିଆଁ ମାରିବାବେଳେ ପିନ୍ଧିଥିବା ପଗଡି କିଛି ସମୟ ପରେ ଭାସିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ସାଙ୍ଗମାନେ ତାଙ୍କୁ ଉଦ୍ଧାରକରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନା ଯୋଗ୍ୟ ଯେ, ଗତ ଏକ ମାସ ତଳେ ଗୁରୁସେବକଙ୍କ ପିତା ଶବଛ ସିଂହଙ୍କର ହୃଦଘାତରେ ମୃତ୍ୟୁ ଘଟିଥିଲା। ଘରେ ଏବେ କେବଳ ତାଙ୍କ ମା' ଓ ଦୁଇ ଭଉଣୀ ରହିଛନ୍ତି।

### ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା: ସ୍ୱାମୀ ଗିରଫ

**ତିହିଡ଼ି, ୧୩।୫ (ଡି.ଏନ.ଏ.) -** ସ୍ତ୍ରୀଙ୍କୁ ଯୌତୁକ ପାଇଁ ନିର୍ଯାତନା ଦେବା ଅଭିଯୋଗରେ ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ମୁକୁନ୍ଦପୁର ପଞ୍ଚାୟତ କାଳିମେଘା ଗ୍ରାମର ସୁଜିତ୍ କୁମାର ଦାସଙ୍କୁ ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ଏହି ଘଟଣାରେ ଏକ ମାମଲା(ନଂ.୨୦୨/୧୯) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ମୁକୁନ୍ଦପୁର ପଞ୍ଚାୟତ ଅଧୀନ କଞ୍ଚନପୁର ଗ୍ରାମର ପଦ୍ମନାଭ ଦାସଙ୍କ ଝିଅ ରମାମଣି ୨୦୦୩ରେ କାଳିମେଘା ଗ୍ରାମର ସୁଜିତ୍‌ଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷଙ୍କ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ପରେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ରମାମଣିଙ୍କୁ ନିର୍ଯାତନା ଦେଉଥିଲେ। ୨୦୧୨ରେ ଏହି ଘଟଣାର ଆପୋଷ ସମାଧାନ କରାଯାଇଥିଲା। ମାତ୍ର ପୁଣି ନିର୍ଯାତନା ଦିଆଯିବାରୁ ରମାମଣି ଥାନାର ଦ୍ୱାରସ୍ଥ ହୋଇ ଏନେଇ ଅଭିଯୋଗ କରିଥିଲେ।

### ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ହାଟଡିହୀ, ୧୩।୫ (ଡି.ଏନ.ଏ.)-** ହାଟଡିହୀ ବ୍ଲକ ସୋସୋ ଥାନା ବିଣାପାଟିଆ ଛକରେ ଜଣେ ଯୁବକ ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ କାଳିଆମ୍ବ ଗ୍ରାମର ଶମ୍ଭୁନାଥ ନାଇକ(୩୫)। ଖବର ପାଇ ସୋସୋ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ସେ କାହିଁକି ଓ କେଉଁ ପରିସ୍ଥିତିରେ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି ତାହା ଜଣାପଡ଼ିନାହିଁ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

■ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

# ସାନି ଭୋଟ ଦାବି କଲା କଂଗ୍ରେସ

**ବାଲେଶ୍ୱର ଅଫିସ, ୧୩।୫**




ଜାତୀୟ କଂଗ୍ରେସ କମିଟି ଜଳେଶ୍ୱର ନିର୍ବାଚନମଣ୍ଡଳୀ ପକ୍ଷରୁ ବିକ୍ଷୋଭ ଓ ସ୍ମାରକପତ୍ର ପ୍ରଦାନ।

ବାଲେଶ୍ୱର ଲୋକସଭା କ୍ଷେତ୍ର ଜଳେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କାଦରାୟାଁ ପଞ୍ଚାୟତର ୧୮୭, ୧୮୮, ୧୮୯ ଓ ୧୯୦ ନମ୍ବର ବୁଥ୍‌ରେ ଚଳିତ ନିର୍ବାଚନର ମତଦାନ ସମୟରେ ବ୍ୟାପକ ଜାଲିଆତି ସହିତ ବୁଥ୍ ଦଖଲ କରାଯାଇ ରିଗିଂ କରାଯାଇଥିବା ଜଳେଶ୍ୱର ଜାତୀୟ କଂଗ୍ରେସ କମିଟି ପକ୍ଷରୁ ଗତ ଏପ୍ରିଲ ୩୦ ତାରିଖରେ ଅଭିଯୋଗ କରାଯାଇଥିଲା। ଏହାକୁ ଭିତ୍ତି କରି ଜିଲା ନିର୍ବାଚନ ଅଧିକାରୀ ଏବଂ ପର୍ଯ୍ୟବେକ୍ଷକ ତଦନ୍ତ କରିଥିଲେ। ୧୮୭ ଏବଂ ୧୮୯ ନମ୍ବର ଦୁଇଟି ବୁଥ୍‌ରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରାଯାଇଥିବା ଅନୁଭବ କରି ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟକୁ ରିପୋର୍ଟ ପ୍ରଦାନ କରିଛନ୍ତି। ୧୮୭ ନମ୍ବର ବୁଥ୍‌ର ପ୍ରିଜାଇଡ଼ିଂ ଅଫିସର ମନୋଜ ସେଠୀ ଏବଂ ୧୮୯ ନମ୍ବର ବୁଥ୍‌ର ପ୍ରିଜାଇଡ଼ିଂ ଅଫିସର ମନ୍ମଥ ରାଉତ କାର୍ଯ୍ୟରେ ଅବହେଳା ହେତୁ ନିଲମ୍ବନ କରାଯାଇଛି। କିନ୍ତୁ ଜଳେଶ୍ୱର କଂଗ୍ରେସ କମିଟି ପକ୍ଷରୁ ଉକ୍ତ ୪ଟି ଯାକ ବୁଥ୍‌ରେ ସାନି ନିର୍ବାଚନ ପାଇଁ ସୋମବାର ଜିଲା ସହକାରୀ ନିର୍ବାଚନ ଅଧିକାରୀ ମନୋଜ କୁମାର ସେନାପତିଙ୍କ ମାଧ୍ୟମରେ ଜିଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ରାଉତଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଜଳେଶ୍ୱର ବିଧାନସଭାମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ସୁଦର୍ଶନ ଦାସ ଏବଂ ଭୋଗରାଇ ବିଧାନସଭାମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ସତ୍ୟଶିବ ଦାସଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ସୋମବାର ପୂର୍ବାହ୍ନରେ ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଚଳିତ ନିର୍ବାଚନରେ ଦିବ୍ୟାଙ୍ଗ ଓ ବୟୋଜ୍ୟେଷ୍ଠଙ୍କୁ ସହଯୋଗ କରିବା ପାଇଁ ସରକାର ନିର୍ବାଚନ କମିଶନଙ୍କ ଅନୁମତିରେ ସ୍କୁଲ ଏବଂ କଲେଜର ଛାତ୍ରମାନଙ୍କୁ ନିଯୁକ୍ତ କରାଯାଇଥିଲା। କିନ୍ତୁ ଉକ୍ତ ସ୍ୱେଚ୍ଛାସେବୀମାନେ କେତେକ ମତଦାନ କେନ୍ଦ୍ରରେ ଭୋଟରମାନଙ୍କ ବଦଳରେ ନିଜେ ଭୋଟ ଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିଂ ଅଫିସରଙ୍କୁ ଅବଗତ କରାଇବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଇ ଜିଲାପ୍ରଶାସନ ପକ୍ଷରୁ ସ୍ୱେଚ୍ଛାସେବୀମାନଙ୍କୁ ସହାୟତା ପାଇଁ ନିଯୁକ୍ତି କରାଯାଇଛି ବୋଲି ସ୍ପଷ୍ଟ କରାଯାଇଥିଲା। ଉପରୋକ୍ତ ୪ଟି ବୁଥ୍‌ରେ କଂଗ୍ରେସର ଏଜେଣ୍ଟମାନଙ୍କୁ ଭୟଭୀତ କରାଇ କେତେକ ଅନ୍ୟ ଦଳର ନେତା ଓ କର୍ମୀ ବୁଥ୍ ରିଗିଂ କଲାବେଳେ ସେଠାରେ ନିଯୁକ୍ତ ପୋଲିଂ ଅଫିସର, ମାଇକ୍ରୋ ପର୍ଯ୍ୟବେକ୍ଷକ ଏବଂ ଅନ୍ୟମାନେ ନୀରବଦ୍ରଷ୍ଟା ସାଜିଥିବା ବକ୍ତାମାନେ ପ୍ରକାଶ କରିଛନ୍ତି। ମହିଳା କଂଗ୍ରେସ ଜିଲା ସଭାପତି ପ୍ରଜ୍ଞା ପରମିତା ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ଅରୁଣ ଜେନା, ମହିଳା ନେତ୍ରୀ ବାସନ୍ତୀ ନାୟକ, ବାସନ୍ତୀ ସାମଲ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏନେଇ ଜିଲା ସହକାରୀ ନିର୍ବାଚନ ଅଧିକାରୀ ସେନାପତି କହନ୍ତି, ଅଭିଯୋଗକୁ ଭିତ୍ତି କରି ନିର୍ବାଚନ ପର୍ଯ୍ୟବେକ୍ଷକ ଏବଂ ଅଧିକାରୀ ତଦନ୍ତ କରିଥିଲେ। ୧୮୭ ଓ ୧୮୯ ନମ୍ବର ବୁଥ୍‌ରୁ ମିଳିଥିବା ଅନିୟମିତତା ସୁରାଗରୁ ଉଭୟ ପୋଲିଂ ଅଫିସରଙ୍କୁ ନିଲମ୍ବିତ କରାଯାଇଛି ଏବଂ ସାନି ନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କୁ ତଦନ୍ତ ରିପୋର୍ଟ ପଠାଯାଇଛି। ଆଜି ହୋଇଥିବା ଅଭିଯୋଗକୁ ମଧ୍ୟ ନିର୍ବାଚନ କମିଶନଙ୍କ ନିକଟକୁ ପଠାଇ ଦିଆଯାଇଛି। ତଦନ୍ତ କରାଯାଇ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଦମ୍ପତିଙ୍କ ଅସ୍ୱାଭାବିକ ମୃତ୍ୟୁ

**କପ୍ତିପଦା, ୧୩।୫(ଡ଼ି.ଏନ୍.ଏ)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଶରତ ଥାନା ଅଧୀନ କାଶୀଝରଣ ଗ୍ରାମରେ ଦମ୍ପତିଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି । ମୃତ ଦମ୍ପତି ମନଷା ହେମ୍ବ୍ରମ୍(୨୬) ଓ ତାଙ୍କ ସ୍ତ୍ରୀ ସୀମା(୨୪) । ରବିବାର ବିଳମ୍ବିତ ରାତିରେ ଉଭୟଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ପରିବାର ଲୋକେ ଆଣି ଶରତ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ଡାକ୍ତରଙ୍କ ଅନୁପସ୍ଥିତିରେ ମେଡିକାଲ କର୍ମଚାରୀ ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଉକ୍ତ ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନ ଥିବାରୁ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଥିଲା । ଖବରପାଇ ଶରତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ । ଦମ୍ପତିଙ୍କ ମୃତ୍ୟୁର କାରଣ ଜଣା ପଡ଼ି ନ ଥିବା ବେଳେ ଗତ କିଛି ଦିନ ଧରି ଉଭୟଙ୍କୁ ଜ୍ୱର ହେଉଥିବା ପରିବାର ଲୋକଙ୍କ ଠାରୁ ପ୍ରକାଶ । ପୋଲିସ ଉପସ୍ଥିତିରେ ସେମାନଙ୍କ ପରିବାର ଲୋକ ମୃତଦେହ ବ୍ୟବଚ୍ଛେଦ ନ କରି ଘରକୁ ନେଇ ଯାଇଥିବାର ଜଣାଯାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ବ୍ୟବଚ୍ଛେଦ ନ କରି ମୃତଦେହ ଛାଡି ଦେଇ ଥିବାରୁ ପୋଲିସର ଭୂମିକାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଶରତ ଥାନାଧିକାରିଣୀ ରୀନା ବକ୍ସଲଙ୍କୁ ପଚାରିବାରୁ ମୃତ ଦମ୍ପତିଙ୍କ ପରିବାର ଲୋକ ବ୍ୟବଚ୍ଛେଦ କରିବାକୁ ଚାହୁଁ ନ ଥିବାରୁ ସେମାନଙ୍କ ଲିଖିତ ପ୍ରତିଶ୍ରୁତି ପରେ ମୃତଦେହ ଛାଡ଼ି ଦିଆଯାଇଛି ବୋଲି କହିଛନ୍ତି।

■ ମୋଟରସାଇକେଲକୁ ଧକ୍କା ଦେଲା ଟ୍ରକ୍

# ଯୁବକ ମୃତ, ମହିଳା ଗୁରୁତର




ଖନ୍ତାପଡ଼ା ବଜାରସ୍ଥିତ ୧୬ନମ୍ବର ଜାତୀୟ ରାଜପଥ ଦୁର୍ଘଟଣା ସ୍ଥଳରେ ଲୋକଙ୍କ ଗହଳି।

**ବାହାନଗା, ୧୩।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡ଼ା ବଜାରସ୍ଥିତ ୧୬ ନମ୍ବର ଜାତୀୟ ରାଜପଥର ଚିତ୍ତାପଦା ଡାଇଭର୍ସନଠାରେ ସୋମବାର ଏକ ମୋଟରସାଇକେଲକୁ ମାଲ୍ ବୋଝେଇ ଟ୍ରକ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ମୋଟରସାଇକେଲ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଗାଡି ପଛରେ ବସିଥିବା ଜଣେ ମହିଳା ଗୁରୁତର ହୋଇଛନ୍ତି।

ବାହାନଗା ବ୍ଲକ କସପାଜୟପୁର ପଞ୍ଚାୟତ ଭାଲୁକା ଗ୍ରାମର ମାନସ ମଲ୍ଲିକ(୧୮) ପୂର୍ବାହ୍ନ ୯ଟା ବେଳେ ମୋଟରସାଇକେଲ (ନଂ. ଓଡ଼ି୦୧ଏନ୍-୭୬୪୫)ରେ ଘରୁ ଖନ୍ତାପଡ଼ା ବଜାରକୁ ଆସୁଥିଲେ। ସେହି ଗ୍ରାମର କରୁଣାକର ମଲ୍ଲିକଙ୍କ ପତ୍ନୀ କବିତା(୩୫) ଲିଫ୍ଟ ମାଗି ତାଙ୍କ ସହ ଗାଡ଼ିରେ ଆସିଥିଲେ। ତେବେ ଖନ୍ତାପଡ଼ା ବଜାର ପୂର୍ବରୁ ୧୬ନମ୍ବର ଜାତୀୟ ରାଜପଥ ଚିତ୍ତାପଦା ଛକ ଡାଇଭର୍ସନ ପାର ହେବା ବେଳେ ପଛପଟୁ ଏକ ମାଲ୍ ବୋଝେଇ ଟ୍ରକ୍ (ନଂ.ଓଡ଼ି୩୫ଡ଼ି-୪୧୯୯) ମୋଟରସାଇକେଲକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ମୋଟରସାଇକେଲ ଚାଳକ ମାନସଙ୍କ ମୃତ୍ୟୁ ହୋଇଥିଲା। ପଛରେ ବସିଥିବା କବିତା ଗୁରୁତର ଆହତ ହୋଇ ତଳେ ପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ପ୍ରଥମେ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର-(୨) ରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ମହିଳାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ଖନ୍ତାପଡ଼ା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଓ ମୋଟରସାଇକେଲକୁ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

# ଗୋ ସୁରକ୍ଷା ବାହିନୀ ଦ୍ୱାରା ପିକ୍‌ଅପ୍ ଜବତ: ୧୭ ଗୋରୁ ଉଦ୍ଧାର



ଗୋ ସୁରକ୍ଷାବାହିନୀ ଉଦ୍ଧାର କରିଥିବା ଗୋରୁ।

**ରେମୁଣା, ୧୩।୫(ଡି.ଏନ.ଏ.)**

ଜାତୀୟ ରାଜପଥରେ ବେଆଇନ ଗୋ-ଚାଲାଣ ନେଇ ବାରମ୍ବାର ଅଭିଯୋଗ ଆସୁଥିଲେ ମଧ୍ୟ ଏହାକୁ ବେଖାତିର କରି ଗୋ-ଚାଲାଣକାରୀ ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରୁଛନ୍ତି। କେତେବେଳେ ବିଳମ୍ବିତ ରାତି ତ କେତେବେଳେ ପ୍ରଚଣ୍ଡ ଖରା ବେଳେ ଗୋଚାଲାଣ ଜାରି ରହିଛି । ସୋମବାର ଅପରାହ୍ନରେ ବେଆଇନ ଗୋଚାଲାଣ ବେଳେ ଗୋସୁରକ୍ଷା ବାହିନୀ ପକ୍ଷରୁ ଶେରଗଡ଼ ଟୋଲଗେଟ୍ ନିକଟରେ ଏକ ପିକଅପ୍‌କୁ ଅଟକା ଯାଇ ପୋଲିସକୁ ଖବର ଦେବାରୁ ସେଥିରେ ଥିବା ୧୭ଟି ଗୋରୁଙ୍କୁ ପୋଲିସ ଉଦ୍ଧାର କରିଛି। ଗୋରୁଗୁଡିକୁ ବାମପଦାସ୍ଥିତ ମା'ଭାରତୀ ଗୋସେବା କେନ୍ଦ୍ରକୁ ପଠାଯାଇଛି। ଏକ ପିକ୍‌ଅପ୍ (ନଂ.ଓଡି୦୧ବି-୫୮୪୨)ରେ ଗୋରୁ ବୋଝେଇ ହୋଇ ଭଦ୍ରକରୁ କୋଲକାତା ଅଭିମୁଖେ ଯାଉଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ସୁମନ ଦାସ ଏବଂ ଅନ୍ୟ କର୍ମକର୍ତ୍ତା ପିକ୍‌ଅପ୍‌କୁ ଅଟକାଇଥିଲେ । କୁମୁଦ ଆଚାର୍ଯ୍ୟ, ରାଜୀବ ମହାପାତ୍ର, ଲମ୍ବୋଦର ବିଶ୍ୱାଳ, ନାଗେଶ୍ୱର ଦାସ, ଜିତେନ୍ଦ୍ର ସ୍ୱାଇଁ ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥିଲେ। ଉଦ୍ଧାର ହୋଇଥିବା ଗୋରୁଙ୍କ ମଧ୍ୟରୁ ୪ଟି ଗୋରୁଙ୍କ ଅବସ୍ଥା ଗୁରୁତର ରହିଛି। ସୁମନଙ୍କ ଅଭିଯୋଗକୁ ଭିତ୍ତି କରି ଖନ୍ତାପଡା ଥାନାରେ ମାମଲା (ନଂ. ୧୪୦/୧୯) ରୁଜୁ ହୋଇଛି।

# ବେଲ ପଣା ପିଇ ଗୋଟିଏ ପରିବାରର ୪ ଅସୁସ୍ଥ

**ନୀଳଗିରି, ୧୩।୫(ଡି.ଏନ.ଏ.)**

ନୀଳଗିରି ଥାନା ଅଧୀନ ହାଟସାହି ଗାଁରେ ରବିବାର ବେଲ ପଣା ପିଇ ଗୋଟିଏ ପରିବାରର ୪ଜଣ ଅସୁସ୍ଥ ହୋଇପଡିଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅସୁସ୍ଥମାନେ ହେଲେ ପୂର୍ଣ୍ଣଚନ୍ଦ୍ର ପଣ୍ଡିତ(୪୮), ଗୀତା(୪୫), ରଞ୍ଜିତ(୨୮) ଓ ବାସନ୍ତୀ(୫୨)। ଅତ୍ୟଧିକ ଗୁଳୁଗୁଳି ଓ ଗରମରୁ ରକ୍ଷା ପାଇବା ପାଇଁ ଅପରାହ୍ନରେ ପରିବାର ଲୋକ ବେଲପଣା ପ୍ରସ୍ତୁତ କରି ପିଇଥିଲେ। କିଛି ସମୟ ପରେ ସମସ୍ତେ ଗୁରୁତର ଅସୁସ୍ଥ ହୋଇ ପଡ଼ିବାରୁ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବେଲପଣା କୌଣସି କାରଣରୁ ବିଷାକ୍ତ ହୋଇଯାଇଥିବା ଡାକ୍ତର କହିଛନ୍ତି।

# ୨ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିଲା ପୋଲିସ

## ମଦମୃତ୍ୟୁ ଘଟଣା

**ତିହିଡ଼ି, ୧୩।୫ (ଡି.ଏନ.ଏ.)**

ଭଦ୍ରକଜିଲା ତିହିଡ଼ି ଥାନା ଅଧୀନ ଦୌଲତପୁର ପଞ୍ଚାୟତରେ ଗତମାସ ୨୯ ତାରିଖରେ ବିଷାକ୍ତ ମଦମୃତ୍ୟୁ ଘଟଣା ଘଟିଥିଲା। ଏହି ଘଟଣାରେ ସମ୍ପୃକ୍ତ ତିହିଡ଼ି ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳର ୪ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅନ୍ୟପକ୍ଷେ ଏଥିରେ ସମ୍ପୃକ୍ତ ସୋର ଥାନା ତଳନଗର ଗ୍ରାମର କୃଷ୍ଣଚନ୍ଦ୍ର ଓରଫ ବାବୁ ବିଶ୍ୱାଳ ଭଦ୍ରକ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ତିହିଡ଼ି ପୋଲିସ ରବିବାର ବାବୁ ବିଶ୍ୱାଳଙ୍କୁ ଓ ସୋମବାର ଛତ୍ରପଦା ଗ୍ରାମର ଅଭିଯୁକ୍ତ ପଦନ ମହାକୁଡ଼ଙ୍କୁ ୩ ଦିନ ପାଇଁ ରିମାଣ୍ଡରେ ଆଣିଛି। ଘଟଣା ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିବା ସକାଶେ ଏହି ୨ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯାଇଥିବା ପୋଲିସ କହିଛି।

ପ୍ରକାଶ ଯେ, ସାଧାରଣ ନିର୍ବାଚନ ପରେ ବିଷାକ୍ତ ମଦପିଇ ଦୌଲତପୁର ପଞ୍ଚାୟତରେ ୫ ଜଣ ଓ ବାରସରରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ସେହିପରି ଚାନ୍ଦବାଲି ଥାନା ଅଧୀନ ଯଶୀପୁର ଅଞ୍ଚଳର ୪ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ପୋଲିସ ଦୌଲତପୁର ଗ୍ରାମର ୩ ଏବଂ ଛତ୍ରପଦା ଗ୍ରାମର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ମଧ୍ୟ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାରେ ବିଫଳ ହୋଇଥିବା ଭାଜପା ନେତୃବୃନ୍ଦ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ଆସନ୍ତା ମଙ୍ଗଳବାର ପୀରହାଟରେ ଗଣଧାରଣା ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଏହି ଘଟଣା ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ଜଣାଯାଇଛି।

■ ଗୋଚର ଜମିରେ ପୋଖରୀଖୋଳାକୁ ବିରୋଧ

# ତହସିଲ ଅଫିସ ଘେରାଉ



ମମାନିପୁର ଗ୍ରାମବାସୀ ତହସିଲ କାର୍ଯ୍ୟାଳୟ ଘେରିଛନ୍ତି।

**ତିହିଡ଼ି, ୧୩।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ତହସିଲ ଅଧୀନ ବାମନବିନ୍ଧା ପଞ୍ଚାୟତ ମମାନିପୁର ମୌଜାର ଏକ ଗୋଚର ଜମିରେ କେତେକ ବ୍ୟକ୍ତି ମାଟି ଉଠାଇ ପୋଖରୀ ଖୋଳିଛନ୍ତି। ଗ୍ରାମବାସୀ ଏହାକୁ ବିରୋଧ କରି ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏହାର ପ୍ରତିବାଦରେ ଗାଁ ଲୋକେ ସୋମବାର ତହସିଲ କାର୍ଯ୍ୟାଳୟକୁ ଘେରାଉ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏଥିସହ ସେମାନେ ତହସିଲଦାରଙ୍କୁ ଭେଟି ଏ ସମ୍ପର୍କରେ ଲିଖିତ ଭାବେ ଜଣାଇଥିଲେ। ତହସିଲଦାର ଅନିତା ନାୟକ ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

ସୂଚନା ଅନୁସାରେ, ମମାନିପୁର ମୌଜାର ଖାତା ନମ୍ବର ୧୪୦, ପ୍ଲଟ ନମ୍ବର ୨୦୧ରେ ୪ ଏକର ୭୬ ଡିସିମିଲ ଗୋଚର ଜମି ରହିଛି। ଗ୍ରାମର ଦୁଇଜଣ ବ୍ୟକ୍ତି ସେଥିରୁ ୫ ଡିସିମିଲ ଜମିରେ ମାଟି ଖୋଳି ପୋଖରୀ କରିଛନ୍ତି। ଗ୍ରାମବାସୀ ଏହାର ବିରୋଧ କରିବାରୁ ସେମାନେ ବିଭିନ୍ନ ଧମକ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଗୋଚର ଜମିରେ ପୋଖରୀ କରାଯିବା ଦ୍ୱାରା ଗୋରୁ ଚରିବା ଓ ପଡ଼ିଆକୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଗତ ମାସ ୨୯ ତାରିଖରେ ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ତହସିଲଦାର ତଦନ୍ତ କରି ରିପୋର୍ଟ ଦେବାକୁ ପୀରହାଟ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହାମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଗ୍ରାମର ଜଳନ୍ଧର ମୁଦୁଲି, ପ୍ରତାପ ଓଝା, ଅର୍ଜୁନ ପରିଡ଼ା, ଦୀପକ ପରିଡ଼ା, ସୁରେନ୍ଦ୍ର ସେଠୀ, ସୁଶାନ୍ତ ବାରିକ, ସୁରଥ ବାରିକ ଓ ଅଜୟ ଓଝା ପ୍ରମୁଖ ତହସିଲ କାର୍ଯ୍ୟାଳୟ ଘେରିଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ